# ନାଗଫାଶ

(ଏକ)

ବହୁ ଅନୁଭବୀ ତଥା ବର୍ଷିଆନ୍ ମିଷ୍ଟର ଚଟାର୍ଜୀ ଚିର୍‌ଚିରେଇ ଉଠିଲେ -

ସାପଟାକୁ ମାରିପକାଅ । ଛାଡିଦେବ ତ ସେ ପୁଣି ଆସିବ । ସେତେବେଳେ ?

ଆହାଃ ଅସିଲିଟାଏ ରେ ! ତାଙ୍କୁ ଲାଗିଲା, ସାପ ତାଙ୍କୁ ହିଁ ଅନିଶା କରିଚି ।

"ମାରିଦେବ ! କିନ୍ତୁ କିଏ ମାରିବ ? ସିଏ ଯେମିତି ଫଣାମେଲି ସୁ ସୁ ହେଉଛି କିଏ ଯିବ ପାଖକୁ । ଟିକେ ପାଖକୁ ନଗଲେ ପାହାର ଠିକ୍‌ରେ ବସିବନାହିଁ । କିଏ ପାଖକୁ ଯିବ ଯା ତ !"

କେବେଠୁ ଆଣ୍ଠୁରେ ଯନ୍ତ୍ରଣା ଭୋଗୁଥିବା ଓ ସବୁବେଳେ ଖଲଉଥିବା ପେଟୁଆ ଦାସମହାପାତ୍ର ନିରାପଦ ଦୂରତାରେ ରହି ବଡ ପାଟିରେ କହିଲେ । ସେ ଗୋଟେ କୃଷ୍ଣଚୂଡା ଗଛମୂଳରେ ଥିବା ଗୋଲେଇ ଚନ୍ଦିନିକୁ ଲାଗି ଠିଆହେଇଥିଲେ ।  ଓ ସାପ ଉପରେ ସତର୍କ ଦୃଷ୍ଟିରଖିଥିଲେ । ସାମାନ୍ୟ ବିପଦର ଆଭାସ ମିଳିବ ତ ପିଚ୍ଛଟେକିଦେଇ ଉଠିଯିବେ ଚନ୍ଦିନୀ ଉପରକୁ ।

ଦେଖି ! ଭିଡ ବାରେଇ ଆଗକୁ ତଡିଆସିଲେ ଶ୍ରୀମତୀ ଶରଣ ।

ତାଙ୍କ ଢଙ୍ଗ୍ ଢାଙ୍ଗ୍ ସୂଚଉଥିଲା, ସେ ସାପକୁ ମୋଟୁରୁ ଭୟ କରନ୍ତିନି ।

କହିଲେ - ମୋର ନାଗସ୍ୟଗୋତ୍ର । ଏବଂ ମୁଁ ରୋଜିନା ବେଲଗଛମୂଳରେ ପାଣିଢାଳେ । ଯେଉଁ ଯୋସ୍‌ରେ ସେ ଯାଉଥିଲେ, ଆଗରେ ପହଞ୍ଚି ତାଠୁ ଅଧିକ ଯୋସ୍‌ରେ ଚିହିରା ଛାଡିଲେ । ଆହାଃ ଗହମା ଗୋଖୁର ! ଜାତିଆ । ବାସୁକୀର ବଂଶଧର । ଗୋଟେ କାମକର । କଂସାରେ କ୍ଷୀର ଆଣି ତା' ପାଖରେ ରଖିଦିଅ । ସେ ଶାନ୍ତପଡିଯିବ । ଜଲଦି ଜଲଦି ।

ଶ୍ରୀମତୀ ଶରଣଙ୍କ କଥାରେ ଆତ୍ମବିଶ୍ୱାସ ଥିଲା ପ୍ରଚୁର । ସତେକି ସାପ ତାଙ୍କରି କଥା ହିଁ କେବଳ ମାନିବ । ତାଙ୍କର ସେ ମୋଟୁରୁ କ୍ଷତି କରିବ ନାହିଁ । କରିପାରିବ ନାହିଁ । ଏକା ବଂଶରଟି !

"କ୍ଷୀର ଆସିଲା ନା !" - ସେ ପଛକୁ ତେରଛା ମୁହଁକରି ସମବେତ ମଣିଷଙ୍କୁ ଚାହିଁଲେ ।

ଅଧଗିନାଏ କ୍ଷୀର କିଏ ନେଇଆସିଲା । ରଖିଦେଲା ଶ୍ରୀମତୀ ଶରଣଙ୍କ ପାଦପାଖରେ । ଅର୍ଥ, ତୁମେ ନେଇ ସାପକୁ ପିଆଅ । ସେ ତୁମକୁ ଚିହ୍ନେ ।

ମୋ ପାଖରେ ରଖିଲ କାହିଁକି ? ତା' ପାଖକୁ ନେଇଯାଉନ । ମୁଁ କହୁଚି, ସେ କିଛି କରିବନି । ହେଇ ଦେଖ, ସେ କେବଳ ମତେ ଚାହିଁଚି । ଏବଂ ଫଣାକୁ କିପରି ସଙ୍କୁଚିତକରି ତୁନିହେଇଗଲାଣି ।

ବେଙ୍କ୍‌ରେ ଋକିରି କରିଥିବା ପତଳା ଅଥଚ ଛଇଛାଡ୍ ଟୋକାଟାଏ, ନାଁ ତାଙ୍କର ବିବେକ ରାୟ, କହିଲା – ତୁମେ ପରା ପେଇବ । ସେଇକଥା ଦେଖିବାକୁ ଆମେ ଠିଆହେଇଚୁ । ଟୋକାଟା ହାଫ୍‌ପେଣ୍ଟ୍ ପିନ୍ଧିଥିଲା ଓ ଫୁଲତୋଳା ଆଙ୍କୁଡ଼ିଟିଏ ଧରିଥିଲା । ବୋଧେ ଫୁଲତୋଳା ଛାଡ଼ି ପାଟିଶୁଣି ସେ ଧାଇଁ ଆସିଥିଲା ।

"ମୁଁ ପେଇପାରିବି ନାହିଁ । ମୋର ମନେ ନଥିଲା ।" – କହିଲେ ଶ୍ରୀମତୀ ଶରଣ ।

– କ'ଣ ମନେ ନଥିଲା ? ଟୋକାଟି କାରଣଟି ଜାଣିବାକୁ ଋହିଁଲା ।

ଶ୍ରୀମତୀ ଶରଣ ଅଳ୍ପ ଲାଜେଇଲେ । ଅନୁଚ୍ଚ ଅଥଚ ସମସ୍ତେ ଶୁଣିପାରିଲା ଭଳି ସ୍ୱରରେ କହିଲେ – ମୁଁ ଗାଧେଇଚି । ଛୁଆନ୍ତା । ନାଗଦେବତାଙ୍କୁ କେମିତି ଛୁଇଁବି !

ଉପସ୍ଥିତ ମହିଳା ଶ୍ରୀମତୀ ଶରଣଙ୍କ କଥା ଶୁଣିଲେ । ଏବଂ ନାକମିଶା ପାଟିରେ ପଣତ ଜାବିଧରିଲେ ।

ଅନ୍ୟମାନଙ୍କ ଦେଖାଦେଖି ଶ୍ରୀମତୀ ମହାନ୍ତି ପାଟିରେ ପଣତ ଜାବିଧରିବାକୁ କର୍ତ୍ତବ୍ୟ ବୋଲି ଭାବିଲେ । ଉଦ୍ୟମ କଲେ, କିନ୍ତୁ ନିରସ୍ତହେଲେ । କାଇଁକିନା ସେ ପିନ୍ଧିଥିଲେ ନାଇଟି । ଗୋଟେ ହୋସ୍‌ରେ ଟେକିଆଣୁଥିଲେ, କ'ଣଭାବି ପକେଇଦେଲେ । ପକେଇଦେଲେ ଅବଶ୍ୟ, କିନ୍ତୁ ଧୋବଫର୍‌ଫର୍ ମୁକୁଳା ଜଂଘ ଓ ଗୋଡପେଣ୍ଡା କେଇସେକେଣ୍ଡ ପାଇଁ ଅନ୍ୟମାନଙ୍କୁ ଦେଖାଦେଇ ଲୁଚିଗଲା ।

ଅନ୍ୟ ସମୟ ହେଇଥିଲେ, ଶ୍ରୀମତୀ ମହାନ୍ତିଙ୍କ ଇଚ୍ଛାକୃତ ବା ଅନିଚ୍ଛାକୃତ ଆଚରଣରୁ ରସାଳଖିଅ ବାହାର କରି କେହି କେହି ଟୁପୁରୁଟାପର ହେଇଥାନ୍ତେ, କିନ୍ତୁ ଫଗୁଣ ସକାଳର କଅଁଳିଆ ଖରାରେ ଚିକ୍‌ଚିକ୍ କରୁଥିବା ସାପଟି ସମସ୍ତିଙ୍କୁ ବାନ୍ଧି ରଖିଥିଲା ।

ବେଙ୍କ୍ ଋକିରିଆ ବିବେକ ରାୟ ଶ୍ରୀମତୀ ମହାନ୍ତିଙ୍କ ମୁକୁଳା ଜଂଘ ଦେଖିନଥିବା ପରି ଅନେଇଲେ ମଥା ଉପର କୃଷ୍ଣଚୂଡ଼ା ଗଛ ଆଡେ ।

ସାପଟି ସତରେ ଥିଲା ନାଗଟିଏ । ଟୋକା ନାଗ । ଲମ୍ବ ଅନ୍ଦାଜ ଋରି ଫୁଟ । ରେକେ ମୋଟର । ପକ୍‌କା ଦେବାଲ କଡରେ ପ୍ରାୟ ଜାକିହେଇ ରହିଥିଲା । କିନ୍ତୁ ମୁହଁବୁଲେଇ ମଣିଷମାନଙ୍କୁ ଅନିଶା କରୁଥିଲା, ସମ୍ଭବତଃ ସମ୍ଭାବ୍ୟ ବିପଦ ଆଶାରେ । ବାଡ଼ି ଠକ୍ ଠକ୍ କିମ୍ବା ଉଦ୍ୟତ କିଳାର ଗତିବିଧି କିମ୍ବା ଉଞ୍ଚାପାଟି କିମ୍ବା ମେଞ୍ଚେ ମଣିଷ ଦେଖି ଫୁଟେ ଖଣ୍ଡେ ଖାଡାହେଇ ଫଣାଟୋଳୁଥିଲା । ଏବଂ ଦୋହଲୁଥିଲା ।

ଦୃଶ୍ୟଟି ଥିଲା ଏକାସାଙ୍ଗରେ ଅତିସୁନ୍ଦର ଓ ଭୟାନକ ।

ସକାଳ ସାତଟା ହୋଇନି । କେହି ଜଣେ ଦୋତାଲା ଉପରୁ ଦାନ୍ତଘଷୁଥିବା ଅବସ୍ଥାରେ ଦେଖିପକାଇଲା ସାପଟିକୁ । କେମିତି କେଜାଣି ସାପଟି ପଶିଆସିଥିଲା କଲୋନୀ ଭିତରକୁ । ହୁଏତ ରାତିରେ ଆସିଥିଲା । ଗଡାଣିଆ ସମତଳ ପକ୍କା ରାସ୍ତାଦେଇ ଫେରୁଥିଲା । ମୋଟୁରୁ ଚଙ୍ଗ୍‌ଚଙ୍ଗ୍ ହଉନଥିଲା । ରାଜାପରି ନିର୍ଭୟରେ ଘୋଷାରିହେଇ ଚାଲୁଥିଲା ।

ରାସ୍ତାର ଦୁଇ ପଟରେ ସୂତା ମାରିଲା ପରି ଦୁଇଧାଡି ଘର । ଗୋଟେ କଡରେ ଡ୍ରେନ୍ । ସାପଟି କିନ୍ତୁ ଧରିଥିଲା ପ୍ରାୟ ମଝାମଝି ପଥ । ବେପରୁଆ ଢଙ୍ଗରେ ।

ପ୍ରଥମ ଦର୍ଶକଟି ଦେଖି ପକେଇଲା ତ ଯେତେବଡ ଚିହିରା ହୋଇପାରିବା ସମ୍ଭବ ଛାଡିଲା – ସାପ ... ସାପ ... । ତା'ର ଚିହିରାଟି ଏତେ ତୀବ୍ରଥିଲା ଯେ ପ୍ରତିଟି ଘରର ଅନ୍ତେବାସୀଙ୍କୁ ଚମକେଇଦେଲା । ଦେଖ୍ ଦେଖ୍ କୁତୂହଳୀ ଲୋକ ଆପଣା ଆପଣା ଛାତଉପରେ ଅବା ବାଲକୋନିରେ ଠିଆହେଇଗଲେ । ଲୋକେ ଚିହ୍ନିଦେଲେ ସେଇଟି ନାଗ ।

ନାଗ ! ଭୟଙ୍କର ଓ ବିଷାକ୍ତ । ଗୋଟେ ଚୋଟରେ ଶେଷ । ବାପାଲୋ !

ଦେଖ୍ ଦେଖ୍ ଜଣେ ଅନ୍ୟ ଜଣକୁ ସତର୍କ କରେଇଦବାପରି ଶବ୍ଦ ଅଜାଡି ହୋଇ ପଡିଲା ରାସ୍ତାଉପରେ । ଏବଂ ଖୁବ୍ ଶୀଘ୍ର ତାହା କୋଳାହଳର ରୂପ ନେଲା । ସାପଟିକୁ ସେଇ ହାଉଳି ଶୁଭୁଥିଲା କି ନା ଜଣାନାହିଁ, ତେବେ ତା'ର ଗତିଥିଲା ବେଧଡକ ।

କେଇଜଣ ଉତ୍ସାହୀ ଓ ସାହସୀ ମଣିଷ ହାତରେ ଖଣ୍ଡିଏ ଖଣ୍ଡିଏ ବାଡି ବା ଲୁହା ରଡ୍‌ଧରି ପ୍ରଥମେ ରାସ୍ତା ଉପରକୁ ଆସିଲେ । ସେମାନଙ୍କ ଦେଖାଦେଖି ଡରକୁଳା ମଣିଷ ବି ଆସିଲେ । ପରକୁ ପର ଆସିଲେ ମହିଳା । ସମସ୍ତେ ଅବଶ୍ୟ ଦୂରେଇକି ରହୁଥିଲେ, ତେବେ ପାଟିକରିବାକୁ ଭୁଲୁନଥିଲେ ।

ଏଥର ମଣିଷ ନୁହଁନ୍ତି, ସାପଟି ଡରିବାକୁ ଆରମ୍ଭକଲା । ସମ୍ଭବତଃ ଏକକାଳୀନ ଗୁଡାଏ ମଣିଷ ଦେଖିବାକୁ ପ୍ରସ୍ତୁତ ନଥିଲା ସାପଟି । ଏବଂ ସେ ଦେଖିପାରିଥିବ ମଣିଷଙ୍କ ହାତରେ ବାଡି । ଛାନିଆ ହେଇଯାଇଥିବ । ସେଇକଥା ସୂଚେଇଲା ତା'ର ଗତିପଥରେ ପରିବର୍ତ୍ତନ । ଏହିକ୍ଷିଣା ପଛକୁ ଫେରିଲା ତ ପରକ୍ଷଣରେ ପୁଣି ବୁଲିପଡିଲା । କେଉଁଠି ପଶି ଲୁଚିଯିବାକୁ ସେ ଉଦ୍ୟମ ଜାରିରଖିଲା, ହେଲେ ସେଭଳି ସ୍ଥାନ ପାଇଲାନି । ଡ୍ରେନ୍ ଭିତରେ ପଶିଯାଇଥିଲେ ତା'ପାଇଁ ସମସ୍ୟାନଥିଲା, କିନ୍ତୁ କାହିଁକି କେଜାଣି ଡ୍ରେନ୍ ଭିତରକୁ ଯିବାକୁ ସେ ଚାହୁଁନଥିଲା । ବୋଧେ ଡ୍ରେନ୍‌ର ପଚାପାଣି ତା'ର ପସନ୍ଦନଥିଲା ।

ଆଗରେ ମଣିଷ, ପଛରେ ମଣିଷ । ଦୁଇଟି ଅର୍ଦ୍ଧଚନ୍ଦ୍ରାକାରରେ । ବନ୍ଦୀ ହୋଇଗଲା ପରି ଅନୁଭବ କରିଥିବ ସାପଟି । ପ୍ରାକର୍ମ ଦେଖେଇବାକୁ ବା ଆତ୍ମରକ୍ଷା କରିବାକୁ ସେ ମଝିରେ ମଝିରେ ଫଣାମେଲେଇ

ଦୋହଲି ଲାଗିଲା ଓ ସୁସୁ ଆବାଜଦେଲା । ଅର୍ଥ, ମୁଁ ଜଣକୁ ଖୋଜି ଖୋଜି ପଶିଆସିଥିଲି । ମୋ ସହ କାହିଁକି ଲାଗିଛ !

ନାଗସାପଟିଏ ସାଧାରଣତଃ ବିଶେଷ ଆବଶ୍ୟକତା ନଥିଲେ ଜନବସତି ମଧ୍ୟକୁ ଆସେନାହିଁ । ଏବଂ ଏକଲା ପ୍ରାୟଶଃ ନୁହଁ । ଖାଦ୍ୟ ଅନ୍ୱେଷଣ ଅଥବା ସାଥୀସହ ମିଳିତହେବା ତାଡନାରେ ସେ ପଶିଆସେ । ଟୋକା ନାଗଟି କଲୋନୀ ଭିତରକୁ ପଶିଆସିବାର କାରଣଟି ଜଣାପଡିଲା । ଯେ - ଏଇଟା ଫଗୁଣମାସ । ମେଟିଂ ସିଜିନ୍ । ଗଲା ରାତିରେ ନୟାନ୍ତ ହେଇ ଖୋଜିଚି ସାଥୀଟିଏକୁ । ଖୋଜି ଖୋଜି ବାୟାପାଗଳା ହେଇଯାଇଛି । ଖୁବ୍‌ଗୋଟେ ଆଶାରେ ହୁଏତ ପଶିଆସିଚି କଲୋନୀ ଭିତରକୁ । କିମ୍ୱା ସାଥୀଟିର ପିଛାକରି ପଶିଆସିଥିଲା ରାତିର ଅନ୍ଧାର ଭିତରେ । ଅଭେଟ ହେଇଚି । କିମ୍ୱା ସାଥୀସହ ମଧୁମୟ ସମୟ ବିତେଇ ଫେରୁଛି ତା'ର ସ୍ଥାୟୀ ରହଣି ସ୍ଥାନକୁ ।

ନାଗସାପର ସ୍ଥାୟୀ ରହଣି ସ୍ଥାନ ?

ହଁ, କଲୋନୀର ଶେଷମୁଣ୍ଡରେ ଅରାଏ ଅରମା ଜାଗା । ପରିତ୍ୟକ୍ତ । ଚଉଖୁଣ୍ଟିଆ ପଥର ପୁଳାଏ ଗଦାହେଇଚି କେବେଠୁ । ଖାଲ ଢିପରେ ଭର୍ତ୍ତି । ବର୍ଷାଜଳ ଓ ଡ୍ରେନ୍‌ପାଣି ପଶି ଜାଗାଟିକୁ ଅଧିକ ଅରମାକରିଦେଇଚି । ବୋଧେ ସରକାରୀ ଅନାବାଦୀ । ତାହାହିଁ ସରୀସୃପଙ୍କର ନିର୍ଭୟ ରହଣିସ୍ଥାନ ।

ଏମିତିରେ ଭୁବନେଶ୍ୱର କେଉଁକାଲୁ ସର୍ପମାନଙ୍କ ରହଣିସ୍ଥାନ । କୋଠାବାଡି, ଓସାରିଆରାସ୍ତା, ଗାଡିଚଳାଚଳର ପ୍ରାବଲ୍ୟ, ମଣିଷମାନଙ୍କର ହାଉଯାଉ ପରେ ମଧ୍ୟ ସର୍ପଭୟ କମିବାର ନାଁ ନେଉନାହିଁ । ଦପ୍ତର ମଧ୍ୟକୁ କିମ୍ୱା ଘରମଧ୍ୟକୁ ସାପ ପଶିଆସିବାର ସମ୍ୱାଦ ଶୁଣିବାକୁ ମିଳୁଚି । ତା'ର ମୁଖ୍ୟକାରଣ, ସାପମାନଙ୍କର ନିରାପଦ ରହଣିସ୍ଥାନ ଉଜୁଡିଯାଇଚି । ଅସହାୟ ହୋଇପଡୁଛନ୍ତି ସେମାନେ । ଏଣେତେଣେ ଘୂରିଲାଗୁଚନ୍ତି । ଘୂରୁଚନ୍ତି ଓ ଚେଟମାରୁଚନ୍ତି । ଚେଟମାରୁଚନ୍ତି ଓ ମରୁଚନ୍ତି । ଯାହା ଜଣାପଡୁଚି, ନିକଟ ଭବିଷ୍ୟତରେ ଭୁବନେଶ୍ୱର ସର୍ପସମସ୍ୟାରୁ ମୁକୁଳିପାରିବ ନାହିଁ । ଏବେ ମଧ୍ୟ ସହର ଉପକଣ୍ଠରେ ଥିବା ପାହାଡ ଅରମାଜଙ୍ଗଲ ସର୍ପମାନଙ୍କର ଖଣିହୋଇ ରହିଛି ।

ଜାରଜ ଜାତିର ତମ୍ପସାପ ବ୍ୟତୀତ ଅନ୍ୟ ସବୁ ବିଷଧର ସାପ ପ୍ରାୟ ଶାନ୍ତିପ୍ରିୟ ଓ ସୁଧାର । ଇଚ୍ଛାକରି ମଣିଷପଶୁଙ୍କୁ ଚେଟମାରିବା ସେମାନଙ୍କର ସହଜାତଗୁଣ ନୁହଁ । କେବଳ ଆଘାତ ପାଇଲେ ନତୁବା ଅତ୍ୟଧିକ ଭୟାତୁର ହେଲେ ଆତ୍ମରକ୍ଷା ସ୍ୱରୂପ ଚେଟମାରନ୍ତି । ତମ୍ପକଥା ଅଲଗା । ସଂପୂର୍ଣ୍ଣ ଜାରଜର ପ୍ରକୃତି । ବିନାକାରଣରେ ଚେଟମାରିବା ସେମାନଙ୍କ ଅଭ୍ୟାସ ।

ସେଇଟି ତମ୍ପ ନଥିଲା । ଥିଲା ନାଗ । ଶ୍ରୀମତୀ ଶରଣଙ୍କ ଭାଷାରେ ଗୋଖୁର । ନାଗରାଜ । ତା'ଦେହ ଯେପରି ଆବଶ୍ୟକତାଠାରୁ ଉଜ୍ଜ୍ୱଳ ଦିଶୁଥିଲା ତାହା ଭରା ଯୌବନର ପରିଣତି । ସେଇଆ ତ !

ଯୌବନର ଦାଉ ସୁଝେଇବାକୁ ବାହାରି ଆସିଥିଲା ; ପଡିଗଲା ଖାପରରେ । ଜାରଜ ତମ୍ପ ହୋଇଥିଲେ ମଣିଷଙ୍କୁ ଡରେଇଥାନ୍ତା କିମ୍ବା ଡ୍ରେନ୍‌ରେ ପଶି ମଣିଷଙ୍କ ଆଖି ଆଗରେ ଉଭାନ ହୋଇଯାଇଥାନ୍ତା । କିନ୍ତୁ ନାଗ! ମଣିଷଙ୍କୁ ଡରେ । ଦେହର ଉତ୍ତାପକୁ ଶୀତଳେଇବାକୁ ଅନ୍ଧାରିବିଜେ କରିଥିଲା ଯେ ଅବିକା ଆପଣା ମୃତ୍ୟୁକୁ ଆଖିରେ ଦେଖିବ ।

ଯୁଆନ ନାଗଟି ଦେବାଲକଡରେ ପ୍ରାୟ ଜାକିହେଇ ରହିଥିଲା । ଏବଂ ସର୍ପ ପ୍ରକୃତି ହେତୁ ବେଳେବେଳେ ଫଣାଟୋଳୁଥିଲା ।

ଶ୍ରମତୀ ଶରଣ କହିଲେ – ମୋ ନାଗ ତେବେ କ୍ଷୀର ପିଇଲାନାହିଁ! ମୋର ଅସୁବିଧା ହୋଇନଥିଲେ ..... । ସେ ବାକ୍ୟପୂରଣ କରିବାକୁ ଉଚିତମନେକଲେନି ଅବଶ୍ୟ ତେବେ ଯଥେଷ୍ଟ ସୂଚନା ଛାଡିଲେ ।

“ତୁମେ ପରା ଟିକିଏ ପୂର୍ବରୁ କହିଥିଲ ଗୋଖୁର । ଏବେ ନାଗ କହୁଚ?” – କହିଲେ ନାଇଟିପିନ୍ଧା ଶ୍ରୀମତୀ ମହାନ୍ତି । ସେ ସମର୍ଥନ ଆଶାରେ କିମ୍ବା ଆଉ କେଉଁଥିପାଇଁ ଋହିଁଲେ ବେଙ୍କ୍‌ଋକିରିଆ ବିବେକ ରାୟଙ୍କ ଫୁଙ୍ଗୁଳା ଦେହ ଆଡେ ।

“ତୁମେ ମତେ ଚିଡଉଚ ଶ୍ରୀମତୀ ମହାନ୍ତି । ବାଧହୋଇ କହିବି ସର୍ପମାନଙ୍କ ବାବଦରେ ତୁମକୁ କିଛି ଜଣାନାହିଁ । ନାଗ ଓ ଗୋଖୁର ଏକ । ନାଗର ଇଂରାଜୀନାମ କ୍ରୋବ୍ରା ଓ ଗୋଖୁରକୁ କହନ୍ତି କିଙ୍ଗ୍ କ୍ରୋବ୍ରା । ବ୍ଲାକ୍ କୋବ୍ରା ମଧ୍ୟ ଅଛନ୍ତି । ବୁଝିଲ?” – ଟିକେ ଝାଡିହେଇ କହିଲେ ଶ୍ରୀମତୀ ଶରଣ । ଏବଂ ଆଉରି ଏପରି ବାକ୍ୟଟେ କହିଲେ ଯାହା ତାଙ୍କର ଜ୍ଞାନକୁ ପ୍ରମାଣିତ କଲା ।

“ନାଗଟି ଅଣ୍ଡିରା । ଆସିଥିଲା ମାନେ ......” ନିଶ୍ଚିତକରି କହିଲେ ସେ ।

କିପରି ସେ ଅଣ୍ଡିରା ବୋଲି ଚିହ୍ନିଲେ ସେ କଥା କେହି ପଋରିଲେନି ।

“ଅଣ୍ଡିରା ନାଗ? ମାନେ ନିଶ୍ଚେ ନାଗୁଣୀ ଏଇଠି କେଉଁଠି ଥିବ ବା ଆସୁଥିବ । ହୁସିଆର ହେଇଯା ।” – ଆଖି ମିଞ୍ଜି ମିଞ୍ଜି କରି ଘୋଷଣାକଲେ ମିଷ୍ଟର ଋଟାର୍ଜୀ ।

ସେତେବେଳକୁ ପରାସ୍ତହେବା ପରି ଜଣାପଡୁଥିଲେ ଶ୍ରୀମତୀ ମହାନ୍ତି । କହିଲେ – ମୋର ନାଗସ୍ୟଗୋତ୍ର ନୁହଁ । ସେଥିପାଇଁ ଜଣାନାହିଁ କିମ୍ବା ଚିହ୍ନାପରିଚୟ ନାହିଁ । କିନ୍ତୁ ଶ୍ରୀମତୀ ଶରଣ, ମୋର ନାଗସ୍ୟଗୋତ୍ର ହୋଇଥିଲେ ରାଣଖାଇ କହୁଚି ନିଶ୍ଚେ ସାପକୁ କ୍ଷୀରପେଇଥାନ୍ତି । ଏବଂ ମାଇ ... ନା ... ନା ... ନାଗୁଣୀକୁ ଖୋଜି ବାହାରକରିଥାନ୍ତି ।

“ତୁମକୁ ଶୁଭିନାହିଁ କି? ମୁଁ ପରା କାରଣଟା କହିଚି ।” – ଶ୍ରୀମତୀ ଶରଣଙ୍କର ସହସା ଜବାବ୍ ।

ବୋଧେ ସେଇପରି ଉତ୍ତର ଆଶାକରୁଥିଲେ ଶ୍ରୀମତୀ ମହାନ୍ତି । ସେ କିଛି ନକହି ଫିକ୍‌କିନା ହସିଦେଲେ । ତାଙ୍କ ଦେଖାଦେଖି ଆଉ କେତେଜଣ ହସ ଲୁଚେଇପାରିଲେନି । ଶ୍ରୀମତୀ ଶରଣ କିନ୍ତୁ ପ୍ରତିକ୍ରିୟାଶୂନ୍ୟ ।

"ଶ୍ରୀମତୀ ଶରଣ ଓ ମିଷ୍ଟର ଚଟାର୍ଜୀଙ୍କ ସହ ମୁଁ ଏକମତ । ଏଇଠି କେଉଁଠି ନାଗୁଣୀ ଅଛି । ସତର୍କ ଦୃଷ୍ଟିରଖ ।" - ପେଟୁଆ ଦାସମହାପାତ୍ର ସତସତିକା ଭୟପାଇଲାପରି ମନେହେଉଥିଲେ ।

ଦୁଇ ମହିଳାଙ୍କ ଭିତରେ କଥାକଟାକଟି ଭଲ ଲାଗିଲା ନାହିଁ ବର୍ଷିଆନ ମିଷ୍ଟର ଚଟାର୍ଜୀଙ୍କୁ । ନାଗୁଣୀର ସମ୍ଭାବ୍ୟ ଉପସ୍ଥିତି ଲକ୍ଷ୍ୟକରୁକରୁ ସେ କହିଲେ - ଯୁକ୍ତିତର୍କ କରି ଲାଭନାହିଁ । ଚିନ୍ତାକରି ଦେଖ, ସମଗ୍ର କଲୋନୀ ପାଇଁ ସାପଟି ବିପଦ । ତାକୁ ନେଇ କ'ଣ କରାଯିବ ସେ ବାବଦରେ ମୁଣ୍ଡଖେଳେଇବା ଉଚିତ୍ । ଦାସମହାପାତ୍ର ବାବୁ ତ କହୁଚନ୍ତି, ସାପକୁ ମାରନା ! ତେବେ ?

"ଠିକ୍ କଥା । ଯୁକ୍ତିତର୍କ ବେକାର । ମୋର ଦୃଢ ମତ, ସାପକୁ ମରାଯିବନାହିଁ । ପରିବେଶ ସନ୍ତୁଳନରେ ସାହାଯ୍ୟକରେ ସାପ" - କହିଲେ ପେଟୁଆ ଦାସମହାପାତ୍ର । ସେ ଚନ୍ଦିନୀ ଉପରେ ବସିପଡିବାକୁ ପ୍ରସ୍ତୁତି ନେଉଥିଲେ । ପ୍ରକୃତପକ୍ଷେ ନାଗୁଣୀର ସମ୍ଭାବ୍ୟ ଗୋପନ ଉପସ୍ଥିତି ତାଙ୍କୁ ଆବଶ୍ୟକତାଠାରୁ ଅଧିକ ଡରେଇଦେଇଥିଲା ।

ହାଫ୍‌ପେଣ୍ଟ ପିନ୍ଧା ବିବେକରାୟ ସେତେବେଳେ ସାନ ଆଙ୍ଗୁଠିଟିକୁ ତଳେ ଥୋଇ ବିଭିନ୍ନ ଦିଗରୁ ସାପର ଫଟୋନେଉଥିଲେ ସେଲ୍‌ଫୋନ୍‌ରେ । ଆଉ କେତେ ଜଣ ମଧ୍ୟ । ସାପଟିର କିନ୍ତୁ କାଜୁସ୍ଥ ଅବସ୍ଥା । ନାଗୁଣୀ ସମ୍ବନ୍ଧୀୟ ତଥ୍ୟ କାହାର ମନରେ ନଥିଲା ଭଳି ଲାଗୁଥିଲା ।

କେହିଜଣେ ଲମ୍ବାବେଣ୍ଟଥିବା ବେଲଚଟିଏ ଘରୁ ନେଇଆସିଥିଲା । ବେଲଚଟି ପାଖକୁ ଆସନ୍ତେ ସାପ ଅଭ୍ୟାସବଶତଃ ପ୍ରାକର୍ମ ଦେଖଉଥିଲା । ସେଇ ସମୟରେ ଫଟୋ ଉଠୁଥିଲା ବେଶୀ ।

ମୁକ୍ତଭାବେ ବିଚରଣ କରୁଥିବା ବିଷଧର ସାପଟିଏ ଦେଖିବାକୁ ଖୁବ୍ ସୁନ୍ଦର । ଛାତିରେ ଛନକା ଆଣେ । ଦେହରେ ଶିହରଣ ଆସେ । ପୁଣି ଯେତେବେଳେ ଜଣାପଡେ ସାପଟିଠାରୁ ବିପଦନାହିଁ, ମଣିଷ ବେପରୁଆ ଆଚରଣ ଦେଖାନ୍ତି । ସାପକୁ ଉତ୍ତେଜିତ କରିବାର ଉପାୟ ବାହାର କରନ୍ତି । ଠିକ୍ ତାହାହିଁ ଘଟୁଥିଲା କଲୋନି ରାସ୍ତାରେ । ବାଡିର ଅଗକୁ ସାପର ଲାଞ୍ଜରେ ଛୁଏଇଁବା ତା'ଉପରକୁ ଗୋଡି ଫୋପାଡିବା, ବେଲଚର ଓସାରିଆ ମୁହଁଟିକୁ ତା' ମୁହଁ ଆଗରେ ହଲେଇବା ଏବଂ ଅପେକ୍ଷାକୃତ ବଡପାଟିକରିବା ଦ୍ୱାରା ନିଜର ଅଜାଣତରେ ବା ଜାଣତରେ ସାପକୁ ଉତ୍ତେଜିତ କରୁଥିଲେ ମଣିଷ ।

ମିଷ୍ଟର ଚଟାର୍ଜୀ ଓ ମିଷ୍ଟର ଦାସମହାପାତ୍ରଙ୍କ କଥା ପ୍ରାୟକେହି ଶୁଣିନଥିଲେ । କିଙ୍ଗ୍ କୋବ୍ରାଟି ଗୋଟିଏ ଖେଳଣା ସାମଗ୍ରୀ ପ୍ରାୟ ହୋଇସାରିଥିଲା ।

ମିଷ୍ଟରଋଟାର୍ଜୀ ଆଖି ମିଟ୍ ମିଟ୍ କରୁଥିଲେ । ଦାସମହାପାତ୍ର ଋନ୍ଦିନୀଉପରେ ଗୋଡଲମ୍ଭେଇ ବସିସାରିଥିଲେ ଓ ଲମ୍ବା ନିଃଶ୍ୱାସ ନେଉଥିଲେ ।

ଶ୍ରୀମତୀ ଶରଣ ଓ ଶ୍ରୀମତୀ ମହାନ୍ତି ଯଦିବା ସାପଟିକୁ ଦେଖୁଥିଲେ, ତେବେ ପରସ୍ପର ଉପରେ ତେରଛା ଦୃଷ୍ଟି ପକେଇବାକୁ ଭୁଲୁନଥିଲେ । ଏବଂ ଉଭୟ ସମୟାନ୍ତରେ ହାଫ୍‌ପେଣ୍ଟ୍ ପିନ୍ଧା ବିବେକ ରାୟଙ୍କ ଫୁଙ୍ଗୁଲା ଦିହକୁ, ସାପକୁ ଋହିଁରହିବାରେ ବିରତି ଦେଇ ଋହୁଁଥିଲେ ।

"ଏହି ଭଳି କେତେ ସମୟ ସାପକୁ ବେଢି ଠିଆ ହୋଇଥିବା ?" – କହିଲେ ମିଷ୍ଟର ଋଟାର୍ଜୀ, " କେତେବେଳେ ଯେବେ ନାଗୁଣୀ ଦେଖାଦିଏ, ଅବସ୍ଥା ଅଣାୟତ୍ତ ହବ ।"

"ସାପକୁ ମରାଯିବନାହିଁ । ସେ ପରିବେଶ ସନ୍ତୁଳନକରେ ।" – କହିଲେ ମିଷ୍ଟର ଦାସମହାପାତ୍ର । ସେ ପୂର୍ବପରି ଧଁ ସଁ ହେଉଥିଲେ ।

ହଠାତ୍ ପରିସ୍ଥିତି ସଚେତନ ହୋଇଉଠିଲେ ଶ୍ରୀମତୀ ଶରଣ । କହିଲେ – ସାପଧରାଳିକୁ ଡାକ । ସେତେବେଳୁ ଦୁଇ ମଉସା କହୁଚନ୍ତି, କେହି ଶୁଣୁନାହାଁନ୍ତି । ଜାଣିଥା, ସାପକୁ ମୁଁ ମରିବାକୁ ଦେବିନାହିଁ ।

ତାଙ୍କ କଥାକୁ ଜଗିଥିଲା ଭଳି କହିଉଠିଲେ ଶ୍ରୀମତୀ ମହାନ୍ତି – "ସ୍ନେକ୍ ହେଲପ୍ ଲାଇନ୍! ମୋ ପାଖରେ  ନମ୍ବରନାହିଁ । ନୋହିଲେ ମୁଁ ଡାକି ସାରନ୍ତିଣି । କ'ଣ କରିବି । ମୋର ତ ନାଗସ୍ୟ ଗୋତ୍ର ନୁହଁ ।" କହିଲା ବେଳେ, 'ନାଗସ୍ୟ ଗୋତ୍ର' ଉପରେ ସେ ଜୋରଦେଉଥିବାର ଜଣାପଡିଲା ।

ଶ୍ରୀମତୀ ଶରଣ ବୁଝୁଥିଲେ ତାଙ୍କୁ ହିଁ ଆକ୍ଷେପ କରାଯାଇଚି । କହିଉଠିଲେ – "ଶୁଣିଲେ ତ ବିବେକ ବାବୁ!" ସେ ତାଙ୍କର ପାଖାପାଖି ଥିଲେ ।

"କୋଉ କଥା!" – କହିଲେ ହାଫ୍‌ପେଣ୍ଟପିନ୍ଧା ବିବେକରାୟ । ତାଙ୍କର ଫଟୋ ଉଠେଇବା ଶେଷହେଇଯାଇଥିଲା ।

"ଫାଲତୁ କଥା ନଶୁଣିଚ ଠିକ୍ କରିଚ! ବିବେକବାବୁ, ତୁମେ ସାପଧରାଳି ମାନେ ସ୍ନେକ୍‌ହେଲପ୍‌ଲାଇନ୍‌କୁ ଖବର ଦିଅତ । ମୋ ସୁଧାର ନାଗ ଯନ୍ତ୍ରଣାରୁ ମୁକ୍ତିପାଉ ।" – ଶ୍ରୀମତୀ ଶରଣ ଅଳିକଲାପରି କହିଲେ ।

"ମୋ ଅନୁରୋଧ ରଖନ୍ତୁ ବିବେକବାବୁ । ସ୍ନେକ୍‌ହେଲ୍‌ପ୍ ଲାଇନ୍‌କୁ କଲକରନ୍ତୁ ।" – ଶ୍ରୀମତୀ ମହାନ୍ତିଙ୍କ ଗେହ୍ଲେଇ ହେବାପରି କଥା ।

ଏତେଲୋକ ଥାଉଁ ଥାଉଁ ଦୁଇ ମହିଳା କାହିଁକି ଯେ ଯୁବକ ବିବେକରାୟଙ୍କ ପାଖରେ ଫେରାଦ୍ ହଉଥିଲେ ବୁଝିହେଉନଥିଲା ।

ନାଗସାପଟି ପୂର୍ବପରି ଦେବାଲ କଡରେ ଶୋଇ ରହିଥିଲା । ସେ ଦେଖିପାରୁଥିବ ଆଗରେ ପଛରେ ମଣିଷ । ଜାଣୁଥିବ, ସେ ଖସିଯାଇ ପାରିବନି । ସେ ଆଉ ଫଣାତୋଲୁନଥିଲା । ବୋଧେ ଫଣା ତୋଳି ତୋଳି କ୍ଳାନ୍ତ ହୋଇଯାଇଥିଲା । ଦେହର ଉଷୁମ୍ ଖସେଇବାକୁ ଆସି ଦୋଘାଇରେ ପଡିଚି । ଆହାଃ ବିଚରା ନାଗ !

ହାଫ୍‌ପେଣ୍ଟ୍ ପିନ୍ଧା ବିବେକରାୟର ଦୁଇକଡରେ ଦୁଇମହିଳା । ପ୍ରାୟ ଲାଗିକରି । ଯାହା ଜଣାପଡୁଥିଲା, ନାଗଟି ପାଇଁ ଉଭୟ ସମପରିମାଣରେ ଚିନ୍ତିତ ।

"ମୋ ନାଗ ବଞ୍ଚିଯିବ ତ !" – ଶ୍ରୀମତୀ ଶରଣ ବିବେକରାୟଙ୍କ ଆଖିକୁ ଚାହିଁଲେ ।

"ଚେଷ୍ଟା କରୁଚି ।" – ଅସଲରେ ତାଙ୍କ ପାଖେ ସ୍ନେକ୍‌ହେଲ୍‌ପଲାଇନ୍ ନମ୍ବର ନଥିଲା । ସେ ଲଗେଇଲେ ଥାନାକୁ । ଥାନାରୁ ନମ୍ବରଟି ହାସଲକଲେ । ତା'ପରେ ଲଗେଇଲେ ହେଲ୍‌ପଲାଇନ୍‌କୁ ।

ଠିକଣା ସ୍ଥାନଟି ବତାନ୍ତୁ । ସେପଟରୁ ଶୁଭୁଥିଲା ।

ଲୁଇସ୍‌ରୋଡ୍‌ରେ ପ୍ରିୟା ଆପାର୍ଟମେଣ୍ଟ । ତା' ସାମନା ରାସ୍ତାରେ ଆସିଲେ ପଡିବ ବେଙ୍କ୍‌କଲୋନୀ । ଏକବାର କଲୋନୀର ଶେଷମୁଣ୍ଡ । ଠିକଣା ବତେଇଲେ ବିବେକରାୟ ।

ପହଞ୍ଚୁଚି । ଅଧଘଣ୍ଟେ ପଇଁଚାଳିଶ ମିନିଟ୍ ଲାଗିବ । ସେପଟୁ ଶୁଭିଲା ।

ସମସ୍ତ ଦର୍ଶକ ଜାଣୁଥିଲେ ସାପ ଧରାଳି ଆସୁଚି । ନେଇଯିବ ସାପକୁ । କେମିତି ଦୁଃଖୀ ଦୁଃଖୀ ଜଣାପଡୁଥିଲେ ସଭିଏଁ । ସତେକି ସେମାନଙ୍କ ନାଗଟିକୁ ଆଉଜଣେ ଚୋରିକରିନବାକୁ ଆସୁଚି । ଏପରିକି, ପ୍ରଥମେ ସାପଟାକୁ ମାରିଦେବାକୁ ପ୍ରସ୍ତାବ ରଖିଥିବା ମିଷ୍ଟର ଚାଟାର୍ଜୀ, ସାପଟିର ସ୍ଥାନାନ୍ତରଣକୁ ପସନ୍ଦ କରୁନଥିଲେ । ଦୁଃଖ କଲାପରି ସେ କହିଲେ – ନାଗଟି ଚିରଦିନ ପାଇଁ ଏ ଅଞ୍ଚଳରୁ ଚାଲିଯିବ ? ନାଗୁଣୀ ଦେଖା ନଦିଅନ୍ତାକି !

"ଯାଉ । ବଞ୍ଚିଯାଉ । ସାପ ପରିବେଶ ସନ୍ତୁଳନକରେ ।" – ମିଷ୍ଟର ଦାସମହାପାତ୍ର ସନ୍ତୁଳନ ଶବ୍ଦଟିକୁ ଦୁଇଥର ରିପିଟ୍ କଲେ । ଅଧାଭଲ ଆଣ୍ଠୁକୁ ସେ ସାଉଁଳୁଥିଲେ, ଯେମିତିକି ସାପକୁ ସେ ଆଶ୍ୱାସନା ଦେଉଚନ୍ତି । ନାଗୁଣୀ ପ୍ରସଙ୍ଗ ସେତେବେଳକୁ ତୁଚ୍ଛା କଳ୍ପନାରେ ପରିଣତ ହୋଇସାରିଥିଲା ।

"କେମିତି ସିଏ ସାପଧରିବ ବିବେକବାବୁ ? କୌଣସି ଯନ୍ତ୍ର ଫନ୍ଦ ....." – ପଚାରିଲେ ଶ୍ରୀମତୀ ମହାନ୍ତି ।

"ମତେ କି ଜଣା । ସାପ ଧରାଯିବା ମୁଁ କେଭେଁ ଦେଖିନି । ଦେଖିଚି ନେସନାଲ ଜୋଗ୍ରାଫି ଚାନେଲ୍‌ରେ । ଗୋଟେ ବଙ୍କାବାଡିଟିଏ ସାହାଯ୍ୟରେ ସାପ ଧରାଯାଏ । ଇଏ କେମିତି ଧରିବ କେଜାଣି !" – କହିଲେ ବିବେକ ରାୟ ।

ଶ୍ରୀମତୀ ଶରଣ ଅତିମାତ୍ରାରେ ଦୁଃଖିତ ଜଣାପଡୁଥାନ୍ତି । ଗୁଣଗୁଣ ହଉଥାନ୍ତି - ନାଗଟି କ୍ଷୀର ପିଇଲା ନାହିଁ । ଉପାସରେ ଏଠୁ ଚାଲିଯିବ । ଚାଲିଯିବ କେଉଁ ଦୂର ମୁଲକକୁ । ମୁଁ କ'ଣ କହୁଥିଲି କି ବିବେକ ବାବୁ ..... ଛାଡ! ତାଙ୍କ ମୁହଁରେ ବିନ୍ଦୁ ବିନ୍ଦୁ ଝାଳ ସ୍ପଷ୍ଟ ଦିଶୁଥିଲା । ସେ କ'ଣ କହିବାକୁ ଚାହୁଁଥିଲେ ଜଣାପଡିଲାନି । ଜଣାପଡିଲାନି କି କେହି ପଚାରିଲେନି ।

...... ସାପ ଧରାଳି ଆସି ପହଞ୍ଚିଲା ବାଇକ୍‌ରେ । ଚନ୍ଦାମୁଣ୍ଡିଆ ମଧ୍ୟବୟସ୍କ ଲୋକଟିଏ । ତା'ମୁହଁରେ ଗାମ୍ଭୀର୍ଯ୍ୟ । ବାଇକ୍ ଡିକି ଖୋଲି ମୋଟାକପଡାରେ ତିଆରି ଗୋଟେ ଲମ୍ବା କଳାବେଗ କାଢିଲା । ଏବଂ କାଢିଲା ଆଲୁମିନିୟମ ଛଡିରେ ତିଆରି ଫୋଲଡିଂକରା କିଛି ଗୋଟେ ଯନ୍ତ୍ର ପରିକା ।

ଦୂରକୁ ଘୁଞ୍ଚିଯାଅ! ସେ ମୁହଁ ନଖୋଲି ହାତର ଇସାରାରେ ଦେଖଣାହାରୀଙ୍କୁ କହିଲା । ଏବଂ ସାପ ପାଖାପାଖି ପହଞ୍ଚି କେଇ ମୁହୂର୍ତ୍ତ ନିରିଖେଇ ଚାହିଁଲା । ସମ୍ଭବତଃ ନାଗଟା ତାକୁ ଦେଖି ଭିଡିମୋଡି ହେଲା । କିଛି ଗୋଟେ ଅନୁମାନକଲା ବୋଧେ ।

ଦେଖଣାହାରୀ ସବୁ ଦୂରେଇ ଯାଇଥାନ୍ତି । କେବଳ ଦୂରେଇନଥାନ୍ତି ବିବେକ ରାୟ । ସେ ମୋବାଇଲ କ୍ୟାମେରାଟିକୁ ଅନ୍‌କରି ରଖିଥାନ୍ତି । ଉଦ୍ଦେଶ୍ୟ, ସାପଟି ଧରାହେବା ବେଳେ ସେ ଖୁବ୍ ନିକଟରୁ ଫଟୋ ଉଠେଇବେ । ଧରାଳି ସହିତ ।

ସାପ ଧରାଳି ମୁହଁ ଖୋଲୁନଥାଏ । ଏବଂ ହାଫ୍‌ପେଣ୍ଟ୍ ପିନ୍ଧା ବିବେକ ରାୟ ପ୍ରତି ସଚେତନ ନଥାଏ ।

ଉତ୍ସୁକତା ଭରିରହିଥାଏ ଦେଖଣାହାରୀଙ୍କ ଭିତରେ । ଶ୍ରୀମତୀ ଶରଣ ଓ ଶ୍ରୀମତୀ ମହାନ୍ତି ଅସମ୍ଭବ ଭାବେ ନିରବଥାନ୍ତି । ସେ ଦୁହିଁଙ୍କ ମୁହଁର ଭଙ୍ଗୀ ଦେଖି ସେମାନେ ଶଙ୍କିତ କି ଆନନ୍ଦିତ କିମ୍ବା ଆଉ କ'ଣ ଅନୁମାନ କରିବା ମୁସ୍କିଲ୍ ।

ସାପ ଧରାଳି ହଠାତ୍ ପଦକ୍ଷେପ ନେବାକୁ ବସିଲା । ତଳେ ରଖିଦେଲା ଆଲୁମିନିୟମ ଛଡିରେ ତିଆରି ସେ ଯନ୍ତ୍ରଟିକୁ । ବାଁ ହାତରେ ମୁହଁ ଖୋଲା କଳାବେଗ୍‌ଟିକୁ ନେଇ ଝପଟିଗଲା ଓ ନିମିଷକେ ନଇଁପଡି ସାପର ଲାଙ୍ଗୁଡକୁ ଡାହାଣ ହାତରେ ଧରିପକେଇ ଉପରକୁ ଟେକିଦେଲା । ତଳକୁ ମୁହଁକରି ଝୁଲିରହିଲା ସାପଟି । ତା'ର ନାଚାର ଅବସ୍ଥା ।

ସାପ ଫଣାମେଲେଇଲା ଓ ଅଳ୍ପ ଉପରକୁ ଟେକିଲା, ଅଧିକ ଟେକି ପାରୁନଥିଲା । ସତେବା ନିଷ୍ଫଳ ପ୍ରତିବାଦ ଜଣାଉଥିଲା । କାହିଁକି ମତେ କିଳିବିଲି କରୁଛ! ମୁଁ ଆସିଥିଲି .......

ସେ ଯେ ନାଗ, ସେ ଭୁଲି ଯାଇଥିଲା । ବୋଧେ ସାପ ଧରାଳିର ଦେହର ଗନ୍ଧ ତାକୁ ଭୁଲେଇ ଦେଇଥିଲା । ଅତି ପରାକ୍ରମୀ ନାଗଟିଏ ଅସହାୟଭାବେ ଝୁଲୁଚି ମଣିଷ ହାତରୁ । କି ବିଡମ୍ବନା ସତେ!

ସମସ୍ତିଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରିପାରିବାର କ୍ଷମତା ହାସଲ କରିଥିବାରୁ ସେ ମଣିଷ । ମଣିଷ ଗୋଟେ ବିରଳପ୍ରଜାତି । ସୃଷ୍ଟିରେ ।

ସେ ପର୍ଯ୍ୟନ୍ତ ଚୁପ୍ ଚାପ୍ କାମକରିଯାଉଥିବା ସାପଧରାଳି ହଠାତ୍ ରାଗରେ ଫାଟିପଡିଲା । ଯେତେବେଳେ ଦେଖିଲା, ହାଫ୍‌ପେଣ୍ଟ ପିନ୍ଧା ଟୋକାଟିଏ ତା'ଠୁ କମ୍‌ତଫାତ୍‌ରେ ଠିଆହେଇ ମୋବାଇଲରେ ଫଟୋ ଉଠଉଚି ।

"କହିଥିଲିନା ଦୂରକୁ ଘୁଞ୍ଚିଯାଅ ବୋଲି!" - ସାପକୁ ହାତରୁ ଝୁଲେଇ ଟାଣଗଳାରେ କହିଲା ସାପଧରାଳି ।

"ମୁଁ ଠିକ୍ ଅଛି ।" - ବିବେକ ରାୟଙ୍କର ବେପରୁଆ ଉତ୍ତର ।

"ଠିକ୍ ତ ଅଛ, ମତେ ଡାକୁଥିଲ କାହିଁକି ? ଦୁର୍ଘଟନା ଘଟିଲେ କ'ଣ ନା ସାପଧରାଳି ଯୋଗୁଁ ଏପରିହେଲା ।" - ତା' ମୁହଁ ରାଗରେ ଫଣ ଫଣ ।

ଦେଖଣାହାରୀଙ୍କ ଆଗରେ ନିଜର ସମ୍ମାନ ଭୂମିସାତ ହଉଚି ଭାବି ବିବେକ ରାୟ କହିଲେ - ତୁମେ ସାପ ଧରିଶିଖିଚ, ଧରୁଚ । ଆମେ ଶିଖିଲେ ଧରିପାରିବୁନି କି! କାହିଁକି ଅଯଥା ତେରିମେରି ହଉଚ ?

"ଶିଖିବ ତ ! ଶିଖ ।" - ସାପଧରାଳି କ୍ରୋଧରେ ସାପଟାକୁ ହାତରୁ ଖସେଇଦେଲା । ଏବଂ ତା' ସରଞ୍ଜାମ ଗୋଟେଇ ବାଇକ୍ ଚଢି ଚାଲିଗଲା । ମୋଟୁରୁ ପଛକୁ ଚାହିଁଲା ନାଇଁ ।

ବୋଧେ ସାପ ବୁଝିପାରୁନଥିବ ଏପରି କାହିଁକି ହେଲା । ସେ ଦେଖିଥିବ ପାଖରେ ମଣିଷ ନାହାଁନ୍ତି, ଗୋଟେ ମଣିଷ ବ୍ୟତୀତ । ସେ ଧୀରେ ଧୀରେ ଚାଲିବାକୁ ଉପକ୍ରମ କଲା ।

ବର୍ତ୍ତମାନ ସମସ୍ତିଙ୍କର ନଜର ବିବେକ ରାୟଙ୍କ ଉପରେ । ଅର୍ଥ, ଏପରି କାହିଁକି କଲ ? ଅବିକା କ'ଣ ହେବ ? ଏପରି ହଠାତ୍ ଘଟିଯିବ, କେହି ଆଶା କରିନଥିଲେ ।

"ସାପ ଧରାଳିର ଭାରି ଗର୍ଭ । ତାକୁ ଚିଡେଇଲ କାହିଁକି ରାୟ ବାବୁ?" - କହିଲେ ମିଷ୍ଟର ଚାଟାର୍ଜୀ ।

ମିଷ୍ଟର ଦାସମହାପାତ୍ର ଚାନ୍ଦିନୀ ଉପରେ ଠିଆହେଇ ସାରିଥିଲେ । ସେ କହୁଥିଲେ - ରାୟବାବୁଙ୍କର ପିଲାଳିଆମି ଆଚରଣ ।

"ମୋ ନାଗ ଆମରି ଗାଁରେ ରହିଲା । ଭଲହେଲା । ସମସ୍ତେ ଦୂରକୁ ପଳାଅ । ନାଗ ଯୁଆଡୁ ଆସିଥିଲା ସିଆଡେ ପଳେଇବ ।" - ଶ୍ରୀମତୀ ଶରଣ ଶାଢୀକୁ ଦୁଇହାତରେ ଫୁଟେଖଣ୍ଡେ ଉଠେଇ ପଛେଇଗଲେ । ସତେବା ନାଗକୁ ବାଟଛାଡି ଦଉଚନ୍ତି ।

"ପଳେଇବ ? ସେ ତୁମକୁ ଚିହ୍ନିଚି, ତୁମ ଘରେ ନପଶିପାରେ । ଯଦି ଆଉ କାହା ଘରେ ପଶେ ! ରାୟ ବାବୁ ପ୍ଲିଜ୍ .... ପ୍ଲିଜ୍ .... କିଛି ଗୋଟେ କର ।" - କହିଲେ ଶ୍ରୀମତୀ ମହାନ୍ତି । ସେ ତେବେ ବି ବିବେକ ରାୟଙ୍କ ପାଖ ଛାଡିନଥିଲେ ।

ସାପ ଆଗଉଥିଲା, ରହିଯାଉଥିଲା, ପୁଣି ଆଗଉଥିଲା । କିନ୍ତୁ ତା' ଗତିରେ ଜୋସ୍ ନଥିଲା ।

ହାଫ୍‌ପେଣ୍ଟ ପିନ୍ଧା ବିବେକ ରାୟ ଥିଲେ ନିଶ୍ଚୁପ । କ'ଣ କରିବେ ବୋଧେ ଭାବିହଉଥିଲେ ।

ହଠାତ୍ । ଦୂରେଇଯାଇଥିବା ଦେଖଣାହାରୀଙ୍କ ଆଖି ବିସ୍ଫାରିତ ହୋଇଗଲା । ରୁହ ରୁହ ରାୟବାବୁ ..... ସେମିତି କରନା ! କେତେଜଣଙ୍କର ଆକଟ ଶୁଭିଲା ।

ଫୁଲତୋଳା ଆଙ୍କୁଡିଟି ସେ ଉଠେଇଲେ ତଳୁ । ଆଗେଇଗଲେ ସାପ ପାଖକୁ । ଦୂରେଇକି ସାପର ବେକ ଉପରେ ଆଙ୍କୁଡି ଜାବିଧରିବା ସହିତ ଏକାସାଙ୍ଗରେ ସାପର ଲାଙ୍ଗୁଡକୁ ବାଁ ହାତରେ ଟେକିଧରିଲେ । ଦେଖି ଦେଖି ସାପ ଝୁଲିରହିଲା, ଯେମିତି ସାପଧରାଳିର ହାତରୁ ଝୁଲୁଥିଲା ।

ବିବେକରାୟଙ୍କ ହାତରୁ ଝୁଲୁଚି ସାପ ।

ଦେଖରାହାରୀ ସ୍ତମ୍ଭୀତ ।

କେଉଁଠି ଗୋପନ ରହିଥିଲା ରାୟବାବୁଙ୍କଠାରେ ଏତେ ସାହସ ?

ପୂର୍ବ ଅଭିଜ୍ଞତା ତାଙ୍କର ଥିଲା କି ?

"ଆମ ରାୟବାବୁଙ୍କୁ ଦେଖ । ତାଙ୍କୁ ମୋ ନାଗ ଚିହ୍ନିଚି । ବାଃ !" - ଛୋଟିଆ ତାଳିଟିଏ ମାରିଲେ ଶ୍ରୀମତୀ ଶରଣ ।

"ଆମ ରାୟବାବୁଙ୍କୁ ମାନିବାକୁ ହେବ । ତାଙ୍କୁ ଧନ୍ୟବାଦ ।" - ଆଖି ଉଜ୍ଜ୍ୱଳି ଉଠୁଥିଲା ଶ୍ରୀମତୀ ମହାନ୍ତିଙ୍କର ।

ନାଗ ପ୍ରାୟ ନିସ୍ତେଜ । ରହି ରହି ଫଣା ମେଲୁଥାଏ ଓ ମୁହଁ ଗୋଜାଉଥାଏ । ଆହାଃ ବିଚରା !

"ବାଟ ଛାଡ ।" - କହିଲେ ବିବେକ ରାୟ । ସେ ଚାଲିବାକୁ ଆରମ୍ଭକଲେ କଲୋନୀର ଶେଷମୁଣ୍ଡ ଅରମା ପରତ୍ୟକ୍ତ ଜାଗା ଆଡେ । ପଛରେ ଚାଲିଲେ ଦେଖଣାହାରୀ ନିରାପଦ ଦୂରତାରେ ।

"ସାପ ଧରାଳି ଦେଖାହୁଅନ୍ତା କି ଚଟକଣିଟିଏ ଦିଅନ୍ତି । ସେ ଆମ ରାୟବାବୁଙ୍କୁ ଅପମାନଦେଲା ।" - ବଡପାଟିରେ କହୁଥିଲେ ଶ୍ରୀମତୀ ଶରଣ ।

"ହାତରେ ସାପ ନଥିଲେ .... ନଥିଲେ .... ନଥିଲେ ମୁଁ ରାୟବାବୁଙ୍କୁ ଗେହ୍ଲାକରିପକାନ୍ତି ।" - କହିଲେ ଶ୍ରୀମତୀ ମହାନ୍ତି ।

ମିଷ୍ଟର ଚଟାର୍ଜୀ କହୁଥିବାର ଶୁଣାଗଲା - ନାଗଟାକୁ ମାରିଦେବାକୁ ମୁଁ ଯୋଉ କହିଥିଲି ତାହା ଭୁଲଥିଲା । ଆଉ ସେପରି ଭୁଲହେବ ନାହିଁ । ଏଇ ସାପ ପୃଥିବୀର ସୁଧାରତମ ସାପ ।

ମିଷ୍ଟର ଦାସମହାପାତ୍ର ଖଲେଇ ଖଲେଇ ଚାଲୁ ଚାଲୁ କହିଲେ - କୌଣସି ସାପ ଡେଞ୍ଜର ନୁହଁ, ଆଘାତ ପାଇଲେ ସେ ରେଟମାରେ । ଏକବାରେ ସତକଥା, ସାପ ପରିବେଶ ସନ୍ତୁଳନରେ ସାହାଯ୍ୟକରେ । ନାଗୁଣୀ ନାହିଁ । ବୋଧେ ପୂର୍ବରୁ ଖସିଯାଇଚି ।

ଅରମା ଭିତରକୁ ଏକଲା ପଶିଲେ ବିବେକରାୟ । ଏବଂ ଗୋଟେ ଠିକଣା ଜାଗାଦେଖି ସାପଟିକୁ ଖସେଇଦେଲେ ଓ ସହସା ସରିଆସିଲେ ।

କାହାପାଟିରେ କଥା ନଥିଲା । ସମସ୍ତେ ଯେଝା ଘରକୁ ଗଲେ । ଫାଟକ ଖୋଲିବା ପୂର୍ବରୁ ଶ୍ରୀମତୀ ଶରଣ ଆପକୁ ଆପ କହୁଥିଲେ - ଠିକ୍ ହେଲା । ଆମ ନାଗ ଆମ କଲେନୀରେ ରହିଲା ।

## (ଦୁଇ)

ପରଦିନ ଝଟ୍‌ଝଟିଆ ଭୋ'ର । ମଧୁରିଆ ଶୀତ ଅନୁଭୂତ ହେଉଥିଲା । ବେଶ୍ ଶାନ୍ତ ଏବଂ ନିରୋଳା ଥିଲା କଲୋନୀର ରାସ୍ତା । ଦୁଇପଟର ଉଞ୍ଚା କୋଠାଗୁଡିକ ନିଦରୁ ନଉଠିଲା ପରି ମନେହେଉଥିଲେ ।

ବିବେକ ରାୟଙ୍କ ଫାଟକ ଖୋଲିବାର ଶବ୍ଦହେଲା । ବାହାରହେଲେ ବିବେକରାୟ । ତାଙ୍କ ଦେହରେ ପ୍ରାତଃଭ୍ରମଣର ପୋଷାକି । ସେ କେଭେଁ ବି ଭାବିନଥିବେ, ତାଙ୍କ ବାହାରିବାକୁ କେହିଜଣେ ଅପେକ୍ଷା କରିଛି ।

ହଁ, ଜଣେ ଅପେକ୍ଷା କରିଥିଲା । ତାଙ୍କୁ ଜଣା, ତାଙ୍କ ଘର ଆଗଦେଇ ବିବେକରାୟ ମର୍ଣ୍ଣିଂଓ୍ଵାକ୍‌ରେ ଯାଆନ୍ତି । ଏବଂ ଫେରନ୍ତି । ସେ ହୁଏତ ଫୁଲତୋଳିବା ଆଳରେ ଅପେକ୍ଷାକରୁଥିଲେ ତାଙ୍କୁ । ପ୍ରକୃତରେ ଅପେକ୍ଷାକରୁଥିଲେ କି ସଂଯୋଗକ୍ରମେ ଦେଖାହେଇଗଲା ନିଶ୍ଚିତ କରି କହିବା କଠିନ । ତେବେ ଘଟନାକ୍ରମ ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନକଲେ ଜଣାଯିବ ସେ ଅପେକ୍ଷାରେ ଥିଲେ ।

"ରାୟ ବାବୁ!" - ଗେହ୍ଲେଇହେବା ଗଳାରେ ଡାକିଲେ ଶ୍ରୀମତୀ ଶରଣ ।

ଅନ୍ୟକେହି ଶୁଣିବାକୁ ବା ଦେଖିବାକୁ ନଥିଲେ ।

ପଦପାତକୁ ଦ୍ରୁତକରୁଥିବା ବିବେକରାୟ ଅଟକିଲେ ।

ପାଖକୁ ଲାଗିଆସିଲେ ଶ୍ରୀମତୀ ଶରଣ ।

ଉଭୟଙ୍କ କଥାବାର୍ତ୍ତାରେ କି କି ବିଷୟ ସ୍ଥାନପାଇଲା କହିବା କଠିନ । କାରଣ ଚୁପି ଚୁପି କଥା ହେବାର ସୂଚନା ମିଳୁଥିଲା ଉଭୟଙ୍କ ଭାବଭଙ୍ଗୀରୁ ।

କଲୋନୀ ରାସ୍ତା ତ ନିରୋଳା ଥିଲା, ଶୁଣିଥାନ୍ତା ବା କିଏ ! ଆଠ ପୂର୍ବରୁ କିଏ ଉଠେକି !

କିନ୍ତୁ ଜଣେ ଶୁଣିପକେଇବା ମସୁଧାରେ ଥିଲା । ହେଲେ ଶୁଣିପାରୁନଥିଲା । ସେ କାହିଁକି ଶୁଣିପକେଇବାକୁ ଉଦ୍‌ଗ୍ରୀବ ଥିଲା ଏବଂ ଠିକ୍ ସେହି ସମୟରେ ଦୂରେଇକି ଉପସ୍ଥିତଥିଲା ତାହା ମଧ୍ୟ ଏକ ରହସ୍ୟ । ହେଇପାରେ ଏକ ସଂଯୋଗ ।

ରାସ୍ତା ମଝିଟାରେ ବିବେକରାୟ ଓ ଶ୍ରୀମତୀ ଶରଣଙ୍କ ମଧ୍ୟରେ ବାର୍ତ୍ତାଳାପ ଅବ୍ୟାହତ ଥିଲା । ମାତ୍ର ଚାରିମିନିଟ୍‌ର କଥା । କିନ୍ତୁ ସେହି ତୃତୀୟ ବ୍ୟକ୍ତିବିଶେଷଙ୍କୁ ତାହା ଚାରିଘଣ୍ଟା ଭଳି ଲାଗୁଥିଲା । ସେ କ୍ରମଶଃ ଖପ୍‌ପା ହୋଇ ଉଠୁଥିଲେ ଶ୍ରୀମତୀ ଶରଣଙ୍କ ଉପରେ । ବିବେକ ରାୟଙ୍କ ଉପରେ । ସାରା ପୃଥିବୀ ଉପରେ ।

କଥା ହେଲା, ଚାରୋଟି ଘର ଛଡାରେ ଯେଉଁ ନାଲିଆକୋଠା, ତା'ର ଉପର ବାଲକୋନୀରେ ଠିଆହୋଇଥିଲେ ଶ୍ରୀମତୀ ମହାନ୍ତି । ଗଲାକାଲି ସକାଳେ ନାଗସାପ ଧରାହେବା ଘଟନା ପରଠୁ ସେ ଶ୍ରୀମତୀ ଶରଣଙ୍କ ଉପରେ ଅସୁଖୀଥିଲେ ।

ତାଙ୍କରି ଆଖି ଆଗରେ ଯେମିତି କଥାବାର୍ତ୍ତା ଆରମ୍ଭ ହେଇଥିଲା, ସେମିତି ଶେଷହେଲା । ବିବେକ ରାୟ ଦ୍ରୁତପଦରେ ଚାଲିବାକୁ ଆରମ୍ଭକଲେ । ଏବଂ ଶ୍ରୀମତୀ ଶରଣ ଫେରିଗଲେ ଅସଂପୂର୍ଣ୍ଣ ଥିବା ଫୁଲତୋଳା କାମକୁ ।

ଅନ୍ଦାଜ ଘଣ୍ଟେ ପରେ । କଲୋନୀ ରାସ୍ତାରେ ମଣିଷ ଗତାଗତକଲେଣି । କ୍ଷୀର ବିକାଳି ଓ ଖବରକାଗଜବାଲା କ୍ଷୀପ୍ରତାସହ ସାଇକେଲ ଚଳେଇ ଚାଲିଯାଉଛନ୍ତି । କେହି କେହି ସଜପରିବା ବା ମାଛ କିଣିବାକୁ ଯିବାପାଇଁ ବାଇକ୍ ଷ୍ଟାର୍ଟ କରୁଛନ୍ତି ଅଥବା ଛୁଟିଯାଉଚନ୍ତି । ଏବଂ ମର୍ଣ୍ଣିଂଓ୍ୱାକ୍‌ରୁ ଜଣେ ଜଣେ ଫେରୁଛନ୍ତି ।

ମର୍ଣ୍ଣିଂଓ୍ୱାକ୍‌ରୁ ଫେରୁଥିଲେ ବିବେକରାୟ ।

"ଶୁଣନ୍ତୁ ରାୟବାବୁ !" ମେଲା ଫାଟକ ପାଖରେ ଠିଆହୋଇ ଅଳିକଲା କରି ସ୍ୱରରେ ଡାକିଲେ ଶ୍ରୀମତୀ ମହାନ୍ତି ।

ବିବେକରାୟ ଅଟକିଲେ ଏବଂ ଫାଟକପାଖକୁ ଲାଗିଆସିଲେ ।

ରାୟବାବୁ ..... ! କାନ୍ଦି ପକେଇବାର ସମସ୍ତ ଲକ୍ଷଣ ପ୍ରକାଶ ପାଇଲା ଶ୍ରୀମତୀ ମହାନ୍ତିଙ୍କ ମୁହଁରେ ।

– କ’ଣ କୁହନ୍ତୁ ।

“କହିବି ? କ’ଣ କହିବି ! ହଁ କହିବି । ତୁମେ ଆଗେ ମତେ ଛୁଇଁ କହିଲ ଯାହା କହିବ ସତ କହିବ !”

କହିଲେ ଶ୍ରୀମତୀ ମହାନ୍ତି ।

ବିବେକରାୟ ମୁହୂର୍ତ୍ତେ ଭାବିଲେ, ଶ୍ରୀମତୀ ମହାନ୍ତିଙ୍କୁ ଛୁଇଁବା ଠିକ୍ ହେବ ନା ନାଇଁ । ତାଙ୍କର ଦୋଦୋ ପାଞ୍ଚ ଭାବ ଦେଖି ଶ୍ରୀମତୀ ମହାନ୍ତି ନିଜକୁ ସମ୍ଭାଳିପାରିଲେ ନାହିଁ । ସେ ରାୟବାବୁଙ୍କ ହାତକୁ ବାଁ ହାତରେ ଟାଣିଆଣି ନିଜର ଡାହାଣ ହାତଉପରେ ରଖିଲେ । ଏବଂ କହିଲେ – ମୁଁ ଠିକ୍ ଅନୁମାନ କରିଥିଲି ତୁମେ ଛୁଇଁବ ନାହିଁ ।

– ନାଇଁ ମ ସେମିତି କଥାନୁହଁ । ଛୁଇଁବି ନାହିଁ କାହିଁକି !

ହେଲା ଛୁଇଁଲି, ଏବେ କୁହ ।

: କାଲି ସାପ ଧରାଯିବା ପୂର୍ବରୁ ଶ୍ରୀମତୀ ଶରଣ ମତେ ଆକ୍ଷେପ କରି ଅନେକ କଥା କହିଥିଲେ । ତୁମେ ସହିଥିଲ କିପରି ? ଏବଂ ସାପକୁ ତାଙ୍କର ନାଗ ବୋଲି କହୁଥିଲେ । ଏକଥା ମନେଅଛି ନା ନାହିଁ !

ନୀରବ ରହିଲେ ବିବେକ ରାୟ । ପ୍ରକୃତପକ୍ଷେ ସେ ମୋବାଇଲରେ ଭିଡିଓ ସୁଟିଂ କରିବାରେ ବ୍ୟସ୍ତଥିଲେ । ପ୍ରାୟତଃ ସେ କିଛି ଶୁଣିନଥିଲେ । ଫଳତଃ ସେ ବୋକାଟାଏ ପରି ଚାହିଁଲେ ଶ୍ରୀମତୀ ମହାନ୍ତିଙ୍କ ମୁହଁକୁ । ଯାହାକୁ ଶ୍ରୀମତୀ ମହାନ୍ତି ହଁ ବୋଲି ଧରିନେଲେ ।

କହିଲେ, “ସତକଥା କହିବି ? କହିବି ? ଶ୍ରୀମତୀ ଶରଣ ନିଜେ ଜଣେ ନାଗୁଣୀ । ନାଗ ତ କାହାକୁ ଚ୍ଛେଟ ମାରିଲା ନାହିଁ, ନାଗୁଣୀ କିନ୍ତୁ ଚ୍ଛେଟ ମାରିବ ।”

ମୃଦୁ ଭାବେ ହସିଲେ ବିବେକରାୟ । କହିଲେ, “ସେ କାହାକୁ ଚ୍ଛେଟ ମାରିବେ ? ମତେ ?

“ଆଉ କାହାକୁ ? ସେ ଆପଣଙ୍କୁ ଘରକୁ ଡାକିନାହିଁ ? ଦେଖନ୍ତୁ, ଭୁଲରେ ସୁଦ୍ଧା ଯିବେନାହିଁ । ମୋ ରାଣ ଯିବେ ନାହିଁ । ତା’ର ସ୍ୱାମୀ ବାହାରେ । ସେ ଏକଲା ରହୁଛି । କ’ଣ କହୁଥିଲି କି ସେ ସ୍ତ୍ରୀ ଲୋକଟା …… ଛାଡ, ପରନିନ୍ଦା କରିବା ଠିକ୍‌ନୁହଁ । ରାୟବାବୁ, ଆପଣ ଯାଆନ୍ତୁ ବଦଳା ବଦଳି କରିବେ । ଆସନ୍ତୁ, ଆମେ ଚାହା ପିଇବା । ଆସିବେ ପ୍ଲିଜ୍ ।” – ଉତ୍ତରକୁ ଅପେକ୍ଷାନକରି ଫେରିଗଲେ ଶ୍ରୀମତୀ ମହାନ୍ତି ।

ବିବେକ ରାୟ ଘରେ ପଶୁ ପଶୁ ଆପକୁ ଆପ କହୁଥିଲେ ଗୋଟିଏ ନୁହଁ, ଯୋଡିଏ ନାଗୁଣୀ କଲୋନୀରେ ରହିଯାଇଚନ୍ତି । ବାହାର କରିବା ଅସମ୍ଭବ ।

# ପିତୃଲୋକ

(ଏକ)

ଦୀର୍ଘ ଛଅବର୍ଷ ପରେ ଅଚାନକ୍ ମୋର ମରିଯାଇଯାଇଥିବା ବାପାଙ୍କ ସହ ଯେ ଦେଖାହେବ, ଏକଥା ମୁଁ କଳ୍ପନାରେ ବି ଭାବିନଥିଲି । କିନ୍ତୁ ଇଏ କ'ଣ ! ବାପା ଯେ ଚଙ୍ଗା ଦିଶୁଚନ୍ତି ।

ଛଅ ବର୍ଷ ତଳେ ଶ୍ରାବଣମାସର ଗୋଟେ ଶନିବାର ସକାଳ ନଅଟା ପଇଁତିରିଶରେ ବାପାଙ୍କର ଦେହାନ୍ତ ହୋଇଥିଲା । ବୟସ ସେତେବେଳେ ତାଙ୍କୁ ଚଉରାନବେ । ହାତ ଗୋଡ଼ କାଠି ପରି ହେଇଯାଇଥିଲା । ମୁଣ୍ଡ ଏତେ ପାତେଇ ଯାଇଥିଲା ଯେ ଗୋଲମୁହଁଟା ଦିଶୁଥିଲା ନୋଳେ ବୋଇତିକଖାରୁ ଭଳି । ଏବଂ ଆଖି ଗାଲ ପାଟି ...... ସବୁ ଖୋପ ଖୋପ ପରିକା ।

କିନ୍ତୁ ଏବେ ? ଏବେ ଦିଶୁଚନ୍ତି ବେଶ୍ ଚଙ୍ଗା ଓ ଉଜ୍ଜ୍ୱଳ । ଆଖି ଦୁଇଟା ମେଞ୍ଚେଗୁଡ଼େ ପଚାରିଲା ଭଳି ।

ପଚାରୁନା ବାପା ଯାହା ପଚାରିବା କଥା !

ସତରେ ଦେଖୁଚି ନା ନାଇଁ ମୁଁ ଆଖି ମଳିଲି ଓ ପୁନରାୟ ଚାହିଁଲି । ହଁ ବାପା ବସିଥିଲେ ଆଉ କେତେଜଣଙ୍କ ମେଳରେ । ଗୋଟେ ନଈକୂଳରେ । ପତଳା କୁହୁଡି ବା ଧୂଆଁ ନଈ ସମେତ ସମଗ୍ର ଇଲାକାଟାକୁ ଝାପ୍‌ସା ଝାପ୍‌ସା କରିଦେଇଥିଲା । ତଥାପି ବାପାଙ୍କୁ ମୁଁ ଚିହ୍ନିଦେଲି ।

ହାଃ ହାଃ ... ମୋ ବାପାଙ୍କୁ ମୁଁ ଚିହ୍ନିପାରିବି ନାଇଁ !

ବାପା କିନ୍ତୁ ମତେ ଦେଖୁଥିଲେ ବି କିଛି ପଚାରୁନଥିଲେ । କେବଳ ବାଲୁବାଲୁ କରି ଚାହିଁଥିଲେ । ତାଙ୍କ ସାଙ୍ଗରେ ଆଉ ଯେଉଁ କେତେଜଣ ବସିଥିଲେ ସେମାନେ ହୁଏତ କିଛି କହୁଥିଲେ ବାପାଙ୍କୁ । ଯାହା ହାଉଆ ସହ ମିଶି ହାଉଆ ହେଇ ଉଡିଯାଉଥିଲା । ମତେ ଶୁଭୁନଥିଲା । ଏଇ ନଈକୂଳେ ଜମାଣିଆ ପବନ ।

ମାତ୍ର ପଚାଶ ଷାଠିଏ ହାତ ଦୂରରେ ବାପା । ବେଳେବେଳେ ଆମର ମଧ୍ୟବର୍ତ୍ତୀ ସ୍ଥାନରେ କୁହୁଡ଼ି ବା ଧୂଆଁ ବହଳ ହେଉଥିଲା । ଫଳତଃ କେହି ଦୃଶ୍ୟ ହେଉନଥିଲେ । ପାତଳ ହୁଅନ୍ତେ ପୁଣି ଦୃଶ୍ୟ ହେଉଥିଲେ ।

ହଁ, ସିଏ ମୋ ବାପା ! ବସିଚନ୍ତି ନଈକୂଳରେ ।

ମରିଯାଇଥିବା ମଣିଷଙ୍କୁ ଦେଖି ପକେଇଲେ ଅବଶ୍ୟ ଡରଲାଗିବା କଥା । ଛଅବର୍ଷ ତଳ ହେଇଥିଲେ ବାପାଙ୍କୁ ସଶରୀରେ ଦେଖି ମାଟି କାମୁଡ଼ି ପଡିଯାଇଥାନ୍ତି । ଦାନ୍ତ ପଡିଯାଇଥାନ୍ତା ଯେ

ଝିଲିକାତିରେ ଖୋଲା ହୋଇଥାନ୍ତା । ବା ଜର ଭୋଗିଥାନ୍ତି ବା ବାଉଳୁଚି ହେଇଥାନ୍ତି ବା ଗୁଣିଆ ଡକା ହେଇଥାନ୍ତା ବା ...... । ମାତ୍ର ଅବିକା ଖୁସି ଲାଗୁଚି । ମୋ ବାପା ! ମଲାବେଳର ହାଡ଼ମାଳ ଦିହ ନାହିଁ । ବାଃ ଚମତ୍କାର !

ବାପା ତାଙ୍କ ଯୁଆନ ବୟସରେ କଲିକତା ସଫର କରୁଥିଲେ । କଲିକତା ଫେରନ୍ତା ବାପା ନୀଳଦିଆ ଧୋତି ଓ ପାକଲା ଗାମୁଛାରେ ଭାରି ତୋରା ଦିଶୁଥିଲେ । ସେହି ବେଳର ଚେହେରା ଅବିକା ତାଙ୍କଠାରେ ଝଟକୁଚି । କେବଳ ଯାହା ମୁହଁ ଖୋଲି ପଦେ କଥା କହୁନାହାଁନ୍ତି ।

କାହିଁକି କଥା କହୁନାହାଁନ୍ତି ?

କିଛି ଦୋଷ କରିଥିଲି କି ?

ନାଇଁ ତ କିଛି କରିଥିବାର ମନେପଡୁନି ! ଶୁଦ୍ଧି ଶ୍ରାଦ୍ଧ ଠିକ୍ ଠାକ୍ କରିଥିଲୁ । ପୁଷ୍କୁରା ଲାଗିଥିଲା ଯେ ରାତି ଅନିଦ୍ରା ହୋଇ ପୁଷ୍କରପୁରୁଷଙ୍କୁ ନେହୁରା ହୋଇ ବିଦା କରିଥିଲୁ । ଜୀବନରେ କେଉଁଦେ ତାଙ୍କୁ ଟାଣ କଥା ପଦେ କହିନାହିଁ । ହଁ ଗୋଟେ ଅପରାଧ ହୋଇଛି ଅବଶ୍ୟ । ତାହାହେଲା, ପଡ଼ନ୍ତକାଳରେ ତାଙ୍କର ସେବା ମୁଁ ନିଜେ କରିପାରିନି । କେମିତି କରିଥାନ୍ତି ! ମୁଁ ରହିଲି ଚାକିରି ଜାଗାରେ, ସେ ଗାଁ ଘରେ । ଭାଇ ଓ ଭାଇବୋହୂ ଠିକ୍ ସେବା କରିଥିବାର ଖବର ରଖୁଥିଲି । ଏବଂ ଆବଶ୍ୟକୀୟ ନିର୍ଦ୍ଦେଶ ମଧ୍ୟ ଦେଇଥିଲି । ତେବେ ?

ତେବେ କାହିଁକି କିଛି ପଚାରୁନାହାଁନ୍ତି ବାପା ! ଅନ୍ୟମାନଙ୍କ ସହ ବସି ଗପୁଚନ୍ତି ଅଥଚ .....

ପାତଳ କୁହୁଡି ବା ଧୂଆଁ ଘୋଟପାଟ କରିଥିଲେ ମଧ୍ୟ ଦେଖିପାରିଲି ତାଙ୍କ ସାଙ୍ଗମାନେ ମଧ୍ୟ ଚଙ୍ଗା ଦିଶୁଚନ୍ତି । ସମସ୍ତିଙ୍କ ଦିହରୁ ଗୋଟେ ପ୍ରକାର ଆଲୁଅ ବାହାରିଲା ପରି ଜଣାପଡୁଛି । ମଲାପରେ ସେଇଆ ହୁଏ କି କ'ଣ ! କିନ୍ତୁ ତୁମେ ସବୁ ନଈକୂଳେ ପଙ୍ଗତ କଲାପରି ବସିଛ କାହିଁକି ! !

ନା, ସେମିତି ହବନି । ମତେ ଆଗ କଥା କହିବାକୁ ପଡିବ । କାଳେ ମତେ ଚିହ୍ନିପାରୁନଥିବେ । ଛଅ ବର୍ଷ ବିତିଗଲାଣିଟି ! ବଡ଼ ପାଟିରେ ଡାକିଲି - ବାପା !

ଡାକିବା ପରେ ମୋର ମନେହେଲା, ମୋ ଡାକଟା ତାଙ୍କୁ ଶୁଭିଲା ନାହିଁ । କାହିଁକି ନା, ସେମାନଙ୍କ କଥାବାର୍ତ୍ତାକୁ ଯେମିତି ପବନ ଉଡେଇ ନେଉଥିଲା ମୋ ଡାକକୁ ସେମିତି ଉଡେଇ ନେଇଛି । ନଈ କୂଳିଆ ପବନ ଏତିକି ଫାଜିଲ୍ !

ବୈତରଣୀ ନଈକୂଳିଆ ଆମଘର । ଦେଖିଛି ନଈକୂଳେ ପବନ ଘାଉଁ ଘାଉଁ ପିଟେ । ପିନ୍ଧାଲୁଗାକୁ ଅସମ୍ଭାଳ କରିପକାଏ । ନଈପାରି ହେବାକୁ ଯାଉଥିବା ମାଇପିମାନେ ପବନ ଦାଉ ସମ୍ଭାଳି ନପାରି

ଅପଦସ୍ତ ହେଉଥିବାର ଦେଖିଛି । କିନ୍ତୁ ଆମେ ଦେଖଣାହାରୀଙ୍କର ଭାରି ମଜା । ଠିକ୍ ମୁହୂର୍ତ୍ତକୁ ଅପେକ୍ଷାକରିଥାଉ । କେହି କେହି ବେଖାପ ଟିପ୍ପଣୀ ଦେଇ ପରିବେଶକୁ ଉଷୁମ୍ କରି ଦିଅନ୍ତି ।

ମନେ ଅଛି ଥରେ ଜଣେ ଯୁଆନ ସ୍ତ୍ରୀଲୋକ ମତେ ଅକ୍ଷଣ୍ଡକ୍ଷଣ୍ଡ ବକିଥିଲା । କହିଥିଲା - ଯାଉନୁ ଘରେ ଦେଖିବୁ । ଚାଲିଆସିଲା ରାଣ୍ଡୁଆ ନଈକୂଳକୁ । ବାପା ମାଆଙ୍କର ତୋର ଠିକ୍ ଠିକଣା ନାହିଁ କି ବେ !

ଊଁ ଚୁଁ ନକହି ମୁଁ ସୂତା ମାରିଲା ପରି ସରିଆସିଥିଲି ।

ଛାଡ଼ ସେ ଗଲା କଥା । ଏବେ କରିବି କ'ଣ ! ବାପା ସତରେ ମତେ ଚିହ୍ନିପାରୁନାହାଁନ୍ତି ନା କ'ଣ ? ଛଅବର୍ଷର କଥା ହେଲାଣିଟି ! ସେଇଠୁ ଠିକ୍ କଲି, ନିଜେ ତାଙ୍କ ପାଖକୁ ଯିବି ଓ ଚିହ୍ନାଦେବି । ସେ ଖୁସିହେବେ ନିଶ୍ଚୟ । ଯେତେହେଲେ ମୁଁ ବଡ଼ ପୁଅ ତ !

ସେଇଠୁ ଗୋଟେ ପାଦ ଉଠେଇଲି ତାଙ୍କ ପାଖକୁ ଯିବାପାଇଁ । କିନ୍ତୁ ଇଏ କ'ଣ ! ଗୋଡ ଯଦିବା ଉଠିଲା, ପଛରୁ ମୁଣ୍ଡକୁ ରସିଟେ ଟାଣିଧରିଲା ଭଳି ଲାଗିଲା । ଆଉ ଯିବି କ'ଣ ! ବାଁ ହାତରେ ମୁଣ୍ଡର ପଛପଟକୁ ଅଣ୍ଡାଳିଲି । କାହିଁ ରସିଫସି କିଛି ନାହିଁ । ନାହିଁତ ମୁଣ୍ଡ ଆଗକୁ ଝୁଙ୍କି ହେଉନାହିଁ କାହିଁକି ! କ'ଣ ଅଦୃଶ୍ୟ ରସି ବା ସୂକ୍ଷ୍ମରଜ୍ଜୁ ମୋ ମୁଣ୍ଡସହ ବନ୍ଧା ? କିଏ ବାନ୍ଧିଲା ? ମୋ ରାଗ ପଞ୍ଚମକୁ ଉଠିଲା । ମୁଁ କୁଦିହେଲି । କୁଦିହେଇ ସେହି ସୂକ୍ଷ୍ମରଜ୍ଜୁ ଛିଡ଼େଇ ଦେବାକୁ ଚେଷ୍ଟାକଲି ।

ତେଣେ ମୋ ବାପା ଓ ଅନ୍ୟମାନେ କ'ଣ ସବୁ ଚୁପି ଚୁପି କଥା ହଉଥାନ୍ତି । କ'ଣ କଥାହେଉଚ ? ମୁଁ ବନ୍ଧାହେଇଚି, ତୁମ ମନରେ ଦୟା ଆସୁନି !

ପୁଣି ଡାକଛାଡ଼ିଲି - ବାପା ! ମୁଁ ତୁମର ବଡ଼ ପୁଅ ବିଶୁଆ । ସାର୍ଟିଫିକେଟ୍ ନାମ ବିଶ୍ୱନାଥ ମହାପାତ୍ର । ମୋ ମୁଣ୍ଡକୁ କିଏ ବାନ୍ଧି ପଛକୁ ଟାଣୁଚି । ଆଗକୁ ବଢିବାକୁ ଦେଉନି । ଆସ ବାପା, ରଜ୍ଜୁଟିକୁ ଖୋଲିଦିଅ । ତୁମ ବଡ଼ ପୁଅ ବନ୍ଧା ହେଇଚି, ତୁମେ ଧୈର୍ଯ୍ୟ ଧରିଚ କେମିତି !

ମୁଁ କାନ୍ଦୁଣୁମାନ୍ଦୁଣୁ ହେଲି । କିନ୍ତୁ ବାପା ଓ ତାଙ୍କ ସାଙ୍ଗମାନଙ୍କଠାରେ ଭାବାନ୍ତର ସୃଷ୍ଟିହେଲା ନାହିଁ । ସେଇଠୁ ନିଶ୍ଚିତ ହେଲି ମୋର ପଦେ କଥା ବି ସେମାନଙ୍କୁ ଶୁଭିନାହିଁ । ସେଇ ଫାଜିଲ୍ ପବନର ଭିଆଣ ସବୁ ।

କ'ଣ କରିବି ଏବେ ? ଏହିପରି ଭାବିତ ହେଉଛି ତ ମୋ ଆଖିରେ ଇମିତି ଦୃଶ୍ୟଟେ ପଡ଼ିଲା ଯେ ମୋର ପାସୋର ହେଇଗଲା ବାପାଙ୍କ ଉପସ୍ଥିତି ଓ ମୁଁ ବନ୍ଧା ହୋଇଥିବା ପ୍ରସଙ୍ଗ । ଆହାଃ, କି ଦୁଃଖଦ ଦୃଶ୍ୟ !

ଭରାନଈ ଭିତରେ ଉବୁଟୁବୁ ହେଉଥିଲେ କେତେଜଣ । ବୁଡୁଥିଲେ, ଉଠୁଥିଲେ, ପହଁରିବାକୁ ଚେଷ୍ଟାକରୁଥିଲେ କିନ୍ତୁ ପାରୁନଥିଲେ । ଆରେ ମରିଯିବେରେ! ନିଶ୍ଚିତ ହେଇଗଲି ଆର କୂଳରେ ପହଞ୍ଚିପାରିବେନି ଏମାନେ!

ମତେ ଲାଗିଲା ଏଇଟି ଆମରି ବୈତରଣୀ । କିନ୍ତୁ ବୈତରଣୀରେ ପୋଲ ହେଇଗଲାଣି । ଏଠି ପୋଲ କାହିଁ! ହେଇଥିବ ବେଘାଟ! ତୁମେ ବେକୁବ୍ ପୋଲବାଟେ ନଯାଇଁ ବେଘାଟରେ ଯାଉଥିଲ କାହିଁକି? ଟିକେ ବୁଲାଣି ପଡିଥାନ୍ତା ଅବଶ୍ୟ । ନଇରେ ପୋଲ ଥାଉ ଥାଉ ତୁମେ ପହଁରି ପାରିହେବାକୁ ସାହସକଲ କେମିତି? ମର ଏବେ!

ବୈତରଣୀ ନଈରେ ୨୦୦୪ ମସିହାରେ ଘଟିଥିଲା ଏକ ଦୁଃଖାବହ ଘଟନା । ବର୍ଷାଦିନ । ଦୁଇକୂଳ ଉଛୁଳୁ ମୁଛୁଳୁ । ସେତେବେଳେ ଡଙ୍ଗା ଥିଲା ଭରସା । ଅପର ପଟରୁ ଆସୁଥିଲେ ଡଙ୍ଗାଭର୍ତ୍ତି ଲୋକ । ବଜାରକୁ । ମଝି ନଈରେ ବୁଡ଼ିଗଲା ଡଙ୍ଗା । ଗାଏମୋଟ ୨୪ଜଣ ପାଣିରେ ବୁଡ଼ିମଲେ ।

ସେତେବେଳେ ଏପଟ ନଈ ବଂଧରେ ଠିଆହୋଇ ଅନ୍ୟମାନଙ୍କ ଗହଣରେ ଦେଖିଥିଲି ସେହି ହୃଦୟ ବିଦାରକ ଦୃଶ୍ୟ । ଦୁଇ କୂଳରେ ହାଉଳିମାଉଳି । ନଈଭିତରେ ଆର୍ତ୍ତଚିତ୍କାର । କିନ୍ତୁ କିଛି ଉପାୟନାହିଁ । ଆମ ଆଖି ଆଗରେ ମଣିଷଗୁଡ଼ା ବୁଡ଼ି ମରିଗଲେ ।

ସେହି ଦୁର୍ଘଟନା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନେ ଘଟନା ସ୍ଥଳରେ ପହଞ୍ଚିଲେ । ଉପସ୍ଥିତ ଜନତାଙ୍କ ସମ୍ମୁଖରେ ଘୋଷଣା କଲେ, ଏହି ସ୍ଥାନରେ ପକ୍କା ପୋଲଟିଏ ତୟାରହେବ । ଯେଉଁମାନେ ସେଦିନ କାନ୍ଦିଥିଲେ ସେମାନେ ତାଳିମାରି ସମର୍ଥନ କରିଥିଲେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ । ମୁଁ ମଧ୍ୟ ଆବଶ୍ୟକତାଠାରୁ ଅଧିକ ତାଳିମାରିଥିଲି ସେଦିନ ।

ଯଥା ସମୟରେ ନଈଉପରେ ପକ୍କା ପୋଲ ଠିଆହେଲା ।

ଡଙ୍ଗା ହଟିଗଲା ଦୃଶ୍ୟପଟରୁ ।

ମଣିଷଙ୍କ ଅସୁବିଧା ଦୂରହେଲା ।

ସେଥିସହ ଚବିଶଜଣଙ୍କ ମୃତ୍ୟୁ ଭୁଲିହେଇଗଲା ।

ସବୁ ମୃତ୍ୟୁ ସେହି ଭଳିଆ ।

ସେଦିନର ପ୍ରତ୍ୟକ୍ଷଦର୍ଶୀ ମୁଁ । ଆଜି ମଧ୍ୟ ମୁଁ ଦ୍ରଷ୍ଟା ଭୂମିକାରେ । ତଫାତ୍ ହେଉଚି, ଉବୁଟୁବୁ ହେଉଥିବା ମଣିଷଙ୍କ ପାଇଁ କାନ୍ଦିବାକୁ ମଣିଷ ଏଠି ନାହାଁନ୍ତି । ଏଠି ଯେଉଁମାନେ ଅଛନ୍ତି ସେମାନେ କାନ୍ଦିବେ କ'ଣ, ରହୁଁ ବି ନାହାଁନ୍ତି । ଦୁଇନମ୍ବର ତଫାତ୍, ଏଇଟା ବୈତରଣୀ କୂଳର କେଉଁ ଥାନ

ଜାଣିହେଉନାହିଁ । ତୃତୀୟ ନମ୍ବର ତଫାତ୍, ପହଁରିନପାରି ମଣିଷ ମରିଯିବା କଥା, କିନ୍ତୁ ଏମାନେ ମରୁନାହାଁନ୍ତି । ପହଁରୁଛନ୍ତି ବୁଡୁଛନ୍ତି, ଉଠୁଛନ୍ତି ଓ ପୁଣି ପହଁରୁଚନ୍ତି ।

ସୂକ୍ଷ୍ମ ରଜ୍ଜୁରେ ବନ୍ଧା ହୋଇଥିବା ଭୁଲି ଯେତେବଡ ପାଟି ମୋ ଦ୍ୱାରା ସମ୍ଭବ ମୁଁ ଚିଲ୍ଲେଇଲି - ବାବୁମାନେ, ତୁମେ ପଥର ମୂର୍ତ୍ତିପରି ବସିଚ କ'ଣ ! ମଣିଷଗୁଡିଏ ବୁଡି ଯାଉଚନ୍ତି ତୁମକୁ ଦିଶୁନି । ତୁମର କ'ଣ ମାନବିକତା ନାହିଁ !

ମୋ ବାପାଙ୍କୁ ମୋ କଥା ଶୁଭିଥିବ ? ଯେବେ ଶୁଭିଥିବ ଜାଣୁଥିବେ ମୁଁ ପ୍ରାୟ ତାଙ୍କୁ କଡ଼ା କଥା କହିଚି । କ'ଣ ଭାବିଥିବେ ସେ ! ଯାହା ଭାବୁଚନ୍ତି ଭାବନ୍ତୁ, ମୁଁ ମୋର ଉଚିତ୍ କର୍ତ୍ତବ୍ୟ କରିଚି ।

କୁହୁଡ଼ି ବା ଧୂଆଁ ପ୍ରାୟ ଅପସରି ଯାଇଥିଲା । ବଦଳରେ ତତଲା ହାଲପ ମୋ ଦିହକୁ ଜାଳିଦେବା ପରି ଲାଗୁଥିଲା । ଗୋଟେ ଜାଗାରେ ଖମ୍ବଭଳି ମୁଁ ଠିଆହୋଇଥିଲି ଓ ଚୁଙ୍ଗୁଡ଼ି ପରି ଡ଼େଉଁଥିଲି । ଏବଂ ଆଗକୁ ଉହୁଁକି ପାରୁନଥିଲି ।

(ଦୁଇ)

ମୁଁ ଯାହା ଭାବୁଥିଲି, ମୋ ବାପା ଓ ତାଙ୍କ ସାଙ୍ଗମାନଙ୍କୁ ମୋ କଥା ଶୁଭୁନଥିଲା ବା ବାପା ମୋତେ ଚିହ୍ନି ପାରୁନଥିଲେ ତାହା ଭୁଲଥିଲା । ସେମାନେ ମୋରି କଥା ହିଁ ଆଲୋଚନା କରୁଥିଲେ । ଏକଥା ମୁଁ ଟିକେ ପରେ ଜାଣିଲି ।

ଆରମ୍ଭରୁ କହିରଖେ, ମୋ ବାପାଙ୍କ ସହ ଯେଉଁମାନେ ବସିଥିଲେ ସେମାନେ ସବୁ ମୃତଆତ୍ମା । ସେମାନେ ସେଠି ନିରୋଳାରେ କାହିଁକି ବସିଥିଲେ ଓ କ'ଣ କ'ଣ କଥା ହଉଥିଲେ ଜାଣିଲେ ମୋ ପରି ତୁମର ବି ସଂଶୟ କଟିଯିବ । ଶୁଣନ୍ତୁ !

ପ୍ରଥମ ମୃତଆତ୍ମା, ଯିଏ କି ମୋ ବାପାଙ୍କର ଘନିଷ୍ଠ ସାଙ୍ଗ ପରି ମନେହେଉଥିଲେ ବାପାଙ୍କୁ କହିଲା - ତୁମେ କେତେ ବର୍ଷ ଭୁବଲୋକରେ ବିତେଇଲ ?

ମୋ ବାପା - ଛଅ ବର୍ଷ । ତୁମେ ?

ପ୍ରଥମ - ରହଣି ମୋର ଦୁଇ ପୁରୁଷ ହୋଇଗଲା । ଭାଇ, ଜୀବନ ଥିଲାବେଳେ ଅନେକ ଅକର୍ମ ବିକର୍ମ କୁକର୍ମ କରିଥିଲି । ଭୋଗିଲି । ତୁମେ ଭାଗ୍ୟବାନ୍ ।

ମୋ ବାପା କିଛି କହିଲେ ନାହିଁ ଓ ମୋ ଆଡେ ଚାହିଁଲେ ।

ପ୍ରଥମ - ଅନ୍ୟମନସ୍କ ରହୁଚ କାହିଁକି ! ମାତ୍ର ଛଅବର୍ଷରେ ଭୋଗାଭୋଗ ସରିଗଲା, ତୁମେ ତ ଖୁସି ହେବା କଥା ।

ତଥାପି ବାପା ନୀରବ । ମୁହଁ ବିରସ ।

ପ୍ରକୃତ କଥା ହେଲା, ମୋ ବାପାଙ୍କ ଆତ୍ମାର ଉର୍ଦ୍ଧ୍ୱାୟନ ପାଇଁ କ୍ଷେତ୍ରପ୍ରସ୍ତୁତ ହୋଇସାରିଥିଲା । ସେ ମହର୍ଲୋକକୁ ଯିବାକଥା । କିନ୍ତୁ ଅଚାନକ୍ ସେ ମୋତେ ଦେଖିପକେଇଲେ । ଦେଖିଲେ ମୁଁ ନଈ ଆଡକୁ ଆଗଉଛି । ସେ ପ୍ରେତଙ୍କ ଗହଣରେ ବସିପଡିଲେ । ଏବଂ ମୋ କଥା ମନେପକେଇଲେ ଓ ମୋତେ ଦେଖିଲାଗିଲେ । କିନ୍ତୁ ପାଟିଖୋଲିଲେ ନାହିଁ ।

ସେତେବେଳକୁ ବାପାଙ୍କ ପ୍ରତି ପ୍ରଥମ ମୃତଆତ୍ମାର ସମ୍ମାନ ବଢିଯାଇଥାଏ । ଏବଂ ମନେ ମନେ ନିଜକୁ ଧିକ୍କାର କରୁଥାଏ, ଜୀବନ ଥିବାବେଳେ ଆଚରିଥିବା କୁକର୍ମ ଯୋଗୁଁ । ହଠାତ୍ ସେ ଆବିଷ୍କାର କଲା, ମୋ ବାପା ଅନ୍ୟମନସ୍କ । ସେ ମୋ ବାପାଙ୍କ ଦୃଷ୍ଟିକୁ ଅନୁସରଣକରି ମୋତେ ଦେଖିଲା । ଦେଖିଲା, କିଏ ଜଣେ କୁଦି ହଉଚି ଓ କ'ଣ ଗୁଡାଏ ଗପୁଚି । ସେଇଠୁ ସେ ଠୋ ଠୋ ହସିଲା ।

କହିଲା ବାପାଙ୍କୁ – ଦେଖ ଏଇ ମଣିଷଟାକୁ । ଆହାଃ ବିଚରା !

ବାପା ତଥାପି ନୀରବ । ସେ କ'ଣ କହିବେ ଓ କିପରି କହିବେ ଜାଣିପାରୁନଥିଲେ ।

ପ୍ରଥମ ମୃତଆତ୍ମାଟି କିଛିଟା ଅନୁମାନକଲା । ଅନୁମାନ କଲା, ମୋତେ ବୋଧେ ବାପା ଚିହ୍ନିଚନ୍ତି । ବା ସଂପର୍କୀୟ ହେବି ବା ଆପଣାର ମଣିଷ ବା .....

କହିଲା – ଭାଇ ତୁମେ ତାକୁ ଜାଣ କି ? ଏଇମ ଯିଏ ମାରଣା ଷଣ୍ଢପରି କୁଦିହଉଛି !

ବାପା କାନ୍ଦ କାନ୍ଦ ଦିଶିଲେ । କହିଲେ – ହଁ ।

– କିଏ ସେ ?

: ମୋର ବଡ଼ ପୁଅ ।

– ଓଃ ! ବୁଝିଗଲି, ତୁମେ ସେଥିପାଇଁ ଅନ୍ୟମନସ୍କ । ହବା ସ୍ୱାଭାବିକ୍ ଅବଶ୍ୟ । ଦେଖ ଭାଇ, ମୋ ପିଲାମାନଙ୍କୁ ମନେପକେଇ ପାରୁନି । ଦୁଇପୁରୁଷ ହେଇଗଲାଣି । ପୁଣିଥରେ କହୁଚି ତୁମେ ଭାଗ୍ୟବାନ । ନିଜ ପୁଅକୁ ଦେଖିପାରିଲ ।

ବାପା ଉତ୍ତର ଦେଲେନାହିଁ ।

– ସେ ପାଟିକରୁଚି କାହିଁକି ! ଆଉ ଡିଆଁ କୁଦା କାହିଁକି କରୁଚି !! ପିଲାଟା ତ ଭଲଭଳି ଜଣାପଡୁଚି ।

ବାପା ତାକୁ କେବଳ ଚାହିଁରହିଲେ । ଅନେକ କିଛି କହିବାକୁ ଚାହୁଁଥିଲେ କିନ୍ତୁ କହିପାରୁନଥିଲେ ।

ପ୍ରଥମ ମୃତଆତ୍ମାଟି ବାପାଙ୍କୁ ମନେପକେଇ ଦେବାଭଳି କହିଲା – ତୁମ ପୁଅ ପାଟିକରୁଛି ଓ କୁଦିହଉଛି, ତୁମେ ଦେଖୁଚଟି !

ବାପା କହିଲେ – ହଁ ।

– ତା' କଥା ବୁଝୁନା । ଆଚ୍ଛା ତୁମ ପୁଅର କର୍ମ ସଂପର୍କରେ ଜାଣ କି ?

"ବୁଝିଲ ଭାଇ" – ବାପା କହିଲେ, "ଆମ ଚଉଦ ପୁରୁଷରେ କେହି ମଦପିଉନଥିଲେ । ଇଏ ପିଇଲା । ମୁଁ ଇହଲୋକରେ ଥାଉ ଥାଉ ସେ ପିଇଲାଣି । ମୋର କୋଉ ଶକ୍ତିଥିଲା ଯେ ବାରଣ କରିଥାନ୍ତି ଓ ସେ ଶୁଣିଥାନ୍ତା ! ଏଇ ଗୋଟାକ ମୋର ଦେଖିବା ଶୁଣିବା କଥା । ଅନ୍ୟକର୍ମ ..... ନା ସେମିତି ଖରାପ ଜଣାନାହିଁ ।

– ପିଲାଟା କେତେ କିଲିବିଲି ହଉଚି, ତା' ସହ ପଦେ କଥା ହଉନା । କୁହ ତାକୁ କିଛି, ସେ ତୁମକୁ ବିକଳରେ ଚାହୁଁଚି ଓ ଡାକୁଚି ।

ଏତିକି କଥା ମୁଁ ପ୍ରଥମ ମୃତଆତ୍ମାଠାରୁ ଶୁଣିଲି । ଏଇଠି କହିରଖେ, ଅନ୍ୟ ଯେଉଁ ଆତ୍ମା ବାପାଙ୍କ ସହ ଥିଲେ ସେମାନେ ଥିଲେ ଉଠାଗଣ୍ଡିଆ । ବସୁଥିଲେ ଓ ଉଠିଯାଉଥିଲେ କେଉଁଆଡ଼େ । ପୁଣି କିଛି ନୂଆ ଆସୁଥିଲେ, ପୁଣି ଚାଲିଯାଉଥିଲେ । କୁଆଡ଼େ ଜଣାନାଇଁ । ଏଇ ପ୍ରଥମ ଆତ୍ମା ସହ ବାପାଙ୍କର ଭାବଦୋସ୍ତି ଥିବାପରି ମନେହଉଥିଲା । ଅନ୍ୟମାନେ ମୋ ଆଡ଼େ ଚାହୁଁଥିବାର ମନେନାହିଁ । ବାଃ ! ତୁମ ଆଖି ଆଗରେ ଜଣେ ବନ୍ଧାହେଇଛି ତୁମେ ଫୁର୍ତ୍ତିକରୁଚ, ବଜାର ବୁଲୁଚ !

ବାପା ....... ! ମୁଁ ପୁଣି ଚିଲ୍ଲେଇଲି ।

ପରିଣତି ହେଲା, ବାପା କ'ଣ ପ୍ରଥମ ମୃତଆତ୍ମାକୁ ଗୁପ୍ତରେ କହିଲେ । ଅନ୍ତତଃ କହିବା ଭଳି ଜଣାଗଲେ । କାହିଁକିନା ମୃତଆତ୍ମା ଜଣକ ନିଜ ବସିବାଥାନରୁ ଉଠିଲେ ଓ ମୋ ପାଖକୁ ଆସିଲେ ।

ଠିକ୍ ଏଇ ସମୟରେ ଗୋଟେ ଦାରୁଣ ଘଟନା ଘଟିଲା । ନଈରେ ଗୋଟେ ବିରାଟ ଭଉଁରୀ ସୃଷ୍ଟିହେଲା । ଇସ୍ ଯୋଉ କଳକଳ ବଜବଜ ଶବ୍ଦ ! ଯେତେ ମଣିଷ ପହଁରୁଥିଲେ, ଭଉଁରୀରେ ପଡି ଗିଳିହେଇଗଲେ । ଯାଃ, ସରିଗଲା ! କେତେଜଣ ମଲେ ? ନା ଗଣିନାହିଁ । କିନ୍ତୁ ମନେମନେ ଖୁସିହେଲି ଯେ ଏଇଠି ବେଘାଟରେ ଏଥର ପୋଲଟିଏ ତୟାର ହେବ । ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ .... ତାଳିମାଡ଼ ହବ ..... ।

ହେଃ ...... ! ମୃତଆତ୍ମା ମୋ ପାଖରୁ କହିବାର ଶୁଭିଲା ।

"ଆହାଃ ସବୁ ମରିଗଲେ । ଅବଶ୍ୟ ଗୋଟେ ମସ୍ତ ଲାଭ ହେଲା । ଯେ, ଏଠି ପକ୍‌କା ପୋଲଟେ ତୟାର ହେବ । ଆଉ କେହି ମରିବେନାହିଁ ।"

– ମୁଁ କହିଲି ଓ ହସିବାକୁ ଚେଷ୍ଟାକଲି ।

– ନା, ଏଠି ପୋଲ ହବନାହିଁ । ସମସ୍ତିଙ୍କୁ ପହଁରି ପାରିହବାକୁ ପଡ଼ିବ ।

"ପୋଲ ହେଲେ ବହୁ ସୁବିଧା ଆଜ୍ଞା, ତୁମେ ବୁଝୁନାହଁ । ଖୋଦ୍ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ।" - ମୁଁ କହିଲି ।

ଏବେ ମୁଖ୍ୟମନ୍ତ୍ରୀ କିଏ ଅଛି ?

"ନବୀନ ପଟ୍ଟନାୟକ । ଭାରି ଭାଗ୍ୟବାନ । ସତର ବର୍ଷ ହେଲା ମୁଖ୍ୟମନ୍ତ୍ରୀ ।"

- ଆମବେଳେ ମୁଖ୍ୟମନ୍ତ୍ରୀ କେହିନଥିଲେ । ଦେଶ ସ୍ୱାଧୀନ ହୋଇନଥିଲା । ହଉ ଶୁଣ । ଯେଉଁମାନେ ଭଉଁରୀରେ ଗିଳିହେଇ ମରିଗଲେ ବୋଲି ଭାବୁଚ, ସେମାନେ ବହୁପୂର୍ବରୁ ମରିସାରିଚନ୍ତି । ମୃତଆତ୍ମାଙ୍କୁ ଏହି ନଈରେ ପହଁରିବାକୁ ହୁଏ । ବଞ୍ଚିଥିବା ବେଳେ ମଣିଷ ଯେଉଁ କର୍ମ କରିଥାଏ, ସେଇଥିରୁ ନିର୍ଦ୍ଧାରଣ ହୁଏ ସେ କେତେଦିନ ପହଁରିବ । ନଈରେ ତତଲା ପାଣି ।

ମୁଁ ଶୁଣିଲି ତ ତାଜୁବ୍ ହେଇଗଲି । କୋଉଠି ଆସି ମୁଁ ପହଞ୍ଚିଛି ! ତତଲା ପାଣିର ନଈ !!

ମୋ ବାପା ଆମକଥା ଶୁଣିଲାଭଳି ମନେହେଉଥାନ୍ତି । ମୋର ମନେପଡିଲା, ଏଇ ମୃତଆତ୍ମା ମୋ ବାପାଙ୍କ ସାଙ୍ଗ ।

କହିଲି - ଆଜ୍ଞା ନମସ୍କାର ! ଭୁଲିଯାଇଥିଲି । କ୍ଷମା କରିବେ ।

ସେ ପ୍ରତିନମସ୍କାର ଜଣେଇଲେ ନାହିଁ କି ମୁଁ କିପରି ସୌଜନ୍ୟ ଟିକକ ପୋଡିଖାଇଲି ଜାଣିବାକୁ ଚାହିଁଲେ ନାହିଁ । ଓଲଟି ପଚାରିଲେ ଯାହା ଶୁଣି ମୋ କୁଦିହବା ବନ୍ଦହେଇଗଲା ।

ସେ କହିଲେ - ତୁମେ ଗୁଡାଏ ବର୍ଷହେବ ମଦ ପିଇବାକୁ ଜୀବନର ଏକ ସୋପାନ ଭାବେ ଗ୍ରହଣକରିନେଇଥିଲ କି !

ଆଏଁ, ଇଏ କେମିତି ଜାଣିଲେ ! ବାପା କହିଦେଲେ କି ! ଏତିକି କହିଚନ୍ତି ନା ଅଧିକ ! ଶ୍ୟାମଳୀ ଦାସ ନାମରେ ଜଣେ ମାଷ୍ଟ୍ରାଣୀ ମୋ ସହ ଭାବଲଗେଇଥିଲା । ସ୍ୱାମୀ ତା'ର ଦୁବାଇରେ ରହେ । ଭାରି ଫରଓ୍ୱାର୍ଡ ମାଇକିନା । ମୁଁ କୋଟିନିଧି ପାଇଲାପରି ଆଉଜିପଡିଥିଲି ତା'ଉପରେ । ଖୁବ୍‌ଶୀଘ୍ର ଭାବଟି ରଙ୍ଗରସ ଆଡକୁ ମୁହେଁଇଲା । ତାରି ଘରେ ଅଧିକାଂଶ ସଂଜ ବିତିଲା । ମାଂସ ଓ ମଦ ସୁଅ ଛୁଟିଲା ତା'ଘରେ । ଖର୍ଚ୍ଚାଟା ମୋର । ଶ୍ୟାମଳୀ ନିଜେ ପିଏ । ମଦ ପିଇଲେ ସେ ଏତେ ଉତ୍ତେଜିତ ହେଇପଡେ ଯେ ତାକୁ ସମ୍ଭାଳିବା କଠିନ । ସେ ଯାହାହେଉ, ଶ୍ୟାମଳୀର ଦେହସୁଖ ପାଇ ମୁଁ ଖାଲି ଆକାଶରେ ଉଡିଲି । କିନ୍ତୁ ସେ ଚତୁରୀ ମାଇକିନା ମୋଠୁ ବହୁ ଟଙ୍କା ଝାଡିନେଲା । ମୁକ୍ତ ହସ୍ତରେ ଟଙ୍କା ଖର୍ଚ୍ଚ କରି ମୁଁ ବାହାଦୂରୀ ଦେଖେଇଲି । ଏବଂ କୁକୁର ପରି ତାରି ଘରକୁ ଲୁଚିକିନା ଗଲି ହାଣ୍ଡିମାରିବାକୁ । ବହୁ ଲୋକ ଟୁପୁର ଟାପର ହେଲେ, ମାତ୍ର କିଏ ଖାତିର କରୁଚି । ସତ କହୁଚି, ସେହି ଶ୍ୟାମଳୀ ଦାସ ଯୋଗୁଁ ମୋ ମଦ ମାଂସ ଓ ଆଉ ଆଉ କଥା ବଢିଗଲା ।

ବାପାଙ୍କ କାନକୁ ଏ କଥାଟା ଯାଇନଥିବ କିଏ କହିବ !

ଅବଶ୍ୟ ଏବେ ସେ ମୋଠୁ ତଫାତ୍ ହୋଇଯାଇଛି । ୟାପ ବଜ୍ଜାତ ମାଇକିନା, ମତେ ବରବାଦ୍ କରିଦେଲା ।

ମୋ ଭିତରେ ପ୍ରବଳ ଛନକା । କହିଲି - କୁସଙ୍ଗରେ ପଡି ବଦଭ୍ୟାସଟାକୁ କରିପକେଇଚି । ଆଜ୍ଞା, ମୋ ବାପା ସେଠି ବସିଚନ୍ତି, ତାଙ୍କୁ କିଛି କହିବେନାହିଁ । ହେଇ ଆପଣଙ୍କ ପାଦଛୁଉଁଚି, ସେ ବାଜେ ଜିନିଷ ଆଉ ଛୁଇଁବିନାହିଁ । ତାଙ୍କ ପାଦ ଛୁଇଁବାକୁ ମୁଁ ଉପକ୍ରମ କଲି ।

କିନ୍ତୁ ମୁଣ୍ଡ ନେଇଁଲା ନାଇଁ । ପଛରୁ ଟାଣିଧରିଲା ସେହି ଅଦୃଶ୍ୟ ସୂକ୍ଷ୍ମରଜ୍ଜୁ । ମୁଁ ଭେଁ ଭେଁ କାନ୍ଦିଲି ।

- କାନ୍ଦୁଚ କାହିଁକି ?

"ଆଜ୍ଞା, ମୋ ମୁଣ୍ଡକୁ ପଛରୁ କ'ଣଟେ ଟାଣିଧରୁଚି । ମଥା ନୋଇଁ ପାରୁନି କି ଆଗକୁ ବଢିପାରୁନି । ନୋହିଲେ ଏତେବେଳକୁ ବାପାଙ୍କୁ ଜୁହାର ହେଇପଡିବା କଥା । ଛଅବର୍ଷ ହବ ଦେଖାହେଇନାହାଁନ୍ତି । ଆଜି ଦେଖାହେଲେ ଯେ ମୋ ଅବସ୍ଥା କଳିବାର ନୁହଁ । ମୁଁ ଘରକୁ ଯିବି ଆଜ୍ଞା । ତେଣେ ବହୁ କାମ ବାକି ପଡିଚି । ଏସି.ଟା ପୋଡିଯାଇଛି, ନୂଆଟେ ଲାଗିବ ...... ଘର ରଙ୍ଗ ଦିଆହଉଥିଲା କେତେବାଟ ଗଲା କେଜାଣି ..... ସାହିତ୍ୟ କରୁଛି, କିନ୍ତୁ ଏପର୍ଯ୍ୟନ୍ତ ଏକାଡେମୀ ପୁରସ୍କାର ପାଇନାହିଁ । ମୋଠୁ ସାତ ସାନମାନେ ହାତେଇ ସାରିଲେଣି । ମୁଁ ବୁଦ୍ଧୁଟା .....! କୁନି ନାତୁଣୀଟା ବାବୁ ବାବୁ ଡାକି ମତେ କେତେ ଖୋଜୁଥିବ ..... ତେଣେ କେତେ କାମ ପଡିଚି ଆଜ୍ଞା, ମୁଁ ଘରକୁ ଯିବି । କେତେବେଳୁ ଆସିଲିଣି । ମତେ ଖୋଜୁଥିବେ ସମସ୍ତେ । ବନ୍ଧନରୁ ମୋତେ ମୁକୁଳେଇ ଦିଅନ୍ତୁ ଆଜ୍ଞା !"
- ମୁଁ ପୁଣି କାନ୍ଦିଲି ।

ବାପାଙ୍କର ସାଙ୍ଗ ମନଧ୍ୟାନଦେଇ ମୋ କଥା ଶୁଣୁଥିଲେ । ଜଣାପଡୁଥିଲା ସେ ନିଶ୍ଚେ ମୋତେ ସାହାଯ୍ୟ କରିବେ । ମୁଁ ଉପରେ କାନ୍ଦୁଥିଲେ ବି ଭିତରେ ଖୁସିହେଲି । କାନ୍ଦିକାଟି ତାଙ୍କୁ ପଟେଇବାକୁ ପଡିବତ !

ଇତିମଧ୍ୟରେ ନଈରେ ଭଉଁରି ଭିତରେ ତଳକୁ ମାଡ଼ିହେଇଯାଇଥିବା ମଣିଷମାନେ ପୁଣି ଭାସି ଉଠିଲେଣି । ଏବଂ ପହଁରିବାରେ ଲାଗିଛନ୍ତି । ଧେତ୍, ମୋ ନିଜ ଅବସ୍ଥା ବେହାଲ, ମୁଁ ସେମାନଙ୍କ କଥା ଭାବୁଛି କାହିଁକି ! ଏଇ ବାବୁ କହୁଚନ୍ତି ବାପାଙ୍କପରି ସେମାନେ ମଧ୍ୟ ମୃତଆତ୍ମା । କେଜାଣି !

ମୁଁ ହାଣ୍ଡିଆ ପାଟିରେ ଡାକିଲି - ବାପା !

ବାପା ପୂର୍ବଭଳି ନିଶ୍ଚୁପ । ଏବଂ ମୋ ଆଡେ ବାଲୁ ବାଲୁ ଚାହୁଁଥାନ୍ତି । ସେ ଜାଣୁଥିବେ ମୁଁ ଚାଲିପାରୁନାହିଁ । ଅତଏବ୍ ସେ ମୋ ପାଖକୁ ଉଠିଆସିବା କଥା । କିନ୍ତୁ ସେ ଆସୁନାହାଁନ୍ତି । ନିଜେ ନଆସି ଏଇବାବୁଙ୍କୁ ପଠେଇଲେ କାହିଁକି !

କହିଲି - ବାପା, ତୁମ ବଡ଼ପୁଅ ମୁଁ । ମତେ ଚିହ୍ନିପାରୁନା ନା ନଚିହ୍ନିବାର ଛଳନା କରୁଚ ! ହେ ବାପା .... ବାପା ମ .... ମୋ ଉପରେ ରାଗିଚକି !

ମୋ ଆକୁଳ ଡାକ ବାପାଙ୍କୁ ଶୁଭିଲାଭଳି ମନେହେଲାନି । କାଇଁକିନା ତାଙ୍କଠାରେ କିଛି ହିଁ ପ୍ରତିକ୍ରିୟା ସୃଷ୍ଟିହେଲାନି । ପୂର୍ବପରି ଦାରୁଭୂତ ସେ । ଅନ୍ୟପକ୍ଷରେ ମୋ ଡାକ ମୋ ପାଖକୁ ଫେରିଆସିଲା ଭଳି ଲାଗିଲା । ମୋ କାନରେ ଢାଇଁ ଢାଇଁ ବାଜିଲା ମୋରି କଥା ସବୁ । ଇଏ କେମିତିକା କଥା ! ମୁଁ ସ୍ୱପ୍ନ ଦେଖୁନାହିଁତ । ନିଶ୍ଚିତ ହେବା ପାଇଁ ମୁଁ ଆଖି ମଳିଲି ଓ ମୁଣ୍ଡ ଝାଡିଲି । ନା ସତ, ସ୍ୱପ୍ନ ନୁହଁ । ସିଏ ମୋ ସତ ବାପା ଯିଏ ଛଅବର୍ଷ ତଳେ ମରିଥିଲେ ।

(ତିନି)

କୁହୁଡି କିମ୍ବା ଧୂଆଁ ପ୍ରାୟ ହଟିଯାଇଥାଏ । ତୋଫା ଆଲୁଅରେ ଚଉପାଶ ସଫେଦ୍ ଦିଶୁଥାଏ । ସଫେଦ୍‌ମାନେ ସୂର୍ଯ୍ୟକିରଣପରି ଫର୍ଚ୍ଚାନୁହଁ । କେମିତିକା ଗୋଟେ ଢଳଢଳିଆ ତରଳିଆ ଧଳା । ବାଃ !

ବାପା ଆଉରି ଜକ୍ ଜକ୍ କରୁଥାନ୍ତି ।

ଏବଂ ନଈଭିତରେ ମଣିଷଙ୍କ ପହଁରିବାରେ ବିରତି ନଥାଏ ।

ଭାତହାଣ୍ଡିରୁ ଯେମିତି ହଳିହଳି ଦୋହଲି ବାମ୍ଫ ବାହାରେ ସେଇମିତି ପତଳା ବାମ୍ଫ ନଈ ଭିତରୁ ଉପରକୁ ଉଠୁଥାଏ । ଅନ୍ତତଃ ଉଠୁଥିବାପରି ମୋତେ ଦିଶୁଥାଏ ।

ତତଲା ନଈରେ ପହଁରୁଥିବା ସେଇ ହତଭାଗାଙ୍କ କଥା ମୁଁ ଭୁଲିଯିବାକୁ ବାଧହେଲି । କାରଣ, ମୁଁ କୋଉ ଭାଗ୍ୟବାନ୍ କି ! ମୋର ମୁଣ୍ଡକୁ ରବରକରି କିଛି ଟାଣିଧରିଛି ଯେ ତାହା ସରିଯାଉଛି ଓ ସଙ୍କୁଚି ଯାଉଛି । ମଣିଷର ମୁଣ୍ଡକୁ ଏଇମିତି ଟାଣିଧରିଲେ କିଏ ବା ସମ୍ଭାଳିବ ! ବିଲେଟ ଖୁର ଥାଆନ୍ତାକି କାଟିଦିଅନ୍ତି । ପୁଣି ଭାବିଲି ବିଲେଟ ଖୁର ଥିଲେ ବି ମୁଁ କାଟିପାରନ୍ତି ନାହିଁ, କାଇଁକିନା ମୋ ହାତ ବାରିପାରୁନି ସେଇ ଅଦୃଶ୍ୟ ରସି ବା ରଜ୍ଜୁ ।

ମୋଠୁ ଖଣ୍ଡେ ତଫାତ୍‌ରେ ସଂଘଟିତ ଇମିତି ଦୃଶ୍ୟଟିଏ ଦେଖିଲି ଯେ ମୋ କଲିଜା ଦଶଖଣ୍ଡ ହେଇଗଲା ଭଳି ଲାଗିଲା । ଇସ୍ କି ବୀଭତ୍ସ ! ପୂର୍ବରୁ କୁହୁଡି ବା ଧୂଆଁ ପାଇଁ ବୋଧେ ଦେଖିପାରିନଥିଲି । ମୋର ସେଇଆ ହବକି !

ମୋ ବାପାଙ୍କ ସାଙ୍ଗ ମୋ ଆଗରେ ପୂର୍ବପରି ଠିଆହୋଇଥାନ୍ତି । ମୋ ମୁହଁ ଓ ଆଖି ଭିତରକୁ ଚାହୁଁଥାନ୍ତି । ଡର ସତ୍ତ୍ୱେ ମୁଁ କିନ୍ତୁ ଚେରେଇ ଚେରେଇ ଚାହୁଁଥାଏ ସେଇ ଭୟାନକ ଦୃଶ୍ୟଆଡେ ।

କଥା ହେଲା, ପାଞ୍ଚଟା ଭୁଜୁଗୁଳିଆ କୁକୁର ଜଣେ ଟୋକାର ଦିହରୁ ପୁଳାପୁଳା ମାଉଁସ ଛିଣ୍ଡଉଥାନ୍ତି । କାନ୍ଦିକାଟି ମହୀଲୋଟ ହେଇଯାଉଥାଏ ଟୋକାଟା । କୁକୁର ଦଳଟାକୁ ହୁରୁଡେଇବାକୁ କେହିନାହାଁନ୍ତି । ବାପାଲୋ, କି ଭୟଙ୍କର କୁକୁର ! କିଏ ଅଛ ଗୋଡାବେ !

ମୁଁ କହିଲି ବାପାଙ୍କ ସାଙ୍ଗଙ୍କୁ, "ଆଜ୍ଞା ମୋ ମଥାକୁ ଯେଉଁ ରବର ଭଳିଆ ଚିଜ ଟାଣିଧରିଛି ତାହା ସେଇପରି ଝିଙ୍କୁଥାଉ ପଛେ ତୁମେ ଆପଣେ ସେ କୁକୁର ଦଳଟାକୁ ଘଉଡେଇବା ବନ୍ଦୋବସ୍ତ କର ଜଲଦି । ଆହାଃ ବିଚରା !

ବାପାଙ୍କ ସାଙ୍ଗଙ୍କ ପାଟିରୁ ହୁଦସ୍ତ କଥା ବାହାରିଲା ନାହିଁ । କ'ଣ ଭାବି ଭାବି ସେ ଯାହା କହିଲେ ତାହା ମୋତେ ଅବାନ୍ତର ଭଳି ଲାଗିଲା । ଏବଂ ମନେ ମନେ ମୁଁ ତାଙ୍କ ଉପରେ ଚିଡିଲି ।

ସେ କହିଲେ, "ସେ କୁକୁର ଗୁଡ଼ାଙ୍କୁ ଭୀଷଣ ଭୋକ । ଭୋକିଲା କୁକୁର ମାଉଁସ ଝିଣି ଖାଇବେ ନି ତ କରିବେ କ'ଣ !"

ଇଏ କାଳେ ମୋ ମୁଣ୍ଡରୁ ସେହି ରବର ବା ଅଦୃଶ୍ୟ ରଜ୍ଜୁକୁ ଖୋଲି ମୋତେ ମୁକ୍ତ କରିବେ ! ଦୁର !! ତଥାପି ମନକଥା ମନରେ ଚାପି କହିଲି, "ଜିଅନ୍ତା ମଣିଷକୁ କେବେ କୁକୁର ଝୁଣିଖାଆନ୍ତି ! ବିଚରାଟି କି କିଲିବିଲି ହେଇଯାଉଛି ଦେଖତ !"

ଏଇ ସମୟରେ ଆରବ୍ୟରଜନୀର ଘଟନାଭଳି ଘଟନାଟେ ଘଟିଲା । ଦି'ଜଣ ଭୀଷଣ ଦର୍ଶନ ମଣିଷ ହାତରେ ତେଣ୍ଟାଧରି ପୁଳାଏ ମଣିଷଙ୍କୁ ବାନ୍ଧି ନଈଆଡ଼କୁ ନଉଥିଲେ ଓ ତାଗିଦ୍ କରୁଥିଲେ - ଡ଼େଇଁପଡ଼ ନଈପାଣିକୁ ! ମଣିଷ ଗୁଡାକ କୁନ୍ଥୁ କୁନ୍ଥୁ ହଉଥିଲେ ଡେଇଁବାକୁ । ତେଣ୍ଟା ଗାବୁ ଗାବୁ ହେଇ ବସୁଥିଲା ମଣିଷଙ୍କ ଉପରେ ! ଆରେ ଏମାନଙ୍କୁ ଜବରଦସ୍ତି କରାଯାଉଛି ନଈକୁ ଡେଇଁବାକୁ । ପହଁରି ପହଁରି ପାରିହେବାକୁ । ମୁଁ ବେକୁବ୍ ଭାବୁଚି ଡଙ୍ଗାବୁଡି ଏଠି ଇମିତି ଘଟିଚି !

କେଉଁଠି ଆସି ପହଞ୍ଚିଲା ମଣିଷ ? କେମିତି ମୁଁ ପହଞ୍ଚିଲି ? ? ଠିକ୍‌ରେ ମନେପକେଇପାରିଲିନି । ତେବେ କେମିତି ଘରେ ପହଞ୍ଚିବି ମୁଁ ବାୟାପାଗଳା ହେଇଗଲି । ବାପା ତ ହୁଙ୍କୁନାହାଁନ୍ତି । ମୁଁ ଯେବେ ଚାଲିଯାଇ ପାରୁଥାନ୍ତି ତେବେ ସମସ୍ୟାନଥିଲା । ଯେଉଁ ବାଟେ ହଉ ତାଙ୍କୁ ବୁଝେଇଦିଅନ୍ତି । କୁହନ୍ତି - ବାପା, ମୋ ମୁଣ୍ଡରୁ ସେଇଟା ଖୋଲିଦିଅ ମୁଁ ଘରକୁ ଯିବି । ପିଲାବେଳେ ଘୁଅମୂତ କେତେ କରିଛ । ଏତକ କରିବନି ?

ନା, ଏଇ ବୀଭତ୍ସଦୃଶ୍ୟ ଦେଖିହେବ ନାହିଁ । ବେଶୀ ସମୟ ଏଠି ରହିଲେ ମୋର ହାର୍ଟ ଫେଲ୍ୟୁଅର ହେବ । ମରିଯିବି । ସତରେ ମରିଯିବି । ତେବେ ?

ତେବେ ଏହି ବାପାଙ୍କ ସାଙ୍ଗ ହିଁ ମୋର ଶେଷ ଭରସା । କହିଲି – ଆଜ୍ଞା, ମୋ କଥା ବୁଝନ୍ତୁ !

"ବୁଝୁଚି । କିନ୍ତୁ ତୁମକୁ କେତୋଟି ପ୍ରଶ୍ନର ଜବାବ ଦେବାକୁ ହେବ ।" – ସେ କହିଲେ ।

ମୁଁ ଆଉ ନଈଆଡ଼େ ଚାହୁଁନଥିଲି କିମ୍ବା ଭୀଷଣ ଦର୍ଶନ କୁକୁର ଝୁଣୁଥିବା ମଣିଷଟି ଆଡେ ଚାହୁଁନଥିଲି । ଏବଂ ଆଦୌ ନ ଚାହିଁବାକୁ ନିଷ୍ପତ୍ତି ନେଇଥିଲି । ଯାହାର ଯାହା ହେଲା ମୋର କ'ଣ ଗଲା ହେ ! ମୋର ମୁକ୍ତି ଦରକାର ।

କହିଲି – ପଚାରନ୍ତୁ ଆଜ୍ଞା !

: ତୁମର ହାର୍ଟପ୍ରୋବ୍ଲେମ୍ ଥିଲା ?

ଆରେ ଇଏ କି ପ୍ରଶ୍ନ ! ମୋ ମୁଣ୍ଡକୁ ଅଦୃଶ୍ୟଭାବେ ବାନ୍ଧିଥିବା ରବରକୁ ଛିଡେଇବା କଥା, କିନ୍ତୁ ଇଏ ଡାକ୍ତରଭଳି ପଚାରିଲେଣି ମୋର ହାର୍ଟପ୍ରୋବ୍ଲେମ୍ ଥିଲା କି ନାହିଁ । ଅବଶ୍ୟ, ବାଁ ପଟ ଛାତିଟା ବେଳେବେଳେ ବିନ୍ଧୁଥିଲା । ଗ୍ୟାସ ବଟିକାଟେ ଗିଳିଦଉଥିଲି, ବିନ୍ଧା ଛାଡ଼ିଯାଉଥିଲା । ଏଇଆକୁ କ'ଣ ହାର୍ଟପ୍ରୋବ୍ଲେମ୍ କହନ୍ତି ? କେଜାଣି ! ଅବଶ୍ୟ ଏଭଳି ପରିସ୍ଥିତିରେ ମଦ ପିଇବା କଥାନୁହଁ । ହଉ ଏଥର ଘରକୁ ଯାଏ, କଟକ ଯାଇଁ ଆଞ୍ଜିଓଗ୍ରାମ କରେଇନେବି ।

କହିଲି – ହାର୍ଟପ୍ରୋବ୍ଲେମ୍ ଥିଲା ବୋଲି ଜାଣିନି । ଧରିନିଅନ୍ତୁ ନଥିଲା । ଏବଂ ଡାଇବେଟିସ୍ ନଥିଲା କି ପ୍ରେସର ନଥିଲା ।

: ସେଦିନ କ୍ଲବ ଘରେ ଯେଉଁ ଭୋଜି ହଉଥିଲା ସେଠି କେତେ ପେଗ୍ ପିଇଥିଲ ?

ମଲା ପ୍ରାଣୀ ! ଇଏ କେମିତି ଜାଣିଲେ ? ହଁ ସେଦିନ ଟିକେ ଅଧିକ ହୋଇଯାଇଥିଲା । ମନେ ନାହିଁ କେତେ ପେଗ୍ ପିଇଥିଲି । ତେବେ ଦଶପେଗରୁ କମ୍‌ନୁହଁ । ତଥାପି ମୋର ହୋସ୍‌ଥିଲା । ହୋସ୍‌ଥିଲା ବୋଲି ଘରକୁ ଆସି ପିଣ୍ଡାଉପରେ ଶୋଇପଡିଥିଲି । କିନ୍ତୁ ଏହା ସହ ମୋ ମୁଣ୍ଡରୁ ଅଦୃଶ୍ୟ ରବର ଫିତା ଖୋଲିବାର କି ସଂପର୍କ !

କହିଲି – ମନେନାହିଁ କେତେ ପିଇଥିଲି । ଏବଂ କେମିତି ଆସି ପିଣ୍ଡାରେ ଶୋଇପଡିଥିଲି ! ତେବେ ଅଧିକ ପିଇଥିଲି, ମନେଅଛି ।

: ଅଧିକ ପିଇଥିଲ ମନେ ଅଛିଟି ! ଠିକ୍ ଅଛି । ଶୁଣ । ଅତ୍ୟଧିକ ନିଶାରେ ଶୋଇପଡିଥିଲା ବେଳେ ତୁମର ହୃଦ୍‌ସ୍ପନ୍ଦନ ବନ୍ଦହୋଇଗଲା । ଏବଂ ତୁମେ ମରିଗଲ । ତା'ଅବଶ୍ୟ ମନେରହିବା କଥାନୁହଁ । ତୁମେ ଜାଣିନାହଁ, ଅଥଚ ମରିଗଲ । ଅର୍ଥାତ୍ ମରିବା ପାଇଁ ତୁମେ ପ୍ରସ୍ତୁତ ନଥିଲ । ବୁଝିଲ !

ଇମିତି ହୋଇଥିଲା କି ! ତା'ମାନେ ମୁଁ ମରିଯାଇଚି ! ମୁଁ ଜଣେ ମଲାମଣିଷ ! ଏଇପରି ଭାବୁଚି ତ ମୋର ଦେହ ପବନ ଭଳି ହାଲୁକା ହେଇଗଲା । ଏବଂ ମୋର ମୁଣ୍ଡକୁ ଯେଉଁଟା ଟାଣିଧରିଥିଲା ତାହା ଆପେ ଆପେ ଖୋଲିଗଲା । ସହସା ମୁଁ ଧାଇଁ ଗଲି ବାପାଙ୍କ ପାଖକୁ । ଏବଂ ତାଙ୍କ ପାଦତଳେ ଲୋଟିଗଲି ।

ସେ ପର୍ଯ୍ୟନ୍ତ ମୂକଭଳି ବସିଥିବା ବାପା କଥା କହିବା ଆରମ୍ଭକଲେ । କହିଲେ – ବିଶୁ, ତୁ ଆସିଲୁ ଯେ ମୋର କିନ୍ତୁ ଯିବାବେଳ ହେଲାଣି । ସମୟ ହେଇନଥିଲା ତୁ ଆସିଲୁ ପୁଅ । ଛଅବର୍ଷ ଭୋଗିଲି ମୁଁ ଏଠି । ଭୋଗାଭୋଗ ମୋର ସରିଲା । ମୁଁ ମହର୍ଲୋକକୁ ଏବେ ଯିବି । ତୋରି ପାଇଁ ଅଟକିଯାଇଥିଲି । ତତେ ମନେପକେଇ ଦେଇନଥିଲେ ତୋର ହୀନସ୍ତା ବଢିଥାନ୍ତା । ଭୋଗାଭୋଗର ଅବଧି ଲମ୍ୱିଥାନ୍ତା । ଜଣେ ମରିଚି ବୋଲି ସ୍ମରଣ ନରହିଲେ ଏହିଭଳି ହୁଏ । ପିତୃଲୋକ ଯେଉଁ କାମ କରିବା କଥା ମୁଁ ସେତକ କରେଇଛି ମାତ୍ର । ଅଧିକ କ'ଣ କରିପାରିଥାନ୍ତି ! ତୁ ମରିଯାଇଚୁ ବୋଲି ତୋତେ ମୁଁ କହିଥାନ୍ତି କେମିତି ! ତେଣୁ ଏହି ସାଥୀଙ୍କୁ କୁହାବୋଲାକରି ତୋର ସ୍ମରଣକୁ ଆଣିବାପାଇଁ ପଠେଇଲି । ଭଲ ହେଲା, ଅଧିକ ଯନ୍ତ୍ରଣାରୁ ମୁକ୍ତି ପାଇଲୁ । ତୁ ରହ, ଆମେ ଚଳିଲୁ ......

ବାପା ଏବଂ ତାଙ୍କ ସାଥୀ ଉପରକୁ ଉଠୁଥିବା ମୁଁ ଦେଖୁଥିଲି । ସେଥିସହ ହଠାତ୍ ମୋ ଆଗରେ ଏକ ରହସ୍ୟମୟ ଜଗତ ଫିଟିପଡିଲା । ଏଇଟା ତେବେ ପିତୃଲୋକ !

ଆହାଃ, କେଡେ ଉଶ୍ୱାସ ଲାଗୁଚି ମତେ !

# ଗୋଟେ ବିଦେଶୀ କୁକୁରର ମୃତ୍ୟୁ

ମିସେସ୍ ଶ୍ରୀବାସ୍ତବଙ୍କର ପ୍ରାତଃ ଭ୍ରମଣ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ପରି ନିୟମିତ । ଏମିତିରେ ବେଣୀପୁର ସହରରେ କେହି କେହି ମଜାକିରେ ଟିପ୍‌ପଣୀ ଦେବାର ଶୁଣାଯାଏ, ଖୋଦ୍ ସୂର୍ଯ୍ୟ ହୁଏତ ଫେଲ୍ ନମ୍ୱର ରଖିପାରନ୍ତି, କିନ୍ତୁ ମିସେସ୍ ଶ୍ରୀବାସ୍ତଙ୍କୁ ନିଶ୍ଚେ ପାଶ୍ ନମ୍ୱରରୁ କେହି ବଞ୍ଚିତ କରିପାରିବେ ନାହିଁ ।

ସେଦିନ ସକାଳେ ପକ୍‌କା ପୋଲ ଏମୁଣ୍ଡରେ ଜଣେ ଲୋକ ସେଇ ଘୋଷା ପଦଟିକୁ ଦୋହରେଇଲାରୁ ଶ୍ରୋତାଟିଏ ସେଥିରୁ ଖିଅ ବାହାରକଲା ।

"କେମିତି ?" – ଶ୍ରୋତାଟି ଉତ୍ସୁକତା ପ୍ରକାଶ କଲା । ତା'ର ଉତ୍ସୁକତା, ସୂର୍ଯ୍ୟଙ୍କୁ ନ୍ୟୂନ କରାଯାଉଥିବା ଯୋଗୁଁ ଯେତେ ନୁହଁ, ମିସେସ୍ ଶ୍ରୀବାସ୍ତଙ୍କ ସମ୍ବନ୍ଧରେ ଆଲୋଚନା ରୋଚକ ମୋଡ ନେଉ, ଏଭଳି ସଂଗୋପିତ ଉଦ୍ଦେଶ୍ୟ ସେ ପୋଷଣ କରୁଥିଲା ।

କିନ୍ତୁ ଟିପ୍‌ପଣୀ ଦାତା ଜଣକ ଶ୍ରୋତାଟିର 'କେମିତି'କୁ ଚ୍ୟାଲେଞ୍ଜ୍ ଭାବେ ଗ୍ରହଣ କଲେ । କହିଲେ ଦେଖେଇଲ ମତେ ସୂର୍ଯ୍ୟ !

ସେତେବେଳେ ପକ୍‌କା ପୋଲ ପାରିହେଇ ମିସେସ୍ ଶ୍ରୀବାସ୍ତ ଗଛବୃଛ ସମନ୍ୱିତ ପଡିଆଭିତରକୁ ପ୍ରବେଶ କରିସାରିଥାନ୍ତି । ଏବଂ ପଛରୁ ସେ ଦିଶୁଥାନ୍ତି ଇଂରାଜୀ ସିନେମାରେ ବୃକ୍ଷ ଓ ମେଘ ପୃଷ୍ଠଭୂମିରେ ଜଣେ ଅଭିଜାତ ସାହେବାଣୀ ପରି ।

ସକାଳ ସାତ ହୋଇ ସାରିଲାଣି । ଏବଂ ପୂର୍ବାକାଶରେ ତେବେ ବି ସୂର୍ଯ୍ୟ ଦିଶୁନଥାନ୍ତି ।

"ମତେ ସୂର୍ଯ୍ୟ ଦେଖେଇବ ପରା !" – ଟିପ୍‌ପଣୀ ଦାତା ଜଣକ ରିପିଟ୍‌କଲେ ।

ଅସହାୟ ଦିଶିଲେ ଶ୍ରେତାଟି । ଆତ୍ମରକ୍ଷାକଲା ଭଳି କହିଲେ – ମନେନଥିଲା, ଚଗଲା ମେଘ ଆଜି ସୂର୍ଯ୍ୟଙ୍କୁ ଢ଼ାଙ୍କିପକେଇଚି । ତୁମକୁ ମାନିବାକୁ ହେବ !

"ମନେନଥିଲା ତ ! ଦେଖ ମୋ ସାଙ୍ଗରେ ଥଟ୍ଟାହେବନି । ମନେରଖ, ମୁଁ ତାଙ୍କ ଘରକୁ ଅନ୍ଦାଜ ପଚ୍ଚଶଥର ଯାଇଥିବି । ଏବଂ ......." – ଟିପ୍‌ପଣୀ ଦାତା ଜଣକ ରହସ୍ୟ ଜନକ ଭାବେ କଥାରେ ମହଲତ ଦେଲେ ।

– କ'ଣ 'ଏବଂ' ! ମତେ କହିଲେ ମୁଁ କେଉଁଠି କହିବିନି ମ ! ହେଇ ମା'ରାଣ ପକେଇଲି ।

ଟିପ୍‌ପଣୀ ଦାତା ଅଳ୍ପ ଲାଜକଲେ । କହିଲେ – କହିବି ! କହିଲେ ବିଶ୍ୱାସ ଯିବ ?

– ସେ ଭଳି କାହିଁକି ଭାବୁଚ ! କିଏ ବିଶ୍ୱାସ ଯାଉ କି ନଯାଉ ମୁଁ ଯିବି । ତୁମେ ତାଙ୍କ ଘରକୁ ଯାଇଚ, କମ୍ ବଡ଼ କଥା ଇଏ ! ଏତେ ବଡ଼ ସହରରେ କୋଉ ଲୋକ ଭାଗ୍ୟରେ ସେଭଳି ସୁଯୋଗ ଜୁଟିଚି ।

ଟିପ୍‌ପଣୀ ଦାତା ଓ ଶ୍ରୋତା ବେଣୀପୁର ସହରରେ ଦୁଇ ପ୍ରମୁଖ ବ୍ୟକ୍ତି । ମାନ୍ୟବର । ଅବସରପ୍ରାପ୍ତ ଟିକସ କଲେକ୍‌ଟର ଓ ପୂର୍ବତନ କାଉନସିଲର । ଉଭୟଙ୍କୁ ଷାଠିଏ ଟପିଲାଣି ଦୁଇ ବର୍ଷ ତଳୁ । ପୂର୍ବର ଦିଆନିଆ ପ୍ରୀତି ସେମାନଙ୍କୁ ଅନ୍ତରଙ୍ଗ କରିପାରିଥିଲା ।

ଏବଂ ଉଭୟ କଥାଭାଷା ହେଉଥିଲେ ମଧ୍ୟ ସେମାନଙ୍କର ଦୃଷ୍ଟି ପୋଲ ସେପଟେ ଘୂରିବୁଲୁଥିବା ମିସେସ୍ ଶ୍ରୀବାସ୍ତଙ୍କ ଉପରେ ଲାଖିରହିଥିଲା ।

"କ'ଣ କହିବ ପରା ! ମୁଁ ରାଣ ଖାଇସାରିବା ପରେ ମଧ୍ୟ ..."

– ମନ ଉଣାକଲେ ପୂର୍ବତନ କାଉନସିଲର

"ସେମିତି ଦେଖିବାକୁ ଗଲେ କିଛି ନାହିଁ, କିନ୍ତୁ ପ୍ରକୃତରେ ଅନେକ କିଛି" – ପୁଣି କଥାରେ ମହଲତ ଦେଲେ ଅବସରପ୍ରାପ୍ତ ଟିକସ କଲେକ୍ଟର । କିନ୍ତୁ ଏହି ମହଲତ ରହସ୍ୟଜନକ ମନେହେଲା ।

ପୂର୍ବତନ କାଉନସିଲର ତାଙ୍କ ହାତ ଧରିପକେଇଲେ । କହିଲେ, ଗତ ଭୋଟରେ ମୁଁ ଯେବେ ହାରିନଥାନ୍ତି ତୁମେ ଏତେ ଡେରିକରିଥାଆନ୍ତ !

ଟିକସ କଲେକ୍ଟରଙ୍କ ଛାତିଟା ଦୋରୁଅ ପରି ନରମ ହୋଇଗଲା ।

କହିଲେ – ମିସେସ୍ ଶ୍ରୀବାସ୍ତଙ୍କର ଅତିପ୍ରିୟ କିଏ ଜାଣିଚ ?

– ଜାଣିଲି ଆଉ କେତେବେଳେ ? ତୁମଠୁ ତ ଜାଣିବାକୁ ଚାହୁଁଚି ।

: ସେଇ ଡେଙ୍ଗା ଗୋଡ଼ିଆ ଉଭା ବିଦେଶୀ କୁକୁରଟି ତାଙ୍କର ସବୁଠୁ ପ୍ରିୟ ।

– ଯାଃ ବେକାର ! ମୁଁ ଭାବିଥିଲି ତୁମେ ଗୋଟେ ନାଁ କହିବ । ମାନେ ...... ବୁଝୁଚଟି !

: ଆରେ ଏକା କଥା । ଘର ଓ ପାଣି ଟିକସ ଅସୁଲ କରିବା ପାଇଁ ତାଙ୍କ ଘରକୁ ମୋର ଗତାଗତ । ଯେଉଁଦିନ ପହିଲୁ ଗଲି, ସେ କୁକୁର ଇମିତି ଖେଦିହେଲା ସତେକି ମତେ ଝୁଣିଦବ । ମିସେସ୍ ଶ୍ରୀବାସ୍ତବ ବାହାରି ଆସିଲେ । ମତେ ଚାହିଁ ହସିଦେଲେ ଓ ଲକି ଲକି ପାଟିକଲାରୁ ସେ ଶାନ୍ତ ପଡିଲା । ସେଇଠୁ ଜାଣିଲି କୁକୁର ନାଁ ଲକି । ହଁ ମୋ ଆସିବାର ଉଦ୍ଦେଶ୍ୟ ଜାଣିଲାରୁ ମୋତେ ଘର ଭିତରକୁ ଡାକିଲେ । କଫିପେଇଲେ । ବୁଝିଲ, ଯେଉଁ ମେଞ୍ଚଡ ଟୋକାଟା ତାଙ୍କର ବୋଲହାକ କରେ, ମାନେ ଚାକର ପିଲା, ତାକୁ କହି କାମଟି କଲି .....

– ଆରେ କି କାମ କହୁନ ! ତୁମର ବଦଭ୍ୟାସ ଗଲାନାହିଁ । ବାରଣା କହିବ, ଚାରଣା ଚପିଦବ ।

ପୂର୍ବତନ ଟିକସ କଲେକ୍ଟର ଆଖିରେ ହସିଲେ । କହିଲେ – କୁକୁର ଲକିକୁ ମୁଁ ଆଉଁସିଦେଲି । ସେବେଠୁ ମତେ ସେ ଚିହ୍ନିଯାଇଚି । କ'ଣ ବୁଝିଲ ?

– ଏଥିରେ ନବୁଝିବାରେ କ'ଣ ରହିଲା ! ପୂର୍ବତନ କାଉନ୍‌ସିଲରଙ୍କ ଆଗ୍ରହ ପାଣିଫାଟିଗଲା ପରି ଜଣାଗଲା ।

: ଅଛିନା ! ଶୁଣ, ମିସେସ୍ ଶ୍ରୀବାସ୍ତଙ୍କର 'ଲକି' ସବୁଠୁ ପ୍ରିୟ । ତାକୁ ମୁଁ ଆଉଁସିଦେଲି । ମାନେ ଏହିଭଳି ବୁଝିଥିଲ ?

– ତା'ମାନେ ଲକିକୁ ଅଉଁସିଲେ ତା'ର ଖାଉନ୍ଦାଣୀ ପାଖକୁ ଯାଇହେବ ? ଗଲ କି !

ଦାନ୍ତର ଖରାପ ପରିସ୍ଥିତି ଯୋଗୁଁ ପୂର୍ବତନ ଟିକସ କଲେକ୍ଟର ଚାପିକିନା ହସିଲେ । "ସବୁକଥା ଏକାଦିନେ ଶୁଣିପକେଇବାକୁ ଚେଷ୍ଟା କରନା । ସେ ମେଞ୍ଚଡ ଟୋକାକୁ ଗଞ୍ଜେଇ ସିଗ୍ରେଟ୍ ଘୁଷ୍ ଦେଇ ହାତ କରିଚି । ଠିକଣାବେଳେ ....." ସେ ଅଚାନକ୍ ତୁନିପଡିଲେ ଓ ପୋଲ ଦିଗକୁ ଚାହିଁରହିଲେ ।

ହଁ ସତ । ମିସେସ୍ ଶ୍ରୀବାସ୍ତବ ଫେରୁଥିଲେ । ତାଙ୍କ ସହ ଫେରୁଥିଲା ଲକି । ଲକିର ଝିଙ୍କିହବାକୁ ସେ ରୋକୁଥିଲେ ଲୁହା ଜଞ୍ଜିରକୁ ଟାଣି ଓ ଇଂଲିସ୍ କହି । ଲକି କେବଳ ଇଂଲିସ୍ ବୁଝେ ।

ସେଦିନ ସେତିକିରେ କଥା ବନ୍ଦ ରହିଲା । ପୂର୍ବତନ କାଉନସିଲରଙ୍କ ମନ କିନ୍ତୁ ବୁଝୁନଥିଲା । ସେ ଭିତରେ ହାଇପିସାଇପି ହଉଥିଲେ, ଲକିକୁ ଆଉଁସିବାର ସୁଯୋଗ ପାଇନଥିବାରୁ । ଏବଂ ସେ ଅନୁମାନ କରୁଥିଲେ ତେବେ ବି କିଛି କଥା ଗୋପନ ରଖିଛନ୍ତି ପୂର୍ବତନ ଟିକସ କଲେକ୍ଟର । ଗଞ୍ଜେଇ ସିଗ୍ରେଟ୍ ଲାଞ୍ଚ ପାଇ ନିଶ୍ଚେ ସେ ମେଞ୍ଚଡ ଟୋକା କିଛି କହିଚି । କ'ଣ କହିଚି ! କହିଚି କି .... ଇସ୍ !

ପୋଲ ସେ ମୁଣ୍ଡରେ ଦିଶୁଥିଲେ ମିସେସ୍ ଶ୍ରୀବାସ୍ତବ । ସେ ଫେରୁଚନ୍ତି । ଆହାଃ କ'ଣ ଦିଶୁଚନ୍ତି ମ ! !

ସେ ଯେତେବେଳେ ଭ୍ରମଣରେ ବାହାର ହୁଅନ୍ତି ବେଣୀପୁର ସହରରେ ଇମିତି କୋଉ ମରଦ ନାହିଁ ଯେକି ତାଙ୍କୁ ଦେଖି ଆହାବି ନଯିବ !

ନାଲିଚିଆ ଗୋରାଦିହ । ସ୍ୱାସ୍ଥ୍ୟ ମଧ୍ୟମ ଧରଣର । ଶାଢୀ ପିନ୍ଧନ୍ତି ନାହିଁ, ପିନ୍ଧନ୍ତି ଚିତିରାମିତିରା ଅବା ଫୁଲପକା ଢିଲା ଡ୍ରେସ୍ । ପବନରେ ଟୋଲେଇ ଯାଉଥିବ । ମଥାରେ ଲମ୍ବାବେଣୀ ବଦଳରେ ଝାଲିରି ପରିକା କେଶ । ଏବଂ ବେଢବୁଲିଲା ପରି ରଙ୍ଗୀନ୍ ଟୋପି । ଚାଲିଲାବେଳେ ତାଙ୍କ ଝାଲିରି କେଶ ଦୋଳିଖେଳିବାର ଭ୍ରମ ସୃଷ୍ଟିକରେ । ଏବଂ ପାଦରେ ଧଳା ଫୁଲ୍‌ଜୋତା ।

ସେ ଚାଲିଯାଉଥିବେ, ତୁମକୁ ଲାଗିବ ପରୀଟିଏ ଉଡିଯାଉଛି କି ଆଉ ! ବିଶେଷକଥା ହେଲା, ସେ ଏକୁଟିଆ ନଥାନ୍ତି । ସାଥିରେ ଥାଏ ଲକି, ତାଙ୍କ ପ୍ରିୟ କୁକୁର । ସେ କଥା ହୁଅନ୍ତି ଅବଶ୍ୟ, କିନ୍ତୁ ତାଙ୍କ କୁକୁର ସହିତ ।

ସହରର ଅନେକ ପୁରୁଷ ତାଙ୍କର ଭ୍ରମଣ ଦୃଶ୍ୟ ଦେଖି କଳ୍ପନାରେ ନିଜକୁ କୁକୁର ମନେକରି ତାଙ୍କ ଗୋଡ ହାତକୁ ଶୁଙ୍ଘନ୍ତି ଓ କୁନୁକୁନୁ ହେଇ ତାଙ୍କୁ ଅନୁସରଣ କରନ୍ତି । ଏବଂ ତାଙ୍କର ଦୃଷ୍ଟି ପଡିଗଲେ ପୁଣି ମଣିଷ ହେଇ ଛାତିକୁ ଛେପଛାଟନ୍ତି ଓ ମୁହଁ ତଳକୁ କରନ୍ତି ।

ପୁରୁଷ କୁହ କି ନାରୀ କୁହ, ମିସେସ୍ ଶ୍ରୀବାସ୍ତବଙ୍କୁ ଜଣେ ରହସ୍ୟମୟୀ ମହିଳାଭାବେ ଗ୍ରହଣ କରିନେଇଛନ୍ତି । ତାଙ୍କର ପରିଚୟ ଗୁଣଗ୍ରାମ କାର୍ଯ୍ୟପନ୍ଥା କାହାକୁ ଜଣାନାହିଁ । ଉଡା ଖବର ଯେତିକି ପ୍ରଚଳିତ ସେଇଆକୁ ଏପଟ ସେପଟ କରି ବୁଝିବା କଥା ।

ପୂର୍ବତନ ଟିକସ କଲେକ୍ଟରଙ୍କ କଥା ଯଦି ସତ ହେଇଥାଏ, ତେବେ ସହରବ୍ୟାପୀ ସେ ହିଁ ବ୍ୟତିକ୍ରମ । ଅର୍ଥାତ୍ ସେ କେବଳ ତାଙ୍କ କୋଠିକୁ ଯାଆନ୍ତି । ତାଙ୍କର ପରିଚାରକ ସେଇ ମେଞ୍ଚଡ ଟୋକା ସହ ତାଙ୍କର ଦୋସ୍ତିଅଛି ।

ପରବର୍ତ୍ତୀ ଘଟନାପ୍ରବାହରୁ ଜଣାପଡିଚି ଟିକସ୍ କଲେକ୍ଟରଙ୍କ କଥା ମିଛନୁହଁ ।

ସତ ତେବେ କ'ଣ ! ଆହେ ବାବୁ, ଏତେ ତରବର ହେଲେ ଚଳିବ !

ଅସଲକଥା କଥା, ସେହି ବିଦେଶୀ କୁକୁର ଲକିକୁ ନେଇ । ବିଚକିଟିଆ କଳା, ଲମ୍ବା ଗୋଡ, ଲାଙ୍ଗୁଡ଼ଖଣ୍ଡି । ଉମ୍ଫାଳିଆ ଦିହ । ଗୋଜମୁହଁ । ଗୋଟେ ବର୍ଷିକିଆ ବାଛୁରୀ ସାଇଜ୍‌ର । ଶୁଣାଯାଏ ଅଷ୍ଟ୍ରେଲିଆବିଜା । ଯେଉଁ ଦିଗକୁ ଲକି ଚାହେଁ, ସେ ଦିଗରେ ଯେତେ ମଣିଷଥିବେ ସମସ୍ତିଙ୍କ ଦିହରେ କାରେଣ୍ଟମାରେ । ବାପାଲୋ !

ବାହାରକୁ ବାହାରିଲେ ଲକି ବେକରେ ଜଞ୍ଜିର ଲାଗେ । କିନ୍ତୁ ଘର ଭିତରେ ଖୋଲାମେଲା । କାଳେ ଶୁଏ ମଣିଷ ପରି ଖଟଉପରେ, ଗଦିରେ ।

ସକାଳେ, କଦବାଏ କେମିତି ସଞ୍ଜରେ, ଲକିକୁ ବୁଲେଇ ନନେଲେ ମିସେସ୍ ଶ୍ରୀବାସ୍ତବଙ୍କୁ ଭଲ ଲାଗେନା । ଲକିକୁ ବି । ଅନ୍ୟପକ୍ଷରେ ବେଣୀପୁରବାସୀଙ୍କ ପାଇଁ ଉଭୟ ପ୍ରଦର୍ଶନୀରେ ପ୍ରଦର୍ଶିତ ହେଉଥିବା ସାମଗ୍ରୀ ପରି ଆକର୍ଷଣୀୟ ଓ ମୂଲ୍ୟବାନ୍ ।

ପ୍ରାୟ ପାଞ୍ଚବର୍ଷ ତଳେ ଗୋଟେ ନରମ ସକାଳେ ଲମ୍ବା ଅର୍ଖ ନୂଆ ଗାଡ଼ିଟେ ସହର ଭିତରକୁ ପ୍ରବେଶକଲା । ଏବଂ ଅଟକିଲା ନଈବନ୍ଧ କଡରେ ଥିବା ଏକମାତ୍ର ଗେଷ୍ଟହାଉସ୍ ଆଗରେ । ଗାଡ଼ିରୁ ଓହ୍ଲେଇଲେ ଜଣେ ନାରୀ ଓ ଜଣେ ପୁରୁଷ । ବେଶଭୂଷା ସିନେମା ପାଟିଆରଙ୍କ ପରି । ଏବଂ ଠାଣି ଓ କଥାବାର୍ତ୍ତା ଅନୁରୂପ ।

କିଏ ହୋଇପାରନ୍ତି ! ଚାପା ବିସ୍ମୟ ଖେଳିଗଲା ଗେଷ୍ଟହାଉସ୍ ପରିସରରେ ।

ରୁମ୍ ଭିତରକୁ ଯିବା ପୂର୍ବରୁ ଦୁହେଁ ନଈବଂଧ ଉପରେ ଠିଆହୋଇ ପବନ ବହୁଥିବା ଦିଗକୁ ମୁହଁକରି ମେଞ୍ଚେ ପବନ ପିଇବା ପରି ମନେହେଲେ । ଏବଂ ଚାହିଁଲେ ଢ଼େର୍ ସମୟ ନଈ ଭିତରକୁ । ନଈରେ ଅଧୁଆଣି ନେଳିଆ ପାଣି । ସେମାନଙ୍କ ପାଟିରୁ ବାହାରୁଥିଲା ବାଃ, ଆହାଃ, ନାଇସ୍, ୱାଣ୍ଡରଫୁଲ୍ ପରି ଶବ୍ଦ ।

"ସାହେବ୍ ସାହେବାଣୀ !" – ଅନ୍ୟମାନଙ୍କ ଉଦ୍ଦେଶ୍ୟରେ କହିଲା ଗେଷ୍ଟହାଉସ୍‌ର ତତ୍ତ୍ୱାବଧାରକ, "ଆଗରୁ ଫୋନ୍ ଆସିଥିଲା ।" ଏତକ କହି ସେ ନିଜର ଓଜନ ବଢେଇବାକୁ ଚେଷ୍ଟାକଲା ଓ ପରିସରରେ ଟହଲିଲାଗିଲା ।

ଦିନେ ଦୁଇଦିନ ନୁହଁ, ଆଠଦିନ ରହିଲେ ସେମାନେ ବେଣୀପୁର ସହରରେ । ଏବଂ ଦିନରେ ଗାଡ଼ିଧରି ସହର ପରିକ୍ରମାକଲେ । ପୁରୁଣା ରାଜଉଆସ, ପ୍ରାଚୀନ ମନ୍ଦିର, ନଈକୂଳ, ଗହବା ତୋଟା, ପରିବା କ୍ଷେତ, ଆଦିରେ ଘୂରିଲାଗିଲେ । ସେମାନେ କାହିଁକି ବୁଲୁଚନ୍ତି ଓ ଉଦ୍ଦେଶ୍ୟ କ'ଣ ଖୁବ୍ ଶୀଘ୍ର ଜଣାପଡିଲା ।

"ତୁମେ ଏହିଭଳି ସ୍ଥାନ ଚାହୁଁଥିଲ । ନୁହଁ? - ଛେଳି ଦାଢୀ ପରି ଦାଢୀ ରଖିଥିବା ସାହେବ୍ କହିଲେ ।

"ତୁମର ପସନ୍ଦକୁ ମାନିବାକୁ ହେବ ରକି ଡାର୍ଲିଂ" । - କହିଲେ ସାହେବାଣୀ ।

"ତେବେ ସେ ବୁଢାକୁ ହଁ କହିଦେଉଛି !" - ସାହେବ୍ କହିଲେ ।

"ଜଲଦି କାମସାର । ଆମକୁ ପୁଣି ପ୍ରସ୍ତୁତ ହୋଇ ଆସିବାକୁ ହେବ ।" - ସାହେବାଣୀଙ୍କ ଉତ୍ତର ।

କଥା ହେଲା, ସାହେବାଣୀ ଜଣକ ଗୋଟିଏ ଗୋଳଚହଳ ନଥିବା ଏବଂ ଐତିହ ସଂପନ୍ନ ହେଇଥିବା ଏବଂ ପ୍ରାକୃତିକ ପରିବେଶରେ ବିଶେଷ ଆଞ୍ଚ ଆସିନଥିବା ସ୍ଥାନରେ ସ୍ଥାୟୀଭାବେ ରହିବାର ସର୍ତ୍ତରଖିଥିଲେ । ଏବଂ ବହୁ ବୁଲାବୁଲି ଓ ଖୋଜାଖୋଜି ପରେ ବେଣୀପୁର ସହରକୁ ଚୟନ କଲେ ଉଭୟ । ଶେଷରେ ପରିଣତି ହେଲା, ସହର ଉପକଣ୍ଠରେ ଥିବା ଜଣେ ପୂର୍ବତନ ବୃଦ୍ଧ ଜମିଦାରଙ୍କ ପୁରୁଣା କୋଠିକୁ ଦୁଇଗୁଣା ଦାମ୍‌ଦେଇ ସେମାନେ ଖର୍ଦ୍ଦି କରିନେଲେ ।

ସେଦିନର ସାହେବ ସାହେବାଣୀ ଯାହାଙ୍କୁ କୁହାଯାଉଛି, ସେମାନେ ହେଲେ ମିଷ୍ଟର ଶ୍ରୀବାସ୍ତବ ଓ ମିସେସ୍ ଶ୍ରୀବାସ୍ତବ । ଇତି ମଧ୍ୟରେ ଗୁଡାଏ ବର୍ଷ ଗତହୋଇଥିଲେ ମଧ୍ୟ ସେମାନଙ୍କ ପ୍ରକୃତନାମ କାହାକୁ ଜଣାନାହିଁ । ହୁଏତ ବେଣୀପୁରର ନଥିପତ୍ରରେ ଥାଇପାରେ ।

ସେ ଦୁହେଁ ସ୍ୱାମୀ ସ୍ତ୍ରୀ, ଏକଥା ଉପରେ ଠୋସ୍ ପ୍ରମାଣ ନାହିଁ । ଏପରି କହିବାର କାରଣ ହେଉଛି, ସେମାନେ ପରସ୍ପରକୁ ସର୍ବସାଧାରଣ ସ୍ଥାନମାନଙ୍କରେ ଚୁମ୍ବନ ଓ ଆଲିଙ୍ଗନ କରୁଥିଲେ । ବେଣୀପୁରବାସୀ ଦେଖୁଥିଲେ ଓ ଆଶ୍ଚର୍ଯ୍ୟ ହେଉଥିଲେ । ଏବଂ ସରମି ଯାଉଥିଲେ । ହେଇପାରେ, ସେମାନଙ୍କ ସ୍ତର ପର୍ଯ୍ୟନ୍ତ ସଭ୍ୟ ହୋଇନଥିଲେ ବେଣୀପୁର ବାସିନ୍ଦା । ହେଇପାରେ ନୁହଁ, ବେଣୀପୁର ବାସିନ୍ଦା କିଞ୍ଚିତ ପୁରୁଣାକାଳିଆ ।

ରକି ଡାର୍ଲିଂ କ'ଣ ଗୋଟେ ନାମ ! ହେଃ !

ସେ ଯାହାହେଉ, ସେ ଦୁହିଁଙ୍କୁ ଆମେ ମିଷ୍ଟର ଓ ମିସେସ୍ ଶ୍ରୀବାସ୍ତବ ଭାବେ ଚିହ୍ନିବୁ ।

ହଁ, ପୁରୁଣା କୋଠିରେ ଆବଶ୍ୟକ ମରାମତି ଓ ଢାଞ୍ଚାରେ କିଞ୍ଚିତ ପରିବର୍ତ୍ତନର ବନ୍ଦୋବସ୍ତକରି ସେମାନେ ବାହୁଡିଗଲେ ।

ପ୍ରାୟ ମାସେ ପରେ । ଦୁଇଟି ଲରିଭର୍ତ୍ତି ସାମଗ୍ରୀ ଆସି ପ୍ରବେଶକଲା ସେଇ କୋଠି ପରିସରରେ । ସେତେବେଳକୁ ସଞ୍ଜ ହବା ହବା ଉପରେ । ଲୋକେ ଦେଖୁଥିଲେ, ଲମ୍ବା କାର୍‌ରୁ ଅବତରଣକଲେ ଆଉ ଦୁଇ ଜଣ । ଜଣେ ହେଲା ଗୋଟିଏ ଢେଗା କଳା କୁକୁର ଲକି ଓ ଆର ଜଣକ ଦଶବାର ବର୍ଷର ବାଳକ ପିଣ୍ଟୁ ।

ପରବର୍ତ୍ତୀ ଦୁଇଦିନ ଲମ୍ବା ଗାଡିଟି ଚାରିଜଣ ଆରୋହୀଙ୍କୁ ଧରି ଘୂରିବୁଲିଲା ସହର ଭିତରେ । ଲୋକେ ପାଟିମେଲା କରି କେବଳ ଦେଖିଲାଗିଲେ ।

ତୃତୀୟ ଦିନକୁ ଦେଖାଗଲା, ମିଷ୍ଟର ଶ୍ରୀବାସ୍ତବ ନାହାଁନ୍ତି । କୁଆଡେ ଗଲେ, ସେନେଇ କେହି ମଥାଖେଳେଇଲେ ନାହିଁ । ଲାଭ କ'ଣ ଯେ !

ପରେ ପରେ ଆରମ୍ଭ ହେଇଗଲା ମିସେସ୍ ଶ୍ରୀବାସ୍ତବଙ୍କ ପ୍ରାତଃ ଭ୍ରମଣ । କୁକୁର ଲକି ସହ । ବେଣୀପୁର ସହରରେ ଏକ ବିରଳ ଘଟନା ଓ ଦୃଶ୍ୟ । ଆରମ୍ଭରେ ବେଣୀପୁରର ବୁଲାକୁକୁର ନିରାପଦ ଦୂରତ୍ୱରେ ରହି ଖାଲି ଭୁକି ଲାଗିଲେ । ମାତ୍ର ଦିନ ବିତନ୍ତେ ସେମାନେ ମଧ୍ୟ ପାଟିମେଲାକରି ଚାହିଁରହିଲେ । ମୋଟୁରୁ ଭୁକିଲେ ନାହିଁ । ବୋଧେ ଡରିଲେ ।

ଚିତିରାମିତିରା ଡ୍ରେସ୍ ଓ ଗୋଲଟୋପି ପରିହିତା ମିସେସ୍ ଶ୍ରୀବାସ୍ତବ ଯେକୌଣସି ମୁହୂର୍ତ୍ତରେ ଆକାଶକୁ ଉଡିଯିବାର ସମ୍ଭାବନା କଳ୍ପନାରେ ଦେଖୁଥିଲେ ଦେଖଣାହାରୀ । କିନ୍ତୁ ସେ ଉଡିଯାଉନଥିଲେ ଏବଂ ଧାର୍ଯ୍ୟ ସମୟରେ ଫେରୁଥିଲେ କୋଠିକୁ ।

ଏବଂ 'ଲକି'ର ଢଙ୍ଗ୍‌ଢାଙ୍ଗ୍ ସୂଚଉଥିଲା ଅନ୍ୟ ଏକ କଥା । ଯେ, ଖାଉନ୍ଦାଣୀ ଚାହିଁଲେ ସେ ତାଙ୍କୁ ପିଠିରେ ବସେଇ ଝପଟିଯିବ ଯେଉଁଠିକୁ ଅନୁମତି ମିଳିବ ।

ଓହୋ ଇଏ କି କୁକୁର ! କୁକୁର ନା ଘୋଡା ! ଘୋଡ଼ା ତ କାମୁଡେନା, ଇଏ କାମୁଡ଼ି ପାରେ ।

ମାସ ପରେ ମାସ ଗଡୁଥିଲା, ହେଲେ ମିଷ୍ଟର ଶ୍ରୀବାସ୍ତବ ଓରଫ୍ ରକି ଡାର୍ଲିଂ ଫେରୁନଥିଲେ । ବଡ଼ ଚାକିରି ବା ବଡ଼ ବେପାର କରୁଥିବେ କେଉଁଠି ! କିମ୍ବା ଦେଶ ବାହାରକୁ ଯାଇଥିବେ !

ସମୟାନ୍ତରେ ଚାକରଟୋକା ପିଣ୍ଟୁ ବଜାର ଭିତରକୁ ଆସିବା ଲୋକେ ଦେଖିଲେ । ଏବଂ ତା'ସହ ପଦେ କଥା ହେବା ପାଇଁ କେତେକ ତାଗ୍‌ଦା ଅନୁଭବ କଲେ । ଅନୁଭବ କଲେ ଅବଶ୍ୟ କିନ୍ତୁ କହିପାରିଲେ ନାହିଁ । କ'ଣ କହିବେ କାହାକୁ ଜଣାନଥିଲା, ଯଦିବା ସେମାନେ ଜାଣୁଥିଲେ ପିଣ୍ଟୁ ଚାକର ପିଲାଟିଏ ମାତ୍ର । ଚାକର ଯେ, କିନ୍ତୁ ସାହେବାଣୀଙ୍କ ଚାକର ।

ହଁ ସତ, ପିଣ୍ଟୁ ସହ ସ୍ୱଚ୍ଛନ୍ଦ କଥା ହେଇପାରୁଥିଲେ ପୂର୍ବତନ ଟିକସ୍ କଲେକ୍ଟର । ଏବଂ ସେଥିଯୋଗୁଁ ସେ ଅନ୍ୟମାନଙ୍କର ଈର୍ଷାର କାରଣ ଥିଲେ ।

ଚାକିରିରୁ ଅବସର ନେବା ପରେ, କୋଠି ଆଡେ ଯାଉଥିବାର ତାଙ୍କୁ କେହି ଦେଖିନାହିଁ ଅବଶ୍ୟ । କିନ୍ତୁ ତାଙ୍କର ଯୁକ୍ତି, କୋଠିରୁ ବାରତା ଆସେ ଓ ସେ ଯାଆନ୍ତି । କିନ୍ତୁ ପ୍ରକୃତପକ୍ଷେ, ଚାକର ଟୋକାଠୁ ସେ ଖବର ହାତଉଥିଲେ ।

ମିସେସ୍ ଶ୍ରୀବାସ୍ତବଙ୍କର ଲକି ସହିତ ପ୍ରାତଃଭ୍ରମଣ ପୂର୍ବପରି ନିୟମିତ ଥିଲା । ପୋଲ ସେପଟ ରିଂବନ୍ଧ ଉପରେ ବା ପଡିଆର ଗଛଗହଳ ମଧ୍ୟରେ ତାଙ୍କୁ ଘୂରିବୁଲୁଥିବାର ଦେଖିବାକୁ ମିଳୁଥିଲା । ତାଙ୍କର ସାହେବାଣୀ ଢ଼ଙ୍ଗରେ ଫିକା ପଡୁନଥିଲା । ଏବଂ ଦିନକୁ ଦିନ ତାଙ୍କ ରୂପ ଜକ ଜକ କରୁଥିଲା ।

ମିଷ୍ଟର ଶ୍ରୀବାସ୍ତବ ବା ରକି ଡାର୍ଲିଂ ଯେ ବେଣୀପୁର ଆସୁନଥିଲେ ସେକଥା ନୁହଁ । ଆସୁଥିଲେ ସଞ୍ଜ ଗୁଞ୍ଜୁଗୁଞ୍ଜୁ । ଗୋଟେ ଯୋଡେ ଦିନପାଇଁ । କିନ୍ତୁ କାହିଁକି କେଜଣି ଲମ୍ୱା ଗାଡିଟା ଆଉ ଘୂରିବୁଲୁନଥିଲା । ଏବଂ ଲୋକେ ଉନ୍ମୁକ୍ତ ଆଲିଙ୍ଗନ ଓ ଚୁମ୍ୱନ ପରି ମନମୋହକ ଦୃଶ୍ୟ ଆଉ ଦେଖିବାକୁ ପାଉନଥିଲେ । ଆଗରୁ ଯେଉଁମାନେ ନାକ ଟେକୁଥିଲେ ସେମାନେ ଏବେ କହୁଚନ୍ତି - କାହିଁ ? ସେଇଆମ !

ଶ୍ରୀବାସ୍ତବ ଦମ୍ପତିଙ୍କ ମଧ୍ୟରେ ମନଫଟାଫଟି ହୋଇଛି କି ? କେଜାଣି ! ହୁଏତ ଜଣାଥାଇପାରେ ପୂର୍ବତନ ଟିକସକ ଲେକ୍ଟରଙ୍କୁ । କିନ୍ତୁ ସେ ମୁହଁ ଖୋଲୁନଥିଲେ ।

କୋଠି ପରିସରରେ ଲମ୍ୱାଗାଡି ଦୁଇଦିନ ଖଣ୍ଡେ ରହି ପୁଣି ଉଭାନ ହେଇଯାଉଥିଲା ।

ହଁ ମିଷ୍ଟର ଶ୍ରୀବାସ୍ତବ ଲେଉଟିଗଲେ । ଚାକିରି ଜାଗାକୁ ବା କେଉଁ ସହରକୁ ବା ବିଦେଶକୁ ବା ..... ଛାଡ଼ !

ଚାକର ଟୋକା ପିଣ୍ଟୁ ସହ ପୂର୍ବତନ ଟିକସ୍ କଲେକ୍ଟର ସମୟାନ୍ତରେ କଥାହେଉଥିବାର ଲୋକେ ଦେଖୁଥିଲେ । ଫଳତଃ, ସେ ମହାଶୟଙ୍କ ଖାତିର ବଢି ବଢି ଚାଲିଥିଲା ।

କଥାହେଲା, କୋଠି ସଂପର୍କରେ ଟିକିନିଖି ଖବର ବେଣୀପୁର ଜନତାଙ୍କ ପାଖରେ ଯଥାସମୟରେ ପହଞ୍ଚିଯାଉଥିଲା । ଏବଂ ଜନତା ବ୍ୟକ୍ତିଗତ ସ୍ତରରେ ସେଥିରେ କିଛି ପୁଟଦେଇ ନିଜେ ଖୁସିହଉଥିଲେ ଓ ବଜାରକୁ ଛାଡୁଥିଲେ ।

କୋଠି ସଂପର୍କରେ ଖବର ! କି ଖବର ?

କୋଠି ସଂପର୍କରେ ଖବର ବା ସମ୍ୱାଦର ତାଲିକା ବେଶ୍ ଲମ୍ୱା । କେତୋଟି ଉଲ୍ଲେଖିକଲେ ଜଣାପଡିବ ବେଣୀପୁରବାସୀ କେତେ କୁତୂହଳୀ କୋଠିର ବାସିନ୍ଦାଙ୍କୁ ନେଇ ।

ଯଥା - ମିସେସ୍ ଶ୍ରୀବାସ୍ତବ ଦିନରେ ଛଅଥର ସ୍ନାନ କରନ୍ତି ..... ତାଙ୍କର ଗୋଲଟୋପିର ଦାମ୍ ତିନିଲକ୍ଷ ଟଙ୍କା ..... କୁକୁର ଲକି ଦେହରେ ବାସନା ତେଲ ବୋଳାଯାଏ .... ମିଷ୍ଟର ଶ୍ରୀବାସ୍ତବ ମିସେସ୍

ଶ୍ରୀବାସ୍ତବଙ୍କୁ ଇଂରାଜୀରେ ଗାଳିଦେଲାରୁ ଲକି ଖେଦିଆସି ତାଙ୍କ ଛାତିପର୍ଯ୍ୟନ୍ତ ଚଢିଗଲା ..... ଏବଂ ମଣ୍ଟୁ ମିସେସ୍ ଶ୍ରୀବାସ୍ତବଙ୍କ ଲଙ୍ଗଳା ଦିହ ଦେଖିଛି ଇତ୍ୟାଦି ଇତ୍ୟାଦି ।

ବର୍ତ୍ତମାନ ପ୍ରଶ୍ନ ଉଠିବା ସ୍ୱାଭାବିକ୍, ଏହି କିସମର ସମ୍ବାଦ ବଜାରକୁ ଆସେ କେମିତି ?

ନିଃସନ୍ଦେହରେ କୁହାଯାଇପାରେ ପୂର୍ବତନ ଟିକସ୍ କଲେକ୍ଟରର ସମ୍ବାଦର ମୌଳିକ ଉତ୍ସ । ତାଙ୍କଠୁ ହାତକରନ୍ତି ତାଙ୍କର ବଂଧୁ ପୂର୍ବତନ କାଉନ୍‌ସିଲର । କାଉନସିଲର ମହାଶୟ ନିଜର ଭାବି କୁହନ୍ତି କେତେକ ହାତଗଣତି ଲୋକଙ୍କୁ ଏବଂ ତାଗିଦ୍ କରନ୍ତି କେଉଁଠି ପ୍ରକାଶ ନକରିବାକୁ । ମାତ୍ର ସମ୍ବାଦ ଡେଣା ମେଲେଇ କିମ୍ଭୂତରୂପ ଧାରଣକରି ଉଡିବୁଲେ ଓ ବେଣୀପୁର ବାସିନ୍ଦାଙ୍କ ପାଇଁ ଖୋରାକ ପାଲଟିଯାଏ ।

ଏପରିକି ସକାଳେ ଖବରକାଗଜ ପଢିବା ପୂର୍ବରୁ ଜଣେ ଅନ୍ୟଜଣକୁ ପଚାରେ - ନୂଆ କିଛି ଅଛି ! ଅନ୍ୟଜଣକ କିଛି କହୁ ଅଥବା ନକହୁ, କୋଠି ସଂପର୍କରେ କିଛି ଆଲୋଚନା ପରେ ଯାଇଁ ଖବର କାଗଜ ପଢା ଆରମ୍ଭ ହୁଏ ଓ ଚାହାପିଆ ହୁଏ ।

ଦିନକର ସକାଳେ । ପୋଲ ଏମୁଣ୍ଡରେ ଠିଆହୋଇଥାନ୍ତି ପୂର୍ବତନ ଟିକସ କଲେକ୍ଟର । ବାସନାବାରି ପହଞ୍ଚିଗଲେ ପୂର୍ବତନ କାଉନସିଲର । ସେତେବେଳକୁ ମିସେସ୍ ଶ୍ରୀବାସ୍ତବ ପୋଲ ପାରିହୋଇ ରିଂବନ୍ଧ ଧରିଲେଣି । ଲକି ଚାଲିଥାଏ ତାଙ୍କ କଡରେ, ଏକରକମ୍ ଘଷି ହେଇ । ଏକ ଲୟରେ ସେଆଡେ ଚାହିଁଥାନ୍ତି ଟିକସକ ଲେକ୍‌ଟର ।

ପୂର୍ବତନ କାଉନ୍‌ସିଲର ପଚାରିଲେ - କ'ଣ କହିବ ବୋଲି କହୁଥିଲ ପରା !

ଉତ୍ତର ଆସିଲାନି । ତାଙ୍କର ସ୍ଥିର ଦୃଷ୍ଟି ଅବ୍ୟାହତ ରହିଲା ।

କାଉନ୍‌ସିଲର କହିଲେ - ସେମାନେ ଆଉ ଦିଶୁନାହାଁନ୍ତି । ମୋଡ ବୁଲିଗଲେଣି ।

"ତୁମେ ମୋ ପିଛା ଛାଡିବନି ଦେଖୁଚି ।" ସେ ଲାଜକଲା ପରି ଅଳ୍ପ ହସିଲେ ।

: କହୁଥିଲ ପରା ଠିକଣାବେଳେ କହିବ !

- କୋଉ କଥା ! ମୋ ସ୍ମୃତି ଠିକ୍ ରହୁନି ।

: ଯୁବକ ପରି ଦିଶୁଚ । ସ୍ମୃତିରେ ପୁଣି କ'ଣ ହେଲା ତୁମର ?

ପୂର୍ବତନ କାଉନସିଲର ଆପ୍ୟାୟିତ ଦିଶିଲେ । କହିଲେ - ଯୁବକପରି ଦିଶୁଚି ! ହିଃ ହିଃ .... ମିସେସ୍ ଶ୍ରୀବାସ୍ତବ ନା...ନା... ପିଣ୍ଟୁ ବି ସେଇଆ କହୁଥିଲା । କିନ୍ତୁ ସେଇ ଶାଳା କୁକୁରଟା ମୋ ମଗଜଟାକୁ ବିଗାଡିଦେଲା ।

କାଉନସିଲର ମହାଶୟ ଆଖି ଡିମା ଡିମା କରିଥିବା ବେଳେ ଟିକସ କଲେକ୍ଟର ସେଠି କେହିନଥିଲେ ମଧ୍ୟ ତାଙ୍କ କାନପାଖକୁ ମୁହଁନେଇ ଫିସ୍‌ଫିସ୍‌କରି କହିଲେ – ସେ ଶାଳା କୁକୁର ଗୋଟେ ପଲଙ୍କରେ ଶୋଉଛି ତାଙ୍କ ସହ ।

: ଆଏଁ ! କାଉନସିଲରଙ୍କ ଆଖି ସଙ୍କୁଚିଆସିଲା ।

– ତୁମେ କୁହ, ଏଥିରେ କାହା ମୁଣ୍ଡ କାମକରିବ ! ସେ ଇମିତି କହିଲେ ସତେବା ଅଭିମାନରେ ସେ ପଲଙ୍କ ଛାଡ଼ି ଚାଲିଆସିଚନ୍ତି ।

କାଉନସିଲର କ'ଣ ବୁଝିଲେ କେଜାଣି ଆଶ୍ୱାସିବା ଗଳାରେ କହିଲେ – କୁକୁର ତ ଆଉ ସବୁବେଳେ ଶୋଉନଥିବ !

– ଓ ତୁମେ ବୁଝୁନା ! ସେ ଶାଳା କୁକୁର ଖାଇସାରିବ ତ ତାଙ୍କ ଡ୍ରେସ୍‌କୁ ଦାନ୍ତରେ କାମୁଡ଼ି ଟାଣିବ ଓ ଚାପା କୁଁ କୁଁ ଆବାଜ୍ କରିବ । ଏବଂ ପଲଙ୍କ ଆଡକୁ ଇସାରା କରିବ । ତାକୁ ସମ୍ଭାଳିବା ପାଇଁ କୋଠିରେ ମଣିଷ ନାହିଁ । ପିଣ୍ଟୁଟା ବେକାର !

: ଆଉ ମିଷ୍ଟର ଶ୍ରୀବାସ୍ତବ !

– କେଇ ମାସ ହେବ ତାଙ୍କର ଦେଖାନାହିଁ । ଝଗଡା କରି ଯାଇଛନ୍ତି ଯେ ଯାଇଛନ୍ତି । ତା'ଛଡା ମୁଁ ଆଉ ଲକି ଅଛୁ, ସେ ଆସି କ'ଣ କରିବେ !

: ତୁମେ ତା'ହେଲେ ...... ।

– ନାଇଁମ, ସେ ଶାଳା କୁତ୍ତା ! ହେଇ ନଈକୁ ଚାହିଁ କହୁଚି ଇଆଡିକାର କୁକୁର ହେଇଥିଲେ ତାକୁ ଖତମ୍ କରିଦିଅନ୍ତି ।

: ସାହେବ୍ ସାହେବାଣୀ ଭିତରେ ଝଗଡାର ହେତୁ ?

– ତୁମେ ସେଥିରୁ କ'ଣ ପାଇବ ! ଦେଖ ତୁମକୁ ମୋର ଭାରି ଡର । ତୁମେ ଡବଡବାଟାଏ । କଥା ପେଟରେ ରଖିପାରିବନାହିଁ ।

: ହେଇ ଆଖି ଛୁଇଁଲି । ଆଖି ଫୁଟିଯିବ ଯେବେ .....

ଏଇ ସମୟରେ ନଈ ଭିତରୁ ଇମିତି ଥଣ୍ଡା ହାଲପ ମେଞ୍ଚେ ପେଲିଆସିଲା ଯେ ଦୁହେଁ ପଡିଯାଇଥାନ୍ତେ । କୋନମତେ ନିଜକୁ ସମ୍ଭାଳିଲା ବେଳକୁ ଦେଖାଗଲା ମିସେସ୍ ଶ୍ରୀବାସ୍ତବ ଫେରୁଛନ୍ତି । ପବନର କାରସାଦି ଯୋଗୁଁ ତାଙ୍କ ଢିଲା ଡ୍ରେସ୍ ଅସ୍ତବ୍ୟସ୍ତ ହେଇଯାଉଛି । ଆଉ ଲକି ! ଘୋଡାପରି ଚାଲୁଥାଏ ଓ ମୁହଁ ଉପରକୁ କରି ପବନକୁ ଶୁଙ୍ଘୁଥାଏ ।

ଖାସ୍ କୁକୁରକୁ ଡରି ଦୁଇ ପୂର୍ବତନ ସେଠୁ ସରିଗଲେ ।

ସରିଗଲେ ଅବଶ୍ୟ, ତେବେ ତାଳ ପୋଡପିଠା ଖଣ୍ଡ ବାଣ୍ଟିବାପରି ବେଣୀପୁର ସହରରେ କର୍ଣ୍ଣରୋଚକ ସମ୍ବାଦଟିଏ ବାଣ୍ଟିବାର ସୁବନ୍ଦୋବସ୍ତ କରିଦେଇଗଲେ ।

ସତକଥା, ଚାରିମାସ ହେବ ମିଷ୍ଟର ଶ୍ରୀବାସ୍ତବ ଓରଫ୍ ରକି ଡାର୍ଲିଂ ଆସିନଥିଲେ । ନଆସିବାର କାରଣ ନିରୋଳ ମନୋମାଳିନ୍ୟ, ଖାସ୍ କୁକୁର ଯୋଗୁଁ ।

ଚାରିମାସ ତଳର କଥା । ରାତ୍ରି ଭୋଜନ ପରେ ଶ୍ରୀବାସ୍ତବ ଦମ୍ପତ୍ତି ଶୋଇବାକୁ ବେଡ୍‌ରୁମକୁ ଗଲେ ଓ ଦରଜା ବନ୍ଦ କରିବାକୁ ଚାହିଁଲେ । କିନ୍ତୁ ଫାଜିଲ୍ ଲକିର ବିବେକକୁ ଦେଖ ! ସେ ମଧ୍ୟ ରୁମ୍ ଭିତରେ ପଶିଲା ।

"ଯା ଭାଗ" । – ମିଷ୍ଟର ଶ୍ରୀବାସ୍ତବ ଉଞ୍ଚାଗଳାରେ କହିଲେ । ସେ ବାହାରିଯିବ କ'ଣ, ଓଲଟି ଘାଉଁ ଘାଉଁ ଆବାଜ୍‌କରି ପ୍ରତିବାଦ ଜଣେଇଲା ।

"ତୁମେ ପଶୁଟାକୁ ଏତେ ମୁହଁ ଦେଇଛ କ'ଣ !" – ସେ ପତ୍ନୀଙ୍କ ଉଦ୍ଦେଶ୍ୟରେ କହିଲେ ।

ମିସେସ୍ ଶ୍ରୀବାସ୍ତବ କିଛି କହିଲେ ନାହିଁ । 'ଲକି' ବୋଲି ଥରେ ଡାକିଦେଇ ନୀରବ ହସ ହସିଲେ ।

"ସେ ଦେଖିବ ? ତାକୁ ବାହାରକଲ !" – କହିଲେ ମିଷ୍ଟର ଶ୍ରୀବାସ୍ତବ ।

ମିସେସ୍ ଶ୍ରୀବାସ୍ତବ ଲକିକୁ ଆଉଁସି ଚୁମାଦେଇ ରୁମ୍ ବାହାରକୁ ନେଲେ ଓ ଝପଟିଆସି ଭିତରୁ ଦରଜା ଦେଇଦେଲେ ।

କିନ୍ତୁ ଲକି ସମ୍ଭଳା ପଡିଲାନି । ଗର୍ଜନ ତ କଲା, କବାଟରେ ବାଡେଇହେଇ କେମିତି ଗୋଟେ ଅଶାନ୍ତ ପରିବେଶ ସୃଷ୍ଟିକଲା । ତା'ର ଆବାଜ ପ୍ରତିବାଦ ଅପେକ୍ଷା କାନ୍ଦଭଳି ଶୁଭିଲା ମିସେସ୍ ଶ୍ରୀବାସ୍ତବଙ୍କୁ ।

ଆହାଃ ଲକି ଡିଅର ! ସେ ବ୍ୟସ୍ତିଆ ଅନୁଭବକଲେ ।

କେମିତି ମଣିଷ ରାତିରେ ଶୋଇବ ! ଅସନ୍ତୋଷ ପ୍ରକାଶ କଲେ ମିଷ୍ଟର ଶ୍ରୀବାସ୍ତବ ।

ଲକିର ଅବିଶ୍ରାନ୍ତ କାନ୍ଦଣା ପରିକା ଶବ୍ଦ ଓ କବାଟରେ ଧକ୍‌କା ଅବ୍ୟାହତ ରହିଲା ।

ରୁହ ଡାର୍ଲିଂ, ତାକୁ ବୁଝେଇ ଦେଉଛି ! ସେ କବାଟ ଖୋଲିଦେଲେ ।

ମାତ୍ର କେଇସେକେଣ୍ଡ ଭିତରେ ଗୋଟେ କ୍ଷେପରେ ଲକି ପଲଙ୍କ ଉପରକୁ ଲମ୍ଫଦେଲା ଓ ରାଜାପରିକା ଶୋଇପଡିଲା ।

ସେ ଏଇପରି ଡେଲି ତୁମକୁ ଡିଷ୍ଟର୍ବ କରୁଚି ?

"ହଁ, ମୁଁ ତାକୁ ବୁଝେଇଦିଏ । ଆଜି କାହିଁକି ବୁଝୁନାହିଁ । ଡାର୍ଲିଂ, ଯେବେ ଇଚ୍ଛା କରୁଛି ସେ ଏଇଠି ଶୋଉ !" – କହିଲେ ମିସେସ୍ ଶ୍ରୀବାସ୍ତବ ।

ଏଇଠି ଶୋଇବ ! ଆମ ସହିତ ଗୋଟେ ବେଡ୍‌ରେ । ଆଉ ସେ ଦେଖିବ ..... ଧେତ୍ !

ତୁମେ ବୁଝୁନା ଡାର୍ଲିଂ ! ମୁଁ ମଝିରେ ଶୋଇପଡ଼ିବି । କିଛି ଅସୁବିଧା ହବନି । ନିଜେ ଦେଖ, ସେ କେମିତି ବାସୁଚି । ମୁଁ ତାକୁ କ'ଣ ପଶୁକରି ରଖିଛି । ତା'ଛଡା ଆମେ ପଶୁ ନୁହଁନ୍ତିକି ! ସଭ୍ୟ ପଶୁ । ନୁହଁ ?

ଲକି ଆରାମରେ ଗଦିଉପରେ ବେକ ଲମ୍ବେଇ ପଡିଥାଏ ଓ ସମ୍ଭବତଃ କଥା ଶୁଣୁଥାଏ । କିଛି ବୁଝୁଥାଏ କି କ'ଣ ମଝିରେ ମଝିରେ ଗର ଗର ହଉଥାଏ । ସତେବା କହୁଥାଏ, ମତେ ବାହାର କର ତ ଦେଖି !

– ପାଞ୍ଚମାସ ପରେ ଆସିଚି । ଇଏ କ'ଣ ହଉଚି ! ଏକା ବେଡ୍‌ରେ ସମ୍ଭବ ନୁହଁ ।

– ଡାର୍ଲିଂ ଗୋଟେ କାମକର ! ତୁମେ ଗେଷ୍ଟ୍‌ରୁମ୍‌କୁ ଚାଲିଯାଅ । ମୁଁ ତାକୁ ବୁଝେଇ ଶୋଇପକେଇଲା ପରେ ପହଞ୍ଚିଯିବି । ଆହା ଲକିକୁ ମୁଁ କେତେ ଭଲପାଏ !

ମିସେସ୍ ଶ୍ରୀବାସ୍ତବ ପଲଙ୍କ ଉପରକୁ ଉଠିଗଲେ ଓ ଲକିର ମୁଣ୍ଡକୁ କୋଳକରି ଚୁମାଦେବାରେ ଲାଗିଲେ ।

ବିନା ବାକ୍ୟବ୍ୟୟରେ ଗେଷ୍ଟ୍‌ରୁମ୍‌କୁ ଚାଲିଗଲେ ମିଷ୍ଟର ଶ୍ରୀବାସ୍ତବ । ତାଙ୍କ ମୁହଁରେ ଅସନ୍ତୋଷର ଚିହ୍ନ ।

ଲକି ଆରାମ୍‌ରେ ମଥା ରଖିଥାଏ ମିସେସ୍ ଶ୍ରୀବାସ୍ତବଙ୍କ କୋଳରେ । ସତେବା ନିରବରେ କହୁଥାଏ – ମତେ ବାହାର କରୁଥିଲେ ପରା !

ଚାକର ଟୋକା ପିଣ୍ଟୁ ଲାଇଟ୍ ଲିଭେଇ ତା'ପାଇଁ ଉଦ୍ଦିଷ୍ଟ ଛୋଟିଆ ରୁମ୍‌ରେ ଚେଇଁ ଗଡୁଥାଏ । ସେ ଜାଣୁଥାଏ ଲକି ପାଇଁ ମାଲିକ ଓ ମାଲିକାଣୀ ଭିତରେ ମନ ଫଟାଫଟି ହେବାକୁ ଯାଇଛି । ତାକୁ ହୁଏତ ଜଣାଥାଏ କିଛି ଆଗରୁ ।

ଅପେକ୍ଷା କରିଥାନ୍ତି ମିଷ୍ଟର ଶ୍ରୀବାସ୍ତବ ପତ୍ନୀଙ୍କର ଆସିବାକୁ ।

ସମୟ ବିତିଯାଉଥାଏ । ସେ ଆସୁନଥାନ୍ତି ।

ହଠାତ୍ । ଗୋଟେ ଚାପା ସ୍ୱର ତାଙ୍କ କାନରେ ପଡିଲା । ସେ କାନଡେରିଲେ । ସ୍ପଷ୍ଟ ନହେଲାରୁ ବାହାରକୁ ଆସିଲେ । ହଁ ବେଡ୍‌ରୁମ୍ ଭିତରୁ କୁନ୍ଥେଇଲା ପରି ଶବ୍ଦ ଶୁଭୁଛି । ଆଉ ଶୁଭୁଚି ଚାପାକଥା ।

..... ହେ ଲକି ! ଫାଜିଲ୍ ଲକି ! ରହ । ଉଃ । ହେ...ହେ... ପାଗଳ ହେଇଗଲୁକି ! ଏ ତୁ କ'ଣ କଲୁ ! କେତେବେଳେ ମୁଁ ବନ୍ଧନରୁ ମୁକୁଳିବି । ଆହାଃ ..... ନଟି ବୟ !

ପଲଙ୍କ ଦୁଲୁକିବାର ଶବ୍ଦ ଶୁଭୁଛି ।

ଫେରି ଆସିଲେ ମିଷ୍ଟର ଶ୍ରୀବାସ୍ତବ । ତାଙ୍କ ମଥା କାମ କଲାନି । ସେ ବାରମ୍ବାର ଓଠ କାମୁଡ଼ିଲେ । ଏବଂ ଛଟପଟ ହେଲେ ବେଡ୍ ଉପରେ ।

କେତେବେଳକେ ବେଡ୍‌ରୁମ୍‌ରୁ ବାହାରିଲେ ମିସେସ୍ ଶ୍ରୀବାସ୍ତବ । ଲାଇଟ୍ ଜାଳିଲେ । ଏବଂ ବାଥରୁମ୍‌ରେ ପଶିଲେ ।

ମେଲା ପଡିଥିବା ଗେଷ୍ଟରୁମ୍ ଡୋର୍‌କୁ ଭିତରୁ ଲକ୍‌କଲେ ମିଷ୍ଟର ଶ୍ରୀବାସ୍ତବ ।

କେତେ ରାତିହେବ ଜଣାନାହିଁ । ଗେଷ୍ଟ୍‌ରୁମ୍ ଡୋର୍‌ରେ କରାଘାତ – ରକି ଡାର୍ଲିଂ ..... ! ଖୋଲ ।

ଡୋର୍ ଖୋଲିଲା ନାହିଁ । ସବୁ ଶୂନଶାନ୍ ।

ପିଣ୍ଟୁ ସେ ରାତିରେ କାହିଁକି କେଜାଣି ଶୋଇପାରିନଥିଲା ।

ରାତି ପାହିଲା । ମିସେସ୍ ଶ୍ରୀବାସ୍ତବ ଉଠିବା ପୂର୍ବରୁ କୋଠି ଛାଡି ଚାଲିଗଲେ ମିଷ୍ଟର ଶ୍ରୀବାସ୍ତବ ।

– ପିଣ୍ଟୁ, ବାବୁ କେତେବେଳେ ଗଲେ !

: ବଡି ଭୋରୁ ।

– ତତେ କିଛି କହିଯାଇଛନ୍ତି !

: ନା ।

କଥା ମାତ୍ର ଏତିକି । ସେମିତି କିଛି ଗୁରୁତର ନୁହଁ । କିନ୍ତୁ ନୂଆ ରଙ୍ଗନେଇ ବେଣୀପୁର ବାୟୁମଣ୍ଡଳରେ ଉଡିବୁଲିଲା କେତେ କିସମର କଥା । ମିଷ୍ଟର ଶ୍ରୀବାସ୍ତବ ବାଡେଚନ୍ତି ପତ୍ନୀଙ୍କୁ ..... ମିସେସ୍ ଶ୍ରୀବାସ୍ତବ ସ୍ୱାମୀଙ୍କୁ ଛାଡପତ୍ର ଦେଇଛନ୍ତି ...... ଛି କୁକୁରଟା ପାଇଁ ପରିବାରରେ ଅଶାନ୍ତି ..... ଲକି ମିଷ୍ଟର ଶ୍ରୀବାସ୍ତବଙ୍କ ବେକକୁ ଧରିଥିଲା, ଛାଡିଦେଲା ସାହେବାଣୀଙ୍କ ପାଇଁ ..... କୋଠିଟା ବିକ୍ରିକରିଦେଇ ସେମାନେ ଉଠିଯିବେ ..... ବିଦେଶୀ ହଉ କି ଯାହା ହେଉ କୁକୁର ନାମାଏ ଗୋଡ ତଳକୁ ..... ଏଇ କିସମର ଉଡାଖବର କାନରୁ କାନାନ୍ତର ହୋଇ ବେଣୀପୁର ସାରା ବ୍ୟାପୀ ଯାଇଥିଲା ।

ଅସଲରେ ମିଷ୍ଟର ଶ୍ରୀବାସ୍ତବଙ୍କ ଲମ୍ବାଗାଡ଼ିକୁ କେତେ ମାସ ହେବ ଦେଖୁନଥିବାରୁ ଲୋକେ ସମ୍ବାଦଟିରେ ମିଶାଣ ଫେଡାଣ କରିବାକୁ ସୁଖ ମଣୁଥିଲେ ।

ପ୍ରତି ସକାଳେ ଓ ଆବଶ୍ୟକ ସ୍ଥଳେ ସଞ୍ଜେ ମିସେସ୍ ଶ୍ରୀବାସ୍ତବ ଯଥାରୀତି ରଙ୍ଗୀନ୍ ଡ୍ରେସ୍ ଓ ଗୋଲଟୋପି ପିନ୍ଧି ଭ୍ରମଣରେ ବାହାର ହଉଥିଲେ ।

ଏବଂ ପୂର୍ବତନ ଟିକସକ ଲେକ୍‌ଟର ଓ ଋକରଟୋକା ମଣ୍ଟୁ ମଧ୍ୟରେ ସମୟାନ୍ତରେ ଚୁପିଚୁପି କଥା ଜାରି ରହିଥିଲା ।

ଏବଂ ପୋଲ ଏମୁଣ୍ଡରେ ପୂର୍ବତନ କାଉନସିଲର ଟିକସ କଲେକ୍‌ଟରଙ୍କୁ ଭେଟୁଥିଲେ ।

ଏବଂ ବିଦେଶୀ କୁକୁର ଲକି ପୂର୍ବାପେକ୍ଷା ତାଗଡା ଦିଶୁଥିଲା ।

ଏବଂ କେଉଁଠି ବି ମିଷ୍ଟର ଶ୍ରୀବସ୍ତବଙ୍କୁ ଦେଖିବାକୁ ମିଳୁନଥିଲା ।

ଏବଂ ନଈଆଡୁ ଯଥାରୀତି ବେଣୀପୁର ଉପରଦେଇ ଥଣ୍ଡାପବନ ବହୁଥିଲା ।

ଏବଂ ନଈରେ ପୂର୍ବପରି ନେଳିଆ ପାଣି ବହୁଥିଲା ।

ଏବଂ କୋଠିକୁ ନେଇ ଗୁଜବ ଥମିବାର ନାଁ ନେଉନଥିଲା ।

ହଠାତ୍ ଦିନେ । ସବୁ ସମ୍ବାଦ ବା ଗୁଜବ ନିଆଁରେ ପାଣିପଡିବା ପରି ଶୂନସ୍ତରକୁ ଋଲିଆସିଲା । କାରଣଟି ହେଉଛି, ମିଷ୍ଟର ଶ୍ରୀବାସ୍ତଙ୍କ ଲମ୍ବାଗାଡ଼ି ବେଣୀପୁର ସଡକରେ ବୁଲିବାର ଦେଖାଗଲା । ଓ ଦେଖାଗଲା, ଗାଡିରେ ଅଛନ୍ତି ମିସେସ୍ ଶ୍ରୀବାସ୍ତବ ଓ କୁକୁର ଲକି । ଓ ଦେଖାଗଲା, ଛେଳି ଦାଢିଥିବା ମିଷ୍ଟର ଶ୍ରୀବାସ୍ତବଙ୍କ ମୁହଁରେ ବିସ୍ତୃତ ହସ । ଓ ଓଠ କଣରେ ଚୁରଟ୍ ।

ହେଃ ସବୁ ମିଛ ! ଖବର ପ୍ରସାରଣକାରୀ ନିଜ ନିଜ ଭିତରେ କଥାଭାଷା ହେଲେ । ପ୍ରକୃତପକ୍ଷେ ବେଣୀପୁର ବାସିନ୍ଦା ଗୋପନରେ ନୂଆଖବର ବା ଗୁଜବ ଯୋଗଣର ଅପେକ୍ଷାରେ ରହିଲେ ।

ବେଣୀପୁରେ ସଞ୍ଜହେଲା ।

ଏବଂ ସଞ୍ଜ ରାତ୍ରିକୁ ଆମନ୍ତ୍ରିଆଣିଲା ।

ଏବଂ ସେ ରାତି ପାହିଲା ।

ବହୁଦିନର ଅଭ୍ୟାସବଶତଃ ପୂର୍ବତନ ଟିକସ କଲେକ୍‌ଟର ପୋଲ ଏମୁଣ୍ଡରେ ଠିଆହୋଇ ଋହିଁ ରହିଥିଲେ ଅପରପଟକୁ । ଆସି ପହଞ୍ଚିଗଲେ ପୂର୍ବତନ କାଉନ୍‌ସିଲର । ସେ କଥା ଉକ୍ କରିଆସିବା ବେଳକୁ ଅସଲକଥାଟି ଜଣାପଡିଲା ।

ଆଶ୍ଚର୍ଯ୍ୟ ! ମିସେସ୍ ଶ୍ରୀବାସ୍ତବ ଆଜି ପ୍ରାତଃ ଭ୍ରମଣରେ ଆସୁନାହାଁନ୍ତି କାହିଁକି ? ଏପରି ତ ହେବାକଥା ନୁହଁ । କଥା କ'ଣ !

ଏଇ ସମୟରେ ମୁନିସିପାଲଟିର ଠେଲାଗାଡିଟିଏ ଠେଲି ଠେଲି ସେଠି ପହଞ୍ଚିଲେ ପାଞ୍ଚଜଣ ସ୍ୱିପର । ଦୁଇ ପୂର୍ବତନ କର୍ମକର୍ତ୍ତାଙ୍କୁ ଦେଖି ସେମାନେ ଜୁହାର ପକେଇଲାରୁ ଦୁହେଁ ସଚେତହେଲେ ଓ ନଈସେପଟରୁ ଶୂନ୍ୟ ଦୃଷ୍ଟି ଫେରେଇ ଆଣିଲେ ।

"କଥା କ'ଣ ରାମେୟା ! ଦଳବଳ ନେଇ କୁଆଡେ ବାହାରିଲ !"

– ପଚାରିବା ପାଇଁ ପଚାରିଲେ ପୂର୍ବତନ କାଉନ୍‌ସିଲର । ଅସଲରେ ସେ ସମୟରେ ସ୍ୱିପରଙ୍କ ଉପସ୍ଥିତି ଦୁହେଁ ଚାହୁଁନଥିଲେ ।

"ଆଜ୍ଞା ଚାରିଜଣ ନହେଲେ କ'ଣ ଉଠେଇହବ ? କୁକୁର ତ ନୁହଁ ଘୋଡାଟିଏ !" – କହିଲା ଜମାଦାର ରାମେୟା ।

"କୁକୁର । କୋଉ କୁକୁର ?"

"କୋଠିରେ କୁକୁରକୁ ଗୁଳିହେଇଛି । ପୋଷା କୁକୁରଟା ସାହେବଙ୍କୁ କାମୁଡିଲା । ଆଜ୍ଞା ଯେତେ ବିଦେଶୀ ହେଲେ ବି କୁତ୍ତା ମାନେ କୁତ୍ତା ।" – ଜମାଦାର ସଫେଇଦେଲା ।

ଆଏଁ ! ଦୁହେଁ ସ୍ୱିପରଙ୍କ ସହ କୋଠିଆଡେ ଚାଲିଲେ ।

ପଲଙ୍କ ଉପରେ ପଡିଥିଲା ଲକିର ମୃତଦେହ । ମନ୍ଦା ମନ୍ଦା କଳା ରକ୍ତରେ ଗଦି ଭିଜି ଯାଇଥିଲା ।

ମିଷ୍ଟର ଶ୍ରୀବାସ୍ତବ ଚୁରଟ୍ ଟାଣୁଥିଲେ । ଏବଂ ନୀରବ ଥିଲେ । କିନ୍ତୁ ହସୁଥିଲେ ମିସେସ୍ ଶ୍ରୀବାସ୍ତବ ।

ଏବଂ ମୁହଁରେ ହସ ବଜାୟ ରଖି ପ୍ରତିମିନିଟ୍‌ରେ ଥରେ ରକି ଡାର୍ଲିଂ ଉଚ୍ଚାରଣ କରୁଥିଲେ । ଆହାଃ, ତୁମ ଲକ୍ଷ୍ୟ ଅବ୍ୟର୍ଥ ବୋଲି ଆଜି ଜାଣିଲି ! ସେ କହୁଥିଲେ ।

ମିଷ୍ଟର ଶ୍ରୀବାସ୍ତବ ଫୁଲ୍ ନୀରବ । ସେ ଚୁରଟ୍ ପରେ ଚୁରଟ୍‌ରେ ନିଆଁ ଧରଉଥିଲେ ।

କେବଳ କାନ୍ଦୁଥିଲା ଚାକରଟୋକା ପିଣ୍ଟୁ । ଆରେ ଇଏ କାହିଁକି କାନ୍ଦୁଛି ?

ପୂର୍ବତନ ଟିକସ କଲେକ୍‌ଟର କାନ୍ଦିବାକୁ ଉଚିତ୍ ମନେକଲେ ।

## ଜଣେ ଆଧୁନିକ ବ୍ୟାଧର କାହାଣୀ

(ଏକ)

ବ୍ୟାଧ ଜଣକ କାନ୍ଦୁଚି । ତା ଆଖିର ଲୁହରେ ତା'ର ଜୁଆଳିଆ ନିଶ ଓଦାହେଇଗଲାଣି । ମୁଁ ଠିକ୍ ଦେଖୁଛି ତ ! ମଥା ଝାଡ଼ି ଚାହିଁଲା କପୋତ । ହଁ ସତ । ବ୍ୟାଧ କାନ୍ଦୁଛି । କି କଥା ! ଯିଏ କନ୍ଦେଇବା କଥା ଓ ଅବଶେଷରେ ଜୀବନ ନେଇଯିବା କଥା ସେ ପୁଣି କାନ୍ଦିପାରେ !

ମୁଣ୍ଡ ଝୁଙ୍କେଇ ବସିଛି ବ୍ୟାଧ । କପାଳରେ ହାତ ଦେଇଛି ।

କପୋତ କପୋତୀ ଓ ସେମାନଙ୍କର ଦୁଇ ଛୁଆପୁଅ ଅଗତ୍ୟା କାନ୍ଦ ବନ୍ଦରଖିଲେ । ଯାହା ପାଇଁ ସେମାନେ କାନ୍ଦୁଥିଲେ, ସେ ଯେ କାନ୍ଦୁଛି ! ଆହାଃ !

ପହିଲୁ କପୋତ ବ୍ୟାଧକୁ ଆସୁଥିବାର ଦେଖିଥିଲା । ଦେଖିଥିଲା ତା'ର ଜୁଆଳିଆ ନିଶ ସଙ୍କୁଳ ରାଡୁଆ ମୁହଁ । ହାତରେ ଗୋଟିଏ ଛଣିଅଖା ଓ ପିଞ୍ଜୁରିଟିଏ । କାନ୍ଦିକାନ୍ଦି ସେ ଜଣେଇଥିଲା କପୋତୀକୁ ଓ ଛୁଆପୁଅ ଦୁହିଁଙ୍କୁ । ସମସ୍ତେ ମିଶିକରି ଶେଷଥର ପାଇଁ କାନ୍ଦିଥିଲେ ।

ଚଢେଇମାନଙ୍କ କାନ୍ଦ ବ୍ୟାଧକୁ ଚେଁ ଚେଁ ପେଁ ପେଁ ଶୁଭିଥିବ ।

ବ୍ୟାଧ ପହଞ୍ଚିଗଲା ପରେ କ'ଣ ହେବ ଜଳଜଳ ହୋଇ ଦିଶୁଥିଲା କପୋତକୁ । ସେ କାନ୍ଦ ଅବ୍ୟାହତ ରଖିଥିଲା ଅବଶ୍ୟ, ତେବେ ଦେହକୁ କାଠ କରିଦେଇଥିଲା । ଆଉ କେତୋଟି ମୁହୂର୍ତ୍ତର କଥା । ତା'ପରେ ସବୁଶେଷ ।

ବ୍ୟାଧ ଆସି ପହଞ୍ଚିଲା । ନିରେଖି ଦେଖିଲା ଜାଲରେ ପଡିଛନ୍ତି ଦୁଇଟି କପୋତ । ଏବଂ ଜାଲ ଉପରେ ମାଖୁନାରେ ପଡି ଛଟପଟ ହଉଛନ୍ତି ଆଉ ଦୁଇଟି । ବୋଧେ ବାପା ମା' । କପୋତ ଭାବିଥିଲା, ବ୍ୟାଧ ଖୁସି ଦିଶିବ ଓ ସେମାନଙ୍କୁ ଗୋଟିଗୋଟି ବେକଚିପି ଧରିନବ ।

କିନ୍ତୁ ସେପରି ଘଟିଲା ନାହିଁ । ସେ ଗଛମୂଳେ ନଥିକରି ବସିପଡ଼ିଲା ଓ ନୀରବରେ ଆଖିରୁ ଲୁହଝରେଇକୁ  ଲାଗିଲା ।

ଆଶ୍ଚର୍ଯ୍ୟହେଲା କପୋତ । ବ୍ୟାଧ ପାଇଁ ସେ ଭିତରେ ଦୁଃଖ କରିବାକୁ ଲାଗିଲା । ତା'ମାନେ ଆମ ଦୁଃଖଠୁ ଏହାର ଦୁଃଖ ବେଶୀ ! କି ଦୁଃଖ ତା'ର । ସେ ଜୁଳୁଜୁଳୁ ଋହିଁ ରହିଲା ବ୍ୟାଧକୁ ।

ଗଲା ବର୍ଷେ ହବ ସେ ଦେଖିଆସୁଛି ବ୍ୟାଧକୁ । ତା' ବାପ ବିଚ୍ଛିନ୍ନ ହେବା ପୂର୍ବରୁ ବ୍ୟାଧ ସଂପର୍କରେ ସୂଚନା ଦେଇଯାଇଥିଲା ତାକୁ । ପୁଅରେ, ତୁ ଯାହା ଯେମିତି କରୁଛୁ କର, ଯୁଆଡ଼େ ବୁଲୁଛୁ ବୁଲ, କିନ୍ତୁ ଏଇ ବ୍ୟାଧକୁ ହୁସିଆରଥିବୁ । କେତେପ୍ରକାର ଫିକରକରି ପଶୁପକ୍ଷୀଙ୍କୁ ଶିକାର କରିବାକୁ ଭଲ ହାତଟିଏ ପାଇଛି ସେ । ତା'ପାଖରେ ଧନୁତୀର ଅଛି, ଫାର୍ସାଅଛି, ନଳଅଛି, ଜାଲ ଅଛି । କଉଁଟା କେତେବେଳେ ସେ ପ୍ରୟୋଗ କରିବ ତାହା ବୁଝିବା କଷ୍ଟ ।

ମାଟି ଉପରକୁ ଯେତେବେଳେ ଖସିବୁ, ଋରିଆଡ଼କୁ ଆଚ୍ଛାକରି ଅନିଶାକରି ଖସିବୁ । ମନେରଖିଥିବୁ, ତୋ ମାଆକୁ ସେଇ ଧରିନେଇଥିଲା ।

ସେବେଠୁ କପୋତ ଯଥେଷ୍ଟ ସତର୍କ ରହିଛି । ଏବଂ ବ୍ୟାଧର ସମ୍ଭାବ୍ୟ ଆକ୍ରମଣକୁ ସହଜରେ ଏଡେଇଯାଇଛି । ସେଥିସହ ଛିଗୁଲେଇଲା ପରି ପଦ କହିଛି ତାକୁ । ଆରେ ବନ୍ଧୁ, ତୋ ପାଲରେ ମୋର

ପଡିବାର ନାହିଁ! ମତେ ଇମିତି କ'ଣ ରହୁଁଚୁ!! ଉଞ୍ଚେଇକି ବ୍ୟାଧର ମଥା ଉପରେ ଉଡି ଯାଉଯାଉ କପୋତ ଶୁଣାଏ ଓ ହସିଦିଏ ।

ଆହାଃ! ବାପ ବିଚ୍ଛିନ୍ନ ହେଲା ବେଳକୁ ଏହି ଜଙ୍ଗଲ କେତେ ଘଞ୍ଚନଥିଲା! ମାତ୍ର ବର୍ଷୁଟିଏ ଭିତରେ ପଦା ହେଇଗଲା!

ଏକଦା ନେଉଳିଝରେ କୂଳବର୍ତ୍ତୀ ବ୍ୟାପକ ଅଞ୍ଚଳରେ ଘଞ୍ଚଜଙ୍ଗଲ ଥିଲା । ଯାଇଁ ଠିକିଥିଲା ନେଉଳିପାହାଡ  ଦିହରେ । କେତେ ଜନ୍ତୁଜନ୍ତା ଥିଲେ ସାକିମ ନାହିଁ । ସତେବା ବନ୍ୟଜନ୍ତୁଙ୍କର ବୃହତ୍ ରାଜ୍ୟଟିଏ । ରାଜ୍ୟଟିର କ୍ଷୟନାହିଁ, କ୍ଷୟହୋଇପାରେନା ଏହିପରି ଲାଗୁଥିଲା ।

ଜଙ୍ଗଲରେ କେତେ କିସମର ଫଳ ଫୁଲୁରୀ, ନେଉଳି ଝରରେ ମିଠାପାଣି । ଜଙ୍ଗଲ ସେପାରି ବିସ୍ତୀର୍ଣ୍ଣ ଭୂଇଁରେ ଧାନ ଗହମ ବାଜରା କ୍ଷେତ । ଋତୁ ଅନୁସାରେ କ୍ଷେତ ବଦଳେ । ଚଢେଇମାନଙ୍କର ପାଟିସୁଆଦ ବଦଳେ । ପଶୁପକ୍ଷୀଙ୍କ ମନଜାଣି ପବନବହେ । ଏବଂ ବର୍ଷା ଅଜାଡ଼େ । ଏବଂ ଝର ଉଚ୍ଛୁଳେ । ବର୍ଷା ଛାଡିଲେ ନାଚକୁଦରେ ମନଦିଅନ୍ତି ସେମାନେ ।

ଆହାଃ, କି ଆନନ୍ଦ! କିନ୍ତୁ ଏତେ ଶୀଘ୍ର ସେମାନଙ୍କ ଆାନନ୍ଦରେ ପରଳ ମାଡ଼ିଯିବ ବୋଲି କିଏ ଭାବିଥିଲା!

ପହିଲୁ କେତେଟା ମଣିଷ ଆସିଲେ । ଜଙ୍ଗଲରୁ ଗଛକାଟିଲେ । ପରେ ପରେ ସେମାନଙ୍କ ସହ ଯୋଗଦେଲେ ଆଉ କେତେ ମଣିଷ । ଆସି ପହଞ୍ଚିଲା ଟ୍ରାକ୍‌ଟର ଓ ଟ୍ରକ । କପୋତ ଦେଖିବା ଭିତରେ ଜଙ୍ଗଲଟା ପଦାହେଇଗଲା । ଏବେ ନାମକୁ ମାତ୍ର ଜଙ୍ଗଲ । ନେଉଳି ପାହାଡ଼ ଦିହରେ ହାଁକାରିଆ ଗାଡ଼ । ପୋଡ଼ାମୁହାଁଗୁଡାକ ପାହାଡ ପେଟରୁ ପଥର ଓ ମୋରମ୍ ତାଡିନେଲେ ।

କପୋତ ରହିଁରହିଥାଏ ବ୍ୟାଧର କାନ୍ଦୁରାମୁହଁକୁ । ଏବଂ ନିଜର ନିଶ୍ଚିତ ଆଶୁମୃତ୍ୟୁକୁ ସାମୟିକ ବିସ୍ମରି ପୁରୁଣାଜୀବନକୁ ମନେପକାଉଥାଏ ।

ଦୁଇ ଛୁଆପୁଅ ଭୟରେ କୋତରି ମା' ପାଖାପାଖି କୁନୁକୁନୁ ହଉଛନ୍ତି । କପୋତୀ ଜୁଳୁଜୁଳୁ ରହୁଁଥାଏ ଗିରସ୍ତକୁ । ବ୍ୟାଧକୁ ସେ ମୋଟରୁ ରହୁଁନଥାଏ । ଡରିଯାଇଥାଏ । ବ୍ୟାଧିପ୍ରତି କପୋତର ଧାରଣା କ୍ରମଶଃ ବଦଳି ବଦଳି ଯାଉଥାଏ ଓ ସେ ନିଜର ଅତୀତରେ ପହଁରୁଥାଏ ।

ମା'ର ମୁହଁକୁ ସେ ଠିକ୍‌ରେ ମନେପକେଇ ପାରୁନି । ବାପ କହିଥିଲା, ଏଇ ବ୍ୟାଧ ତାକୁ ପଞ୍ଜୁରୀରେ ପୂରେଇ ନେଇଯାଇଥିଲା ।

ମା’ ଗଲାପରେ ବାପା ତା’ର ସାଙ୍ଗ ହେଇଗଲା । ବାପଠୁ ସେ କେତେ ଜ୍ଞାନ ପାଇଲା । ସେ ଖୁସିରେ ଥିଲା । ହେଲେ ସେ ଖୁସି ତା’ର ବେଶୀଦିନ ସ୍ଥାୟୀହେଲାନି । ବାପ ଭେଟିଲା ଆଉ ଗୋଟେ କପୋତୀକୁ । ଦିନେ ସାଙ୍ଗ ସୁଙ୍ଗାହେଇ ସେ ଦୁହେଁ ଉଡିଗଲେ ଯେ ଆଉ ସେ ବାପକୁ ଦେଖିନାହିଁ ।

ଏକଲା ହେଇଗଲା କପୋତ । ବାପ ବିଚ୍ଛିନ୍ନ ହେଇଗଲା ଯଦିବା, ସେ ଦେଇଥିବା ଜ୍ଞାନ ତା’ମନରେ ରହିଥିଲା । ବ୍ୟାଧ ପ୍ରତି ସେ ସତର୍କ ରହିଲା ।

ଦିନେ ଝରକୂଳରେ ଗୋଟିକିଆ ଆତୁଆଗଛରେ ତା’ର ଭେଟହେଲା ଏଇ ସୁନ୍ଦୁରୀ କପୋତୀସହ । ପ୍ରଥମ ଭେଟରେ ଭାବହେଇଗଲା ଉଭୟଙ୍କ ମଧ୍ୟରେ । ଭାବଟା ଏତେ ଗଭୀର ହେବ ବୋଲି ସେମାନେ ବିଶ୍ୱାସ କରିନଥିଲେ । ଜଣେ ଅନ୍ୟଜଣକଠୁ ଦଣ୍ଡେ ପୃଥକ୍ ହେବାକୁ ଚାହୁଁନଥିଲେ । ବସୁଥିଲେ ଏକାଠି, ଉଡୁଥିଲେ ସାଙ୍ଗହେଇ, ରାତି ବିତାଉଥିଲେ ଗୋଟିଏ ଗଛରେ । ଏବଂ ........

ଗୋଟେ ଡାହିରେ ବସିଥିବ ସୁନ୍ଦୁରୀ । କପୋତ ହୁଦସ୍ ଉଡିଯିବ ଉପରକୁ । ଏବଂ କେତେବେଳେ ବାଙ୍କି ବାଙ୍କି କେତେବେଳେ ଚକ୍କରକାଟି କିମ୍ବା ପବନରେ ସାଜନଭାଙ୍ଗି ଲେଉଟି ଆସିବ କପୋତ ଓ ବସିପଡ଼ିବ ପାଖ ଡାହିରେ । ଚାହିଁବ ସୁନ୍ଦୁରୀର ମୁହଁକୁ ।

ବାଃ ! ବଢିଆ ଖେଳ ଦେଖଉଚୁ ତ । କହିବ ସୁନ୍ଦୁରୀ ।

ହସିବ କପୋତ । ଆହୁରି ବଢିଆ ଖେଳ ଆସେ । ଦେଖିବୁ ।

ସେ କହିବ ।

ନା । କହିବ କପୋତୀ । ତୁ ପାଖରେ ବସ ।

ଦିନ ବିତି ଯାଏ । କପୋତ କପୋତୀଙ୍କ ପ୍ରେମରେ ଭଟ୍ଟାଆସେନା ।

କପୋତକୁ ଗପିବାକୁ ଭଲଲାଗେ । କୁହେ ସେହି ଜଙ୍ଗଲ କଥା । କେତେ ଘଞ୍ଚଥିଲା ତା’ର ବର୍ଣ୍ଣନାରଖେ । କୁହେ ତା’ ବାପକଥା । ବାପର ବିଚ୍ଛିନ୍ନହେବା କଥା ।

ତୁ ମତେ ଛାଡ଼ି ଚାଲିଯିବୁ କି ? ମୁହଁ ଓହଳେଇ ପଚାରେ ସୁନ୍ଦୁରୀ ।

ନା ... ନା ... ନା... ରାଣ ଖାଇ କୁହେ କପୋତ ।

ନିତି ସକାଳେ, ବଣ ସେପାରି କ୍ଷେତ ଆଡ଼େ ଦୁହେଁ ଉଡିଯାଆନ୍ତି ଆଧାର ସାଉଁଟିବା ପାଇଁ । ଆକାଶରେ ଇମିତି ଘେରାଖାଇ ଉଡୁଥାନ୍ତି ଯେ ସତେକି ଆକାଶଗୋଟାକ ସେ ଦୁହିଁଙ୍କର । କ୍ଷେତରେ ଆଉ ଆଉ ଚଢେଇମାନଙ୍କୁ ଦେଖି କପୋତୀ ଖୁସିହୁଏ । ଭଲମନ୍ଦ ପଚାରିଦେବାକୁ ହୁଙ୍କୁ ହୁଙ୍କୁ ହୁଏ । ବାରଣକରେ କପୋତ ।

“ତୋର କାହା ସାଙ୍ଗରେ ମିଶିବା ଦରକାର ନାହିଁ ।” - କହେ କପୋତ ।

– କାହିଁକି !

"ତୁ ମାଇପି ଲୋକ, ବୁଝିପାରିବୁ ନାହିଁ । ଦେଖିଦେଖି ମୁଁ ଦୁନିଆର ଭିତର ବାହାର ସବୁ ଜାଣିଯାଇଛି ।"

– ବୁଝେଇ କହିଲେ ମୁଁ ବୁଝିଯିବିନାହିଁ !

"କାହା ଉପରେ ମୋର ବିଶ୍ୱାସ ନାହିଁ । ଉପରେ କଅଁଳକଥା କହିବେ, ଭିତରେ ସର୍ବନାଶ କରିବା ପାଇଁ ମସୁଧା କରୁଥିବେ । ତୁ କହିପାରିବୁ, ଯୋଉ ବାପ କେତେ ସିନିହ ଆଦର କରୁଥିଲା, ଦୁନିଆରେ କେମିତି ଚଳିବି ପଥ ବତାଉଥିଲା, ସିଏ କେମିତି ଜଣେ ମାଇପିର ପାଲରେ ପଡ଼ି ମତେ ଏକଲା କରି ଚାଲିଗଲା ! କହିପାରୁବୁ, ସେମାନେ କାହିଁକି ଆମ ଘରକୁ ଉଜାଡ଼ିଦେଲେ, ଜଙ୍ଗଲକାଟି ପଦାକରିଦେଲେ ! ମୋ ମାଆ କାହାର କି ଦୋଷ କରିଥିଲା, ତାକୁ ଉଠେଇନେଲେ ! ହେଇ ଦେଖ ... !" ଯେଉଁ ଜୋସ୍‌ରେ କଥା କହୁଥିଲା କପୋତ, ହଠାତ୍ ତୁନିପଡିଲା, ଚାହିଁରହିଲା ଗୋଟେ ଦିଗକୁ ।

ସୁନ୍ଦୁରୀ କିଛି ବୁଝୁଥିଲା, କିଛି ବୁଝିପାରୁନଥିଲା । ଗିରସ୍ତର ମୁହଁ ସିଧାରେ ଚାହିଁ ଦେଖିଲା, କିଏ ଜଣେ ଆସୁଛି ।

ପଚାରିଲା – ବାବାରେ ନିଶ ! ସେ କିଏ ?

ବ୍ୟାଧ ଆସୁଥିଲା । କମରରୁ ଝୁଲୁଛି ପଞ୍ଜୁରୀଟିଏ । କାନ୍ଧରେ ଛଣିଅଖା ଓ ଜାଲ । ହାତରେ ଗୋଛାଏ ବାଉଁଶନଳ । କ୍ଷେତରେ ପଙ୍ଗତକରୁଥିବା ଚଢେଇମାନଙ୍କୁ କେମିତି ଗୋଟେ ରାକ୍ଷାସିଆ ଆଖିରେ ଅନିଶା କରୁଥିଲା ।

"ସିଏ ବ୍ୟାଧ । ବାପ ଚିହ୍ନେଇ ଦେଇଛି, ମୋ ମାଆକୁ ସେଇ ଜାଲ ବସେଇ ହଡ଼ପକରି ନେଇଛି ।" – କହିଲା କପୋତ ।

ହସିଲା ସୁନ୍ଦୁରୀ । କହିଲା – "ଏଇଆକୁ ଡରୁଛୁ ! ଆମେ ତା ପାଲରେ ପଡିବା ନାହିଁ । ବୁଝିଲୁ ! ଚାଲେ ଆମେ ପଳେଇବା ।"

ଦୁହେଁ ସାଙ୍ଗସୁଙ୍ଗାହେଇ ଉଡିପଳେଇଲେ ନେଉଳି ଝରଆଡ଼େ । ସେମାନଙ୍କ ଦେଖାଦେଖି ଅନ୍ୟଚଢେଇମାନେ ଫଡ୍ ଫଡ୍ ହେଇ ଉଡିଗଲେ ।

ବ୍ୟାଧ ମୁହଁ ଓହଳେଇଲା ।

(ଦୁଇ)

"ତୁ ଏଣିକି ଏକଲା ଆଧାର ସାଉଁଟିବାକୁ ଯିବୁ ।"

- କହିଲା ସୁନ୍ଦୁରୀ

- ତୁ ଯିବୁନାହିଁ କି ?

"ନା, ମୋ ଦେହ ଓଜନିଆ ଲାଗୁଛି ।" ସେ ଲାଜକଲା ।

କପୋତ କିଛି ବୁଝିଲା । ବୁଝିଲା ସୁନ୍ଦୁରୀ ଅଣ୍ଡାଦେବ । ଖୁସିରେ ସେ ବିସ୍ତରିଗଲା । ପରମୁହୂର୍ତ୍ତରେ ନିଜର ମୂଢ଼ତା ପାଇଁ ଦୁଃଖକଲା । ଯେ - ଏହି ଦିନଗୁଡିକ ସେ ପ୍ରେମରେ ଭୋଳହୋଇ ସୁନ୍ଦୁରୀପାଇଁ ବସାଟିଏ ଗଢିପାରିନାହିଁ । ଏବେ ଗଢିଦେବ ଯେ, କିନ୍ତୁ କେଉଁଠି ଗଢିବ ! ବ୍ୟାଧର ଚରାଭୂଇଁ ଏଇ ପତଳା ଜଙ୍ଗଲ । ତା'ର ଲୋଭିଲା ଆଖି ଆଢୁଆଳେ ବସା ତୟାରହେବା ଦରକାର ।

କହିଲା - ତୁ ଏଇଠି ବସିଥା, ମୁଁ ଆସୁଛି ।

ଉଡିଗଲା କପୋତ ଝର ଦାଢେ ଦାଢେ ଦୂରକୁ । ଦି'ଘଡ଼ି ପରେ ଲେଉଟିଆସିଲା । ସେ ଖୁସିଥିଲା । ନେଉଳି ପାହାଡ ମୂଳରେ ଲଗାଲଗିହୋଇ ଦଶବାରଟି କୋଚିଳାଗଛ ଥିବା ଦେଖି ସେ ହାଲୁକା ଅନୁଭବ କରୁଥିଲା । ଆଶ୍ଚର୍ଯ୍ୟ ହେଉଥିଲା, କାଠଚୋରଙ୍କ ଦାଉରୁ କେମିତି ରକ୍ଷାପାଇଲେ ସେ ଗଛଗୁଡ଼ିକ ! ବେଶୀ ଖୁସିହେଇଥିଲା, ଗୋଟିଏ ହେଲେ କୋଚିଳାଖାଇ ଚଢେଇଙ୍କୁ ନଦେଖି । ଅନ୍ଦିସନ୍ଧି ସେ ବୁଲିଥିଲା, ବସାଟିଏ ବି ସେ ଦେଖିନଥିଲା । ହେଇଥିବ, ବ୍ୟାଧ ଛଳକରି କେତେକଙ୍କୁ ଧରିନେବା ପରେ ଅନ୍ୟମାନେ ସେ ସ୍ଥାନଛାଡ଼ି ଚାଲିଯାଇଥିବେ । ଭଲହେଲା, ନିରୋଳା ଜାଗାଟିଏ ମିଳିଗଲା । ସୁନ୍ଦୁରୀ ପାଇଁ ବସା ତୟାରକରିହବ, ବ୍ୟାଧର ଭୟ ରହିବ ନାହିଁ ।

"ଚାଲେ ସୁନ୍ଦୁରୀ । ସେଇଠି ବସା ଗଢିବା । କେହି ଦେଖିବାକୁ ନାହିଁ ।" - କହିଲା କପୋତ । ସେମାନେ ଉଡିଗଲେ ।

କେଇଦିନ ନାକେଦମ୍ ହେଇ ଦୁହେଁ ବସା ତୋଳିବା କାମରେ ଲାଗିଲେ । କପୋତକୁ ବଡ଼ିସକାଳୁ ସଞ୍ଜଯାଏ ହାଡଭଙ୍ଗା ଖଟଣି କରିବାକୁ ପଡିଲା । କେତେଆଡ଼େ ବୁଲି କାଠିକୁଟା ପତର ଥଣ୍ଟରେ ବୋହିଆଣିଲା । ଓ ସୁନ୍ଦୁରୀ ସେଗୁଡିକୁ ଆଚ୍ଛାକରି ଗୁନ୍ଥିପକେଇଲା । ମାତ୍ର କେଇଟା ଦିନରେ ସୁନ୍ଦୁରିଆ ବସାଟେ ତୟାରହେଇଗଲା ।

ସତେବା ବସା ତୟାର ହେବାପାଇଁ ଅପେକ୍ଷାକରିଥିଲା ସୁନ୍ଦୁରୀ । ଦୁଇଟି ଅଣ୍ଡା ସେ ପ୍ରସବ କଲା । ସେ ଅଧିକ ଖୁସିହେଲା ଓ ପେଟତଳେ ଯାକି ଉଷୁମ ବସିଲା । ବସା ବାହାରକୁ ବାହାରିଲା ନାହିଁ ।

ଅନ୍ୟପକ୍ଷରେ କପୋତ ଆଧାର ସାଉଁଟିବାପାଇଁ କ୍ଷେତଆଡ଼େ ଉଡିଗଲା ଓ ଲେଉଟିଆସିଲା । ବସାରେ ଭବିଷ୍ୟତପାଇଁ କିଛି ଆଧାର ସାଇତିବାପରେ ତା' ମଥାରୁ ବଡ଼ବୋଝଟିଏ ଉତୁରିଗଲା । ତା'କୁ ଉଶ୍ୱାସ ଲାଗିଲା । ପୁଅ କି ଝିଅ ହବ ଅପେକ୍ଷା କରିରହିଲା ।

ପ୍ରତି ସଞ୍ଜ ପରଠୁ ଦୁହେଁ ଆସିବାକୁଥିବା ପିଲାଦୁଇଟିର ଭବିଷ୍ୟତନେଇ ନୂଆ ନୂଆ କଥା କଳ୍ପନା କରିଲାଗିଲେ । କଳ୍ପନା ସେମାନଙ୍କୁ ଭସେଇ ଲାଗିଲା । ପିଲାଙ୍କ ମୁହଁ ଦେଖିବାକୁ ଉଭୟ ଉଚ୍ଛନ୍ନ ଅନୁଭବ କରୁଥିଲେ ।

ନେଉଳି ପାହାଡ଼ର ସେଇ ଅଞ୍ଚଳରେ ବ୍ୟାଧକୁ ନଦେଖି ସେମାନେ ଥିଲେ ନିର୍ଭୟ ।

ଯଥା ସମୟରେ ଅଣ୍ଡାଦୁଇଟି ଫୁଟିଲା ଓ ଦୁଇଟି ପୁଅ ଜନ୍ମିଲେ । କପୋତ ସାଇତି ରଖିଥିବା ଆଧାର କାମରେ ଆସିଲା । ଡେଣା ନଗଜୁରିବା ପର୍ଯ୍ୟନ୍ତ ଦୁହେଁ ପରସ୍ପରକୁ ଚାହିଁ ବସିରହିଲେ । କେଉଁଆଡ଼େ ଗଲେ ନାହିଁ ।

ପୁଅ ଦୁହିଁଙ୍କର ନାଲିଚରଚର ଦିହରେ ରୁମ କଅଁଳିଲା । ଏବଂ କ୍ରମଶଃ ଡେଣା ଗଜୁରିଲା । ଏବଂ ସେମାନେ ପାଦସଳଖି ଠୁକୁର ଠୁକୁର ଚାଲିଲେ । ମାଆ ଉପରେ ଚଢ଼ାଚଢ଼ି ହେଇ ଗେଲଖେଳିଲେ । ମାଆ ମୁହଁରୁ ଆଧାର ଛଡେଇ ଖାଇଲେ । ଏବଂ କେତେବେଳେ କେମିତି ଆପଣା ଭିତରେ ଖୁମ୍ପା ଖୁମ୍ପିହୋଇ ଝଗଡା ଲାଗିଲେ ।

ପାଖ ଡାହିରେ ବସି କପୋତ ଦେଖୁଥାଏ ଛୁଆପୁଅ ଦୁହିଁଙ୍କୁ । ଏବଂ ସେମାନଙ୍କ ଖେଳୁଆଡ ଢ଼ଙ୍ଗକୁ । ସେ ଖୁସି ହଉଥାଏ । କିନ୍ତୁ ସେମାନଙ୍କ ଝଗଡା ଝାଣ୍ଟିକୁ ପସନ୍ଦ କରୁନଥାଏ । ସେହି ବସିବାଥାନରୁ ତା'ର ଆକଟ ଶୁଭେ-ଝଗଡା କାହିଁ ଲାଗୁଚରେ ! ତୁମେ ପରା ଭାଇ ଭାଇ ! !

କିନ୍ତୁ ବାପ କଥାକୁ ଛୁଆ ଦୁହେଁ ଗୁରୁତ୍ୱ ଦେବାପରି ମନେହୁଏନାହିଁ । ସୁନ୍ଦୁରୀ ସେମାନଙ୍କୁ ଛଡେଇଦିଏ ଓ ସେମାନେ ପୁଣି ସାଙ୍ଗ ହେଇ ଖେଳନ୍ତି ।

ସମୟ ଦ୍ରୁତଗତିରେ ବିତିବାକୁ ଲାଗେ । ଖଣ୍ଡିଭଡା ଶିଖିଯାଆନ୍ତି ପୁଅଦୁହେଁ । ସ୍ୱାଧୀନ ଭାବେ ବସାରୁ ବାହାରି ଡାହିରେ ବସନ୍ତି ଓ ଗଛ ଚଡେଇ ଆକାଶ ସୂର୍ଯ୍ୟ ଦେଖନ୍ତି । ଲମ୍ବା ନିଶ୍ୱାସ ନିଅନ୍ତି । ବସାଭିତରେ ବସିରହିବା ସେମାନଙ୍କୁ ଭଲ ଲାଗେନା । କପୋତ ସେମାନଙ୍କୁ ଉଡିବା ଶିଖାଏ । ନିଜେ ସାଜନଭାଙ୍ଗି ଶିଖେଇଦିଏ କେମିତି ବଢିଗଲେ ଆକାଶରେ ସାଜନଭାଙ୍ଗି ଉଡ଼ିପାରିବେ ।

କ୍ରମେ ଡାଗିରିଆ ହେଲେ ପୁଅ ଦୁହେଁ । ଖଣ୍ଡେଦୂର ପର୍ଯ୍ୟନ୍ତ ଉଡି ପୁଣି ଲେଉଟି ଆସିପାରିଲେ ମାଆପାଖକୁ । କପୋତ କପୋତୀ ନିଶ୍ଚିତ ହେଇଗଲେ, ପୁଅ ଦୁହେଁ ବିନା ସାହାଯ୍ୟରେ ଚଳପ୍ରଚଳ କରିବା ସାମର୍ଥ୍ୟ ଅର୍ଜିସାରିଲେଣି । ତଥାପି ସୁନ୍ଦୁରୀ ସେମାନଙ୍କୁ ବାପ ସାଙ୍ଗରେ କ୍ଷେତଆଡ଼େ ଯିବାକୁ କହୁନଥାଏ । ମୋଟ ଉପରେ, ପୁଅଙ୍କୁ ଆଖି ଆଗରୁ ଦଣ୍ଡେ ଛାଡ଼ିବାକୁ ସେ ଚାହେଁନା ।

ଦିନକର କଥା । ଉପରଓଳା । କପୋତ ଦେଖିପକେଇଲା ବ୍ୟାଧକୁ । କୋଚିଲାଗଛ ସନ୍ଧିଦେଇ ସେ ଯାଉଥିଲା ଝରଆଡେ । ସେ ଚମକିଲା । ଇଏ ତ ଏପଟକୁ କେଉଁ ଆସେନା, ଆଜି କାହିଁକି ! ସେ

କହିଲା ସୁନ୍ଦୁରୀକୁ । ସୁନ୍ଦୁରୀ ଦେଖିଲା । ଉଭୟ ଡରରେ କୋତରିଗଲେ । କାହାପାଟିରୁ ବଚନ ବାହାରିଲା ନାହିଁ ।

କିନ୍ତୁ ସୂଚନା ଭଲଥିଲା । କୋଚିଲାଗଛ ସନ୍ଧିଦେଇ ବ୍ୟାଧ ତଳମୁହାଁ ଆଗେଇଗଲା ଝରଦାଢ଼ ଆଡେ । ଉପର ମୁହାଁ ଚାହିଁଲା ନାହିଁ ମୋଟୁରୁ ।

"ଯାହା ହେଉ, ସେ ଆମ ପୁଅଙ୍କୁ ବା ଆମ ବସାକୁ ଦେଖିନାହିଁ ।" - କପୋତ ଧୀରସ୍ୱରରେ କହିଲା ।

"ଏତେ ଉଞ୍ଚାରେ ଆମେ ବସାଗଢିଛନ୍ତି, ସେ ଦେଖିବ କେମିତି !"

ଆଶ୍ୱାସନା ବାକ୍ୟକହିଲା ସୁନ୍ଦୁରୀ ।

"କାହା କଥା କଥାହଉଛ ?" - ଜଣେ ପୁଅ କହିଲା ।

ସେତେବେଳକୁ ବ୍ୟାଧ ଦୂରକୁ ଚାଲିଗଲାଣି ।

ମା' ବାପ ପରସ୍ପର ମୁହଁ ଚାହାଁ ଚାହିଁ ହେଲେ ।

କହିବେ ନା ନାହିଁ, ଏଇପରି ଦ୍ୱିଧାଭାବ ସେମାନଙ୍କର ।

"କିଏ ଆମ ବସା ଦେଖିନାହିଁ !" - ପୁଅର ପୁଣି ପ୍ରଶ୍ନ ।

କହିଦେବା ଠିକ୍ ହେବ ଭାବି ସୁନ୍ଦୁରୀ କହିଲା - ଏହି ବାଟଦେଇ ଏବେ ଏବେ ବ୍ୟାଧଟିଏ ଗଲା ।

: ବ୍ୟାଧ କ'ଣ !

- ବ୍ୟାଧ ଗୋଟେ ମଣିଷ । ଭାରିଦୁଷ୍ଟ । ପଶୁପକ୍ଷୀଙ୍କୁ ଜାଲବସେଇ ସେ ଧରିନିଏ । ସେ ଆଉଥରେ ଆସିଲେ ମୁଁ ଚିହ୍ନେଇ ଦେବି । ତୁମେ ତାକୁ ହୁସିଆର ରହିବ ।

ପଶୁପକ୍ଷୀଙ୍କ ଗଳାକାଟି ମାଉଁସ ଖାଇବା କଥା ସେ କହିଲାନି । କାଳେ ଛୁଆ ଦୁଇଟା ଡରିଯିବେ ।

"ହୁଃ" ! - ପୁଅର ଅବଜ୍ଞା ସୂଚକ ସ୍ୱର । ସତେବା କୋଉ ବ୍ୟାଧକୁ ସେ ଖାତିର କରେନା ।

ଅନ୍ୟ ପୁଅଟି କହିଲା - ଆମେ ପରା ଆକାଶରେ ଉଡ଼ିବୁ । ମାଟିର ମଣିଷ ଆମର କରିବ କ'ଣ ! ଦୁର !!

ପୁଅ ଦୁହିଁଙ୍କୁ ଜଟିଳକଥା ସ୍ପର୍ଶକରିନାହିଁ । ସେମାନେ ନିର୍ଭୟ ହେବା ଭଲ ଲକ୍ଷଣ । କିନ୍ତୁ ବ୍ୟାଧକୁ କୋଉ ବିଶ୍ୱାସ ! ଯାହାହେଉ ବ୍ୟାଧ ସେମାନଙ୍କୁ ଦେଖିନାହିଁ । ଆଶଙ୍କା ମଧ୍ୟରେ ମଧ୍ୟ କପୋତ କପୋତୀ ଖୁସି ଦିଶିଲେ ।

କପୋତ କପୋତୀଙ୍କ ଧାରଣାରେ ସାଂଘାତିକ ତ୍ରୁଟି ରହିଯାଇଥିଲା । ସେମାନଙ୍କୁ ଓ ସେମାନଙ୍କ ବସା ସମେତ ଛୁଆ କପୋତ ଦୁଇଟିକୁ ଦେଖି ପକେଇଥିଲା ବ୍ୟାଧ ଓ ସୁଯୋଗ ଅପୂର୍ବ ବୋଲି ମନେକରିଥିଲା ।

ସେହି ଦିନ ସଂଧ୍ୟା ପରେ ଅନ୍ଧକାର ମଧରେ ଆସିଲା ବ୍ୟାଧ । ହାତରେ ସରୁ ନାଇଲନ ସୂତାର ଜାଲ । ଏତେ ସରୁ ଯେ ଖାଲି ଆଖିକୁ ଦିଶିବନି । ଗଛତଳେ ଆଧାର ବିଞ୍ଚି ଜାଲ ବସେଇଦେଇ ଫେରିଯାଇଥିଲା ସେ ।

ସକାଳ ହେଲା ।

ଗୋଟେ ପୁଅ କହିଲା ମା'କୁ - ଗଛ ଉପରେ ବସି ବସି ଚିଟା ଲାଗିଲାଣି । ଆମେ ତଳକୁ ଯାଇ ଘେରେ ବୁଲିଆସନ୍ତୁ ।

ଅନ୍ୟ ପୁଅଟି କହିଲା - ହଁ ମା' ତଳେ ବୁଲାବୁଲି କରି ଆମେ ସଅଳ ଫେରିଆସିବୁ । ମାଟିଉପରେ ବୁଲିବାରେ ମଜା ।

ପୁଅଙ୍କ ମନକଥା ବୁଝିଲା ସୁନ୍ଦୁରୀ । ଭାବିଲା, କେତେଦିନ ଆଉ ପୁଅଙ୍କୁ ଅଟକେଇ ରଖିବ! ଏବେ ନହେଲେ ଦିନେ ନା ଦିନେ ସେମାନେ ତ ପୁଣି ବାହାର ଦୁନିଆ ଦେଖିବେ । କହିଲା - ହଉ ଯାଅ, ଜଲଦି ଫେରିଆସିବ । ତୁମ ବାପ ହେଇ ଆସିଲା ଭଳି ।

ଫୁର୍‌କିନା ପୁଅଦୁହେଁ ତଳକୁ ଉଡିଗଲେ ।

ସୁନ୍ଦୁରୀ ଉପର ଡାହିରେ ବସିରହିଲା ଥିର ହୋଇ । ଭାବିଲା ଗିରସ୍ତ ଯାଇଛି ଆଧାର ଆଣିବାକୁ । ପୁଅଦୁହେଁ ମାଟି ଉପରକୁ ଚାଲିଗଲେଣି । ସେ ଏକଲା । କେଉଁ ସେ ଏକଲା ହୋଇନଥିଲା । ଦିନଥିଲା, ଗିରସ୍ତକୁ ଆଖି ଆଗରୁ ଦଣ୍ଡେ ଛାଡ଼ିବାକୁ ଚାହୁଁନଥିଲା । ଏବେ ପରିସ୍ଥିତି ବଦଳିଛି । ପୁଅ ଦୁଇଟି ତା' କୋଳକୁ ଆସିଛନ୍ତି । ସେ ଅନୁଭବ କରୁଛି, ପୁଅଦୁଇଟି ତା'ର ସତ୍ତାକୁ ସଦା ଆଚ୍ଛନ୍ନକରି ରଖିଛନ୍ତି । ଗିରସ୍ତପ୍ରତି ଥିବା ତା'ର ଶ୍ରଦ୍ଧା ପ୍ରେମ ଆଦର ପୁଅମାନଙ୍କ ଉପରେ କେନ୍ଦ୍ରୀଭୂତ ହୋଇଛି । ପୁଅଙ୍କ ଭିତରେ ସେ ଦେଖୁଥିଲା ନିଜକୁ । ଏବଂ ଗିରସ୍ତକୁ । ସତ, ପୁଅଙ୍କ ବିନା ସେ ଦିହଧରି ରହିପାରିବ ନାହିଁ ।

ସମୟ ଆସୁଛି, ପୁଅମାନେ ଆକାଶ ପ୍ରେମରେ ପଡିବେ, ଯେଝାବାଟ ଧରିବେ । ସେତେବେଳେ ? ସେତେବେଳେ ସେ କ'ଣ କରିବ ? ପୁଅଙ୍କଠୁ ବିଚ୍ଛିନ୍ନ ହୋଇ ସେ ରହିବ କେମିତି !

ପର ମୁହୂର୍ତ୍ତରେ ସୁନ୍ଦୁରୀ ନିଜକୁ ନିଜେ ଶାନ୍ତ୍ୱନାଦିଏ, ମୋ ପୁଅ ସେମିତିକା ନୁହଁନ୍ତି । ମୋତେ ଛାଡ଼ି ସେମାନେ କେଉଁଆଡ଼େ ଯିବେନି !

ଗଛଉପରୁ ସେ ଦେଖୁଥିଲା, ପୁଅମାନେ ଯୋଡ଼ିଯାଉଁଳି ହୋଇ ମାଟିରେ ପାଦରଖି ଠୁକୁର ଠାକୁର ଚାଲୁଛନ୍ତି । ଭୂଇଁରେ ଥଣ୍ଟମାରୁଛନ୍ତି । ଗୋଟେ ବୁଦା ଚାରିପଟେ ଘୂରୁଛନ୍ତି । ବେଳେବେଳେ କଳିଲାଗୁଚନ୍ତି । ପୁଣି ସାଙ୍ଗହେଉଚନ୍ତି । ଆହାଲୋ ମୋର ଛୁଆ !

ଗିରସ୍ତ ଫେରିନାହିଁ । କୁଆଡ଼େ ଗଲା ଏପର୍ଯ୍ୟନ୍ତ ! ପୁଅଙ୍କଠୁ ଭାବନା ବୁଲେଇ ସେ ଗିରସ୍ତମନସ୍କ ହେଲା । କ୍ଷେତରେ କେଉଁ ମାଇପିକୁ ଭେଟିଲା କି ଆଉ ! ସେ ଭାବନାରେ ଏତେ ଭୋଳଥିଲା ଯେ ତଳେ କ'ଣ ଘଟୁଚି ଜାଣିପାରିଲା ନାହିଁ ।

ହଠାତ୍ । ତଳେ ପୁଅମାନଙ୍କର ଅଶାନ୍ତରାବ ତା'ର ଭାବନା ଡ଼ୋରକୁ ଛିଡେଇଦେଲା । କ'ଣ ହେଲା ! ଯାହା ସୁନ୍ଦୁରୀ ତଳେ ଦେଖିଲା, ସେଥିରେ ତା'ର ଦିହ ହିମଶୀତଳ ହେଇଗଲା । ତା'ଦିହରୁ ଜୀବନ ବାହାରିଗଲା ଭଳି ଲାଗିଲା ।

ନାଇଲନ ସୂତା ଜାଲରେ ପଡିଯାଇଥିଲେ ପୁଅ ଦୁହେଁ । ବାହାରି ପାରୁନଥିଲେ । ସେତେବେଳେ ଯାଇ ସେ ଜାଣିଲା, ବ୍ୟାଧ ପାତିଥିବା ଜାଲରେ ପୁଅମାନେ ବନ୍ଦୀ ! ଅସଫଳ ଭାବେ ଉଡୁଥିଲେ କିନ୍ତୁ ବାହାରି ପାରୁନଥିଲେ । ମା ମା ବୋଲି ଚିହିରା ଛାଡୁଥିଲେ ।

କେତେବେଳେ ସେ ନିଶୁଆ ବ୍ୟାଧ ଜାଲବିଛେଇଲା ! ସେ ଜାଣିଥିଲେ ନିଶ୍ଚେ ପୁଅଙ୍କୁ ଆକଟକରିଥାନ୍ତା, ତଳକୁ ଛାଡ଼ିନଥାନ୍ତା ।

କ'ଣ କରିବି ଏବେ ! ହା ମୋ ପୁଅ ! କାନ୍ଦିଲାଗିଲା ସୁନ୍ଦୁରୀ ।

କପୋତ ଫେରିଆସିଲା । ଦେଖିଲା ସୁନ୍ଦୁରୀ କାନ୍ଦୁଛି । ଏବଂ ଦେଖିଲା, ପୁଅ ଦୁହେଁ ଜାଲରେ ବନ୍ଦୀ । ତା' ମଥା କାମକଲାନି । ସେ ବ୍ୟାଧ କଥା ଭାବୁନଥିଲା । ଭାବୁଥିଲା, ଛୁଆପୁଅ ଓ ସୁନ୍ଦୁରୀକଥା ।

ବ୍ୟାଧ କେଉଁଠି ଦିଶୁନଥିଲା ।

ହା ମୋ ପୁଅ, ହା ମୋ ପୁଅ କହି ମଥା କୋଡୁଛି ସୁନ୍ଦୁରୀ ।

ଛୁଆପୁଅ ଦୁହେଁ ସାହାଯ୍ୟ ଆଶାରେ ଚାହୁଁଛନ୍ତି ଉପରମୁହାଁ ।

ହଠାତ୍ ଅଭାବିତ ଘଟନାଟେ ଘଟିଲା । ଜୀବନ ରଖିବି କାହିଁକି । ମନକୁ ମନ କହିଲା ଓ ଦୁମ୍ କରି ଖସିପଡିଲା ସୁନ୍ଦୁରୀ । ଏବଂ ପଡିଗଲା ଜାଲ ଉପରେ ।

“ମୋର ଆଉ ରହିଲା କ'ଣ ! ମା' ବାପା ଯାଇଥିଲେ । ଏବଂ ପୁଅ ଓ ସ୍ତ୍ରୀ ଚାଲିଗଲେ । ମୋର ବଞ୍ଚିରହିବାର ଆବଶ୍ୟକତା ନାହିଁ ।” - ଆପକୁ ଆପ ଶୁଣେଇଲା କପୋତ । ସେ ମଧ୍ୟ କପୋତୀର ପଥ ଅନୁସରଣକଲା । ଖସିପଡ଼ିଲା ଜାଲ ଉପରକୁ ।

ପୁରା ପରିବାର ସାଙ୍ଗହୋଇ ମରିବାର ନିଷ୍ପତ୍ତି ନେଇଥିଲେ କପୋତ କପୋତୀ ।

(ତିନି)

ବ୍ୟାଧ ତୁନିହେଇ ବସିଛି । ଏବଂ କାନ୍ଦୁଛି । ଗ୍ହହିଁଛି ତଳକୁ । ପିଞ୍ଜୁରୀ ଓ ଛଣିଅଖା ହାତ ପାଖରେ ଥୁଆ ହୋଇଛି ।

ସେତେବେଳକୁ କପୋତ କପୋତୀ ଓ ପୁଅମାନଙ୍କର କାନ୍ଦ ବନ୍ଦ ହୋଇଗଲାଣି । କିଛି ବୁଝିପାରୁନଥାଏ କପୋତ । ଛଣି ଆଖାରେ ଭର୍ତ୍ତିକରି ଅତି ସହଜରେ ବ୍ୟାଧ ସେମାନଙ୍କୁ ନେଇଯିବା କଥା । କିନ୍ତୁ ଇଏ କ'ଣ ସେ ଦେଖୁଛି !

ଜୀବନର ମୋହ ତୁଟିଯାଇଥିଲା କପୋତର । ମରିବାକୁ ଯାଉଥିବା କପୋତର ଡର ନରହିବା ସ୍ୱାଭାବିକ୍ ।

ସେ କହିଲା, "ବ୍ୟାଧଭାଇ, ତୁମେ କାନ୍ଦୁଛ କାହିଁକି ?"

ବ୍ୟାଧଠୁ ଉତ୍ତର ଆସିଲାନି । ଓଲଟି ତା'ର କାନ୍ଦ ଶବ୍ଦ ରୂପ ନେଲା ।

କପୋତୀ ଆଶ୍ଚର୍ଯ୍ୟ । ଛୁଆପୁଅ ଦୁହିଁଙ୍କର ବୋକା ବୋକା ଗ୍ହହାଣି ।

"ମରିବା ପୂର୍ବରୁ ତୁମର ଦୁଃଖଟି ନଜାଣିଲେ ବଡ଼ ଅବସୋସ୍ ରହିଯିବ ।" ପୁଣି କହିଲା କପୋତ ।

ତଥାପି ବ୍ୟାଧ ନିରୁତ୍ତର । ସେ କେବଳ ମୁହଁ ଉଠେଇ ଗ୍ହହିଁଲା କପୋତ ଆଡ଼େ । ତା' ଗ୍ହହାଣିରୁ କରୁଣା ଝରିପଡୁଥିଲା ।

କପୋତର ଆଶ୍ଚର୍ଯ୍ୟର ସୀମାନାହିଁ । ବ୍ୟାଧର ଆଚରଣ ତାକୁ ଦୁର୍ବୋଧ ମନେହେଉଥିଲା । ଇଏ ଯେ କିଛି କହୁନାହିଁ । ସେ ଦୁର୍ବଳ ଅନୁଭବକରୁଥିଲା ବ୍ୟାଧପ୍ରତି ।

ସେ ପୁନରାୟ କହିଲା, "ଦେଖ ଭାଇ, ତୁମର ଦୋଷ କିଛି ନାହିଁ । ତୁମର କାମ ଜାଲ ବସେଇ ଚଢେଇ ଧରିବା । ଆମର କାମ ସତର୍କହବା । ଆମର ପୁଅ ସତର୍କ ହେଲେ ନାହିଁ । ଜାଲରେ ପଡ଼ିଗଲେ । ଆମେ ବାପମାଆ ଜାଣିଶୁଣି ଖସିପଡିଚୁ । ତୁମକୁ କେହି ଦୋଷଦେବେ ନାହିଁ । ତୁମେ ଉଠିଆସ ଓ ଆମକୁ ଧରିନିଅ ।"

"ସଂସାରକର୍ମ ଉପରେ ବିତୃଷ୍ଣା ଆସିଯାଇଛି । ବୃତ୍ତିର ତାଡନାରେ ସିନା ଜାଲ ପାତିଥିଲି, କିନ୍ତୁ ..........." କାନ୍ଦୁରା ସ୍ୱରରେ କହିଲା ବ୍ୟାଧ ।

- ମୁଁ କହିଲି ପରା ତୁମର ଦୋଷନାହିଁ । ତୁମେ ତୁମ ବୃତ୍ତିଧର୍ମ ପାଳନକରିଛ ମାତ୍ର ।

: ବୃତ୍ତିଧର୍ମ ! କାହିଁ କେବେଠୁ କରିଆସୁଚି । କିନ୍ତୁ କେତେ ଯୁଗପରେ ଏହା କିପରି ସମ୍ଭବହେଲା ? ପୁଣି ଆଜି । ଶେଷରେ ମହାଗୁରୁଙ୍କୁ ......ନା ଅସମ୍ଭବ ! । ତେବେ ବି ବ୍ୟାଧର ଆଖିରୁ ଲୁହ ବହୁଥାଏ ।

କପୋତ ବ୍ୟାଧର କଥାରୁ କିଛି ବୁଝିପାରୁନଥିଲା । ସଂସାରକର୍ମ ଉପରେ ବିତୃଷ୍ଣା ! ମହାଗୁରୁ ! ! କ'ଣ ସବୁ କହିଯାଉଛି ବ୍ୟାଧ । ଏହିପରି ସେ ଭାବୁଛି ତ ବ୍ୟାଧ ମୁହଁ ଓହଳେଇ କହିଲା –

"କେମିତି ତୁମକୁ ବୁଝେଇବି ! ଜୀବନରେ କେତେ ପରିବାର ଉଚ୍ଛନ୍ନକରି ଆପଣା ପରିବାରର ପ୍ରତିପାଳନ କରିଛି । ଯେତେ ପାପ କରିଛି, ମୋ ପରିବାରରେ କିଏ ସେଥିରୁ ଭାଗନବ ! ମତେ ପାପମୁକ୍ତ କରିବ ! ତୁମକୁ କପୋତ ଭାଇ ସମ୍ବୋଧନ କରିଥାନ୍ତି, କିନ୍ତୁ ତୁମେ ଯେ ଗୁରୁଙ୍କ ଗୁରୁ । ମହାଗୁରୁ ! ! ଆହାଃ, କେତେ ଯୁଗପରେ କେମିତି ଏହା ସମ୍ଭବହେଲା ?"

ଯେତେ ଯାହା କହିଲା ବ୍ୟାଧ, କପୋତର ବୋଧଶକ୍ତିର ବାହାରେ ଥିଲା । କେବଳ ବୁଝିପାରୁଥିଲା ଦୁଇଟି ଶବ୍ଦ-ପରିବାର ଓ ସଂସାରକର୍ମ । ପାପ, ଗୁରୁ, ମହାଗୁରୁ ...... ଏସବୁ କ'ଣ ! କ'ଣ କେତେ ଯୁଗପରେ ସମ୍ଭବ ହୋଇଛି । ପୁତ୍ର ଓ ପତ୍ନୀକଷ୍ଟ ସହିନପାରି ସେ ସ୍ୱେଚ୍ଛାରେ ଖସିପଡିଥିଲା ଗଛରୁ । ଆପେ ଆପେ ଧରାଦେଇଥିଲା ବ୍ୟାଧକୁ । ଯେଉଁ ବ୍ୟାଧ ସେମାନଙ୍କୁ ସହସା ଧରିନେଇ ରୁମେଇବା କଥା, ସେ ପୁଣି ଏତେ ଜଟିଳକଥା କହୁଛି କିପରି ?

କହିଲା, "ବ୍ୟାଧଭାଇ, ଆମେ ଆକାଶରେ ଉଡୁଥିବା ଚଢେଇ । ଗଛରେ ବସାଗଢୁ ଓ ରହୁ । ତୁମେ ମାଟି ଉପରେ ଘରକରି ରୁହ । ତୁମର ଜ୍ଞାନ ଅଧିକ । ଆମର ଜ୍ଞାନନାହିଁ । ମତେ ବୁଝେଇ କୁହ, ମୁଁ ମହାଗୁରୁ କିପରି ହେଲି ! ଏବଂ କେଉଁ କଥା କେତେ ଯୁଗପରେ ଘଟିଲା !

ବ୍ୟାଧ ପୂର୍ବାପେକ୍ଷା ସହଜ ମନେହେଲା । କହିଲା – ମହାଗୁରୁଙ୍କ ପାଖରେ କଥା କହିବାକୁ ମୋତେ ଡରମାଡୁଛି ।

– ନା, ଡରିବାର କାରଣନାହିଁ । ଅଭୟଦେଉଛି, କୁହ ।

ଆପଣା ପରିବାରର ନିଶ୍ଚିତ ସମାପ୍ତି ସେ ସଂପୂର୍ଣ୍ଣ ଭୁଲି ସାରିଥିଲା ।

ଆଖି ମୁହଁ ପୋଛିଲା ବ୍ୟାଧ । ପିଞ୍ଜୁରୀ ଓ ଛଣିଅଖାକୁ ସେ ଦୂରକୁ ଫିଙ୍ଗିଦେଲା । କଅଁଳା ଛୁଆଙ୍କ ପରି ସରଳ ସେ ଦିଶିଲା । ତା'ର ଜୁଆଳିଆ ନିଶ ମଧ୍ୟ ଝାଉଁଳିଗଲା ପରି ମନେହେଲା । କହିବା ଆରମ୍ଭକଲା ବ୍ୟାଧ –

ଆମ ଶଅର ବସ୍ତିରେ ଗୋଟେ ସାଜିଘର । ସେଠି ଫି ସଞ୍ଜରେ ଗୋଟେ ମୋଟା ବହି ପଢାଯାଏ । ସେ ବହିଟାକୁ କ'ଣ କହୁଛନ୍ତିଟି .....ହଁ ଭାଗବତ । ଲୋକେ ଶୁଣନ୍ତି । ମୁଁ କେଭେଁ ସେ ଘରେ ବସିନଥିଲି କି ଭାଗବତ ଶୁଣିନଥିଲି । ଯେଉଁସମୟରେ ଭାଗବତ ବହି ପଢାଯାଏ ଓ ଘଣ୍ଟା ବାଜେ, ମୁଁ ଆମ ଦାଣ୍ଡରେ

ଚଡ଼େଇ ରୁମଉଥାଏ କି ପଶୁଟିଏର ଛାଲଉତାରୁଥାଏ । ଦିନକର କଥା । ଖାସ୍ କିଛି କାମନଥାଏ ମୋର । ଭାବିଲି, ଯାଏଁ କ'ଣ ପଢାହଉଛି ଶୁଣିଆସେ ।

ଗଲି । ଶୁଣିଲି, ଯାହା ଶୁଣିଲି ମୁଣ୍ଡରେ କିଛି ପଶୁନଥାଏ । କିନ୍ତୁ, ଇମିତି ଗୋଟେ କଥା ପଡିଲା ମୋ ମଗଜ ଟାଣିହେଇଗଲା । ମୋରି କଥା କି !

.....ଗୋଟେ ବନସ୍ତରେ ବୁଲୁଥିଲା ଲଙ୍ଗଳା ବାବାଜୀଟିଏ । ତାକୁ ଗୋସେଇଁ କହୁଥିଲେ ଅବଧୂତ । ମୁଣ୍ଡରେ ଜଟା, ଦେହରେ ଧୂଳି, ମୁହଁ ହସ ହସ । ରଜା ଭେଟିଲା ସେଇ ଅବଧୂତକୁ । ଅବଧୂତ ଖୁସିଥିବାର ଦେଖି ରଜା ଆଶ୍ଚର୍ଯ୍ୟହେଲା । ଘରନାହିଁ, ସଂସାରନାହିଁ, ଧନନାହିଁ, ଅଥଚ ଏତେ ଖୁସିରେ ବୁଲୁଚି କେମିତି ! ମୋର ସବୁଥାଇ ମୁଁ ଖୁସି ହୋଇ ପାରୁନାହିଁ କାହିଁକି ! ସେ କାରଣଟି ପଚାରିଲା ଲଙ୍ଗଳା ବାବାଜୀକୁ ।

ଅବଧୂତ କେତେ କଥା କହିଲା । ସେଥିରୁ ଗୋଟେ କଥା ମୋର ମନେଅଛି ....... ବ୍ୟାଧ ନୀରବ ହୋଇଗଲା ।

- କ'ଣ ମନେଅଛି କୁହ । କପୋତର କୁତୂହଳୀ ପ୍ରଶ୍ନ ।

..... କହିଲା କପୋତ ପକ୍ଷୀ ମୋର ଗୁରୁ । ତାରିଠୁ ସଂସାର ବିରାଗୀ ହବା ଶିଖିଛି । ସେଇଠୁ ସେ ଲଙ୍ଗଳା ବାବାଜୀ କପୋତ କପୋତୀ ଓ ସେମାନଙ୍କର ଦୁଇ ସାନପୁଅଙ୍କ କାହାଣୀ କହିଲା । ଏବଂ କହିଲା ବ୍ୟାଧ କଥା । ଠିକ୍ ଆଜିର କଥାଭଳି । ଆଜିଭଳି କପୋତ କପୋତୀ ପୁତ୍ର ଦୁଃଖରେ ଗୁଳୁକିନା ଖସିପଡ଼ିଥିଲେ ଗଛଉପରୁ ।

.... ତୁମେ କୁହ ମହାଗୁରୁ, କେଉଁ ଯୁଗର ସେ ଘଟନାଟିର ପୁନରାବୃତ୍ତି ଆଜି କେମିତି ହେଲା ? ମୋର ବିଶ୍ୱାସ ଦୃଢହୋଇଛି କି ସେହି ଭଳି ଘଟନା ପ୍ରତ୍ୟେକ ଯୁଗରେ ଘଟେ । ଆଜି ଘଟିଲା ।

କହିସାରି ବ୍ୟାଧ ମନେପକେଇ କାନ୍ଦ କାନ୍ଦ ଦିଶିଲା ।

ସୁନ୍ଦୁରୀ ହାଁଟା କରି ଶୁଣୁଥିଲା ବ୍ୟାଧ ଓ ଗିରସ୍ତର କଥାବାର୍ତ୍ତା । କପୋତ ଛୁଆ ଦୁଇଟି କିଛି ବୁଝିନପାରି ଜୁଲୁଜୁଲୁ ଚହିଁଥିଲେ । କିନ୍ତୁ କପୋତ ନିଜକୁ ନୂଆ ରୂପରେ ଦେଖୁଥିଲା । ଭାବୁଥିଲା, ସତରେ ସେ ମହାଗୁରୁ କି !

ଏହିପରି ଭାବୁଚି ତ ବ୍ୟାଧ ପୁଣି କହିଲା - ସେ ଅବଧୂତ ଯେଉଁ କପୋତଙ୍କ କଥା ଗପିଲା, ବ୍ୟାଧ ସେମାନଙ୍କୁ ନେଇ ନିଶ୍ଚେ ରୁମେଇ ମାଉଁସ ତରକାରୀ କରିଥିବ । କିନ୍ତୁ ମା'ରାଣ, ମୁଁ ସେପରି କରିପାରିବି ନାହିଁ । ତା' ମୁହଁରେ ପଶ୍ଚାତ୍ତାପ ଭାବ ଉକୁଟି ଉଠୁଥିଲା ।

କପୋତ ଭିତରେ ଫୁଲିଫୁଲି ଉଠିଲା । ନିଜକୁ ସତସତିକା ମହାଗୁରୁଭାବେ କଳନା କରିନେଲା । କହିଲା – ତୁମେ ମତେ ମହାଗୁରୁ କହିଲ । ଶୁଣିଲି, ଖୁସିହେଲି । କିନ୍ତୁ ମୁଁ ଗୋଟେ କଥା କହୁଚି । ଶୁଣ । ଯେ – ତୁମେ ବ୍ୟାଧ ନୁହଁ, ତୁମେ ସେହି ଅବଧୂତ । ନିଶ୍ଚୟ ।

ଅବଧୂତ ! କିନ୍ତୁ ମୋ ଦେହରେ ଯେ ଲୁଗାଅଛି ।

: ଖୋଲିପକାଅ ! କହିଲା କପୋତ ।

ସହସା ବ୍ୟାଧ ଦିହରୁ ଲୁଗା ଉତାରି ପକେଇଲା । ହେଇଗଲା ଉଦ୍‌ଭୂତ ଲଙ୍ଗଳା । ସେ କପୋତକୁ ସାଷ୍ଟାଙ୍ଗ ପ୍ରଣାମ କଲା ।

"ଉଠ ଉଠ !" – କହିଲା କପୋତ । "ତୁମେ କିପରି ଉପଦେଶ ଋହୁଁଚ କୁହ । ଦେବି । ଅବଶ୍ୟ ଦେବି ।"

ଅବଧୂତ-ବ୍ୟାଧ ନିଉନ ହୋଇ କହିଲା, "ମହାଗୁରୁ, ଜୀବନରେ ମୁଁ ବହୁପାପ କରିଛି । ମୋର ପାପ କ୍ଷାଳନ ଆବଶ୍ୟକ । ହେଇ କାନ ଧରୁଛି, ଯେତେଦିନ ବଞ୍ଚିବି ହିଂସାଋର ମୋ ପାଖ ମାଡ଼ିବନାହିଁ ।"

: ନିର୍ଦ୍ଦିଷ୍ଟ ଭାବେ କୁହ ଅବଧୂତ, କେଉଁ ପ୍ରକାର ସାହାଯ୍ୟ ଋହୁଁଚ !

: ମହାଗୁରୁ, ମୋ ଉପରେ ଯେବେ ସନ୍ତୁଷ୍ଟ ତେବେ ମୋର ଶପଥକୁ ପରୀକ୍ଷାକର ।

: ପରୀକ୍ଷା କରିସାରିଲାଣି । କହିଲି ଲଙ୍ଗଳା ହୁଅ, ତୁମେ ଲଙ୍ଗଳା ହୋଇଗଲ । ଅଧିକ କିଛି ?

: ସେତିକି ଯଥେଷ୍ଟ ନୁହଁ ମହାଗୁରୁ! ପ୍ରବୃତ୍ତିର ପରୀକ୍ଷା । ହେଇ ଜାଲର ଫାଶ ମୁଁ ଫିଟେଇଦେଉଛି । ଗୋଟେ କାମ କରନ୍ତୁ । ତୁମେ ଆପଣେ ଉଡିଯାଇ ଏହି ଅଞ୍ଚଳରେ ଯେତେ କପୋତ କପୋତୀ ଅଛନ୍ତି ସେମାନଙ୍କୁ ଏଠାକୁ ଡାକିଆଣନ୍ତୁ । ସେମାନେ ତୁମର ଶିଷ୍ୟକୁ ଦେଖିବେ । ଦେଖିବେ ମୁଁ ବ୍ୟାଧନୁହଁ, ଜଣେ ସତ ଅବଧୂତ ।

କହିବା ସହିତ ସେ ସହସା ଜାଲର ଫାଶ ଫିଟେଇଦେଲା ।

: ଅବଶ୍ୟ ହେବ । ତୁମେ ଏହିଠାରେ ଅପେକ୍ଷାକର । ଆମେ ଋଲିଯାଉଛୁ । ଯେ ଯେଉଁଠି ଅଛନ୍ତି ସମସ୍ତିଙ୍କୁ ଡାକିଆଣିବୁ । ବିଳମ୍ବ ହୋଇପାରେ, କିନ୍ତୁ ତୁମେ ଅନ୍ୟଥା ଭାବିବନାହିଁ ।

କପୋତ ତା'ର ପୂରା ପରିବାର ସହ ଉଡିଗଲା ।

ଉପରଓଳା । ଶହେ ସରିକି କପୋତ କଳରୋଳ ମଚେଇ ଆସି ପହଞ୍ଚିଗଲେ । ଦେଖିବେ ଅବଧୂତଙ୍କୁ । ବୁଲିବୁଲି କପୋତ ଏବଂ ତା' ପରିବାର ଜଣଜଣକରି ସମସ୍ତଙ୍କ ଆଗରେ ଘଟନାଟି ବିସ୍ତାରିତ ଭାବେ କହିଥିଲେ ।

ବ୍ୟାଧ-ଅବଧୂତ ଠିଆହୋଇଥିଲା ହାତଯୋଡ଼ି । ତା' ସମ୍ମୁଖରେ ତଳୁଟାରେ ବସିଗଲେ ସମସ୍ତ କପୋତ । କୋଚିଳାଗଛ ମଧ୍ୟସ୍ଥ ଫାଙ୍କା ସ୍ଥାନରେ । ଦେଖିଲାଗିଲେ । ସତ, ବ୍ୟାଧର ଦେହରେ ଲୁଗାନାହିଁ । ଆମେ ଲଙ୍ଗଳା ମଣିଷ ଦେଖିନଥିଲୁ । ଇଏ ସତ ଅବଧୂତ । ଆହାଃ !

କପୋତ ଗର୍ବରେ ବିସ୍ତରିଯାଉଥାଏ । ସେ ସତସତିକା ନିଜକୁ ଭାବିନେଇଥାଏ ମହାଗୁରୁ ।

ନୂଆ ଯୁଗର ଆରମ୍ଭ ! ସେ ଗଳା ଉଞ୍ଚାକରି ବାରମ୍ବାର କହୁଥାଏ ।

କିଏ ଗୋଟେ ଫାଜିଲ୍ କପୋତ ଶାନ୍ତବାତାବରଣରେ ବ୍ୟାଘାତ ସୃଷ୍ଟିକଲା । ଅନ୍ୟମାନେ ତାକୁ ଚୁପ୍ ରହିବାକୁ ତାଗିଦ୍‌କଲେ । କିନ୍ତୁ ଫାଜିଲ୍ କପୋତ ଖାଲି ରାଉରାଉ ହେଲା ।

ଅଗତ୍ୟା କପୋତ - ମହାଗୁରୁ ସେହି ଫାଜିଲ୍ କପୋତକୁ ଘଉଡେଇ ଦେବାକୁ ନିର୍ଦ୍ଦେଶ ଦେଲା ବେଳକୁ କଥାଟି ଜଣାପଡ଼ିଲା ।

ସମସ୍ତ କୋଚିଳାଗଛକୁ ଏକପ୍ରକାର ଆବୁର କରିରଖିଥିଲା ଏକ ବୃହତ୍ ଅତିସରୁ ନାଇଲନ ସୂତାର ଜାଲ ।

## ନଈ ପାଣି ନଈକୁ ଯା', ମୋ ସିଲଟ ଶୁଖିଯା'

ଅପର୍ଣ୍ଣା ଦତ୍ତ ଅକାଳରେ ଚାଲିଗଲେ ।

ଏ.ଏନ୍.ଏମ୍. ଅପର୍ଣ୍ଣା ଦତ୍ତ ଆଜି ସକାଳୁ ଚାଲିଗଲେ ।

ସତର ନମ୍ବର ଏ.ଏନ୍.ଏମ୍. ସେଣ୍ଟରର ସହାୟିକା ନର୍ସ ଓ ଅଧା ଡାକ୍ତରାଣୀ ମିସ୍ ଦତ୍ତ ଚାଲିଗଲେ ।

ଏବଂ ଚିରକୁମାରୀ ଓ ଚିର ଯୌବନା କୁମାରୀ ଅପର୍ଣ୍ଣାଙ୍କ ଦେହାନ୍ତ ।

ଏବଂ ଗ୍ରାମାଞ୍ଚଳର କୁନି ମଦର ଟେରେସା ଅପର୍ଣ୍ଣାଙ୍କର ବିୟୋଗ ।

ହଁ ସତ, ଅପର୍ଣ୍ଣା ଦତ୍ତ ଚାଲିଗଲେ । କେମିତି ମ !

ରାତିରେ ଛାତିରେ ଯନ୍ତ୍ରଣା ହେଲା, ସକାଳକୁ ଶେଷ - ଜଣେଇଲା ଚତୁର୍ଥଶ୍ରେଣୀ ସ୍ୱାସ୍ଥ୍ୟକର୍ମୀ ତଥା ତାଙ୍କର ସହାୟକ । ସେ ସେଣ୍ଟରରେ ରାତିସାରା ଥିଲା ।

ମାତ୍ର ଦୁଇ ମିନିଟ୍‌ରେ କରଦା ପଞ୍ଚାୟତ ସାରା ଦୁଃସମ୍ବାଦଟି ବିଜୁଳି ପରିକା ଛାଇଗଲା ।

ଏକ ନିର୍ଦ୍ଦିଷ୍ଟ ପୁରୁଷ ଗୋଷ୍ଠୀ ପାଇଁ ଦୁଃସମ୍ବାଦଟି ଭିନ୍ନ ଅର୍ଥ ବହନ କରୁଥିଲା । ଯେ – ମିସ୍ ଅପର୍ଣ୍ଣା ଶାଢ଼ୀ ନପିନ୍ଧି ପିନ୍ଧୁଥିଲେ ଡ୍ରେସ୍ । ସେ ଥିଲେ ସ୍ତନବତୀ ଓ ବିଶାଳାକ୍ଷୀ । ଡ୍ରେସ୍ ପିନ୍ଧୁଥିବାରୁ ତାଙ୍କର ନିତମ୍ବ ଓ ବକ୍ଷୋଜ ଆକାରପ୍ରାପ୍ତ ହୋଇ ସେଇ ପୁରୁଷ ଗୋଷ୍ଠୀର ଦୃଷ୍ଟି ବରାବର ଓଟାରି ଆଣୁଥିଲା, ଯେତେଥର ଦେଖୁଥିଲେ ମଧ୍ୟ । ଏବଂ ଗରମାଗରମ ଓ ରସାଳ ଆଲୋଚନା ପାଇଁ ଖୋରାକ୍ ଯୋଗାଉଥିଲା ସେଇ ପୁରୁଷ ପୁଙ୍ଗବମାନଙ୍କୁ ।

ଯାଃ, ସବୁ ସରିଗଲା ! ଆଉ ଅଛି ଯେ ନାଟ ଚାଲିବ !

........ ତୁମେ ଭାବୁଚ ସେଣ୍ଟର ଘରେ ଦିଦି ଏକଲା ରହୁଚନ୍ତି ରାତିରେ ? ତେବେ ? ତେବେ ହିଃ ହିଃ ହାଃ ହାଃ .... । ଆଉ କ’ଣ ଖୋଲିକିନା କହିବା ଦରକାର ନା ତୁମକୁ ଦେଖେଇଦବା ଦରକାର !

ଦେଖେଇଦବା ପାଇଁ ପ୍ରସ୍ତୁତ ଯୁବକଟି ହାତରେ ତାଳିଟିଏ ମାରି ଯେତେ ଆହ୍ୱାନକଲେ ବି ଦେଖେଇବା ଦରକାର ପଡେନା । ସ୍ୱତଃ ପ୍ରମାଣିତ ହୋଇଯାଏ – କଥାଟା ସତ । ହେଲେ କାହାର ନାଁ ଖୋଲାସା ହୋଇପାରେନା । ଖୋଲାସା ହେଲେ ପୁରୁଷ ପୁଙ୍ଗବଙ୍କ ଦିହରେ ଯିବନି ନ୍ୟାୟରେ ବାୟୁରେ ଭାସିଭାସି ରହେ କଥାଟି । ଏବଂ କଥାଟିର ଗୁରୁତ୍ୱ ବଢ଼ିଯାଏ । ବଢ଼ି ବଢ଼ି ଚାଲେ ।

ହଁ ଠିକ୍, ସେଣ୍ଟର ଘରେ ରାତିରେ ଆଉ ଜଣେ ରହେ । ଶୁଏ ଏବଂ ଲୋକ ଉଠିବା ଆଗରୁ ପଳାଏ ।

ଅପର୍ଣ୍ଣା ଦିଦିଙ୍କ କାନରେ କଥାଟା ପଡେ କିନା ଜଣାନାଇଁ, ତେବେ ତାଙ୍କ ଡିଉଟିରେ ଛୁଞ୍ଚିମୂନପରି ଫାଙ୍କ କେହି ଦେଖନ୍ତିନାହିଁ । ଯଥାରୀତି ସେ ଗାଁ ବୁଲନ୍ତି, ଗର୍ଭବତୀ ମହିଳାଙ୍କୁ ଆଇରନ୍ ଓ ଭିଟାମିନ୍ ବଟିକା ବାଣ୍ଟନ୍ତି, ବ୍ଲିଚିଂ ପାଉଡର୍ ଦିଅନ୍ତି .... ସମସ୍ୟା ବୁଝନ୍ତି । ସମ୍ଭାବ୍ୟ ତାରିଖ ଜଣାନ୍ତି, ପିଲାଟା ବାଗରେ କି ଅବାଗରେ ଅଛି କହନ୍ତି ଓ ଆଉରି କେତେକଥା କରନ୍ତି ।

ମୁଁ ଅଛି, ଚିନ୍ତାକରିବାର କୌଣସି କାରଣନାହିଁ – ହସିକିନା ସେ ଇମିତି ଢଙ୍ଗରେ କହନ୍ତି ଯେ ଗର୍ଭବତୀ ମହିଳାଟିର ଚିନ୍ତା ବା କଷ୍ଟ ଶତକଡା ନବେ କମିଯାଏ ।

ପରିଶେଷରେ, ପ୍ରତୀକ୍ଷିତ ଦିନଟି ଆସେ । ସେ ଯେବେ ସେଣ୍ଟରକୁ ଆସିପାରିଲା ଭଲ, ନୋହିଲେ ଅପର୍ଣ୍ଣା ଦିଦି ଖବର ପାଇବା ମାତ୍ରେ ସରଞ୍ଜାମ ଧରି ପହଞ୍ଚିଯାଆନ୍ତି ତା’ ଘରେ । ଆବଶ୍ୟକ ସ୍ଥଳେ ଅନିଦ୍ରା ରହନ୍ତି ଏବଂ ଶେଷରେ ଖଲାସ କରନ୍ତି । ଗର୍ଭବତୀଟିଏକୁ ଖଲାସ କରିସାରିବା ପରେ କି ଆନନ୍ଦ ଅପର୍ଣ୍ଣାଙ୍କର !

ସାରାଂଶରେ, ସବୁ ଗ୍ରାମର ମହିଳାକୁଳ ପାଇଁ ଅପର୍ଣ୍ଣା ଦିଦି ଜଣେ ଆପଣାର ମଣିଷ । ମାଆ ପରି ଆପଣାର । ତାଙ୍କର ତୁଳନା ନାହିଁ । ଅଧିକଭାଗ ପୁରୁଷଙ୍କର ମଧ୍ୟ ସେଇ ମତ । କେବଳ ଯାହା କେତେକ ନଫଡ ବାଇଡୁଙ୍ଗୁରିଆ ଗୁଜବପ୍ରେମୀ ଏବଂ ନିନ୍ଦୁକ ଟୋକାଙ୍କର ମୁଣ୍ଡକୁ ପୋକ କାମୁଡେ । ମାଖୁନାରେ ପୋକ କାମୁଡେ କି କଥାରେ କିଛିଟା ସତ୍ୟତା ରହିଛି, ତା'ର ପ୍ରମାଣ କେହି ଖୋଜିନାହାଁନ୍ତି । ସବୁ କଥାର କ'ଣ ପ୍ରମାଣ ଖୋଜାଯାଏ ! ଖୋଜିଲେ କ'ଣ ଦେଇହୁଏ !

ପରିସ୍ଥିତି ଯାହା ବି ହେଇଥାଉ, ଅପର୍ଣ୍ଣା ଦିଦିଙ୍କ ଦେହାନ୍ତ ପରେ ସେ କଥା ଉଠୁଚି କାହିଁକି ! ଏଇକଥା ଭାବୁଥିଲେ ଦିବ୍ୟଶଙ୍କର । ସକାଳେ ବାରନ୍ଦାରେ ବସି ଚହା ପିଉଥିବା ବେଳେ ସେ ଦୁଃସମ୍ବାଦଟି ଶୁଣିଲେ । ଶୁଣିଲେ ପରସ୍ପର ବିରୋଧୀ ଟୀକା ଟିପ୍ପଣୀ ।

ଶୁଣୁଥିଲେ ଗ୍ରାମୀଣ ମହିଳାମାନଙ୍କର ଆହା ଚୁ ଚୁ ପଦ ।

କେତେକ ଅଜାଣତରେ ଆଖିରୁ ପାଣି ନିଗଡଉଥିଲେ ।

କେତେକ ବିଶେଷକାରଣରୁ ନଫଡ ଟୋକାଦଳ ଦୁଃଖକରୁଥିଲେ ।

ବିଶେଷ କାରଣଟି ହେଉଚି, ଡ୍ରେସ୍‌ପିନ୍ଧା ଅପର୍ଣ୍ଣା ଦିଦିଙ୍କୁ ବାଟଘାଟରେ ଆଉ ଦେଖିବାକୁ ମିଳିବନି । ଏବଂ ତାଙ୍କୁ ନେଇ ଗୁଜବ ରଚିହେବ ନାହିଁ କି ଶୁଣିହେବ ନାହିଁ । ଧେତ୍ !

ତଥାପି ଏକ ବିଶେଷ ପ୍ରେରଣାରେ ସେଣ୍ଟର ଆଡେ ଯାଉଥିବାର ଅନେକଙ୍କୁ ଦେଖୁଥିଲେ ଦିବ୍ୟଶଙ୍କର ।

ଯିବି ନା ଯିବି ନାହିଁ ! - ଭାବୁଥିଲେ ଦିବ୍ୟଶଙ୍କର । ସମତାଳରେ ତର୍ଜମା କରୁଥିଲେ ଗତାୟୁ ମିସ୍ ଅପର୍ଣ୍ଣାଙ୍କୁ ନେଇ ଶ୍ରୁତି ରୋଚକ ଓ ଅରୋଚକ ମନ୍ତବ୍ୟ ସମୂହକୁ ।

ଯେଉଁ ସମୟର କଥା କୁହାଯାଉଚି, ତା'ର କେଇବର୍ଷ ପୂର୍ବରୁ ଇଂଲଣ୍ଡ ଯୁବରାଜ ଚର୍ଲସ ଓଡ଼ିଶା ଗସ୍ତରେ ଆସିଥିଲେ । ଅନ୍ଦାଜ ସତୁରି ଦଶକର କଥା । ଓଡ଼ିଶାର ଗ୍ରାମାଞ୍ଚଳରେ ସେ ସ୍ୱାସ୍ଥ୍ୟସେବାର ଦାରୁଣ ବିପର୍ଯ୍ୟୟ ଦେଖିଲେ ଓ ଧାପେ ଉପରକୁ ଉଠେଇବାକୁ ଦାନ କରିଥିଲେ ପୁଳାଏ ଟଙ୍କା । ସେଇ ଟଙ୍କା ସରକାର ବାହାଦୂର କିଛି ଗର୍ଭସ୍ଥକଲେ ଓ ନିର୍ମାଣ କଲେ ବଛାବଛା ପଞ୍ଚାୟତରେ ଏ.ଏନ୍.ଏମ୍. ସେଣ୍ଟର ।

କରଦା ପଞ୍ଚାୟତର ପ୍ରଥମ ଏ.ଏନ୍.ଏମ୍. ମିସ୍ ଅପର୍ଣ୍ଣା ଦତ୍ତ ।

ମିସ୍ ଅପର୍ଣ୍ଣା ଦତ୍ତ - ପୁରୁଣାକାଳର ଧାଈ ପରଂପରାର ଆଧୁନିକ ଓ ମାର୍ଜିତ ସଂସ୍କରଣ । ପଞ୍ଚାୟତରେ ସ୍ୱାସ୍ଥ୍ୟ ବିଭାଗର ସ୍ୱୀକୃତ ପ୍ରତିନିଧି ।

ଋହାପିଆ ପର୍ବ ସରିଥିଲା ଦିବ୍ୟଶଙ୍କରଙ୍କର । ମିସ୍ ଅପର୍ଣ୍ଣା ଦତ୍ତଙ୍କ ଆକସ୍ମିକ ଦେହାନ୍ତଜନିତ ଆଘାତରୁ ସେ ମୁକୁଳିପାରୁନଥିଲେ । ଦାଣ୍ଡରେ ଘାଟରେ ନଫଡ ଗୁଜବଜୀବୀ ଯୁବକଙ୍କର ଅଶାଳୀନ ମନ୍ତବ୍ୟର ସେ ମୂଳ ଖୋଜୁଥିଲେ ।

ଦିବ୍ୟଶଙ୍କର ଦେଖୁଥିଲେ ଓ ଶୁଣୁଥିଲେ, ଯେଉଁ ଯୁବଗୋଷ୍ଠୀଟି ମିସ୍ ଅପର୍ଣ୍ଣାଙ୍କ ଉଦ୍ଦେଶ୍ୟରେ ଅଶାଳୀନ ଟୀପ୍ପଣୀ ଦେବାରେ ସିଦ୍ଧକଣ୍ଠଥିଲେ, ସେଇମାନେ ହିଁ ଏ.ଏନ୍.ଏମ୍. ସେଣ୍ଟର ଆଡେ ଡକାହକାହେଇ ଋଲିଚନ୍ତି ।

ଆହାଃ ଋଲିଗଲେ! ସେମାନେ ହାଇପିସାଇପି ହଉଥିଲେ । ଦିବ୍ୟଶଙ୍କର ବୁଝୁଥିଲେ, ମିସ୍ ଅପର୍ଣ୍ଣାଙ୍କୁ ନେଇ ଆଉ ଗୁଜବ ରଚନା କରିହବନି, ସେଇଟା ହିଁ ଥିଲା ସେମାନଙ୍କର ଦୁଃଖର ହେତୁ । କିମ୍ବା ଦୁଃଖଟି ଏକ ବାଧ୍ୟବାଧକତା । କିମ୍ବା ଉପରଠାଉରିଆ । କିମ୍ବା .......

ଯିବି ନା ଯିବି ନାହିଁ – ଭାବୁଥିଲେ ଦିବ୍ୟଶଙ୍କର । ଗଲେ ଭଲ କେତେ ମନ୍ଦ କେତେ ତାହା ସେ କଳନା କରୁଥିଲେ ।

ପଞ୍ଚାୟତରେ କାହାର ସେ ଉପକାର କରିନାହାଁନ୍ତି! ଏଭଳି ଜଣେ ମହିଳାଙ୍କ ଶେଷଦର୍ଶନ କରିବାରେ କ୍ଷତି କ'ଣ! ପରମୁହୂର୍ତ୍ତରେ ଭାବୁଥିଲେ, ଯେବେ ଇଆରିକି କଳା ଭଳି ଗଳାରେ କିଏ କହେ – ସାର୍ ଆପଣ ବି!

କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁନଥିଲେ ସେ । ଉଃ!

ମିସ୍ ଅପର୍ଣ୍ଣା ଦତ୍ତ ଜଣେ ବଦନାମିଆ ମହିଳା ନଥିଲେ, ସେ ଜୋର୍‌ଦେଇ କହିପାରିବେ କି! ନା । ତେବେ ?

ଅପର୍ଣ୍ଣା ଦିଦିଙ୍କ ସପକ୍ଷରେ କହିବାପାଇଁ ବହୁତ କିଛି ଥିଲା । ବିରୁଦ୍ଧରେ କହିବା ପାଇଁ ଗୁଜବଉପରେ କେବଳ ଭରସା କରିବାକୁ ପଡୁଥିଲା । ଗୋଟେ ଗୁଜବର ସ୍ଥାନ ଅନ୍ୟ ଏକ ଗୁଜବ ନେଉଥିଲା । ସୁତରାଂ ଗୁଜବର ତାଲିକା ଲମ୍ବୁଥିଲା । ଯଦିବା କିଛି ଠୋସ୍ ପ୍ରମାଣ ନଥିଲା, ତେବେ ଗୁଜବର ମାତ୍ରା ଏତିକି ଜବର ଓ ବହୁମୁଖୀ ଥିଲା ଯେ ଦିଦି ବଦ୍‌ନାମ ହୋଇ ଋଲିଥିଲେ । ଅବଶ୍ୟ ତାଙ୍କର ଭଲଗୁଣର ତାଲିକା ବେଶ୍ ଲମ୍ବାଥିଲା ।

ସେ ସମୟରେ, ଗ୍ରାମାଞ୍ଚଳରେ ଜଣେ ଯୁବତୀ ନାରୀ ଡ୍ରେସ୍ ପିନ୍ଧି ରାସ୍ତାରେ ଗତାଗତ କରିବ, ଏଇ ପରମ୍ପରା ପ୍ରଚଳିତ ହୋଇନଥିଲା । ସେ ଦିଗରେ କରଦା ପଞ୍ଚାୟତରେ ଅପର୍ଣ୍ଣା ଦିଦି ଏକମାତ୍ର ଉଦାହରଣ । ହାତରେ ରଙ୍ଗୀନ ଛତା, କାନ୍ଧରେ ବଡ ଭେନିଟ୍‌ବ୍ୟାଗ୍, ମୁହଁରେ ହସ ଓ ଆଖି କଥାକୁହା ।

ସେଥକୁ ସାମାନ୍ୟ ପୃଥୁଳ ଥିବାରୁ ଅଙ୍ଗଗୁଡିକ ଡ୍ରେସ୍ ମଧ୍ୟରେ ଲୁକ୍କାୟିତ ଥିଲେ ମଧ୍ୟ କେତେକଙ୍କୁ ତାହା ଦୃଶ୍ୟମାନ ହେଉଥିଲେ । ହସ ବିଞ୍ଚିବିଞ୍ଚି ସେ ବାଟଚାଲନ୍ତି ଓ ଯୁବକଙ୍କ ଦିହରେ ନିଆଁ ଲଗେଇଦିଅନ୍ତି । ସେ ଦୂରେଇଯିବା ପରେ ଯୁବକମାନେ ପାଟିରେ ଟାକରା ଫୁଟାନ୍ତି । ଆହାଃ !

ଦିଦିଙ୍କ କାନରେ ସେ କଥା ଯେ ନପଡେ ତାହା ନୁହଁ, ତେବେ ସେ ବିନା ପ୍ରତିକ୍ରିୟାରେ ଚାଲିଯାଆନ୍ତି । ବେଳେବେଳେ ଶୁଣନ୍ତି, କିଏ ଜଣେ ପଛରୁ କହୁଚି – ଦିଦି, ଆଜି ସେଣ୍ଟରକୁ ଯିବି ତ !

"ହଁ ଆସ । କିନ୍ତୁ ମୁଁ ଥିଲାବେଳେ ।" – ନଅଟକି ସ୍ୱାଭାବିକ୍ ଗଳାରେ କହନ୍ତି ଅପର୍ଣ୍ଣା ଦିଦି । କଥା କହିଲାବେଳେ ଆଖି ନଚେଇବା ଭଳି ଜଣାପଡନ୍ତି ସେ । ବସ୍ତୁତଃ, ତାଙ୍କର ସୁନ୍ଦର ଗୋଲ ଆଖି ଦୁଇଟି କାହିଁକି କେଜାଣି ଘନଘନ ସ୍ଫୁରେ ଏବଂ ସେଇଭଳି ଜଣାପଡ଼େ ।

ବାସ୍, ସରିଗଲା ! କାନଶୁଣା ପ୍ରମାଣଟେ ମିଳିଗଲା । କିନ୍ତୁ ସଭିଁଏ ଆଶ୍ଚର୍ଯ୍ୟ, ଦିଦି ସର୍ବସମକ୍ଷରେ ଇମିତି ବେଫିକର ଜବାବ ଦିଅନ୍ତି କେମିତି !

ସେଇ ପ୍ରଶ୍ନୋତ୍ତରରୁ ଗୁଜବ କେନା ଦେଇ ଶାଖା ପ୍ରଶାଖା ମେଲାଏ ।

ପ୍ରକୃତପକ୍ଷେ, କଥାଟି ଭିନ୍ନ ଅର୍ଥ ବହନକରେ ।

କଥାହେଲା, ସତୁରିଦଶକ ବେଳକୁ ଜନସଂଖ୍ୟା ନିୟନ୍ତ୍ରଣପାଇଁ ଖୁବ୍ ଜୋର୍‌ସୋର୍ କାମ ଚାଲୁଥାଏ । ସଂଜୟ ଗାନ୍ଧୀଙ୍କ ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ।  ମାସରେ ଥରେ, ଜଣେ ଡାକ୍ତର ସେଣ୍ଟର ଗସ୍ତରେ ଆସନ୍ତି । ଦିଦି ବୁଝାସୁଝାକରି କେତେକ ମହିଳାଙ୍କୁ ଠିକ୍ କରିଥାନ୍ତି । ଡାକ୍ତର ଫେମିଲି ପ୍ଲାନିଂ ଅପରେସନ କରନ୍ତି । ପୁରୁଷମାନେ ପ୍ରାୟତଃ ହୁଅନ୍ତି ନାହିଁ । କେବଳ ହୁଅନ୍ତି ମହିଳାମାନେ ।

ଆଉ ପୁରୁଷମାନେ ? ସେମାନଙ୍କୁ ଦିଦି ବାଣ୍ଟନ୍ତି 'ନିରୋଧ୍' ପେକେଟ୍ । ସେସମୟରେ କଣ୍ଡୋମ୍ କୁହାଯାଉନଥିଲା । କୁହାଯାଉଥିଲା 'ନିରୋଧ' । ସରକାର ସେଣ୍ଟର ମାଧ୍ୟମରେ ମାଗଣାରେ ବଣ୍ଟନକରନ୍ତି ନିରୋଧ ପେକେଟ୍ । କେତେକ ଅଭିଆଡା ଯୁବକ କଥାଭାଷା ହେଇ ମଜାକିରେ ଦିଦିଙ୍କ ହାତରୁ 'ନିରୋଧ' ପେକେଟ୍ ହାସଲକରିବା ପାଇଁ ପହଞ୍ଚିଯାଆନ୍ତି ସେଣ୍ଟରରେ । ଦିଦି ସେସବୁ ବାଣ୍ଟନ୍ତି । ମେଲାପାପୁଲିରେ ପେକେଟ୍ ଗ୍ରହଣକଲାବେଳେ ସଂପୃକ୍ତ ଯୁବକ ବା ଯୁବକମାନେ ହସନ୍ତି । ହସ ଫେରାନ୍ତି ଦିଦି, ଯେଉଁ ହସର ଅର୍ଥ ଉଭୟ ପକ୍ଷ ବୁଝିପାରନ୍ତି ।

ଆଜିକାଲିକା ପରି ସେ ସମୟକୁ ଗ୍ରାମାଞ୍ଚଳରେ ଜନାକାରିଆଙ୍କ ପ୍ରାବଲ୍ୟ ନଥିଲା । ଥିଲା ସ୍ୱଳ୍ପ ରାଜନୀତି ବାଲାଙ୍କ ଭିତରେ ସୀମିତ । ନୋହିଲେ, ଦିଦିଙ୍କର ଢଙ୍ଗ୍‌ଢାଙ୍ଗ୍ ଯାହା ସେ ଅଚିରେ ଶିକାର ବନିଥାନ୍ତେ ।

ଅପର୍ଣ୍ଣା ଦିଦିଙ୍କ ମଥାରୁ କଳଙ୍କଟୀକା ନିଭିବାର ନାଁ ନେଉନଥିଲା । ଓଲଟି ବଦନାମ ହେବାପାଇଁ ଯେଉଁ ସବୁ ଉପାଦାନ ଦରକାର, ତା'ର ମୌଖିକ ତାଲିକା ପଞ୍ଚାୟତସାରା ଉଡିବୁଲୁଥିଲା । କେଉଁ ଡାକ୍ତର କେତେ ରାତି ବିତେଇଛି ସେଣ୍ଟରରେ, ବ୍ଲକ୍‌ଅଫିସରେ କେଉଁ ଅଫିସରଙ୍କ ସହ ସେ ଘଣ୍ଟା ଘଣ୍ଟା ଗପନ୍ତି, କେଉଁ ନେତାଙ୍କ ଜିପ୍‌ରେ ବସି ଦିଦି ଭୁବନେଶ୍ୱର ଯାଇଥିଲେ ....... ତା'ର ରଙ୍ଗୀନ୍ ସଂସ୍କରଣ ଝୁଲିରହିଥିଲା କେତେକଙ୍କ ଓଠରୁ ।

ସାରାଂଶରେ ଦିଦି ବଦନାମ ହେଇଚାଲିଥିଲେ । ଯେଉଁ ହାରରେ ବଦନାମ ହଉଥିଲେ, ତାଠୁ ଢେର୍ ଅଧିକ ମାତ୍ରାରେ ସୁନାମ ଅର୍ଜିଚାଲିଥିଲେ । ହେଲେ ସୁନାମ କେମିତି ଢାଙ୍କିହେଲା ପରି ମନେହେଉଥିଲା ।

ଯିବି ନା ଯିବି ନାହିଁ – ଦ୍ୱନ୍ଦରେ ଥିଲେ ଦିବ୍ୟଶଙ୍କର ।

ଜଣକର ଦେହାନ୍ତ ପରେ ବଦନାମର ମୂଲ୍ୟ କ'ଣ ! ନା, ବଦନାମଟା ଶୀଘ୍ର ପୋଛିହୋଇଯାଏନା । ଯେମିତି ସୁନାମ ଶୀଘ୍ର ପାସୋର ହୁଏନା । ଅପର୍ଣ୍ଣା ଦିଦିଙ୍କର ଏତେ ସୁନାମ ଥାଉ ଥାଉ ବଦନାମଟା କାହିଁକି ଉଛୁଳି ଉଠୁଚି ? ଅବଶ୍ୟ ଦିଦିଙ୍କର ବଦନାମଟି ତାଙ୍କ ଚରିତ୍ରକୁ ନେଇ । ଅର୍ଥାତ୍ ଦିଦିଙ୍କର ଚରିତ୍ର ଖରାପଥିଲା । ସତରେ ଥିଲା ? ମୂଳ ଖୋଜୁଥିଲେ ଦିବ୍ୟଶଙ୍କର ।

ବଙ୍ଗାଳୀ ରମଣୀମାନେ ସ୍ୱଭାବତଃ ମୁକ୍ତ ସ୍ୱଭାବର । ପୋଷାକ ପରିଚ୍ଛଦ ଉପରେ ସେମାନେ ଅଧିକ ଯତ୍ନଶୀଳା । ଫିଟ୍‌ଫାଟ୍ ଡ୍ରେସ୍ ପିନ୍ଧି କୁଳମ ମଫସଲ ଅଞ୍ଚଳରେ ଗତାଗତକରିବା ତାଙ୍କର ଏକ ନମ୍ବର ଦୋଷ । ଦୁଇରେ, ସେଣ୍ଟରଘରେ ଏକଲା ରହିବା ଓ ସ୍ୱାଧୀନ ଜୀବନ ବିତେଇବା । ତିନିରେ, ବିବାହ କରିବାକୁ ମନ ନବଳାଇବା । ଚାରିରେ, ଶ୍ୟାମଳୀ ହେଲେ ମଧ୍ୟ ତାଙ୍କ ଅଙ୍ଗଗଠନରେ ସ୍ୱାତନ୍ତ୍ର୍ୟ । ପାଞ୍ଚରେ, ତାଙ୍କର ମନଜିଣା ହସ ଓ କଥାକୁହା ଆଖି । ଆଉ କିଛି ? ନା, ଆଉ ସେମିତି କିଛି କାରଣ ନାହିଁ ।

ସୁଦୂର ବାଲେଶ୍ୱର ଜିଲ୍ଲାର ସୀମାନ୍ତରୁ ଆସି କରଦା ପଞ୍ଚାୟତରେ ବିଶେଷକରି ମହିଳାମାନଙ୍କ ସେବାରେ ସୁଦୀର୍ଘ ଆଠବର୍ଷ ବିତେଇଦେଇଥିଲେ ଅପର୍ଣ୍ଣା ଦିଦି । ଏଇଠି ବି ଚାଲିଗଲେ । ସେ ଏବେ କେମିତି ଥିବେ ? ଯେଉଁ ଶରୀରଟି ତାଙ୍କର ସବୁ ବଦନାମର ମୂଳକାରଣ, ତାହା ଏବେ ନିର୍ଜୀବ ଭାବେ ଚିତ୍‌ହୋଇ ପଡିରହିଥିବ ଖଟରେ । ଧଳାଚଦର ଖଣ୍ଡେ ଘୋଡେଇ ଦିଆଯାଇଥିବ ତାଙ୍କ ଉପରେ । ହୁଏତ ମୁହଁଟି ଦିଶୁଥିବ । କେମିତି ଦିଶୁଥିବ ? ଦେଖିପକେଇବାକୁ ଉଚ୍ଛନ୍ନ ଅନୁଭବକଲେ ଦିବ୍ୟଶଙ୍କର ।

"ହଁ ଯିବି ।" – ଶେଷ ସିଦ୍ଧାନ୍ତ ନେଲେ ଦିବ୍ୟଶଙ୍କର । ମନର କଥାଟି ବୋଧେ ତାଙ୍କ ଓଠ ଉପରକୁ ଆସିଯାଇଥିଲା କି କ'ଣ, ତାଙ୍କର ଛଅବର୍ଷର ପୁଅ ବୁବୁନ୍ କହିଲା – ବାପା, ମୁଁ ଯିବି ।

ସେ ଏତେ ଭାବଭୋଳ ଅବସ୍ଥାରେ ଥିଲେ ଯେ ଜାଣିପାରିନଥିଲେ କେତେବେଳ ପୁଅ ଆସି ଠିଆହେଇଚି ତାଙ୍କ ପାଖରେ । ତା' ମା ହୁଏତ ଘରଭିତରେ କୌଣସି କାମରେ ବ୍ୟସ୍ତଥିବେ । ଅପର୍ଣ୍ଣା ଦିଦିଙ୍କର ଅକାଳ ବିୟୋଗ ସମ୍ବାଦଟି ତାଙ୍କ ପାଖରେ ପହଞ୍ଚିଥିବ କି ନାହିଁ କିଏ ଜାଣେ ! ଦିଦିଙ୍କ ସହ ତାଙ୍କର ସଖ୍ୟଥିଲା ।

ପୁଅକୁ ଦେଖି ଓ ତା' କଥା ଶୁଣି ତାଙ୍କ ମନକୁ ପଶିଆସିଲା ଅତୀତର ଘଟନାଟିଏ ।

କରଦା ପଞ୍ଚାୟତରେ ଯେତେ ପୁଅଝିଅ ଆଠବର୍ଷ ଭିତରେ ଜନ୍ମହେଇଚନ୍ତି, ସେମାନଙ୍କୁ ଜନ୍ମ କରେଇଥିଲେ ଅପର୍ଣ୍ଣାଦିଦି । ହୁଏତ ସେଣ୍ଟରରେ କିମ୍ବା ସ୍ଥଳବିଶେଷରେ ସଂପୃକ୍ତ ଘରେ । ଏଇ ପୁଅଟି ତାଙ୍କ ନିଜ ଘରେ ଜନ୍ମହୋଇଥିଲା । ସେଥିପାଇଁ ଅପର୍ଣ୍ଣା ଦିଦିଙ୍କୁ ତିନୋଟି ଦିନ ଓ ଦୁଇଟି ରାତି ବିତେଇବାକୁ ପଡିଥିଲା ତାଙ୍କ ଘରେ । କାରଣ କେସ୍‌ଟି ଜଟିଳ ଥିଲା । ସେଥିପାଇଁ ପତ୍ନୀଙ୍କର ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ ଦିଦିଙ୍କ ପ୍ରତି ।

ଦିବ୍ୟଶଙ୍କରଙ୍କର ନିଜ ବାଲ୍ୟକାଳର କଥା । ତାଙ୍କ ଘରକୁ ଗୌରାଶାଶୂ ନାମରେ ସମ୍ବୋଧିତ ବୁଢୀଟିଏ ଆସୁଥିଲା । ଗୌରାଶାଶୂ ଜାତିରେ ଯୋଗୀ ହେଲେ ମଧ୍ୟ ବୋଉ ତାଙ୍କର ବେକରେ କାନିଗୁଡେଇ ଜୁହାର କରୁଥିଲା ତାଙ୍କୁ । ଗୌରାଶାଶୂ ଥିଲା ଜଣେ ପ୍ରଖ୍ୟାତ ଧାଇ । ସେ ତାଙ୍କୁ ଓ ତାଙ୍କ ଭାଇଭଉଣୀଙ୍କୁ ଜନ୍ମକରେଇଥିଲା । ସେଥିପାଇଁ ତାଙ୍କ ବୋଉର ସମର୍ପଣଭାବ । ବୋଉ ତାଙ୍କୁ ଡାକୁଥିଲା ମା' । ପିଠା ଗହା ଖାଇବାକୁ ତ ଦେଉଥିଲା, ଗଲାବେଳେ ପୁଣି ତା' କାନିରେ ଚାଉଳ ଓ ପରିବା ଅଜାଡି ଦେଉଥିଲା । ବୋଉକୁ କଲ୍ୟାଣକରି ବାହୁଡିଯାଉଥିଲା ଗୌରାଶାଶୂ ।

ନାରୀର ପ୍ରସବ ତା'ର ପୁନର୍ଜନ୍ମ । ପୁନର୍ଜନ୍ମର ସହାୟକ ଧାଇ ବା ନର୍ସ । ତାଙ୍କ ସେବାର ପଟ୍ଟାନ୍ତର ନାହିଁ । ସେଥିପାଇଁ ବୋଉର ଶ୍ରଦ୍ଧା ସମ୍ମାନ ଓ ସମର୍ପଣଭାବ, ଗୌରାଶାଶୂ ପ୍ରତି ।

ଆଜି ସମୟ ବଦଳିଚି । ଅର୍ଥ ବିନିମୟରେ ସେବା ଯୋଗାଉଚି ନର୍ସ । ତେଣୁ ସମର୍ପଣଭାବ ଅନ୍ତର୍ହିତ । କିନ୍ତୁ ଶ୍ରଦ୍ଧା ସମ୍ମାନ କିଛିଟା ଥିବା ମନେହୁଏ ...... ।

ତିନିଦିନ ଓ ଦୁଇରାତି ଖାଡା ଖାଡା ଜଗି ଏଇ ପୁଅଟିକୁ ଭୂମିଷ୍ଠ କରାଇଥିଲେ ଅପର୍ଣ୍ଣା ଦତ୍ତ । ସେ ଏବେ ନାହାଁନ୍ତି । ହୁଏତ କିଛି ନବୁଝି ଛୁଆଟା କହୁଚି ମୁଁ ଯିବି ।

ତୁ କୁଆଡେ ଯିବୁ? ତୁ ମା'ପାଖକୁ ଯାଆ, ମୁଁ ଛକଆଡେ ଯାଉଚି । ତୋ ପାଇଁ ଚକ୍‌ଲେଟ ଆଣିବି । ପୁଅ ବୁଝିଗଲା ଓ ଘର ଭିତରକୁ ଚାଲିଗଲା ।

ଦିବ୍ୟଶଙ୍କର ରାସ୍ତାଧରିଲେ ସେଣ୍ଟରଆଡେ ।

ଖୁବ୍ ଶୀଘ୍ର ସେ ପହଞ୍ଚିଗଲେ ସେଣ୍ଟର ପାଖାପାଖି । ଆଏଁ ଏତେ ଲୋକ! ସେଣ୍ଟର ସାମନା ପରିସର ଲୋକବାକରେ ଭର୍ତ୍ତି । ସେମାନଙ୍କ ମଧ୍ୟରେ ଥିଲେ କେତେଜଣ ବୁଢୀ ଓ ଦରବୁଢ଼ୀ । ସେମାନେ ଆଖିପୋଛୁଥିଲେ । ଆଖି ପୋଛୁଥିଲେ ଓ ଆପଣା ଭିତରେ ଥିର୍‌ଥିର୍ କଥା ହେଉଥିଲେ । କଥାହଉଥିଲେ, ହଠାତ୍ ଦିଦି କେମିତି ଚାଲିଗଲେ! ଏମିତି ମଣିଷ ଆଉ ମିଳିବ? କାହିଁଥାଏ!

ଦିବ୍ୟଶଙ୍କର ଭେଟିଲେ କେତେଜଣ ଲଫଙ୍ଗା ଶ୍ରେଣୀର ଯୁବକଙ୍କୁ ଯେଉଁମାନେ ଦିଦିଙ୍କର ଚରିତ୍ରକୁ ନେଇ ନାନା ରୋଚକ ତଥ୍ୟ ବଜାରକୁ ଛାଡିବାରେ ଥିଲେ ସିଦ୍ଧକଣ୍ଠ । ଏବଂ ଗୁଜବପ୍ରେମୀ ଭାବେ ସେମାନଙ୍କର ଅଲବତ୍ ନାଁ ଥିଲା । ମାତ୍ର ବର୍ତ୍ତମାନ ସେମାନେ ଦିଶୁଥିଲେ ଖୁବ୍ ଗମ୍ଭୀର । ପାଟି ସେମାନଙ୍କର ସିଲେଇ ହେଇଥିବା ପରି ମନେହେଉଥିଲା । ହୁଏତ ଗୋପନ ଅନୁତାପ କରୁଥିଲେ, ବିଗତ ମାସ ବା ବର୍ଷମାନଙ୍କରେ ଯାହା ସେମାନେ କରିଚନ୍ତି କିଛି ଠିକ୍ କରିନାହାନ୍ତି । ଏଇଆ ସୂଚାଉଥିଲା ସେମାନଙ୍କର ଢଙ୍ଗ୍‌ଢାଙ୍ଗ ।

ବର୍ତ୍ତମାନ ଅନୁତାପର ମୂଲ୍ୟ କ'ଣ! ନିନ୍ଦା ଓ ପ୍ରଶଂସାର ଊର୍ଦ୍ଧ୍ୱକୁ ସେ ଚାଲିଯାଇଛନ୍ତି । ତେବେ ଯେବେ ଅନୁତାପ କରୁଚ, ସେତିକି ଯଥେଷ୍ଟ । ଆହାଃ, ଏଇ ଯୁବକ ଗୁଡିକ କେତେ ଭଲ! ଆପକୁ ଆପ କହୁଥିଲେ ଦିବ୍ୟଶଙ୍କର ।

ସେ ଜାଣୁଥିଲେ, ଅପର୍ଣ୍ଣାଦିଦିଙ୍କର ଶରୀରଟି ଶୋଇଥିବ ସେଣ୍ଟର ଭିତରେ । ଥରେ ଦେଖିପକେଇବା ପାଇଁ ତାଙ୍କର ପ୍ରବଳ ଇଚ୍ଛାଥିଲା, ମାତ୍ର ଭିଡ ବାରେଇ ଭିତରକୁ ଯିବା ସମ୍ଭବ ନଥିଲା ।

ବିମୂଢ଼ଭାବେ ସେ ଠିଆହେଇ ରହିଲେ ସେଣ୍ଟର ଆଗରେ ଥିବା ବରଗଛ ତଳେ ।

ହେଇ ଡାକ୍ତର ଶର୍ମା ଆସୁଚନ୍ତି ସେଣ୍ଟର ଭିତରୁ । ଦିବ୍ୟଶଙ୍କର ତାଙ୍କୁ ଚିହ୍ନନ୍ତି ଓ ସେ ମଧ୍ୟ । ଏଇ ଶର୍ମା ଡାକ୍ତର ପାଇଁ କଳଙ୍କର ଛିଟା ବୋଳିହୋଇଥିଲା ଅପର୍ଣ୍ଣାଦିଦିଙ୍କ କପାଳରେ । ଏତେ ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସି ସେ କେମିତି ପହଞ୍ଚିଲେ ଏଠି? କିଏ ତାଙ୍କୁ ଖବର ଦେଲା?

ଡାକ୍ତର ଶର୍ମା ତାଙ୍କୁ ଦେଖିପକେଇଲେ । ତାଙ୍କରି ଆଡେ ଆଗେଇ ଆସିଲେ । ଦୁଃଖାଭିଭୂତ ନୁହଁ, ଜଣାପଡୁଥିଲେ ପ୍ରବଳ ଅନ୍ୟମନସ୍କ ।

"ଆପଣ ଆସିଚନ୍ତି ସାର୍!" - କହିଲେ ଡାକ୍ତର ଶର୍ମା ।

ଭିତରେ ଚମକିଲେ ଦିବ୍ୟଶଙ୍କର । ସେ କେବଳ ବଲବଲ କରି ଚାହିଁ ରହିଲେ ତାଙ୍କୁ ।

"ଅଧଘଣ୍ଟେ ଭିତରେ ଭ୍ୟାନ୍ ଆସି ପହଞ୍ଚିବ । ଆସିଲେ ଶବ ଉଠିବ ।" - କହିଲେ ଡାକ୍ତର ।

"ଭଲ ଥିଲେ, ହଠାତ୍ ଏମିତି କେମିତି ହେଲା ! ଆପଣ କେତେବେଳେ ଜାଣିଲେ ।" - କହିଲେ ଦିବ୍ୟଶଙ୍କର ।

ଡାକ୍ତର ଶର୍ମା ସିଧା ଉତ୍ତର ଦେଲେନି । କହିଲେ, ମିସ୍ ଅପର୍ଣ୍ଣାଙ୍କୁ ଜଣାଥିଲା । ଜଣାଥିଲା, ଯେକୌଣସି ଦିନ ସେ ଚାଲିଯିବେ । ହାର୍ଟରେ ପ୍ରୋବ୍ଲେମ୍ । ଅପରେସନ୍ ହୋଇଥିଲେ ବେଶ୍ କିଛି ବର୍ଷ ବଞ୍ଚିପାରିଥାନ୍ତେ । କାହିଁକି ଅପରେସନ ପାଇଁ ରାଜି ହେଲେନି ତାହା ଏକ ରହସ୍ୟ । କେବଳ ନିରୋଭିନ୍ ତାଙ୍କୁ ଆଜିପର୍ଯ୍ୟନ୍ତ ବଞ୍ଚେଇ ରଖିଥିଲା । ଖବର ପାଇ ରାତି ଦୁଇରେ ଆସି ପହଞ୍ଚିଲି । ଆସି ଶୁଣିଲି, ଚାରିମାସ ହେବ ସେ ନିରୋଭିନ୍ ନେଇନାହାଁନ୍ତି । ଶେଷ ମୁହୂର୍ତ୍ତରେ କି କାମ ଦେବ ? କିନ୍ତୁ ଅସଲ କଥା କ'ଣ ଜାଣନ୍ତି ସାର୍ !"

ଦିବ୍ୟଶଙ୍କରଙ୍କର ମଥା କାମ କରୁନଥିଲା ।

ମିସ୍ ଅପର୍ଣ୍ଣାଙ୍କୁ ଜଣାଥିଲା ! ସେ ଜାଣିଥିଲେ ସେ ମରିବାକୁ ଯାଉଛନ୍ତି ! ତେବେ ଇଞ୍ଜେକ୍‌ସନ୍ ନେବା ବନ୍ଦ କରିଦେଲେ କାହିଁକି ? ସେ ତ କେଉଁ ଭୁଲିନଥିବେ ସେଇଟି ଲାଇଫ୍ ସେଭିଂ ଇଞ୍ଜେକ୍‌ସନ୍ । ତେବେ ? ତେବେ ସେ ଆତ୍ମହତ୍ୟା କରିଛନ୍ତି । କିନ୍ତୁ କାହିଁକି ?

"ସାର୍, ମୃତ୍ୟୁକୁ ଆଖିଆଗରେ ଦେଖି ମଣିଷ କେମିତି ହସିପାରେ ! ପ୍ରାଣଗଲାବେଳେ ବି ମୁହଁରେ ହସ । ମତେ ଲାଗୁଥିଲା, ସେ ମୃତ୍ୟୁକୁ ତାଚ୍ଛଲ୍ୟକରୁଛନ୍ତି । ଆପଣଙ୍କ କାନରେ ପଡିଥିବ, ସେଇ ହସହିଁ ତାଙ୍କର ଶତ୍ରୁଥିଲା ।" - ଜୀବନରେ ଗୁଡାଏ ମୃତ୍ୟୁ ଦେଖିଥିବା ଡାକ୍ତର ଶର୍ମା ଆଖି ପୋଛିଲେ ।

କିଛି କହିଲେ ନାହିଁ ଦିବ୍ୟଶଙ୍କର । ସେ ନିଶ୍ଚିତ ହେଲେ କି ହସିବା ଓ ହସ ହସ ମୁହଁରେ କର୍ତ୍ତବ୍ୟକରିଯିବା ଏକ ସାଧନା । ଯେଉଁ ସାଧନା ମୃତ୍ୟୁକୁ ବି ବେଖାତିର କରିପାରେ । ମୁଁ ହସି ଶିଖିଥାନ୍ତି ହେଲେ !

ସେଣ୍ଟର ପରିସରରେ ଭିଡ ବଢୁଥିଲା । ଦିବ୍ୟଶଙ୍କର ଦେଖୁଥିଲେ ପ୍ରାୟ ସମସ୍ତେ କାନ୍ଦକାନ୍ଦ । କେତେକ ପ୍ରକାଶ୍ୟରେ ମଧ୍ୟ କାନ୍ଦୁଥିଲେ । ହସି ହସି ମରିଥିବା ମଣିଷ ପାଇଁ କାନ୍ଦ । ସେ ବୁଝିପାରୁଥିଲେ, କାନ୍ଦିବା ସହଜ, ହସିବା କିନ୍ତୁ ବଡ କଠିନ ।

ଭ୍ୟାନ୍ ଆସି ପହଞ୍ଚିଲା । ହଠାତ୍ କାନ୍ଦରେ ଫାଟିପଡିଲା ପରିସର । ଦିଦିଙ୍କ ମରଶରୀର ଚାଲିଯିବ ।

ଡାକ୍ତର ଶର୍ମା କେଉଁଠି ଦିଶୁନଥିଲେ ।

କେତୋଟି ମିନିଟ୍ ଭିତରେ ଭ୍ୟାନ୍ ସେଣ୍ଟର ପରିସର ଛାଡିଲା ।

ଘର ମୁହାଁ ହେଲେ ଦିବ୍ୟଶଙ୍କର ।

ସେ ମନେପକେଇବାକୁ ଚେଷ୍ଟାକରୁଥିଲେ, କେତେବର୍ଷ ତଳେ ସେ ହସିଚନ୍ତି !

ନା, ମନେ ପଡୁନାହିଁ । ଗୁଡାଏ ବର୍ଷ ହେବ ସେ ହସ ଭୁଲିଚନ୍ତି ।

ଘରେ ପହଞ୍ଚିଲେ ଦିବ୍ୟଶଙ୍କର ।

"ତୁମେ ଅପର୍ଣ୍ଣା ଦିଦିଙ୍କୁ ଦେଖିବାକୁ ଗଲ, ମତେ ଡାକିଲନି ?" - ସ୍ୱାମୀଙ୍କୁ ଦେଖୁ ଦେଖୁ ଅଭିମାନୀ ଗଳାରେ କହିଲେ ପତ୍ନୀ ।

ଦିବ୍ୟଶଙ୍କର ହଠାତ୍ କ'ଣ କହିବେ ଭାବିପାରୁନଥିଲେ । ସେ କେମିତି ଅସହଜ ହୋଇପଡୁଥିଲେ ପତ୍ନୀଙ୍କ ଆଗରେ । ପୂର୍ବର ଶୋକୋଚ୍ଛ୍ୱାସ ଅବସ୍ଥା ତାଙ୍କଠି ନଥିଲା ।

ବଳ ଖଟେଇ କହିଲେ, "ଦିଦି ଜାଣିଥିଲେ, ସେ ମରିଯିବେ ।"

"ତୁମକୁ ଜଣେଇନଥିଲେ, ଏଇଆ ତ ! ମୁଁ କିନ୍ତୁ ଜାଣିଥିଲି । ଯେମିତି ତୁମ ଜାଣିବା ବିଷୟ ତୁମେ ଜାଣିଚ । ଶୁଣ । ଜଣେ ନାରୀଟିଏ ଅନ୍ୟର କଷ୍ଟ ଯେମିତି ଜଣିପାରେ, ଖୁସିକୁ ମଧ୍ୟ ସେମିତି ଠଉର କରିପାରେ । ମୋର ମନେଅଛି, ବୁବୁନା ଜନ୍ମ ହେବାବେଳେ ଅପର୍ଣ୍ଣାଦିଦି କେତୋଟି ଦିନ ଆମ ଘରେ ରହିଥିଲେ । ଜାଣିଚି, ମୋ ପାଇଁ ସେ କେତେ କଷ୍ଟ କରିଛନ୍ତି । ଏବଂ ଜାଣିଚି, ତୁମେ କେତେବେଳେ ତାଙ୍କ ରୁମ୍‌କୁ ଯାଅ । ଏବଂ ଫେର । ସେଥକୁ ମୋର ତ ଦୁଃଖ ନାହିଁ, ତୁମେ କାହିଁକି ମନମରା ହେଉଚ ?" - ପତ୍ନୀ ସ୍ୱାମୀଙ୍କ ମୁହଁକୁ ସିଧା ଚହିଁ କହୁଥିଲାବେଳେ ଦିବ୍ୟଶଙ୍କରଙ୍କର ମୁହଁ ତଳକୁ ଥିଲା ।

ବୁବୁନା କେଉଁଠି ଥିଲା ହଠାତ୍ ପହଞ୍ଚି କହିଲା - ମୋ ଚକଲେଟ୍ ?

ଦିବ୍ୟଶଙ୍କର ଉତ୍ତର ଖୋଜୁଥିବା ବେଳେ ଉତ୍ତର ଆସିଲା ପତ୍ନୀଙ୍କଠୁ ।

"ଛକରେ ଦୋକାନ ବନ୍ଦ, ବାପା କେଉଁଠୁ ଆଣିଥାନ୍ତେ ! ହେଲା, ଉପରଓଳା ସେ ଆଣିଦେବେ ।" - ତାଙ୍କ ମୁହଁରେ ନିର୍ମଳ ହସ ।

ପତ୍ନୀଙ୍କ ମୁହଁରେ ହସକୁ ସହିପାରୁନଥିଲେ ଦିବ୍ୟଶଙ୍କର ।

## ମା'

ଆଲୁଅ ଲିଭେଇ ସୁଲତାନା ଯେତେବେଳେ ବିଛଣାକୁ ଯାଏ, ତାର ପ୍ରଥମ କାମ ହେଲା ଅନ୍ଧାରିଆ ତକିଆ ତଳ ଅଣ୍ଡାଳିବା । ଅଛି ନା ନାହିଁ? ହଁ ଅଛି । ସେ ଆଶ୍ୱସ୍ତ ହୁଏ । ସତେବା ରନ୍ ପୁଟୁଳାଟିରେ କାହାର ହାତ ବାଜିନାହିଁ ।

ଆଲୁଅ ଥିବାବେଳେ ତକିଆତଳ ନଅଣ୍ଡାଳି ଅନ୍ଧାରରେ ସେ କାମଟି ସେ କାହିଁକି କରେ, ସେ ଜଣେ । ସେ ଜାଣେ ବହଳ ଅନ୍ଧାର ସହ ତକିଆ ତଳ ଚିଜଟିର ଗଭୀର ସଂପର୍କ । ଅନ୍ଧାରିଆ ଚିଜଟି ବାରି ତାକୁ ଠିକଣା ସ୍ଥାନରେ ରଖେ ଯେମିତି ସହଜରେ ଚଟାସ୍‌କିନା ତା'ହାତରେ ପଡିଯିବ ।

ସେ ଚିଜଟି ଗୋଟିଏ ମୋବାଇଲ୍ ସେଟ୍ । କେମିତି ନୂଆ କିସମର । ପୁଅ ଫାରୁକ୍ ଯିବା ପୂର୍ବରୁ ଦେଇଯାଇଚି । କହିଯାଇଚି, ଫୋନ୍‌କରିବ ରାତି ବାର ପରେ । ପୂର୍ବରୁ ନୁହଁ । ଦିନରେ ତ ମୋଟୁରୁ ନୁହଁ ।

ଫାରୁକ୍ ଘର ଛାଡିବାର ଆଜିକୁ ଏକୋଇଶ ଦିନ । ସେ ଯିବାଦିନଠୁ ସୁଲତାନା ଅପେକ୍ଷା କରିଚି । ହେଲେ ମୋବାଇଲ ବାଜୁନାହିଁ । ସେବେଠୁ ସବୁରାତି ସେ ଅନିଦ୍ରା ରହିଚି । ହେଲେ ସବୁ ବୃଥା ।

କାହିଁକି ଫୋନ୍ କରୁନାହିଁ ଫାରୁକ୍! କଉଁଠି ଅସୁବିଧାରେ ପଡିଲା କି? ଆଲ୍ଲା ଭଲରେ ରଖିଥାନ୍ତୁ ତାକୁ । ସୁଲତାନା ଅନ୍ଧାରିଆ କାନ ନାକ ଧରେ ।

ଏଣିକି ସୁଲତାନାକୁ ରାତିର ଅନ୍ଧାର ଭଲ ଲାଗୁଚି । ଡର ଲାଗୁଚି ଦିନର ଆଲୁଅ । ଅନ୍ଧାରରେ ସେ ଅନେକ କଥା ଭାବେ, ଦେଖେ ଭଳିକିଭଳି ଦୃଶ୍ୟ । ସବୁ ତା'ର ଅନ୍ତରଙ୍ଗ । ସେଇଥିରେ ବିତିଯାଏ ରାତି । କିନ୍ତୁ ଫାରୁକ୍‌ର ଫୋନ୍ ଆସେନା । ସେ ଆଲ୍ଲାଙ୍କୁ ସ୍ମରଣକରେ ।

ଆଲ୍ଲାଙ୍କୁ ସ୍ମରଣକରିବା ବ୍ୟତୀତ ଏବେ ତା ହାତରେ ଅଛି କ'ଣ!

ଅବିକା ସେ ମା'ଟିଏ । ପୁଅ ପାଇଁ ଜଣାଣ କରିବା ଛଡା ସେ କ'ଣ ବା କରନ୍ତା! କରିପାରନ୍ତା!!

ଦିନେ ସେ ବିବି ଥିଲା । ଫାରୁକ୍ ବାପାର ବିବି । ଫାରୁକ୍ ବାପା ଇକ୍‌ବାଲ୍ ଶାନ୍ତ ସୁଧାର ମଣିଷଟେ ଥିଲା । ବଡପାଟିରେ କଥାକହିବାର ତାକୁ କେହି କେଭେଁ ଦେଖି ନଥିଲେ । କଳିଗୋଳ ଝଗଡାଝାଣ୍ଟି ଠାରୁ ସେ ବହୁ ଦୂରରେ । ବଡ ନିର୍ମାୟା ମଣିଷ । ମାଂସ ଦୋକାନ କରିଥିଲା, ଘରର ଗୁଜରାଣ ମେଣ୍ଟଣ କରୁଥିଲା । ଖୁସିରେ ଥିଲା । ହେଲେ ସେ ମାଂସ ଖାଉନଥିଲା । କେମିତି ଗୋଟେ ଫକୀର୍ ପରି ଆଚରଣ । ଏଭଳି ଜଣେ ମଣିଷର ମୁଣ୍ଡରେ ପୁଣି ସୈତାନ ପଶିଲା କେମିତି!

...... ଅନ୍ଧାରରେ ଆଖି ବନ୍ଦକରି ସୁଲତାନା ଦେଖୁଥିଲା ଇକ୍‌ବାଲ୍‌କୁ । ଦେଖୁଥିଲା ତାହା ସହ ବିତେଇଥିବା ଆନନ୍ଦ ମୁହୂର୍ତ୍ତ ଗୁଡିକୁ ।

ଦିନେ ଇକ୍‌ବାଲ୍ ଯଥାରୀତି ରାତିରେ ଫେରିଲା । ସେ କେମିତି ଗମ୍ଭୀର ଦିଶୁଥିଲା ।

“ତୋର ଆଜି କ'ଣ ହେଇଚି କି ?” - ପଚାରିଲା ସୁଲତାନା ।

: ବୁଝିଲୁ ସୁଲତାନା, କାବୁଲ୍‌ରୁ ଆଜି ଦି'ଜଣ ଲୋକ ଆସିଥିଲେ । ବଢିଆ ବଢିଆ କଥା କହିଲେ । ଶୁଣିକିନା ମୋ ପେଟ ପୁରିଉଠିଲା ।

: କ'ଣ କହିଲେ ?

: କହିଲେ ଆଲ୍ଲା ପଠେଇଚନ୍ତି ଜଣେ ଦେବଦୂତଙ୍କୁ । କାବୁଲ୍ ଦେଶରେ ସେ ଅଛନ୍ତି । ମୁଲ୍ଲାଉମର ନାଁରେ ସେ ଚଳପ୍ରଚଳ କରୁଚନ୍ତି । ତାଙ୍କର ମୁଖ୍ୟକାମ, ସେ ଇସଲାମ୍‌କୁ ରକ୍ଷାକରିବେ । ଇସଲାମ୍‌କୁ ରକ୍ଷାକରିବା ଆଲ୍ଲାଙ୍କ କାମ ।

: କାବୁଲ୍‌ରେ ତ ଭୀଷଣ ଗୋଳ ଲାଗିଚି !

: ସେଇଥିପାଇଁ ତ ଦେବଦୂତ ଆସିଚନ୍ତି ।

: ସେଇଠୁ ?

: ସ୍ୱୟଂ ଆବ୍ରାହମ ମୁଲ୍ଲା ଉମର ରୂପେ ଜନ୍ମଗ୍ରହଣ କରିଛନ୍ତି ।

: ସେଇଠୁ ?

: ଦେବଦୂତ ମୁଲ୍ଲା ଉମରଙ୍କ ଶରଣ ପଶିଲେ ଆଲ୍ଲାଙ୍କୁ ସାକ୍ଷାତ ସମ୍ଭବ । ସେମାନେ ମୋତେ ଡାକୁଛନ୍ତି କାବୁଲ୍ ଯିବାକୁ ।

ଚିଇଁକି ପଡିଲା ସୁଲତାନା । ପୁଅ ଫାରୁକ୍‌କୁ ମୋର ଦୁଇବର୍ଷ । ତୁମେ କାବୁଲ୍ ଗଲେ ମୁଁ ଛୋଟପୁଅକୁ ନେଇ ରହିବି କେମିତି ! ଚଳିବି କେମିତି ? ନା ଥାଉ । ତୁମର କାବୁଲ୍ ଯିବା ଦରକାର ନାହିଁ । ଦେବଦୂତ କରାଚିକୁ ଆସିଲେ ବରଞ୍ଚ ଆମେ ଦର୍ଶନକରିବା ଓ ଶରଣପଶିବା ।

ସୁଲତାନା କିଛି ଭୁଲ କହୁନାହିଁ । ଭାବିଲା ଇକ୍‌ବାଲ୍ ।

ଆଠଦିନ ପରେ ପୁଣି ସେଇକଥା । ପୁଣି ଆସିଥିଲେ ସେଇ ଦି'ଜଣ । ଆଲ୍ଲାଙ୍କ ଶରଣରେ ଯିବନାହିଁ ? ମୁଲ୍ଲା ଉମର ପରା ସ୍ୱୟଂ ଆବ୍ରାହମ । ଆଲ୍ଲାଙ୍କର ଦୂତ !

ଇକ୍‌ବାଲ୍‌ର ମନ ଅଧିକ ଦୁର୍ବଳହେଲା । ଆବ୍ରାହମ୍‌ଙ୍କୁ ଦେଖିପାରିବି ନାହିଁ? ମୁଲ୍ଲା ଉମର ଆଲ୍ଲାଙ୍କର ଚଳନ୍ତି ପ୍ରତିମା । ନିରାକାର ଆଲ୍ଲାଙ୍କର ସାକାର ରୂପ । ତାଙ୍କୁ ଦର୍ଶନ ନକଲେ, ତାଙ୍କ ଶରଣ ନଗଲେ ଏଇ ଜୀବନ ବୃଥା । ମନେମନେ ଭାବିଲା ଇକ୍‌ବାଲ୍ ।

କହିଲା - ଘରେ ମୋର ବିବି ସୁଲତାନା ଓ ଦୁଇବର୍ଷର ପୁଅ ଫାରୁକ୍ । ଏଇ ମାଂସ ଦୋକାନଟି ଆମର ଭରସା । ମୁଁ କାବୁଲ୍ ଗଲେ ସେମାନେ ଚଳିବେ କେମିତି ?

: ଆଲ୍ଲାଙ୍କ ପାଖରେ ନିଜକୁ ସମର୍ପଣ କରିଦିଅ । ସେ ତୁମ ପରିବାରର ଭାର ବୋହିବେ । ଆଲ୍ଲାଙ୍କ ପାଖକୁ ତୁମ ବିବିକୁ ନେଇଯିବ ନା କ'ଣ ! ଆଲ୍ଲା ଔରତ୍‌ଙ୍କ ସେବା ଚାହାଁନ୍ତି ନାହିଁ । ହଁ, ଯେବେ କହୁଚ ଏଇ ଧର ଟଙ୍କା, ସେମାନେ ଚଳିବେ ବେଧଡକ । ଏବଂ ତୁମେ ଆଲ୍ଲାଙ୍କ ଦୂତଙ୍କ ସେବାରେ ଲାଗିବ । ତୁମ ଉପରେ ତାଙ୍କର କରୁଣାଅଛି ।

: ମୋ ଉପରେ ଆଲ୍ଲାଙ୍କ କରୁଣା ଅଛି ?

: ନାହିଁ ତ ତୁମପାଖକୁ ଆମକୁ ପଠେଇଲା କିଏ !

ଖୁସିରେ ଅଧୀର ହୋଇଉଠିଲା ଇକ୍‌ବାଲ୍ । ଟଙ୍କାବିଡାଟା ହାତରେ ଧରି ମଥାଛୁଏଇଁଲା । କହିଲା – ଯିବି । ଏବଂ ମନମଧ୍ୟରେ ଭାବିଲା ଆଲ୍ଲାଙ୍କ ପାଖରୁ ଫେରି ପରେ ସେ ବିବି ଓ ପୁଅକୁ ସାଥିରେ ନେଇ ଚାଲିଯିବ । ପୁଅକୁ ଗଡେଇଦବ ଆବ୍ରାହମଙ୍କ ପାଦତଳେ । ପୂରା ପରିବାର ଆଲ୍ଲାଙ୍କ ସେବାରେ ଲାଗିହେବେ ।

ଘରେ ସଅଳ ପହଞ୍ଚିଲା ଇକ୍‌ବାଲ୍ । ସୁଲତାନାକୁ ଟଙ୍କାତକ ଧରେଇଲା । ଏବଂ ନିଜର ଯୋଜନାଟିକୁ ବିସ୍ତାରିତ ଭାବେ ବୁଝେଇ କହିଲା । ହେଲେ ମଣ୍ଡଳରେ ବସିଲା ନାହିଁ ସୁଲତାନା । କହିଲା – ତୁମେ ଯେବେ ଯିବ ଆମକୁ ସାଙ୍ଗରେ ନେଇଚାଲ । ତୁମେ ଏକଲା ଯାଇ ପାରିବ ନାହିଁ ।

ବିଷମ ସମସ୍ୟାରେ ପଡିଲା ଇକ୍‌ବାଲ୍ । ଆଲ୍ଲାଙ୍କ ଦୂତଙ୍କୁ ସାକ୍ଷାତ୍ କରିବା ଭାବନା ତା' ମୁଣ୍ଡକୁ ବିଗାଡି ଦେଇସାରିଥିଲା । ଭାବିଲା, ବିବି କଥା ମାନିଲେ ଏକ ମହାନ୍ ସୁଯୋଗରୁ ସେ ବଞ୍ଚିତ ହେବ । ସେ ଗୋପନରେ ଠିକ୍ କଲା, ପରିବାରକୁ ଛାଡି ସେ କାବୁଲ୍ ଚାଲିଯିବ । ସେ ତ ଆଉ ଚିରଦିନପାଇଁ ଯାଉନାହିଁ ।

ପରଦିନଠୁ ଆଉ ଇକ୍‌ବାଲ୍‌କୁ କେଉଁଠି ଦେଖିବାକୁ ମିଳିଲା ନାହିଁ । ମାସେ ଦୁଇମାସ ସୁଲତାନା କାନ୍ଦିଲା । ତା'ପରେ କାନ୍ଦରେ ମହଲତ ଦେଇ ପୁଅ ମୁହଁକୁ ଚାହିଁ ପଡିରହିଲା । ଏବଂ ଇକ୍‌ବାଲ୍‌ର ଫେରନ୍ତା ବାଟକୁ ଚାହିଁ ବସିଲା ।

ମାତ୍ର ଇକ୍‌ବାଲ୍ ଫେରିଲା ନାହିଁ । ସେ କେଉଁଠି ଅଛି କ'ଣ କରୁଚି ସୁଲତାନାକୁ ଜଣାନାହିଁ । କେବଳ ଏତିକି ଖବର ରଖିଚି, ତା'ଭଳି ଆଉରି ଅନେକ କାବୁଲ୍ ଯାଇଚନ୍ତି, ଆଲ୍ଲାଙ୍କ ଦୂତଙ୍କ ସେବାରେ ଲାଗିହେବାକୁ । ସୁଲତାନାର ମନକୁ ବଳ ଆସେ । ଯାହାହେଉ, ତା' ସ୍ୱାମୀ ଏକଲା ନୁହଁନ୍ତି । ସେ ଅପେକ୍ଷାକରେ ଇକ୍‌ବାଲ୍‌ର ଫେରନ୍ତା ବାଟକୁ ।

ମାତ୍ର ସବୁ ବୃଥା । ଇକ୍‌ବାଲ୍ ଫେରୁନାହିଁ । ଏବେ ପୁଅ ଫାରୁକ୍‌କୁ ଏକୋଇଶ ବର୍ଷ । ଏଇ ବର୍ଷ ଗୁଡିକ ଯେ ତା'ର କେମିତି ବିତିଚି ସେ ଜାଣେ । ତେବେ ଆଶା ହରାଇ ନାହିଁ । ତା'ର ଦୃଢ ବିଶ୍ୱାସ, ଯେଉଁଦିନ ହେଉ ସେ ଫେରିବ ।

ବେଳେବେଳେ ସୁଲତାନାର ଭାବନା ବେଆଡା ଧରେ । ଯେତେବେଳେ ଲୋକମୁଖରୁ ଶୁଣେ, ଆଲ୍ଲାଙ୍କ ଦୂତ କୁହାଯାଉଥିବା ସେଇ ମୁଲ୍ଲା ଉମରର ନିଷ୍ଠୁରତା ସଂପର୍କରେ । କେତେ ରକ୍ତ କ୍ଷୟ କରୁଚି ସେ ପିଶାଚ! ଆଲ୍ଲା କ'ଣ କହିଚନ୍ତି ମଣିଷ ମାରିବାକୁ! ସେ ଆଲ୍ଲାଙ୍କୁ ମନେମନେ ଗାଳିଦିଏ, ତୁମେ ଏତେକଥା ସହୁଚ କେମିତି !

ସୁଲତାନାର ମନକୁ ଛୋବ ଗୋଡାଏ । ଇକ୍‌ବାଲ୍‌ର କିଛି ହେଇନି ତ! ହେ ଆଲ୍ଲା ତାଙ୍କୁ ରକ୍ଷାକର ! ସେ କାନ ଓ ନାକ ଧରି ଆଲ୍ଲାଙ୍କୁ ଜଣାଣକରେ । ଆଲ୍ଲାଙ୍କ ନାଁରେ ଇଟା ବସାଏ ।

ଯେଉଁ ସମୟରେ ସୁଲତାନା ଅଭିସମ୍ପାତ୍ ବର୍ଷୁଥିଲା ସେଇ ଆଲ୍ଲାଙ୍କ ଦୂତ କୁହାଯାଉଥିବା ପିଶାଚ ଉପରେ ଏବଂ ଆଲ୍ଲାଙ୍କ ଉପରେ ଅଭିମାନ କରୁଥିଲା, ପୁଅ ଫାରୁକ୍‌ର ଚାଲିଚଳଣିରେ ପରିବର୍ତ୍ତନ ଆସୁଥିବାର ସେ ଲକ୍ଷ୍ୟକଲା । ଦିନେ ଦିନେ ପୁଅ ସକାଳୁ ଘର ଛାଡୁଥିଲା, ଫେରୁଥିଲା ଡେରିରାତିରେ । ଏବଂ ପ୍ରାୟ ଗମ୍ଭୀର ରହୁଥିଲା । ସତେବା ବହୁତ ଗୁଡାଏ ଭାବୁଚି । କ'ଣ ଭାବୁଚି! ହେଇଥିବ, ନଦେଖିଥିବା ବାପକୁ ଝୁରୁଥିବ । ଆହାଃ ମୋ ପୁଅ !

ପୁଅ ଝୁରୁଥିଲା ଠିକ୍, କିନ୍ତୁ ତା' ଅନୁମାନ ଅନୁରୂପ ନୁହଁ । ଝୁରୁଥିଲା ଭିନ୍ନ ଆଦର୍ଶକୁ । ସେ କଥା ଜଣାପଡିଲା କେଇମାସ ପରେ ।

ଥରେ ପୁଅ ଘରୁ ଗଲା ଯେ ଫେରିଲା ମାସେ ପରେ ।

ଓଃ, ସେତେବେଳେ ସୁଲତାନାର ଯେଉଁ ମନର ଅବସ୍ଥା !

"କଉଁଠି ଥିଲୁ ? କିଏ ଖାଇବାକୁ ଦଉଥିଲା ?" – ପଚାରିଲା ସୁଲତାନା ।

"ମା', ସୀମାନ୍ତକୁ ଯାଇଥିଲି । ସେଠି କେମ୍ପ୍ ପଡିଚି । ଖାଇବା ରହିବା ସବୁ ସୁବିଧା ସେଠି ।" – କହିଲା ଫାରୁକ୍ ।

: କେମ୍ପ୍‌ରେ କାମ କ'ଣ ?

: ତାଲିମ ଦିଆଯାଏ । ଆଲ୍ଲାଙ୍କ କାମ କରିବାର ତାଲିମ୍ ।

ଆଲ୍ଲାଙ୍କ କାମ! ସୁଲତାନାର ଛାତିରୁ ଖଣ୍ଡେ ଧସିପଡିଲା ପରି ଲାଗିଲା । ଯା' ବାପ ଉଣେଇଶ ବର୍ଷ ହେଲା ଆଲ୍ଲାଙ୍କ କାମରେ ଯାଇଚି ଯେ ଫେରିନି । ପୁଣି ପୁଅ ଗଲାଣି । ଦୁନିଆ ଅଶୁଭକଥା ତା' କଳିଜାକୁ ଫୋଡିଲାଗିଲା । ବାପ ପରି ପୁଅକୁ କ'ଣ ସେ ହରେଇବ! ତଥାପି ..... ତଥାପି ଯେତକ

କୁଭାବନା ଭିତରେ ଆଲୋକର ବିନ୍ଦୁଟିଏ ତାକୁ ଦିଶିଲା । ସେଇ ଆଲ୍ଲାଙ୍କର ଦୂତ ସୀମାନ୍ତକୁ ଆସିଚି କି ? ଯଦି ଆସିଥିବ ସେ ଯାଇଁ ପଚାରନ୍ତା ତାକୁ ଯା' ବାପକଥା । ଯା ବାପ ବି ଆସିଥାଇପାରେ । କହିଲା, "ଆଲ୍ଲାଙ୍କର ଦୂତ ଯାହାଙ୍କ ପାଖକୁ ତୋ ବାପ ଯାଇଥିଲା, ସେ କେମ୍ପ୍‌ରେ ଅଛନ୍ତି କି? ମତେ ଟିକେ ନେଇଯାଇଥାନ୍ତୁ ତାଙ୍କ ପାଖକୁ ।"

– ଆଲ୍ଲାଙ୍କର ଦୂତ କିଏ ?

"ଆଲ୍ଲାଙ୍କର ଦୂତଙ୍କୁ ଜାଣିନୁ? ଆଉ କି ଆଲ୍ଲାଙ୍କ କାମ କରୁଚୁ ସେଠି!" ଛିଗୁଲେଇଲା ପରି ପୁଅକୁ ଚାହିଁଲା ସୁଲତାନା ।

ପୁଅ ନୀରବ ରହିଲା । ମା'ର ମନର କଥା ସେ ବୁଝିପାରିଲା ।

ପୁଅର ଢଙ୍ଗ୍‌ଢାଙ୍ଗ୍ ଦେଖି ଚିଡିଉଠିଲା ସୁଲତାନା । କଠୋର ଗଳାରେ କହିଲା, "ତତେ କହି ଦଉଚି, ସେ କେମ୍ପ୍‌କୁ ଆଉ ଯିବୁନାହିଁ । ଆଲ୍ଲାଙ୍କ କାମ ସୁଦୁ ମିଛ । ଆଲ୍ଲା କରୁଣାମୟ । ମଣିଷର ମୁଣ୍ଡକାଟିବା ପାଇଁ ସେ କାହାକୁ କହନ୍ତି ନାହିଁ । ଇଏ ସବୁ ପିଶାଚ ମାନଙ୍କର କାମ । ନା, ତୁ ଆଉ କେମ୍ପ୍‌କୁ ଯାଇ ପାରିବୁନି । ଅବିକା ମତେ ଛୁଇଁ କହ । ହେଇ ମୁଁ ଏଇଠି ବସିଲି । ଆଜିଠୁ ଉପାସ ରହିଲି ।"

ଫାରୁକ୍ କାନ୍ଦିପକେଇଲା । ବସିପଡିଲା ମା'ପାଖରେ । ଗେହ୍ଲା କରିପକେଇଲା ମା'କୁ । କହିଲା, "ମା, ମତେ ବାରଣ କରନା । ମତେ ଯିବାକୁ ହେବ, ଯେବେ ଡକରା ଆସିବ । ମୋର କ'ଣ ହେଇଯାଇଚି ଯେ ସେମାନଙ୍କ କଥା କାଟିପାରୁନି । ମୋ ମୁଣ୍ଡ ଫାଙ୍କା ହେଇଯାଇଚି ମା' !"

ସୁଲତାନା ପୁଅ ଉପରେ ଯେଉଁ ଅଭିମାନକରିଥିଲା, ତାହା ଛାଁକୁ ଛାଁ ମିଳେଇଗଲା । କହିଲା – କ'ଣ ହେଇଚି ତୋର ?

– କିଛି ହେଇନି ମା' । ହବ । କିନ୍ତୁ ମୁଁ ତତେ ଗୁଳି କରିପାରିବିନି । ମୁଁ ନକଲେ କ'ଣ ହେଲା, ସେମାନେ କରିଦେବେ ।

"ମତେ ଗୁଳି କରିବେ! କାହିଁକି? ମୁଁ କି ଅପ୍ରାଧ କଲି? କେତେବେଳେ?" – କିଛି ବୁଝିପାରୁନଥିଲା ସୁଲତାନା ।

– କେମ୍ପ୍‌ର ନିୟମ ମା । ଯେଉଁ ବାପା ମା' ଆଲ୍ଲାଙ୍କ କାମରେ ବାଧାଦେବେ, ସେମାନଙ୍କୁ ଗୁଳି କରିଦିଅ । ବନ୍ଧନ ତୁଟିଯିବ । ଆଲ୍ଲାଙ୍କ କାମ ଆଗେଇଚାଲିବ । ହେଲେ ମା ...... ଫାରୁକ୍ କଇଁ କଇଁ କାନ୍ଦି ଉଠିଲା ।

ସୁଲତାନାର ରାଗ ଅଭିମାନ ଯାଇଥିଲା । ଏବେ ସେ ଦୃଢ ହେଲା । ପୁଅର ଆଖିର ଲୁହ ସେ ସହିପାରୁନଥିଲା । ସେ ବୁଝୁଥିଲା, ପୁଅ ତା'ର ମିଛ ଆଦର୍ଶ ପଛରେ ଧାଇଁଚି । ସେ ନିଜ ଅକ୍ତିଆରରେ

ନାହିଁ । ତା' ମୁଣ୍ଡରେ ବିଷ ଭର୍ତ୍ତିକରି ଅନ୍ୟ ବିଷୟ ଭାବନାକୁ ସାଫ୍ କରିଦିଆଯାଇଚି । ସେ ଫେରିବନି କି ଫେରିପାରିବନି । ଏବଂ ବୁଝିଗଲା, ପୁଅକୁ ଜୋର୍‌କରି ଅଟକେଇଲେ ଫଳ ବିଷମୟ । ତା'ର ଅବଶ୍ୟ ମରିବାକୁ ଡରନାହିଁ, କିନ୍ତୁ ସେ ମରିଗଲେ ଯେବେ ପୁଅ ବାଟକୁ ଆସିପାରନ୍ତା କଥା ନଥିଲା । ପୁଅ ଇଚ୍ଛାକରି ମଧ୍ୟ ବାଟକୁ ଆସିପାରିବ ନାହିଁ । ପିଶାଚମାନେ ତା'ର ମୁଣ୍ଡଟାକୁ ଖାଇ ସାରିଚନ୍ତି । ଯେଉଁ ମୁଣ୍ଡରେ କେବଳ ବିଷ ଅଛି ।

ପୁଅର ପଥ ଅନିର୍ଦ୍ଦିଷ୍ଟ ଓ ଭବିଷ୍ୟତ ଅନିଶ୍ଚିତ । ଅନିଶ୍ଚିତ କ'ଣ ଭବିଷ୍ୟତ ବୋଲି କିଛି ନାହିଁ ।

ପୁଅର ଆଖିରୁ ସେ ଲୁହ ପୋଛିଦେଲା । ନିଜେ ଅବିଚଳିତ ଥିବାର ଜଣେଇଲା । ମନକୁ ମନ କହିଲା, ଯେତେ ଦିନ ପାଖରେ ଅଛି ଥାଉ । ସେ ପୁଅକୁ ବାରଣ କରିବାର ଶକ୍ତି ହରେଇବସିଲା ।

ଇତି ମଧ୍ୟରେ ପୁଅ କେଇବାର କେମ୍ପ୍‌କୁ ଯାଇଚି ଓ ଫେରିଆସିଚି । ସୁଲତାନା କିଛି ବୋଲି କିଛି ପଚାରିନାହିଁ ।

ଯେଉଁଦିନ ଗୁଡିକ ଫାରୁକ୍ ଘରେ ରହୁଚି ଖୁବ୍ ଗୋଟେ ଗମ୍ଭୀର ବିଷୟ ଭାବୁଥିବା ପରି ଚୁପ୍ ରହୁଚି । ତେବେ ମା' ପଛରେ ଛାଇପରି ଲାଗିରହୁଚି । ସତେକି ନୀରବରେ କହୁଚି, ତତେ ଛାଡି ଚିରଦିନ ପାଇଁ ଚାଲିଯିବି ମା' । ତୁ ଏକଲା ହେଇଯିବୁ । ସତ । କିନ୍ତୁ ମୋ ପେଇଁ ଦୁଃଖ କରିବୁନି ।

ସୁଲତାନା ଭିତରେ କାନ୍ଦେ, ଅଭିସମ୍ପାତ୍ ବର୍ଷେ ସେଇ ପାଷାଣ୍ଡଙ୍କ ଉପରେ । ଉପରକୁ କିନ୍ତୁ ଦୃଢଥିବା ପରି ଜଣାଏ । ପୁଅର ଖାଇବା ପାଖରେ ବସି ବଳେଇ ବଳେଇ ଖୁଆଏ ।

ୟା'ଭିତରେ ସୁଲତାନା ଶୁଣିଚି, ଆଲ୍ଲାଙ୍କ ଦୂତ କୁହାଯାଉଥିବା ମୁଲ୍ଲାଉମରକୁ ଆମ୍ରିକା ମାରିଦେଇଚି । ଆଲ୍ଲାଙ୍କ ଦୂତ ଯଦି ସେ ମଲା କିପରି ! ସବୁ ମିଛ । ମିଛ ମିଛ ମିଛ .....

ମୁଲ୍ଲା ଉମର ତ ମଲା, ଫାରୁକ୍‌ର ବାପ ସେଠି ପଡିରହିଚି କାହିଁକି ! କାହିଁକି ସେ ଫେରିଆସୁନି ? ତା'ର କ'ଣ ସେଇପରି ଅବସ୍ଥା ହେଇଚି ! ହେ ଆଲ୍ଲା !

ସୁଲତାନା ଜାଣିପାରେ, ଏଇ ଦେଶରେ କିମ୍ବା କାବୁଲ୍‌ରେ କିମ୍ବା ଇରାକ୍‌ରେ କିମ୍ବା ଆଉ କେଉଁଠି ଜଣେ ମୁଲ୍ଲା ଉମର ନଥିଲା କି ନାହିଁ । ତାଠୁ ଅଧିକ ପାଷାଣ୍ଡରେ ଭରିଗଲାଣି ଏଇସବୁ ମୁଲକ । କିନ୍ତୁ ତୁମର ଏଇ ମା'ଟି ଉପରେ ଏତେ ଅହନ୍ତା କାହିଁକି ? ସ୍ୱାମୀକୁ ଛଡେଇ ନେଲ, ଏବେ ପୁଅକୁ ନେବାକୁ ବାହାରିଚ !

ମନେ ମନେ ଶୁଣାଏ ସୁଲତାନା ସେଇ ଅଦୃଶ୍ୟ ପାଷାଣ୍ଡ ମାନଙ୍କୁ - ଯାହା କରୁଚ କର, କିନ୍ତୁ ଆଲ୍ଲାଙ୍କ ନାଁରେ ଭେଳିକି ଦେଖାଅନା । ଆଲ୍ଲାଙ୍କୁ ଜଣା ତୁମେ ସବୁ କ'ଣ କରୁଚ । ଲାଡେନ୍ ଆଉ ମୁଲ୍ଲା ଉମର ଭଳି ଅବସ୍ଥା ତୁମର ହେବ । ହେବା ତ ନିଶ୍ଚିତ, କିନ୍ତୁ ସେତେବେଳକୁ ଜଗତର ବହୁତ କ୍ଷତି

ହୋଇସାରିଥିବ । ଆଉ ଏଇ ମା'ଟି ତା'ର ପୁଅଟିକୁ ହରେଇସାରିଥିବ, ଅନେକ ମା'ଙ୍କ ପରି । ସୁଲତାନା ଦୀର୍ଘଶ୍ୱାସ ଛାଡେ ।

ପୁଅ କହିଚି, ଡକରା ଆସିଲେ ସେ ଯିବ । ଡକରା ନଆସନ୍ତା କି ! କିମ୍ୱା ପୁଅ କୁନି ଛୁଆଟେ ହେଇଯାଆନ୍ତା କି !

ସମୟ କେମିତି ମଅଠ ମଅଠ ଚାଲୁଥିବା ଭଳି ଲାଗେ ମା'କୁ ।

ପୁଅ କେଉଁଠିକି ଯିବ ପୁଅକୁ ଜଣାନାହିଁ, କିନ୍ତୁ କାମଟି କ'ଣ ତାକୁ ଜଣା । ମା'କୁ ମଧ୍ୟ । ତା'ବାପ ସେଇଆ କରିବାକୁ ଯାଇଥିଲା, ଯଦିବା ସେ ଜାଣିନଥିଲା । କିନ୍ତୁ ପୁଅ ଜାଣିକରି ଯାଉଚି । ହେ ଆଲ୍ଲା !

ପରିଶେଷରେ ସେଇ ପ୍ରତୀକ୍ଷିତ ମୁହୂର୍ତ୍ତ ଆସିଲା । ଆସିଲା ଖବର । ପୁଅ ଯିବ । ଯିବ ଆଲୁଅରୁ ଅନ୍ଧାରକୁ ।

ମା' କାନ୍ଦୁନାହିଁ । ପୂର୍ବରୁ ବହୁତ କାନ୍ଦି କାନ୍ଦି ତା'ଆଖିରୁ ପାଣି ଶୁଖିଯାଇଚି । ଛାତି ହୋଇଯାଇଚି ପଥର ।

ପୁଅ କାନ୍ଦିବାର ସମ୍ଭାବନା ନଥିଲା । ସେ ପ୍ରସ୍ତୁତ ଥିଲା ।

ମା'କୁ ନୂଆ କିସମର ମୋବାଇଲ୍ ସେଟ୍‌ଟିଏ ଧରେଇ ପୁଅ କହିଲା - ଆଇତିରେ ରଖିବୁ । ଏଇଟି ସାଟେଲାଇଟ୍ ଫୋନ୍ । ମୁଁ ରାତି ବାର ପରେ ତୋ ସାଙ୍ଗରେ କଥାହେବି ।

"ତୁ ଠିକ୍ ସମୟରେ ଖାଇବୁ । ଆଉ ଶୋଇବୁ ।" - ଏତିକି ମାତ୍ର କହିଥିଲା ସୁଲତାନା ।

ଫାରୁକ୍ ମୁଣ୍ଡନାଡି ହଁ କଲା । କିନ୍ତୁ ମନେ ମନେ କହୁଥିଲା, ଯେଉଁ ଦିଟା କଥା କହିଲୁ ମା', ସେ ସୁଯୋଗ ମିଳିବ ବୋଲି ମନେହୁଏନା ।

"ଏତିକି ଟଙ୍କା ରଖିଥା । ଖର୍ଚ୍ଚକରିବୁ । ଯିବା ପୂର୍ବରୁ ତୋ ବାପା ଦେଇଯାଇଥିଲେ ।" - କହିଲା ମା' ।

ପୁଅ ଟଙ୍କା ରଖିଲା, ଯଦିବା ସେ ଜାଣେ ତା'ର ଟଙ୍କାର ଅଭାବ ରହିବ ନାହିଁ । ତେବେ ଆଶ୍ଚର୍ଯ୍ୟ ହଉଥିଲା, ଏତେ ବର୍ଷ ଧରି ମା' ସେ ଟଙ୍କା ସାଇତି ରଖିଚି !

ଫାରୁକ୍ ଚାଲିଗଲା । ଥରେ ମଧ୍ୟ ପଛକୁ ଫେରି ଚାହିଁଲାନି ।

ସେବେଠୁ ..... ସେବେଠୁ ମା'ର ଅପେକ୍ଷାର ସୀମାନାହିଁ । ଅପେକ୍ଷା ପୁଅକୁ ନୁହଁ, ତା'ର କଣ୍ଠସ୍ୱରକୁ । ମୋବାଇଲ୍ ବାଜିଉଠିବ, ସେ ଟିପି ଦବ, ଶୁଭିଯିବ ପୁଅର କଥା । କିନ୍ତୁ ମୋବାଇଲ୍ ବାଜୁନାହିଁ । ମା' ଆଖିରେ ନିଦନାହିଁ ।

ଏକୋଇଶି ଦିନ ହୋଇଗଲା, ଇମିତି କ'ଣ ଦି'ମିନିଟ୍ ସମୟ ପାଉନାହୁଁ! ଅନ୍ଧାର ଭିତରକୁ ଚାହିଁ ମା' ବରବର ହେଲା ।

ପୁଅ କାବୁଲ୍‌ରେ ଥିବ ନା ଇରାକ୍‌ରେ ନା ସିରିଆରେ ? କେଜାଣି ?

ଖାଇଥିବ ନା ଖାଇନଥିବ ? କେଜାଣି !

ମୁଁ ତା'ର ମନେ ପଡୁଥିବି ନା ନାଇଁ ? କେଜାଣି !

ଘର ଭିତରେ ଅନ୍ଧାର ମା'ର ଭାବନା ତରଙ୍ଗ ସହ ଗୋଳିହେଇ ପଥରପରି ଟାଣ ମନେହେଉଥିଲା । ନୂଆ କଥା କିଛି ଭାବିପାରୁନଥିଲା ମା' । ତାକୁ ଭାବି ଆସୁନଥିଲା । ସେଇଆକୁ ଘୋରତେଇ ପୋରତେଇ ଭାବିଚାଲିଥିଲା । ପୂର୍ବରାତିମାନଙ୍କ ପରି ।

ସେ କ୍ଳାନ୍ତ ହେଉନଥିଲା । ମଝିରେ ମଝିରେ ମୋବାଇଲ୍ ଉପରେ ଅଭ୍ୟାସକ୍ରମେ ହାତମାରି ସେଇଟିର ସ୍ଥାୟୀତ୍ୱ ପରଖୁଥିଲା । ମୋବାଇଲ୍ ବାଜିବାକୁ କାନେଇଥିଲା । କିନ୍ତୁ ମୋବାଇଲ୍ ବାଜୁନଥିଲା ।

ହଠାତ୍ । କୋଡିଏ ଦିନର ଅପେକ୍ଷା ଶେଷହେବାକୁ ବସିଲା । ମା'ର ଛାତି ଦଅଦଇଆ ଛେନାପରି ଥଲ୍ ଥଲ୍ କୋମଳ ହେଇଉଠିଲା । ଆହାଃ ! ସେ ଅନ୍ଧାରିଆ ଅଣ୍ଡାଳି ବିଛଣା ଉପରେ ବସିପଡିଲା ।

ତକିଆ କଡରେ ପଡିଥିବା ମୋବାଇଲ୍‌ରୁ ବାଦୁଡି ଚିଁ ଚିଁ ହେବାପରି ଶବ୍ଦ ବାହାରୁଥିଲା । ମୋବାଇଲ୍ ତ ଏପରି ବାଜେନାହିଁ ! ଚିଁ ଚିଁ ଶବ୍ଦ ଅନବରତ ବାହାରୁଥିଲା ମୋବାଇଲ୍‌ରୁ ।

ମା' ଧରିଲା ମୋବାଇଲ୍‌କୁ । ତାକୁ ଲାଗୁଥିଲା, ତା' ଦିହର ଓଜନ କମିକମି ଆସୁଚି ସେ ଉଡିଯିବ କି !

ମୋବାଇଲ୍‌ର ବୋତାମଟିକୁ ଥରଥର ହାତରେ ମା'ଟିପିଲା ।

– ମା' ! ସେପଟୁ ଫାରୁକ୍‌ର କଣ୍ଠସ୍ୱର ।

"ତୁ ଖାଇଚୁ ପୁଅ !" – ସୁଲତାନାର ପାଟି ଥଙ୍ଗ୍ ଥଙ୍ଗ୍ ।

– ହଁ ଖାଇଚି । ତୁ ଶୋଇନୁ ମା' !

"କେମିତି ଶୋଇବି ! ତୁ ପରା କହିଥିଲୁ ରାତି ବାରପରେ ଫୋନ୍‌କରିବୁ ! ତୁ ଏବେ କେଉଁଠି ପୁଅ ?" – ମା' ପଚାରିଲା ।

– ହିନ୍ଦୁସ୍ଥାନ । ଇଣ୍ଡିଆ । ଆଗ୍ରାରେ ଅଛୁ । ମା', ତାଜମହଲ ଏଡିକି ସୁନ୍ଦର !

"ମୁଁ ଦେଖିନାହିଁ ପୁଅ । ଅନେକ ଶୁଣିଚି । ସୁଲତାନ୍ ତା' ବେଗମ୍ ସ୍ମୃତିରେ ତୋଳିଥିଲା ।"

– ସେଇଥିପାଇଁ ତ ହାତ ଚଳିଲାନାଇଁ ଉଡେଇବାକୁ । କିନ୍ତୁ ଉଡେଇଦେଇଥିଲେ ଯେତିକି ଆଶାକରୁଥିଲୁ ତାଠୁ ଅଧିକ ଆଲ୍ଲାଙ୍କ କାମ ହେଇପାରିଥାନ୍ତା !

ପୁଣି ସେଇ ଘଷରା ବିରକ୍ତିକର ଛଳନାର କଥା । ଆଲ୍ଲାଙ୍କ କାମ । କିନ୍ତୁ ମା' ସେକଥା ଉଠେଇଲା ନାହିଁ । କହିଲା – ତୋ ସାଙ୍ଗରେ ଆଉ କିଏ ଅଛି ନା ତୁ ଏକଲା ପୁଅ ?

– ଆମେ ତିନିଜଣ ଅଛୁ । କିଛି ଅସୁବିଧା ନାଇଁ । ତୁ ଚିନ୍ତାକରନା । କାଲି ଏଠୁ ଚାଲିଯାଉଚୁ । କେମ୍ପ୍‌ରୁ ନିର୍ଦ୍ଦେଶ ଆସିଚି । କାଲି ସକାଳୁ ପଠାଣକୋଟ୍ ଯିବୁ । ତୁ ଶୋଇପଡ । ଆଉ କଥା ହେଇପାରିବି ନାହିଁ । ପୁଣି କଥାହେବି ପଠାଣକୋଟ୍‌ରୁ ।

ଯାହାହେଉ ପୁଅ ଭଲଅଛି । ଘଡିଏ ଶୋଇପଡିବାକୁ ଚେଷ୍ଟାକଲା ମା' । ତା'ର ଖୁସି ଅକଳନ୍ତା । ପୁଅ ପାଟିରୁ ସେ କଥା ଶୁଣିଚି । ଏଇ କଥାପଦେ ଶୁଣିବାପାଇଁ ଗୁଡାଏ ଦିନ ହବ ସେ ଶୋଇନାହିଁ ।

ପରଦିନ ଗୁଡିକ ସୁଲତାନାକୁ ଖୁବ୍ ହାଲୁକା ଲାଗିଲା । ରାତିରେ କିନ୍ତୁ ଭାବନା ଆସୁଥିଲା ଓ ଯାଉଥିଲା, ଢେଉପରିକା । ସେ ଢେଉରେ ଭାସୁଥିଲା, କେତେବେଳେ କଷ୍ଟପାଉଥିଲା ତ କେତେବେଳେ ଖୁସି ହଉଥିଲା ।

ପୁଅ ପାଖରୁ ଟେଲିଫୋନ୍ ଆସିଚି ଓ ସେ ଅନ୍ତତଃ ଏପର୍ଯ୍ୟନ୍ତ ଭଲରେ ଅଛି – ତାହା ହିଁ ଏକମାତ୍ର ଖୁସି ସୁଲତାନା ପାଇଁ । କିନ୍ତୁ କଷ୍ଟ ହେଉଚି, ପୁଅ ମୁହଁରେ ତା' ବାପ ପରି 'ଆଲ୍ଲାଙ୍କ କାମ'ର ପୁନରାବୃତ୍ତି ଶୁଣି ।

ଆଲ୍ଲାଙ୍କ କାମ । ଦୁର ! ସବୁ ଭାଣ୍ଡାମି

ଆଠଦିନ ବିତିଗଲା । ପୁଅ ପାଖରୁ ଟେଲିଫୋନ୍ ଆସିନାହିଁ । ତମାମ ରାତି ସୁଲତାନା ଯୋଉ ଉଜାଗରକୁ ସେଇ ଉଜାଗର । ଯୋଉ ଭାବନାକୁ ସେଇ ଭାବନା । ଏବେ ତାକୁ ଗୋଟେ ନୂଆ ଭୟ ଗ୍ରାସିଚି । ଯେ – ହିନ୍ଦୁସ୍ଥାନ ଗୋଟେ ଅଲଗାପ୍ରକାର ଜାଗା । 'ଆଲ୍ଲାଙ୍କ କାମ'କୁ ଲୋକେ ଘୃଣାକରନ୍ତି । ଏବଂ ବନ୍ଧୁକମୂନରେ ଦବେଇଦିଅନ୍ତି । ପୁଅର କିଛି ହବ କି ! ହଁ, ପୁଅର ଭବିଷ୍ୟତ ବୋଲି କିଛି ନାହିଁ । ସେ ବା କ'ଣ କରିପାରିବ ! ଆଲ୍ଲା ଭରସା !

ସେଦିନ ରାତି କେତେ ହେଲାଣି ସୁଲତାନାକୁ ଜଣାନାହିଁ । ବୋଧେ ରାତି ପାହିବାକୁ ବେଶୀ ଡେରିନାହିଁ । ମୋବାଇଲ୍ ଚିଁ ଚିଁ ହେବାକୁ ଆରମ୍ଭକଲା ।

ଉଠି ବସିଲା ସୁଲତାନା । ଆତଙ୍କ ତାର ସତ୍ତାକୁ ଅସାଡ କରିଦେବା ପରି ଅବସ୍ଥା ।

ମା' ! ପଠାଣକୋଟ୍‌ରୁ କହୁଚି । ରାତିପାହିଲେ ଆମେ ବାହାରିଯିବୁ । ଆଲ୍ଲାଙ୍କ କାମ ଆରମ୍ଭହେବ । କହିଲା ଫାରୁକ୍ ।

– ତୁ ଖାଇଚୁ ପୁଅ ! ସବୁକିଛିକୁ ଛାତିରେ ଚାପିରଖି କହିଲା ମା' ।

: କେଇଘଡିପରେ ରାତି ପାହିବ । ଭୋକ ନାହିଁ ।

– ଯାହା ହେଲେ କିଛି ଖାଇଦେଇ ଯା !

: ରଖୁଚି ମା' ! ତୁ ଯାଆ ଶୋଇବୁ ! ଫେରିଲେ କଥାହେବି ।

ରାତି ପାହିଲା । ଦିନ ବାରଟାବେଳକୁ ଖବରଟିଏ ଗାଁ ସାରା ସତେବା ବିଞ୍ଚିହେଇଗଲା । ତିନିଜଣ ପାକିସ୍ଥାନୀ ପଠାଣକୋଟ୍ ସେନାଶିବିର ଉପରେ ହମଲା କରିଚନ୍ତି । ମାରିପକେଇଚନ୍ତି ଗୁଡ଼ିଏ ସେନା । ପ୍ରତିଜବାବ୍ ଦେଇଚନ୍ତି ହିନ୍ଦୁସ୍ଥାନୀ ଯବାନ୍ ।

ତିନିଜଣଙ୍କ ମଧ୍ୟରୁ ଦୁଇଜଣ ହିନ୍ଦୁସ୍ଥାନୀ ଯବାନ୍‌ଙ୍କ ଗୁଳିରେ ପ୍ରାଣ ହରେଇଚନ୍ତି । ଜଣେ ଘାଇଲା ଅବସ୍ଥାରେ ଧରାପଡ଼ିଚି । ତା'ପାକିଟିରୁ ମିଳିଚି କାଗଜ ଗୁଡ଼ାହେଇଥିବା ଅଳ୍ପଟଙ୍କା । କାଗଜରେ ଲେଖାଯାଇଚି –

ଫାରୁକ୍ । ବାପା – ଇକ୍‌ବାଲ୍ । ମା' – ସୁଲତାନା । ସ୍ଥାନ – କରାଚି ।

ପାକିସ୍ତାନ ଟି.ଭି. ବାରମ୍ବାର ସମ୍ବାଦଟିଏ ଦୋହରାଉଚି । ଯେ – ଫାରୁକ୍ ପାକିସ୍ତାନର ମଣିଷ ନୁହଁ ।

ହଁ ସତ । ମୋ ପୁଅ ପାକିସ୍ତାନର ନୁହଁ, ପୃଥିବୀର । ଆଲ୍ଲାଙ୍କର । ଘାଇଲା ହେଇଥିବା ପୁଅ ଯେବେ ବଞ୍ଚିଯାଏ ଆଉ ମରିବନାହିଁ କି ମାରିପାରିବ ନାହିଁ । ହସିଦେଲା ମା' ।

ତରବର ହୋଇଉଠିଲା ସୁଲତାନା । ପୁଅ ଦେଇଥିବା ନୂଆ କିସମର ମୋବାଇଲ୍ ସେଟ୍‌ଟିକୁ ଡ୍ରେନ୍ ଭିତରକୁ ଛାଟିଦେଲା ।

## ଜଣେ ଗତାୟୁ ସଂପର୍କରେ ଶେଷ ସମ୍ବାଦ

(ଏକ)

ଯାହା କହିବାକୁ ଯାଉଛି, ତାହା କୌଣସି ନାଟକର ଦୃଶ୍ୟରାଜିନୁହଁ, ଅଥଚ ଲୋମହର୍ଷକ ନାଟକର ଦୃଶ୍ୟଠାରୁ ଢେର୍ ଲୋମହର୍ଷକ । ତୁମେ ଯଦି ପ୍ରସିଦ୍ଧ ନାଟ୍ୟକାର ହୋଇଥିବ, ମୁଁ ନିଶ୍ଚିତ ଯେ ସେଇ ଘଟନା ବା ଘଟନା ସମୂହକୁ ନାଟ୍ୟରୂପ ଦେବାକୁ ଅତିମାତ୍ରାରେ ଅସହାୟତା ଅନୁଭବ କରିବ ।

ପୁନଶ୍ଚ ତାହା ଏକ ଗଳ୍ପ ମଧ୍ୟ ନୁହଁ । କାହିଁକିନା, ଗଳ୍ପରେ ଗାଳ୍ପିକର କଳ୍ପନା-ପ୍ରସୂତ ପୁଟ ରହିଥାଏ, ଯାହା ଅସଲ କାହାଣୀର ମଞ୍ଜକୁ ରଙ୍ଗିଲାକରି ପଠନଯୋଗ୍ୟ କରେଇଥାଏ । ମାତ୍ର ଉକ୍ତ ଘଟନା ବା ଘଟନା ସମୂହରେ କଳ୍ପନା-ପ୍ରସୂତ ପୁଟ ଦେଇ ଗଳ୍ପରୂପେ ଠିଆକରାଇବାରେ ଜଣେ ଗଳ୍ପକାର ଥଳକୂଳ ନପାଇବା ନେଇ ମୁଁ ନିଃସନ୍ଦେହ । ହାଲ ଛାଡ଼ିଦେବାକୁ ନିଶ୍ଚେ ବାଧ୍ୟହେବ ।

କୌଣସି ଜୀବନ୍ତ ଘଟନାକୁ ଗୋଟେ ପୋଖତ ହାତ ସଫଳ ନାଟକ ଅଥବା ଗଳ୍ପ ରୂପେ ଅଚିରେ ଠିଆକରେଇବାକୁ ସକ୍ଷମ, ଏପରି ବହୁପୋଷିତ ସିଦ୍ଧାନ୍ତ ଯେ ଫସରଫାଟିପାରେ, ଏଇ ଲେଖାଟି ତା'ର ଉଜ୍ଜ୍ୱଳ ସ୍ୱାକ୍ଷର ଛାଡିଯିବ ବୋଲି ମୋର ଆଶା ।

କିନ୍ତୁ ... କିନ୍ତୁ ... ସତ୍ୟ ଅରୂପ । ତାକୁ କେମିତି ରୂପଦେଇହେବ ! ଲେଖକଟିଏ ବିଶ୍ୱରେ ସବୁଠୁ ଅସହାୟ ପ୍ରଜାତି ।

ଏବେ ଅସଲ କଥାକୁ ଆସିବା ।

ତିନି ଜଣ ମଣିଷ । ଦୁଇଜଣ ଘଟନା ସୃଜନରେ ଅଂଶୀଦାର । ଆଉ ତୃତୀୟ ଜଣକ ? ସେ ଅଂଶୀଦାର ନୁହଁ କି ଦ୍ରଷ୍ଟା ମଧ୍ୟ ନୁହଁ । ଶ୍ରୋତାଟିଏ ମାତ୍ର । ଉଭୟ ଅଂଶୀଦାରଙ୍କଠୁ ପୃଥକ ଘଟନାକ୍ରମରେ ଶୁଣିଥିବା ପଦସ୍ଥ ମଣିଷଟିଏ । ଏବଂ ଉଭୟଙ୍କର ଏକାନ୍ତ ଅନ୍ତରଙ୍ଗ ମଧ୍ୟ । ଅତଏବ୍ ଅବିଶ୍ୱାସ କରିବାର ସମ୍ଭାବନା ଆଦୌ ନାହିଁ ।

କଥାହେଲା, ତୃତୀୟ ଜଣକୁ ଶ୍ରୋତାର ଭୂମିକା ତୁଲେଇ ଚୁପିକିନା ରହିବାକୁ ପଡିଥିଲା । ସେଇ ଘଟନା ବା ଦୁର୍ଘଟନା ଚିରଦିନପାଇଁ ଛପିଯାଇପାରିଥାନ୍ତା, ଯଦି ସଂଯୋଗକ୍ରମେ ମୋ ପାଖକୁ ସଞ୍ଚରିନଥାନ୍ତା । ସେଇଥିପାଇଁ ତ ଅଣ୍ଟାଭିଡିଚି ତୁମକୁ ବୁଲେଇବଙ୍କେଇ କହିଦେବି । ଠିକ୍ଠାକ୍ କହିପାରିବି କି ନା ମୋର ସାମର୍ଥ୍ୟ ଉପରେ ନିର୍ଭର କରେ । ମିଛୁଟାରେ କ'ଣ ନାଟ୍ୟକାର, ଗାଳ୍ପିକ ବା ଲେଖକମାନଙ୍କର ସାମର୍ଥ୍ୟ-ସିମୀତତା ପ୍ରସଙ୍ଗ ଉଠେଇଚି !

......... ଗଲା ନୂଆବର୍ଷ ସଂଧ୍ୟାରେ ଉପରୋକ୍ତ ପ୍ରତ୍ୟକ୍ଷ ଶ୍ରୋତା-ମୋର ବଂଧୁ ଓ ମୁଁ ଗୋଟେ ହୋଟେଲରେ ମଜା ଉଠେଇବାକୁ ଏକାଠି ହେଇଥିଲୁ । ତିନି ତିନି ପେଗ୍ ଉଠିଗଲାଣି ସେତେବଳକୁ । ଝୁମି ଝୁମି ଆସୁଥାଉଁ ଆମେ । କୁଆଡୁ କୁଆଡୁ କଥା ପଡୁଥାଏ । ପଡୁଥାଏ ଏବଂ ମିଳେଇଯାଉଥାଏ । ପୁଣି ପଡୁଥାଏ ନୂଆ ପ୍ରସଙ୍ଗ । ହଠାତ୍ ଲକ୍ଷ୍ୟକଲି, ବଂଧୁଟି ଗମ୍ଭୀର ହୋଇଗଲା । ଜାଣିଗଲି, ବିଶେଷ ପ୍ରସଙ୍ଗଟିଏ ତା'ଠାରେ ମୂନେଇଇଚି ଆତ୍ମପ୍ରକାଶ କରିବାକୁ । ଏକାନ୍ତ ବ୍ୟକ୍ତିଗତ ରସାଳ ପ୍ରସଙ୍ଗଟିଏ ଉତୁରି ଆସିବାର ଏହା ପ୍ରାକ୍ ସୂଚନା, ମୁଁ ମନେକଲି । ଜମେଇକି ବସିଲି ମୁଁ

"ପଣ୍ଡା, ଆର.ସି. ସାମଲ କଥା ମନେ ଅଛି ?" - କହିଲେ ବନ୍ଧୁ ।

- କୋଉ ଆର.ସି. ସାମଲ ? ପୂରା ନାଁ କହୁନୁ । ଓ ସେଇ ଖଲିଫା ତ !

ବନ୍ଧୁ କିଛି କହିଲେନି । ଯାହାର ଅର୍ଥ, ହଁ ସେଇ ।

ସ୍କୁଲବେଳ କୁହ କି କଲେଜବେଳ କୁହ, ଯେଉଁ ପିଲାଠାରେ ଚରିତ୍ରିକ ନଖରାମି ଲକ୍ଷଣ ଦେଖିବାକୁ ମିଳେ ଅନ୍ୟମାନେ ତାକୁ ଖଲିଫା କହନ୍ତି । ସିଏ ପୁଅ ପିଲା ହେଇପାରେ, ଝିଅ ପିଲା ବି ।

ଖଲିଫା ଶବ୍ଦର ଏମନ୍ତ କିମ୍ଭୂତ ବ୍ୟବହାରର ମହାନ ଆବିଷ୍କର୍ତ୍ତାଙ୍କ ସଂପର୍କରେ ସଠିକ୍ ଜଣାନାଇଁ, ତେବେ ବର୍ଷ ବର୍ଷ ଧରି ନିର୍ବିଘ୍ନରେ ପ୍ରସାରଲାଭ କରିଥିଲା ସେଇ ଶବ୍ଦଟି ।

ତା'କଥା ଛାଡ଼୍‌ବେ, ସେ ଗୋଟେ ମହାନ୍ ଖଲିଫା! ମନ୍ତବ୍ୟଦାତାର ଏପରି ଟିପ୍‌ପଣୀ ଅନ୍ୟମାନଙ୍କ ମଧ୍ୟରେ ଖୁବ୍ ହାସ୍ୟରୋଳ ସୃଜିପାରୁଥିଲା । ମୋର ଯାହା ମନେହୁଏ, ଏବେ ମଧ୍ୟ କଲେଜପଢୁଆ ପିଲାଙ୍କ ମଧ୍ୟରେ ଉକ୍ତ ଶବ୍ଦଟି ସେଇ ଅର୍ଥରେ ପ୍ରଚଳିତ ରହିଛି ।

"ଶୁକ ସାମୁଏଲ କଥା ମନେପଡୁଛି ?" - ଜାଣିବାକୁ ଚାହିଁଲେ ବଂଧୁ ।

"ତାକୁ ଭୁଲିହେବ! ସେ ତ ଖଲିଫାଙ୍କ ଓସ୍ତାଦ୍ । ମହାନ୍ ଖଲିଫା । ଆଚ୍ଛା, ହଠାତ୍ ଏତେବର୍ଷପରେ ସେମାନେ କାହିଁକି ମନେପଡିଲେ ? କିନ୍ତୁ ବଂଧୁ, ତୁ ଏତେ ଭଲ ପଢୁଥିଲୁ ଅଧ୍ୟାପକଟିଏ ହେଲୁ । ମୁଁ ହେଲି ହେଡ୍‌ମାଷ୍ଟର । କିଏ କିରାଣି ତ ଆଉ କିଏ ଅବକାରୀ ଇନିସ୍‌ପେକ୍ଟର । ଖଲିଫା ଆର.ସି.ସାମଲ କିନ୍ତୁ ଆଇ.ଏ.ଏସ୍. ପାଇଗଲା । ସେ ଏବେ କଉଁଠି ଜିଲ୍ଲାପାଳ ବୋଧେ । ବଡ ଭାଗ୍ୟବାନଟିଏ । ନୁହଁ ?" - ମୁଁ କହିଲି ।

ଉତ୍ତରଦେବା ବଦଳରେ ବଂଧୁ ଅଧିକ ଗମ୍ଭୀର ହେଲେ ଓ ଆଉ ଦୁଇପେଗ୍ ବରାଦ୍‌ଦେଲେ । ଏବଂ ଆସିବାମାତ୍ରେ ସେ ଏକାଥରେ ସଫା କରିଦେଲେ । ମୁଁ କିନ୍ତୁ ଧୀରେ ସୁସ୍ଥେ ନଉଥାଏ । ନଉଥାଏ ଏବଂ ନିଷିଦ୍ଧ ବା ରସାଳ ପ୍ରସଙ୍ଗର ନିର୍ଗମନକୁ ଅପେକ୍ଷା କରିଥାଏ ।

ପୂର୍ବରୁ କହିଛି, ମଣିଷ ତିନିଜଣ । ପ୍ରଥମ ଜଣକ ଆର.ସି. ସାମଲ, ଦ୍ୱିତୀୟ ଜଣକ ଶୁକ ସାମୁଏଲ ଓ ତୃତୀୟ ଜଣକ ମୋର ଘନିଷ୍ଠତମ ବଂଧୁ ସି.ଆର. ଦାସ । ଆର.ସି.ସାମଲ ଓ ଶୁକ ସାମୁଏଲ୍ ଘଟନା ସୃଜନରେ ଅଂଶୀଦାର ଏବଂ ସି.ଆର. ଦାସ ପୂର୍ବୋକ୍ତ ପ୍ରତ୍ୟକ୍ଷ ଶ୍ରେତା । ଆଉ ମୁଁ? ମୁଁ ବିଶ୍ୱର ଦୁଇନମ୍ବର ଶ୍ରୋତା । ସ୍ୱୀକାର କରୁଛି, ମୁଁ ଗୋଟେ ଚାଲବାଜି କରିଛି । ଚାଲବାଜିଟି ହେଉଛି, ନିଜକୁ ଏକ ନମ୍ବର ବା ପ୍ରତ୍ୟକ୍ଷ ଶ୍ରୋତାର ଆସନ ଦେବା ଉଦ୍ଦେଶ୍ୟରେ ସି.ଆର.ଦାସଙ୍କ ପୂରାନାମ ଗୋପନ ରଖିଛି । ଯେମିତି ସେ ଆର.ସି.ସାମଲଙ୍କ ପୂରାନାମ ଗୋପନ ରଖିଥିଲା, ସେମିତି ମୁଁ ତା'ର ନାଁ ଗୋପନ ରଖିଲି । କେହି କେହି ଭାବିପାରନ୍ତି ଦୁଇ ଦୁଇଟି ନାମ ସଂଗୋପିତ ରହିଥିବା ବେଳେ ଶୁକ ସାମୁଏଲ୍‌ର ନାମ କାହିଁକି ପ୍ରଘଟହେଲା !

ଉତ୍ତରଟି, ଏହି ଲେଖା ବା ଗଳ୍ପ ବା ନାଟକର ଅନ୍ତିମ ଭାଗରେ ଜଳଜଳହେଇ ଫିଟିପଡିବ ତୁମ ଆଗରେ । ସେ ପର୍ଯ୍ୟନ୍ତ ଧୈର୍ଯ୍ୟଧରିବାକୁ ଅନୁରୋଧ ରହିଲା ।

ଚାରିପେଗ୍ ପରେ ସି.ଆର.ଦାସ କହିବା ସୁରୁକଲେ । ପହିଲୁ ପଦେ ପଦେ ଛାଡିଲେ । ଆଖିରେ କିଛି ଦେଖୁଥିବା ପରି । ସେଇ କ୍ରମରେ ମୁଁ ଘଟନା ବା ଘଟନା ସମୂହ ମଧ୍ୟରେ ପଶିପଶି ଯାଉଥିଲି । ଗୋଟେ ସମୟରେ ମୋର ମନେହେଲା, ମୋ ମୁଣ୍ଡ ଜାମ୍ ହୋଇଉଠୁଚି । ଜାମ୍‌ଟା ଭାଙ୍ଗିବ କେମିତି !

ପଥ ଗୋଟେ । ଅଧିକ ଟେକିବା । ସେଇଆ ହିଁ ଆମେ କରୁଥିଲୁ । କିନ୍ତୁ ଜାମ୍ ଭାଙ୍ଗୁନଥିଲା । ପରିଣତି ସ୍ୱରୂପ ପାନୀୟର ବ୍ୟବହାର ବଢୁଥିଲା ।

ସି.ଆର.ଦାସଙ୍କର କହିବା ଅବ୍ୟାହତ ଥାଏ ।

## (ଦୁଇ)

ଏହାକୁ ନାଟକର ପ୍ରଥମ ଦୃଶ୍ୟ ଅଥବା ଗଳ୍ପରେ ସଂପୁଟିତ ହୋଇ ରହିଥିବା କାହାଣୀର ପ୍ରଥମ ପର୍ଯ୍ୟାୟ କୁହାଯାଉ ।

.... ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ । କେନ୍ଦ୍ରରେ ଜିଲ୍ଲାପାଳ ଆର.ସି.ସାମଲ ଆଇ.ଏ.ଏସ୍. । ତାଙ୍କର ବାଁ ଡାହାଣରେ ଜିଲ୍ଲାର ଅଧିକାରୀ ବୃନ୍ଦ, ପୋଲିସ୍ ଅଧିକାରୀଙ୍କ ସମେତ ।

ବାହାରେ ଶୁଭିଲା ଚପରାସିର କଣ୍ଠ - ପଦ୍ମା ବେବର୍ତ୍ତା ..........

ନାରୀଟିଏ ସଲ୍ଲଜ ପ୍ରବେଶକଲା । ମଧ୍ୟମ ଧରଣର ସ୍ୱାସ୍ଥ୍ୟ । ସୁନ୍ଦରୀ । ବୟସ ତିରିଶ ବତିଶ । ବିବାହିତା । ମୁହଁରେ ଲଜ୍ଜା ଓ ଆତଙ୍କ । ହାତରେ ଦର୍ଖାସ୍ତ । ଥତମତ ଭାବ ।

ଦର୍ଖାସ୍ତଟି ବଢେଇଦେଲା ନାରୀଟି ।

ଦର୍ଖାସ୍ତ ଉପରେ ଆଖି ପକଉ ପକଉ ଅବଲୀଳାକ୍ରମେ କହିଲେ ଏ.ଡି.ଏମ୍. - କ'ଣ ହେଇଚି କୁହ ।

ନାରୀଟି ମୁହଁ ଖୋଲିଲା ନାହିଁ । ଆର.ସି.ସାମଲ ଚାହିଁରହିଥିଲେ ନାରୀଟିକୁ । କିଛି ଶୁଣିବାକୁ । କିନ୍ତୁ ନାରୀଟିର ମୁହଁ ତଳକୁ ଥିଲା ।

ହଠାତ୍ । ଏ.ଡି.ଏମ୍‌ଙ୍କର ଅନୁଭବ ହେଲା, ତାଙ୍କ ପିଚାତଳେ କଣ୍ଟାଟିଏ ରହିଯାଇଚି । ସେ ଚିଇଁକି ଉଠିଲେ । ଦର୍ଖାସ୍ତର ଗୋଟିଏ ଧାଡି ତଳେ ଗାରପକେଇ ବିସ୍ଫାରିତ ଆଖିରେ ଦର୍ଖାସ୍ତଟି ବଢେଇଦେଲେ ଜିଲ୍ଲାପାଳଙ୍କ ହାତକୁ । "କ'ଣ ହେଇଚି କୁହ" ଆଉ ଶୁଣିବାକୁ ପଡିଲାନି ନାରୀଟିକୁ । ଅନ୍ୟ ଅଧିକାରୀମାନେ ଏ.ଡି.ଏମ୍‌ଙ୍କ ମୁହଁକୁ ଚାହିଁ ହୁଏତ ଭାବୁଥିଲେ କିଛି ଗୁରୁତର ଘଟନାର ଉଲ୍ଲେଖ ରହିଚି ଦର୍ଖାସ୍ତରେ । କି ଘଟନା !

ଜିଲ୍ଲାପାଳ ଆର.ସି.ସାମଲ ତଳେ ଗାରପଡିଥିବା ଧାଡିଟିର ଗୋଟିଏ ଶବ୍ଦ 'ଅପ୍ରାକୃତ ଯୌନକ୍ରିୟା' ପାଖରେ ଅଟକିଲେ । ଶୂନ୍ୟଦୃଷ୍ଟିରେ ମୁହୂର୍ତ୍ତେ ଚାହିଁଲେ । କିଏ ହେଇପାରେ ? ସେ ଭାବିଲେ ଓ ତଳକୁ ବଢିଲେ । ଆଏଁ ସ୍ୱାମୀ । କ'ଣ ପାଇଁ ସ୍ୱାମୀ ... । ଚାପା ହସ ଉକୁଟି ଆସିବାକୁ ସେ ରୋକିଲେ । ବଢେଇଦେଲେ ଦର୍ଖାସ୍ତଟି ପୋଲିସ୍ ଅଧିକାରୀଙ୍କ ଆଡେ ।

"ସେ ପୂର୍ବରୁ ଏତଲା ଦେଇଛନ୍ତି । ଦେଖ ।" - କହିଲେ ଆର.ସି.ସାମଲ । ସେ ପର୍ଯ୍ୟାୟକ୍ରମେ ଚାହୁଁଥିଲେ ତଳକୁ ମୁହଁ ପୋତିଥିବା ନାରୀ ଓ ଦର୍ଖାସ୍ତ ଆଡେ । କେମିତି ଗୋଟେ ଚାପା ଉଲ୍ଲାସ ଲାଖିରହିଥିଲା ତାଙ୍କ ମୁହଁରେ ।

ପୋଲିସ୍ ଅଧିକାରୀ ପୂର୍ବରୁ ଘଟନାଟି ବାବଦରେ ଅବଗତଥିଲେ । ଏତଲା ପାଇଥିଲେ । କିନ୍ତୁ ଏ କ୍ଷେତ୍ରରେ କିଛି କରିପାରିବେନି ବୋଲି ବୁଝେଇ ସୁଝେଇ ଫେରେଇ ଦେଇଥିଲେ ନାରୀଟିକୁ ।

"ତୁମେ ଏବେ ରହୁଛ କେଉଁଠି ? ବାପଘରେ ?" - ପଚାରିଲେ ପୋଲିସ୍ ଅଧିକାରୀ ।

ଅସ୍ତିସୂଚକ ମୁଣ୍ଡ ନାଡିଲା ନାରୀଟି । ଜିଲ୍ଲାପାଳ କିମ୍ବା ଆଉ କେଉଁ ଅଧିକାରୀଙ୍କୁ ଚାହିଁବାକୁ ଲାଜ ଲାଗୁଥିଲା ତାକୁ ।

ଆର.ସି.ସାମଲ, ଆଇ.ଏ.ଏସ୍. । ଦିଲ୍ଲୀକୁ ଡେପୁଟେସନ୍‌ରେ ଯାଇଥିଲେ । ଇଚ୍ଛାକୃତ ଡେପୁଟେସନ । ଏଇ କେତେମାସ ହେବ ଫେରିଚନ୍ତି ଓଡିଶା । ନୂତନ ନିଯୁକ୍ତି ଜିଲ୍ଲାପାଳ । ପୂର୍ବରୁ ଅଭିଯୋଗ ଶୁଣିବା ତାଙ୍କ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ ନଥିଲା । ବର୍ତ୍ତମାନ ପଦବୀଦାୟରେ ପ୍ରତିସପ୍ତାହରେ ଶୁଣୁଚନ୍ତି ଏବଂ ମଣିଷମାନଙ୍କୁ ନ୍ୟାୟଦେଉଚନ୍ତି ।

ଭିତରେ କିରିକିରି ହସିଲେ ଆର.ସି.ସାମଲ । ବଢିଆ ରସାଳ ମଜାଦାର କଥା ଶୁଣିବାକୁ ପଡୁଚି ତ ! ସେ ଚେରେଇ ଚେରେଇ ଚାହୁଁଥିଲେ ନାରୀଟିକୁ । ତେବେ ବି ନାରୀଟିର ମୁହଁ ତଳକୁ । ସ୍ତ୍ରୀ ସୁନ୍ଦରୀ । କାହିଁକି ତେବେ ସ୍ୱାମୀଟି ..... । କି ନ୍ୟାୟ ସେ ଦେବେ ତାକୁ ! ସେ ଯେବେ ଦୁନିଆରେ ପ୍ରଥମ ଦୃଷ୍ଟାନ୍ତ ହୋଇଥାନ୍ତା !

"ହଁ ସାର୍, ଏତଲା ଦେବାକୁ ଆସିଥିଲେ । କିନ୍ତୁ ସାର୍, ନିଜ ସ୍ୱାମୀ, ବାହାର ମଣିଷ ନୁହଁ । କ'ଣ କରିପାରିବୁ ଆମେ ?" - କହିଲେ ପୋଲିସ୍ ଅଧିକାରୀ ।

- ଏତଲା ରଖିଲ ନାହିଁ ?

"ସାର୍ ବୁଝେଇଥିଲି । ଏ ସମସ୍ୟାର ସମାଧାନ ବାହାରେ ନାହିଁ । ନିଜ ନିଜ ଭିତରେ ଆଲୋଚନାକରି ସମସ୍ୟାଟି ସମାଧାନ କର । ନୋହିଲେ ପରିବାର ଭାଙ୍ଗିଯିବ ।" - କହିଲେ ପୋଲିସ୍ ଅଧିକାରୀ ।

– ପରିବାର ଭାଙ୍ଗିଗଲାଣି । ଶୁଣିଲ ପରା ପୃଥକ୍ ରହୁଚନ୍ତି ।

"ହଁ ସାର୍ । କିନ୍ତୁ ଆମେ କ'ଣ କରିପାରିବୁ! ଉଭୟଙ୍କର କାଉନସେଲିଂ ଦରକାର ।" – ପୋଲସ୍ ଅଧିକାରୀ ଉତ୍ତମ ପ୍ରସ୍ତାଟିଏ ଦେବାପରି କହିଲେ ।

ଯା'ଭିତରେ ଜିଲ୍ଲାପାଳଙ୍କ ବାସଭବନରେ ନିଯୁକ୍ତ ବ୍ୟକ୍ତିଗତ ଅଡର୍‌ଲି କେତେବେଳେ ଆସି ପହଞ୍ଚିଯାଇଥିଲା । ଅଭିଯୋଗ ପ୍ରକୋଷ୍ଠରେ । ସେ କିଛି ସୂଚନା ଦେବାକୁ ଆସିଥିଲା । କିନ୍ତୁ କହିପାରୁନଥିଲା । କହିବାକୁ ସୁଯୋଗ ଖୋଜୁଥିଲା ।

ଆର.ସି.ସାମଲ ଜଣେ ନରମା ମଣିଷ । ତଥାପି ତାଙ୍କର ଗଳା ଉଞ୍ଚାହେଲା । କହିଲେ – ମତେ ପାଠ ପଢଉଚ ? କାଉନସେଲିଂ କିଏ କରେଇବ ? ତୁମେ କରାଉନାହଁ ? ସେ ଫାଲତୁକଥା ଛାଡ । ପେନାଲ୍‌କୋଡ୍‌ରେ ଅନ୍‌ନେଚୁରାଲ ସେକ୍‌ସୁଆଲ ଅଫେନ୍‌ସ ଅଛିନା ନାହିଁ ? ଅଛି । ସେଇ ଦଫା ଲଗାଅ ।

"କିଛି କହିବୁ ?" – ଅଡର୍‌ଲିକୁ ଦେଖି ଚେତିଉଠି ପଚାରିଲେ ଆର୍.ସି.ସାମଲ ।

"ହଜୁର ଆପଣଙ୍କ ଦାଦା ଆସିଚନ୍ତି । ଯିଏ ଆଗରୁ ଆସନ୍ତି । ଅପେକ୍ଷା କରିଚନ୍ତି । ଆପଣଙ୍କୁ ।" – ତଥ୍ୟ ଯୋଗେଇଲା ଅଡର୍‌ଲି ।

ଅଭିଯୋଗକାରିଣୀ ଇତିମଧ୍ୟରେ ଚାଲିଯାଇଥିଲା । ଜିଲ୍ଲାପାଳଙ୍କ କଥାରୁ କିଛି ବୁଝିଥିଲା କି ନାହିଁ ତାକୁ ଜଣା । ତେବେ କିଛିମାତ୍ରାରେ ଆଶ୍ୱସ୍ତହୋଇ ସେ ଅଭିଯୋଗ ପ୍ରକୋଷ୍ଠ ଛାଡିଥିଲା ।

ଉପସ୍ଥିତ ସମସ୍ତ ଅଧିକାରୀ ଦେଖୁଥିଲେ ଜିଲ୍ଲାପାଳଙ୍କ ମଳିନ ମୁହଁ । କାହିଁକି ହଠାତ୍ ଜିଲ୍ଲାପାଳ ବିମର୍ଷ ଦିଶିଲେ !

ଅଡର୍‌ଲି ଚାଲିଯାଇଥିଲା ।

ଜିଲ୍ଲାପାଳ ଏକବାରେ ମୌନ ହୋଇଗଲେ । ତାଙ୍କ ପାଟିରୁ ବଚନ ବାହାରିଲାନି । ଅଗତ୍ୟା ଏ.ଡି.ଏମ୍ ଅଭିଯୋଗ ଶୁଣାଣି ଚାଲୁ ରଖିଲେ ।

ଆର.ସି.ସାମଲ ସମସ୍ତିଙ୍କୁ ଚାହୁଁଥିଲେ, ଅଥଚ ଦେଖୁନଥିଲେ । ଦେଖୁଥିଲେ ଆଉ କିଛି ଏବଂ ଭାବୁଥିଲେ ଆଉ କିଛି । ସେଥିରେ ଅଭିଯୋଗକାରିଣୀଟି ନଥିଲା । କ'ଣ ଥିଲା କେଜାଣି !

ଏମିତି ଥରେ ସେ ଭାବିଲେ, ଚାକିରିବାକିରି ଛାଡି କେଉଁଠିକୁ ସେ ପଳେଇବେ । ଲୁଚିଯିବେ । କେହି ପାଇବେନାହିଁ । କିନ୍ତୁ କରିପାରିବେ ତ ! ଆହାଃ କି ଯନ୍ତ୍ରଣା ! ଏହି ଯନ୍ତ୍ରଣାରୁ କ'ଣ ମୁକ୍ତିନାହିଁ ! କାହିଁକି ଓଡିଶା ଆସିଲି ! ସେ ପଶ୍ଚାତ୍ତାପ କରୁଥିଲେ । ପଶ୍ଚାତ୍ତାପ କରୁଥିଲେ ଓ ମୁକ୍ତିର ପଥ ଦରାଣ୍ଡୁଥିଲେ ।

ଗଲା ସପ୍ତାହରେ । ବଂଧୁ ସି.ଆର.ଦାସ ଆସିଥିଲେ । ସେଇ ସହରର କଲେଜରେ ଅଧ୍ୟାପକ । ସ୍କୁଲ ସମୟଠୁ କଲେଜ ପଢା ପର୍ଯ୍ୟନ୍ତ ଅନେକ କଥା ତା'ଙ୍କୁ ଜଣା, ସବିସ୍ତାରେ ନହେଲେ ମଧ୍ୟ । ଆଳାପ ଭିତରେ ସେ କହିଲେ – ଶୁକ ସାମୁଏଲ୍ ଆସିଥିଲେ । ଦେଖାହେଇଛନ୍ତି ?

ନାଁଟି ଶୁଣି ସେ ଭିତରେ ଚମକିଲେ । କାହିଁକି କେଜାଣି ତାଙ୍କୁ ଆଶ୍ରା ପାଇଯିବାପରି ଲାଗିଲା । କିଛି ଗୋଟେ ପ୍ରତିକାର କରିହବନି ?

ସେ କହିଥିଲେ – କ'ଣ କରିବି କହିଲୁ ? ବଡ ଅବସାଦ ଭିତରେ ଅଛି ।

– କୋଉ କଥା କହ ।

"ତୁ ତ କିଛି ଜାଣୁ । ତୋ ପାଖରେ ଏତେ ଦିନପରେ ଲୁଚେଇ ଲାଭ ନାହିଁ । ପିଲାଦିନକୁ ଆମେ ବହୁବର୍ଷ ତଳୁ ଛାଡିଆସିଲେଣି । ଘରର ଅଭାବ ଓ ପାଠପଢିବାରେ ଝୁଙ୍କ୍ ବା ମୋର ଅସହାୟତା ମତେ ସେପରି କରିଥିଲା । ଏବେ ମୋର ପଦବୀ ଦେଖୁଚୁ । ସେଥିରେ ସେ ଆସି ସେଇଦିନଗୁଡିକ କଥା ଉଠଉଚନ୍ତି ଏବଂ ଜିଗର କରୁଚନ୍ତି ...." – କହିଲେ ଆର.ସି.ସାମଲ ।

ଇସ୍ ! ସ୍ୱଗତୋକ୍ତି କଲେ ସି.ଆର.ଦାସ ।

କିଛି ସମୟ ଭାବି କହିଲେ, "ମୁଁ ଛୁଟିରେ ଯାଉଚି । ତାଙ୍କୁ ଦେଖାକରି ସବୁକଥା କହିବି । ବୁଝେଇବି । ଆମେ ପରିସ୍ଥିତି ପରିବେଶ ଓ ନୂଆ ଜୀବନକୁ ସମ୍ମାନ ଦେବା ଉଚିତ୍ । ଏବଂ ସେ କାଳ କଥାକୁ ପାସୋରି ଦେବା ଉଚିତ୍ । ଭାବୁଚି ସେ ବୁଝିବେ ।" –

ଛୁଟିସାରି ସେ ଫେରିଲେ । କହିଲେ – ସେ ବୁଝୁନାହାଁନ୍ତି । ଓଲଟି ଏଡେ ପାଟି କଲେ । କହିଲେ, ମୋ ଯୋଗୁଁ ସେ ଆଜି ଜିଲ୍ଲାପାଳ । ସେ କ'ଣଟେ କହିବ । ତା'ର ନାଡି ମୁଁ ସବୁ ଚିପିଚି । ବୁଝିଲୁ, ଶୁକ ସାମୁଏଲ୍ ଗୋଟେ ଭୟଙ୍କର ରୋଗୀ ।"

ଆର୍.ସି.ସାମଲଙ୍କର କ୍ଷୀଣ ଆଶାଟିକକ ମଉଳିଗଲା । ସେଥିସହ ପହିଲୁ ମୁକ୍ତିର ପଥ ଝାପ୍‌ସା ଝପସା ହେଇ ଦୃଶ୍ୟହେଲା । ସତ, ତାହାହିଁ ଏକମାତ୍ର ପଥ । ଦେଖିବା ।

ଏ.ଡି.ଏମ୍‌ଙ୍କ ଉପରେ ଅଭିଯୋଗ ଶୁଣାଣି ନ୍ୟସ୍ତ କରି ଆର୍.ସି.ସାମଲ ଅଭିଯୋଗ ପ୍ରକୋଷ୍ଠ ଛାଡିଲେ ।

## (ତିନି)

କେଇଦିନ ପରେ । ରାତି । ଟୁର୍‌ରୁ ଫେରିଥିଲେ ଆର୍.ସି.ସାମଲ । କ୍ଳାନ୍ତି ପରିବର୍ତ୍ତେ ସେ ଖୁସି ଖୁସି ଦିଶୁଥିଲେ ।

ସ୍ୱାମୀଙ୍କର ମିଞ୍ଜାସ୍ ଠିକ୍ ଥିବାଦେଖି ଶ୍ରୀମତୀ ସାମଲ ପ୍ରସଙ୍ଗଟିଏ ଉଠେଇଲେ ।

କହିଲେ, "ସେଇ ଦାଦା କିଏ ! କେଉଁ ହିସାବରେ ଦାଦା । ଯଦି ଦାଦା, ମୋ ସହ ତ କଥା ହବା କଥା । ନା, ସେ ଆଦୌ ମୋ ଆଡେ ଋହୁଁ ନାହାଁନ୍ତି, କଥା ହବା ଦୂରରକଥା । ଆଉ ତୁମେ ? ତୁମେ ଦୁହେଁ କାହିଁକି ଗୋଟେ ଘରେ ପଶିରହୁଚ । ଦରଜା ବନ୍ଦକରି । କି ଗୋପନ ଆଲୋଚନା ସବୁ ହୁଏ ?"

ଆଜି ସ୍ତ୍ରୀ ପ୍ରଥମକରି ଶୁକ ସାମୁଏଲ୍ ପ୍ରସଙ୍ଗ ଉଠେଇଚନ୍ତି । ସେ ସ୍ୱାଭାବତଃ ଦବକିଯିବା କଥା । କିନ୍ତୁ ଓଲଟା କଥା ଘଟଲା । ସାଧାରଣତଃ ନହସୁଥିବା ମଣିଷଟି ପାଗଳପ୍ରାୟ ହସିଉଠିଲା ।

ଶ୍ରୀମତୀ ସାମଲ ସ୍ତମ୍ଭୀଭୂତ । କହିଲେ – "ଏମିତି ହସୁଚ କାହିଁକି ? ହେଇଚି କ'ଣ !" ନମ୍ରଭାବେ ପ୍ରଋରିଥିବା ପ୍ରଶ୍ନଟି ତାଙ୍କର ବିସ୍ମୃତ ହୋଇସାରିଥିଲା ।

"ହସୁଚି ? ନା....ନା.... ହସିବାକଥାନୁହଁ । କାନ୍ଦିବା କଥା । କିନ୍ତୁ ମୋ ଦେଇ ହସ କାନ୍ଦ ଉଭୟଟା ହୁଏନାହିଁ । ବଅକ ସଅକରେ କେତେବେଳେ କେମିତି ଋପିକରି ହସେ, କିନ୍ତୁ କାନ୍ଦ ପାଖ ମାଡେନା । ପିଲାଦିନୁ ଅବା କାନ୍ଦି ଶିଖିଥାନ୍ତି !" – ଆର.ସି.ସାମଲ ବହୁଚେଷ୍ଟାକରି କାନ୍ଦିବାକୁ ଚେଷ୍ଟାକଲେ, ମାତ୍ର ହେଲାନାହିଁ ।

ସ୍ୱାମୀଙ୍କର ପାଗଳପ୍ରାୟ ଆଚରଣ ଦେଖି ଛାନିଆ ହେଇଗଲେ ଶ୍ରୀମତୀ ସାମଲ । ଏ କ'ଣ ହେଲା ସ୍ୱାମୀଙ୍କର ? ଟୁର୍‌ରେ କିଛି ... !

କହିଲେ – କ'ଣ ହେଇଚି କୁହ ?

ସେଇଠୁ ମୁହଁ କୁଷୁଣ୍ଡାକଲେ ଆର.ସି.ସାମଲ ।

କହିଲେ, "କଲେଜବେଳୁ ଯଥାସମୟରେ ଦାଦା ଟଙ୍କା ପଇସା ଯୋଗେଇନଥିଲେ, ଏହି ପଦବୀରେ ବସିପାରିନଥାନ୍ତି । କିନ୍ତୁ .... କିନ୍ତୁ ଆଜି ଭୟାନକ ଦୁର୍ଘଟନାଟିଏ ଘଟିଲା । ଟ୍ରକ୍ ଚକା ତଳେ ଦାଦା ଋଲିଗଲେ ।" ସେ ଆଖି ମିଟ୍‌ମିଟ୍ କରୁଥିଲେ ।

ଏଥର ସେ ମନେପକେଇ ହସିଲେ ନାହିଁ ।

ଶ୍ରୀମତୀ ସାମଲଙ୍କ ପାଟିରୁ ବାହାରିଲା – ଓଃ !

(ଋରି)

ଲେଖା କୁହ କି ନାଟକ କୁହ କି ଗଳ୍ପ କୁହ ଏଇଟି ତା'ର ଅନ୍ତିମ ଦୃଶ୍ୟ ।

ଆର୍.ସି.ସାମଲଙ୍କ ଅଫିସ୍ ଭିତରକୁ ପଶିଆସିଲା ସେଇ ସଦା ଲଜ୍ଜାବନତ ଅଭିଯୋଗକାରିଣୀ ନାରୀଟି । ଏଥର କିନ୍ତୁ ତା' ମଥାରେ ଲୁଗାନଥିଲା କି ମୁହଁରେ ଲାଜନଥିଲା । ଥିଲା ବିବ୍ରତ ଭାବ ।

“ପଦ୍ମା । ପଦ୍ମା ବେହେର୍ଡ଼ା । କାନ୍ଦିବାକୁ ଆସିଗଲ ?” - ନାରୀଟିକୁ ଦେଖୁ ଦେଖୁ ଜିଲ୍ଲାପାଳ କହିଲେ ।

ତାଙ୍କ ମୁହଁରେ ବିସ୍ତୃତ ହସ ।

ନାରୀଟି ସତରେ କାନ୍ଦିଲା । କାନ୍ଦୁ କାନ୍ଦୁ କହିଲା - ତାଙ୍କୁ ପୋଲିସ୍ ଆଠଦିନ ହେବ ନେଇଯାଇଛି । ଜାମିନ୍ ମିଳୁନାହିଁ ।

- ଏବେ କାନ୍ଦୁଚ ! ପୂର୍ବରୁ କାହିଁକି କାନ୍ଦିଲନାହିଁ ।

“ହଁ ଆଜ୍ଞା କାନ୍ଦିଥିଲି । ଫଳ କିଛି ମିଳିନଥିଲା ।”

- କାନ୍ଦିଥିଲ ତ ! ଠିକ୍ ଅଛି । ଗୋଟେ କାମକର । ମୁଁ କିନ୍ତୁ ସାରିଲାଣି ।

ଫାଙ୍କା ଦୃଷ୍ଟିରେ ନାରୀଟି ଚାହିଁରହିଲା ଜିଲ୍ଲାପାଳଙ୍କୁ ।

- ପଦ୍ମାଦେବୀ ! ଯେଉଁଦିନ ହେଉ ତୁମର ସ୍ୱାମୀ ଜେଲରୁ ବାହାରିବେ । ଏଥର ଯଦି ପୁନରାବୃତ୍ତି ହୁଏ କାନ୍ଦିବନାହିଁ । ହସିବ ମୋ ଭଳି । ହସି ହସି ସେ କାମଟି କରିବ ଓ କରିସାରି ହସିବ । ପାରିବ ?

‘କ’ଣ ଆଜ୍ଞା’ ପରି ନାରୀଟିର ପ୍ରଶ୍ନିଳ ଦୃଷ୍ଟି ।

“ତାଙ୍କ ଉପରେ ଟ୍ରକ ମଡେଇଦେବା କୁହନ୍ତି, କିନ୍ତୁ ତୁମେ ମାଇପିଲୋକ, ପାରିବନାହିଁ । ସେଥିପାଇଁ ସହଜ ଉପାୟଟିଏ ଠିକ୍ କରିଚି । ତାଙ୍କର ଯୌନାଙ୍ଗ କାଟିପକାଅ । ସବୁ ଠିକ୍ ହୋଇଯିବ ।” - ଏଥର ଆର.ସି. ସାମଲଙ୍କର ଠୋଠୋ ହସ ।

ନାରୀଟିର ଆବାକାବା ଚାହାଣି ।

ଜିଲ୍ଲାପାଳଙ୍କ କଥାରୁ ଚାରଣା ଅଂଶ ମାତ୍ର ସେ ବୁଝୁଥିଲା ।

## ପ୍ରେମର ବ୍ୟାକରଣ

(ଏକ)

କିଶୋରୀ ‘ଭାଷା’ ନିଜର ସୌନ୍ଦର୍ଯ୍ୟର ଯାଦୁରରେ ଶାଳାନ୍ତୁର ଗ୍ରାମ ଗୋଟାକୁ ବିମୋହିତ କରିସାରିଥିଲା । ‘ଭାଷା’ ଥିଲା ଅପରୂପା, ସତେବା ସ୍ୱର୍ଗର ଅପସରୀ ।

ସେ ଦିନ । ବହୁଳ ଉତ୍ତେଜନା, ହର୍ଷୋଲ୍ଲାସ ଏବଂ ସଙ୍ଗୀତର ମୂର୍ଚ୍ଛନା ମଧ୍ୟରେ କିଶୋରୀ ‘ଭାଷା’କୁ ଗାନ୍ଧାର-ସୁନ୍ଦରୀ ଭାବେ ଘୋଷଣା କରାଗଲା ।

... ଚିତ୍ରକରଗଣ ତା'ର ସୌନ୍ଦର୍ଯ୍ୟକୁ କନା ଉପରେ ଧରି ରଖିବାର ବ୍ୟର୍ଥ ଉଦ୍ୟମ କରିଥିଲେ । ଶିଳ୍ପୀଗଣ ପାଷାଣ ଦେହରେ ତା'ର ସୁନ୍ଦର ରୂପକୁ ଫୁଟେଇବାରେ ବିଫଳ ପ୍ରୟାସ କରିଥିଲେ । କବିଗଣ 'ଭାଷା'କୁ କବିତାରେ ଅମର କରିରଖିବାରେ ଚେଷ୍ଟିତଥିଲେ । କିନ୍ତୁ କାହିଁଥାଏ ! ଭାଷାର ସୌନ୍ଦର୍ଯ୍ୟ ଯେ ଅପାର୍ଥିବ ! କିଏ ଅବା ତା'ର ସ୍ୱର୍ଗୀୟ ସୌନ୍ଦର୍ଯ୍ୟକୁ ଚିତ୍ର, ପାଷାଣ ବା କବିତାରେ ବାନ୍ଧି ରଖିପାରିବ !

ଶରତ ଋତୁର ନିର୍ମଳ ଆକାଶରେ ଜହ୍ନ ଚହଟ ଦିଶୁଛି । ବହୁଛି ମୃଦୁମନ୍ଦ ମଳୟ । ପ୍ରବଳ ଉତ୍ତେଜନାରେ ଅବା ଥରିଉଠୁଛି ଶାଳାନ୍ତୁର । ତାହା ଥିଲା ଶାରଦୀୟ ଉତ୍ସବକୁ ଉପଭୋଗ କରିବାର ରାତି । ସଙ୍ଗୀତର ତାଳେ ତାଳେ କିଶୋର କିଶୋରୀମାନେ ବିଭୋର ହୋଇ ଶାସ୍ତ୍ରୀୟ ଛନ୍ଦରେ ନାଚୁଛନ୍ତି । ଫୁଲରେ ସଜାହୋଇଥିବା ନୃତ୍ୟମଣ୍ଡପକୁ ବେଢ଼ିରହିଛନ୍ତି ଦର୍ଶକ ଦର୍ଶିକା । ସମଗ୍ର ଗ୍ରାମ ଉତ୍ସବମୁଖର ।

ସେଇଟି ଥିଲା ଏକ ପବିତ୍ର ଦିନ ଯେଉଁ ଦିନରେ ଗୁଡ଼ିଏ ପାରମ୍ପରିକ ବିବାହ ସମ୍ପନ୍ନ ହୋଇଥାଏ । କାହିଁ କେଉଁକାଳୁ ହୋଇଆସୁଛି । କିନ୍ତୁ ସେ ଦିନଟିର ଗୁରୁତ୍ୱ ଯଥେଷ୍ଟ ବଢ଼ିଯାଇଛି, କାଇଁକିନା ସୁନ୍ଦରୀ 'ଭାଷା'ର ସେଦିନ ବିବାହ ହେବାର ସ୍ଥିର ହୋଇଥାଏ ।

ସେ କାଳରେ, ଜୀବନ ସାଥୀ ଚୟନ କରିବା ଏକ ସହଜ ବ୍ୟାପାର ଥିଲା । ଯଦି କୌଣସି ଝିଅ ପୁଅଟିଏକୁ ଭଲପାଉଥିଲା, ସେ ସେଇଦିନ ସମସ୍ତିଙ୍କ ସମ୍ମୁଖରେ ପୁଅଟିକୁ ନିଜ ଆଡକୁ ଟାଣିନଉଥିଲା । ପୁଅଟିର ଯେବେ ସେଥିରେ ସହମତି ଥିବ, ତେବେ ସେ ମଧ୍ୟ ସେଇପରି ଝିଅଟିକୁ ନିଜ ଆଡକୁ ଟାଣି ନବ । ବାସ୍ ! ତେଣିକି ପିତା ମାତା ଓ ପୁରୋହିତଙ୍କ ଉପସ୍ଥିତିରେ ଯୋଡ଼ିଟି ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି ।

ସେଇ ରାତିରେ । ସାମୂହିକ ନୃତ୍ୟୋତ୍ସବରେ ସମସ୍ତ ଅଂଶଗ୍ରହଣକାରୀଙ୍କର ଆଗ୍ରହର ସୀମାନଥିଲା । ଛାତିରେ ଅଜଣା ଉତ୍ତେଜନା, ଚହାଣିରେ ପ୍ରବଳ ଉତ୍କଣ୍ଠା । କାହା ପାଇଁ ? ହଁ, ସୁନ୍ଦରୀ ଭାଷା ! ସମସ୍ତିଙ୍କର ସାଗ୍ରହ ଅପେକ୍ଷା ଭାଷାର ଆଗମନକୁ । 'ଭାଷା' ଯେ ଆସିନାହିଁ ! କେବଳ ମାତ୍ର ତାରି ଭାବନା ଯୁବକ କୁଳକୁ ଆଚ୍ଛାଦିତକରି ରଖିଥିଲା । କେତେବେଳେ ସେ ଆସିବ ! ଏବଂ କିଏ ହେବ ତା' ମନର ମଣିଷ ?

ସତରେ, ଭାଷାର ସୌନ୍ଦର୍ଯ୍ୟ ଏପରି ଥିଲା ସତେବା ଦେବତାଗଣ ସମସ୍ତ ସୁନ୍ଦରତାକୁ ଏକାଠିକରି ତାକୁ ରୂପ ଦେଇଛନ୍ତି । ତା' ଦେହର ଉଜ୍ଜଳତା, ତା' ଯୌବନ, ଗୋଟିଏ ଫୁଲ-ଝରଣା ପରି । ଚଲିରେ ଛନ୍ଦ, ଆଖିରେ ମୋହିନୀ ଶକ୍ତି, କଥାରେ ଅମୃତର ପରଶ । ଅବିବାହିତ ଯୁବକକୁଳ ତା'ଉପରୁ ଆଖି ଉଠାଉ ନଥିଲେ । ଉଠାଇ ପାରୁନଥିଲେ । ଯେତେ ଦେଖିଲେ ମଧ୍ୟ ସେମାନଙ୍କ ତୃଷ୍ଣା ମେଣ୍ଟୁନଥିଲା ।

ଅବଶେଷରେ 'ଭାଷା' ଆସିଲା । ଉଜ୍ଜଳ ଶରୀର, ଦୀର୍ଘାଙ୍ଗୀ, ଦୃଷ୍ଟି ଅବନତ । ଗତି ମନ୍ଥର । ସେ ଆଗେଇଗଲା 'ଅହିକ' ଆଡକୁ । ତା'ର ସୁନା ଖଡିକା ପରି ବାହୁ ପ୍ରସାରିତକରି ଅହିକର ଗଳାକୁ ଛନ୍ଦିଦେଲା । ମୃଦୁ ଆଲିଙ୍ଗନ ପାଶରେ ତାକୁ ଧରି ରଖିଲା ଅହିକ ମୁହୂର୍ତ୍ତକ ପାଇଁ । ସମବେତ ଦର୍ଶକ ଦର୍ଶିକା ଆନନ୍ଦରେ ଚିତ୍କାର କରିଉଠିଲେ । ପ୍ରେମୀ ଯୁଗଳ ମଥାନତକଲେ । ଏବଂ ପରମ୍ପରା ଅନୁସାରେ ନୃତ୍ୟସ୍ଥଳ ତ୍ୟାଗକଲେ । କ୍ରମେ ... କ୍ରମେ ପତଳା ହୋଇଆସିଲା ନୃତ୍ୟାସର ।

ଅହିକର ଜନ୍ମସ୍ଥାନ ସେଇ ଶାଲାନ୍ତୁର । ତା'ର ବାପା ଓ ଜେଜେବାପା ଥିଲେ ପ୍ରସିଦ୍ଧ ବୟାକରଣିକ । ଜେଜେବାପା ବିଷ୍ଣୁଶର୍ମା ଦେଶାନ୍ତର ଭ୍ରମଣ କରିବାର ବିରଳ ଖ୍ୟାତି ଅର୍ଜନକରିଥିଲେ । ନାତି ଅହିକକୁ ସେ ଦୂର ମୁଲକର ସୁନ୍ଦର ସୁନ୍ଦର କାହାଣୀମାନ ଶୁଣଉଥିଲେ । ଦେଶ ବିଦେଶରେ ଲୋକଙ୍କର ଚଳଣି, କଳା, ସଂସ୍କୃତି ତଥା ସ୍ରୋତସ୍ୱଳ ନଦୀ, ଗର୍ଜନରତ ସମୁଦ୍ର, ବନଗିରି, ଉପତ୍ୟକା ପ୍ରଭୃତିର ବର୍ଣ୍ଣନାକରି ବାଳକ ଅହିକ ଠାରେ ପ୍ରକୃତି ତଥା ଦୂରଦେଶ ପ୍ରତି ଆଗ୍ରହ ସୃଷ୍ଟି କରିପାରିଥିଲେ । ଅନ୍ୟପକ୍ଷରେ ତା'ର ବାପା ତା'ଠାରେ ବିଦ୍ୟାର ମହତ୍ତ୍ୱ ଆରୋପିତ କରିଥିଲେ । ଫଳତଃ, ବୟସ ବଢିବା ସଙ୍ଗେ ସଙ୍ଗେ ଅହିକ କଳ୍ପନାରେ ଦେଖିଥିବା ଦେଶମାନଙ୍କୁ ଭ୍ରମଣରେ ଯିବାକୁ ଆଗ୍ରହୀ ହୋଇଉଠିଲା । ତା'ମନ କହୁଥିଲା, ଭବିଷ୍ୟତରେ ନିଶ୍ଚେ ସେ ନୂଆ ନୂଆ ରାଇଜକୁ ଯିବ .... ନୂଆ ଜାଗା ଦେଖିବ .... ନୂଆ ଲୋକଙ୍କୁ ଭେଟିବ .... ସେମାନଙ୍କ ମୁହଁରୁ କଥା ଶୁଣିବ .... ଦେଖିବ ନୂଆ ନଦୀ ପର୍ବତ ...... ଫଳ ଫୁଲ ଚଢେଇ .... । ଅହିକ ପ୍ରାୟ ସମୟ ବୁଡିରହୁଥିଲା କଳ୍ପନା ଭିତରେ ।

ଏଇପରି ଏକ ସମୟରେ ଯେତେବେଳେ ସେ କଳ୍ପଲୋକରେ ଭାସୁଥିଲା, ତାକୁ ବିଦ୍ୟା ସାଧନ ପାଇଁ ପଠାଇଦିଆଗଲା ଗୁରୁକୁଳକୁ ।

ଗୁରୁକୁଳର ପ୍ରଧାନ ଆଚାର୍ଯ୍ୟ ଥିଲେ ପଣ୍ଡିତଶ୍ରେଷ୍ଠ 'ବର୍ଷ' । ଗୁରୁ ବର୍ଷ ଅହିକକୁ ସାଦର ଗ୍ରହଣ କଲେ । ନିଷ୍ଠା ତଥା ମାର୍ଜିତ ବ୍ୟବହାର ପାଇଁ ଅହିକ ଗୁରୁଙ୍କର ଶ୍ରଦ୍ଧା ଓ ପ୍ରଶଂସାର ପାତ୍ର ବନିଗଲା । ସେ ଯେତେବେଳେ ସାବାଳକ ହେଲା, ଗୁରୁଙ୍କର ତା'ଉପରେ ଏତେ ବିଶ୍ୱାସ ଜନ୍ମିଗଲା ଯେ ତାଙ୍କର ଅନୁପସ୍ଥିତିରେ ଅହିକ ଅନ୍ତେବାସୀମାନଙ୍କୁ ପାଠ ପଢେଇଲା । ଅହିକ ଥିଲା ପ୍ରଚଣ୍ଡ ବାଗ୍ମୀ ଓ ତାର୍କିକ । ତା'ର ଖ୍ୟାତି ଚତୁର୍ଦ୍ଦିଗକୁ ପ୍ରସରିଲାଗିଲା । ଏହି ସମ୍ବାଦ ଶାଲାନ୍ତୁରରେ ପହଞ୍ଚିବାକୁ ବିଳମ୍ବ ହେଲା ନାହିଁ । ଶାଲାନ୍ତୁରବାସୀ ଉକ୍ତ ସମ୍ବାଦ ପାଇ ଯଥେଷ୍ଟ ଗର୍ବ ଅନୁଭବ କଲେ । ଏବଂ ତା'ର ଘରବାହୁଡା ପଥକୁ ଚାହିଁବସିଲେ । ଗ୍ରାମ ତରଫରୁ ତାକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ, ପ୍ରସ୍ତୁତିରେ ରହିଲେ ଗ୍ରାମବାସୀ ।

ଅବଶେଷରେ ବିଦ୍ୟାଧ୍ୟୟନ ସରିଲା । ଅହିକ ଲେଉଟିଲା ଶାଲାନ୍ତୁର । ତା'ମନରେ ଗୋପନ ବାସନାଟି ଅତୁଟ ରହିଥିଲା । ଯେ – ସେ ଦୂରଦେଶ ଭ୍ରମଣରେ ଯିବ ।

କିନ୍ତୁ .... କିନ୍ତୁ ଆଜିର ଶାରଦୀୟ ଉତ୍ସବଟି ଅହିକ ପାଇଁ ଜୀବନର ଅର୍ଥକୁ ବଦଳେଇଦେଲା । ସୁନ୍ଦରୀ 'ଭାଷା' ବ୍ୟତୀତ ସେ ଅନେକ କିଛି ଭୁଲିଗଲା । ଗ୍ରାମବାସୀଙ୍କର ଅଭ୍ୟର୍ଥନା, ଜେଜେବାପା ବିଷ୍ଣୁଶର୍ମାଙ୍କ ଆଖିରେ ସ୍ନେହବୋଳା ଚାହାଣି, ମାଆଙ୍କର ଲୁହ ଛଳଛଳ ଆଖି ଏବଂ ସର୍ବୋପରି ଗ୍ରାମୀଣ ସୁନ୍ଦରୀ ବାଳିକା ମାନଙ୍କ ବାଙ୍କଚାହାଣୀ ତା'ର ଭ୍ରମଣ ବାସନାକୁ ପାଶୋରାଇଦେଲା । କେବଳମାତ୍ର ଗୋଟିଏ ବ୍ୟାକୁଳତା ତାକୁ ଘାରିଲା ଯେ ଆଉ କେଇ ଘଡିପରେ 'ଭାଷା' ତା'ର ହୋଇଯିବ । ହୋଇଯିବ ଚିରଦିନ ପାଇଁ । ଆହାଃ !

ସେଥର ଶାରଦୀୟ ଉତ୍ସବଟି ଗଭୀର ରାତିଯାଏ ଲମ୍ବିଲା । ପରଦିନ କ୍ଲାନ୍ତ ହୋଇଥିବାରୁ ଲୋକେ ବିଳମ୍ବରେ ଶଯ୍ୟାଛାଡିଲେ । କିନ୍ତୁ ଆଶ୍ଚର୍ଯ୍ୟ ! ସକାଳେ ଯିଏ ଯାହାକୁ ଦେଖିଲା ଏକହିଁ ପ୍ରଶ୍ନ ପଚାରିଲା – ସେ କେଉଁଠି ? କୁଆଡେ ଗଲା ? କାହିଁକି ?

ଅହିକକୁ କେଉଁଠି ଦେଖିବାକୁ ମିଳିଲାନି ।

ସୁନ୍ଦରୀ 'ଭାଷା' ପାଇଁ ଏହି ସମ୍ବାଦ ଖୁବ୍ ଦୁଃଖାବହ ଓ ମର୍ମାନ୍ତିକ ଥିଲା । ତା'ର ସର୍ବାଙ୍ଗ ଥରିଉଠିଲା ଏବଂ ସେ ପ୍ରାୟ ସଂଜ୍ଞାହୀନ ହୋଇପଡିଲା । କାହିଁକି ତେବେ ତାକୁ ଛାଡି ଅହିକ ଚାଲିଗଲା ? ତା'ର ଦୋଷ କ'ଣ ?

ଯଥା ଶୀଘ୍ର ରହସ୍ୟଟି ଜଣାପଡିଲା । ଯେ – ଗୁରୁ 'ବର୍ଷ'ଙ୍କ ପାଖରୁ ଦୁଇଜଣ ଦୂତ ଆସିଥିଲେ ଶାଳାନ୍ତୁର । ପୂର୍ବ ରାତିରେ । ଗୁରୁଙ୍କ ନିର୍ଦ୍ଦେଶ ମୁତାବକ ଅହିକ ତତ୍କ୍ଷଣାତ୍ ସେମାନଙ୍କ ସହ ଚାଲିଯାଇଛି ଆଶ୍ରମକୁ ।

କେହି କେହି କହିଲେ, ଗୁରୁ ବହୁତ ବୃଦ୍ଧ । ସେ ଚାହୁଁଛନ୍ତି ଅହିକ ଉପରେ ଆଶ୍ରମର ଭାର ନ୍ୟସ୍ତ କରିବେ । ଆଉ କେହି କହିଲେ ଯେ ଗୁରୁ 'ବର୍ଷ' ତୀର୍ଥାଟନରେ ବାହାରିଛନ୍ତି । ତାଙ୍କ ଅନୁପସ୍ଥିତିରେ ଅହିକ ଆଶ୍ରମ ଚଳେଇବ । ଯିଏ ଯାହା କହୁପଛେ ଭାଷାର ମନ ବୁଝିଲା ନାଇଁ । ସେ ଆପଣା କପାଳକୁ ନିନ୍ଦିଲା । ସେ ବାରମ୍ବାର ପଚାରୁଥିଲା ନିଜକୁ – ସେ କ'ଣ ସତରେ ଫେରିବେ ! ଯଦି ଫେରିବେ କେବେ ! !

(ଦୁଇ)

ଗୁରୁ 'ବର୍ଷ' ଅହିକକୁ ଆଶୀର୍ବାଦ କଲେ ଓ ପାଖରେ ବସେଇଲେ । କହିଲେ – "ପୁତ୍ର ! ତୁମେ ଆଶ୍ଚର୍ଯ୍ୟ ହେଉଥିବ, ମୁଁ କାହିଁକି ଏତେ ତରବରରେ ତୁମକୁ ଡକେଇ ପଠେଇଲି । ତୁମେ ଜାଣନା ତୁମ ସଫଳତାରେ ମୁଁ କେତେ ଗର୍ବିତ । ମୁଁ ଚାହୁଁଛି, ଅର୍ଜିତ ବିଦ୍ୟା ବାହାରେ ଏକ ବ୍ୟାପକ କ୍ଷେତ୍ରରେ ତୁମେ

ସଫଳତା ଅର୍ଜନ କର । ଏବଂ ପରିବାର ତଥା ଗ୍ରାମ ତଥା ରାଜ୍ୟ ଏବଂ ସମଗ୍ର ଦେଶପାଇଁ କୀର୍ତ୍ତି ରଖିଯାଅ । ସମସ୍ତ ବିଦ୍ୱାନଙ୍କ ମଧ୍ୟରେ ତୁମେ ସୂର୍ଯ୍ୟସମ ଝଟକିଉଠ ।

ଏହିପରି ଭାବୁ ଭାବୁ ମୁଁ ଶୋଇପଡିଲି । ଦେଖିଲି ସୁନ୍ଦର ସ୍ୱପ୍ନଟିଏ । ସ୍ୱପ୍ନଟି କ'ଣ ଶୁଣିବ ?

ଅହିକ ଗୁରୁଦେବଙ୍କ କଥା ମାନଧ୍ୟାନ ଦେଇ ଶୁଣି ଯାଉଥିଲା ଅବଶ୍ୟ ତେବେ ସୁନ୍ଦରୀ ଭାଷାକୁ ମନରୁ ନିକାଲିପାରୁନଥିଲା ।

ଗୁରୁ ପୁନରାୟ କହିଲେ, "ସ୍ୱପ୍ନରେ ମୁଁ ଦେଖିଲି ତୁମେ ହାତୀ ପିଠି ଉପରେ ବସିଛ । ହାତୀ ଆଗେଇ ଚାଲିଛି । ଲୋକେ ତୁମ ବେକରେ ଫୁଲମାଳା ଲମ୍ବେଇ ଦଉଛନ୍ତି । ଏବଂ ତୁମକୁ ବେଢିଯାଉଛନ୍ତି ...... ନିଦ ଭାଙ୍ଗିଗଲା । ଉଠିବସିଲି । ସକାଳେ ମୁଁ ତୁମର କୋଷ୍ଠୀ ଗଣନା କଲି । ନିଶ୍ଚିତ ହେଲି କି, ଯାହା ମୁଁ ତୁମ ସଂପର୍କରେ କଳନାକରୁଥିଲି, ତାହା ସତ୍ୟ । ତୁମ ପାଇଁ ମୁଁ ଏକ ମହାନ କାର୍ଯ୍ୟ ସ୍ଥିର କରିଛି । କାର୍ଯ୍ୟଟିକୁ ତୁମେ ଏହି ମୁହୂର୍ତ୍ତରେ ହାତକୁ ନିଅ । ଏହାହିଁ ପ୍ରକୃଷ୍ଟ ସମୟ । ପବିତ୍ର ବେଳା ଗଡିଗଲେ କିଛି ଲାଭ ହେବନାହିଁ ପୁତ୍ର !"

ତତ୍‌ପରେ ଗୁରୁ ତାଙ୍କର ଯୋଜନାଟିକୁ ପ୍ରାଞ୍ଜଳ କରିଦେଲେ । କହିଲେ, "ତୁମେ ଗ୍ରାମରୁ ଗ୍ରାମ ନଗରରୁ ନଗର, ରାଜ୍ୟାନ୍ତର, ପାହାଡ ଜଙ୍ଗଲ ସବୁଆଡେ ଘୂରି ବୁଲିବ । ଧନୀ, ଦରିଦ୍ର, ଚାଷୀ, ଆଶ୍ରମବାସୀ .... ସବୁ ଶ୍ରେଣୀର ଲୋକଙ୍କୁ ସାକ୍ଷାତ କରିବ । ସେମାନଙ୍କ ସହ କଥାହେବ । ସେମାନଙ୍କ ମୁହଁର ଭାଷା, ପ୍ରତିଟି ଶବ୍ଦ ଏବଂ ପ୍ରଚଳିତ ଭାଷାକୁ ନେଇ ପୁସ୍ତକଟିଏ ସଂକଳନ କରିବ । ସେସବୁ ଶବ୍ଦ ଓ ଭାଷାର ଉତ୍ପତ୍ତି ଓ ସେଗୁଡିକ ପଛରେ ଥିବା କିମ୍ବଦନ୍ତୀକୁ ଉଲ୍ଲେଖ କରିବ । ମୁଁ ନିଶ୍ଚିତ, ସେହି ପୁସ୍ତକଟି ହେବ ପୃଥିବୀରେ ସଂସ୍କୃତ ଭାଷାର ଏକମାତ୍ର ପ୍ରାମାଣିକ ବ୍ୟାକରଣ ପୁସ୍ତକ । ମୋର ଅନ୍ୟ ଦୁଇଜଣ ଶିଷ୍ୟ – ବ୍ୟାଡି ଓ ବରରୁଚି – ତୁମକୁ ଉକ୍ତ କଠିନ କାର୍ଯ୍ୟରେ ସାହାଯ୍ୟକରିବେ ।"

ଅହିକ ମହା ସଙ୍କଟରେ ପଡିଲା । ତା'ର ଭାବୀପତ୍ନୀ 'ଭାଷା' କଥା କ'ଣ ହେବ ! ତାହା ସହ ସେ ଯେ ପଦେ କଥା ହୋଇନି ! ତେବେ ତା ପାଟିରୁ ଶବ୍ଦଟିଏ ମଧ୍ୟ ସ୍ଫୁରିଲା ନାହିଁ ।

"ପୁତ୍ର ! ସମୟ ଅପଚୟ କରିବାର ବେଳ ଏହା ନୁହଁ । ତୁମ ମନରେ ଅନ୍ୟଥା କିଛି ଅଛି କି ?" – ଜାଣିବାକୁ ଚାହିଁଲେ ଗୁରୁ ।

ଅହିକ ଚମକି ପଡିଲା । ଗୁରୁ ପଢିନେଲେ କି ତା' ଅନ୍ତରର ଭାଷା ! ଅଜାଣତରେ ଓଠ ଦୁଇଟି ତା'ର ଥରିବାକୁ ଲାଗିଲେ । ହେଲେ ଶବ୍ଦଟିଏ ମଧ୍ୟ ବାହାରିଲାନି ।

ଅହିକର ନୀରବତାକୁ ଗୁରୁ ସମ୍ମତି ବୋଲି ଧରିନେଲେ । କହିଲେ, "ସମୟ ନଷ୍ଟକରନାହିଁ । ଜାଣେ ତୁମେ ହିଁ କେବଳ ଏହି କାର୍ଯ୍ୟ କରିପାରିବ । ଠିକ୍ ଏହି ମୁହୂର୍ତ୍ତରେ ହିଁ ତୁମକୁ ବାହାରିଯିବାକୁ ପଡିବ । ପବିତ୍ର ମୁହୂର୍ତ୍ତ ଗଡିଯାଉଛି । ତୁମ ଅନୁପସ୍ଥିତିର କାରଣଟି ମୁଁ ତୁମ ଘରକୁ ଜଣେଇଦେବି ।"

"ଗୁରୁ ଦେବ .....!" - ଏତିକି ମାତ୍ର ବଡ ଆୟାସକରି ଅହିକ କହିଲା । ତେବେ ତା'ର ଦ୍ୱିଧା ଭାବଟିକୁ ଗୁରୁ ଲକ୍ଷ୍ୟ କରିପାରିଲେ ନାହିଁ ।

ଗୁରୁଙ୍କୁ ପ୍ରଣମି ଅହିକ ବାହାରକୁ ଆସିଲା । ବାହାରେ ତା'ର ଅପେକ୍ଷାରେ ଥିଲେ ବ୍ୟାଡି ଓ ବରରୁଚି । ସେମାନଙ୍କ ମୁହଁରେ ମୃଦୁହାସ୍ୟ । ସହସା ସେ ଯାନ୍ତ୍ରିକ ରୀତିରେ ହସିଲା ।

ଧାର୍ଯ୍ୟ ପବିତ୍ର ମୁହୂର୍ତ୍ତରେ ଅହିକ, ବ୍ୟାଡି ଓ ବରରୁଚିଙ୍କର ଯାତ୍ରା ଆରମ୍ଭହେଲା । ଅଜଣାମୂଳକ ଉଦ୍ଦେଶ୍ୟରେ । ଯାତ୍ରା ଅନିର୍ଦ୍ଦିଷ୍ଟ ଓ କାର୍ଯ୍ୟ ସୀମାହୀନ ।

କେତେ ଜନପଦ, କେତେ ନଗର, ବନଗିରି, ରାଜ୍ୟ ରାଜ୍ୟାନ୍ତର ସେମାନେ ବୁଲିଲେ । ନୂଆ ମଣିଷ ଦେଖିଲେ । ସେମାନଙ୍କ ମୁହଁର ଭାଷା ଶୁଣିଲେ । ପାର୍ଥକ୍ୟ ଅନୁଧ୍ୟାନ କଲେ । ଯାହା କଲେ, ଲେଖି ରଖିଲେ । ସେମାନଙ୍କର କାର୍ଯ୍ୟ ବହୁ ସମୟ, ଶ୍ରମ ତଥା ଧୈର୍ଯ୍ୟ ସାପେକ୍ଷ ଥିଲା ।

ବ୍ୟାଡି ଓ ବରରୁଚିଙ୍କ ପାଇଁ ଏପ୍ରକାର କାର୍ଯ୍ୟ ଅତ୍ୟନ୍ତ କ୍ଳାନ୍ତିକର ତଥା ଆଗ୍ରହବର୍ଜିତ ଥିଲା । ତା'ଛଡା, ଖୋଲାସ୍ଥାନରେ ଶୋଇବା, ବିପଦସଙ୍କୁଳ ଝରଣା ନଦୀକୁ ପାରିହେବା, ଶ୍ୱାପଦସଙ୍କୁଳ ଜଙ୍ଗଲ ମଧ୍ୟଦେଇ ରାତିରେ ଗତିକରିବା ପ୍ରଭୃତି ସେ ଦୁହିଁଙ୍କ ପକ୍ଷେ ଅସହ୍ୟହେଲା । ଫଳ ଏଇଆ ହେଲା, ମାତ୍ର ଶହେଦିନ ପରେ ସେମାନେ ଅହିକକୁ ତା'ହାଲରେ ଛାଡି ଘରକୁ ବାହୁଡି ଆସିଲେ ।

ମାତ୍ର ଅହିକ! ଗୁରୁଙ୍କ ନିର୍ଦ୍ଦେଶ ତା'ପାଇଁ ବେଦବାକ୍ୟ । ତା'ଉପରେ ନ୍ୟସ୍ତ କର୍ତ୍ତବ୍ୟ ଭିତରେ ସେ ସଂପୂର୍ଣ୍ଣ ବୁଡିଯାଇଥିଲା । ବିପଦ ଆପଦ କିଛିକୁ ଖାତିର ନକରି ସେ ଭ୍ରମଣ ଚଳୁରଖିଲା । ଦୁଇ ସହଯୋଗୀଙ୍କ ପଳାୟନ ତା'ଉପରେ ପ୍ରଭାବ ପକାଇପାରିଲା ନାହିଁ । ଭାଷା ଅଧ୍ୟୟନ ..... ଅନୁଧ୍ୟାନ ..... ଶବ୍ଦର ଉତ୍ପତ୍ତି ସମ୍ବନ୍ଧରେ ତଥ୍ୟ ସଂଗ୍ରହ .... ସେ ଭୁଲିଯାଇଥିଲା ସମୟର ପ୍ରବାହକୁ ।

ନୂଆ ଏବଂ ପୁରୁଣା ଶବ୍ଦ, ସରଳ ଏବଂ ଯୌଗିକ, ଶୁଦ୍ଧ ଏବଂ କଥିତ, ପୁରୁଷାନୁକ୍ରମଧରି ଶବ୍ଦର ଉତ୍ପତ୍ତି ପଛରେ ଥିବା କିମ୍ବଦନ୍ତୀ ପ୍ରତି ତା'ର ଆଗ୍ରହ ଯୋଗୁଁ ସେ ବହୁ ଅଖ୍ୟାତ ଓ ବିଖ୍ୟାତ ସ୍ଥାନ ଭ୍ରମଣ କଲା । ନିଜର ନିରାପତ୍ତା ତଥା ବିଶ୍ରାମ କଥା ତା'ର ମନରେ ଇ ନଥିଲା । ତା'ର ଅଦ୍‌ଭୂତ ସ୍ମୃତିଶକ୍ତି ବହୁତ ସାହାଯ୍ୟ କଲା ତାକୁ ।

ତଥାପି .... ତଥାପି ସାମୟିକ ଭାବେ ଅହିକର ମନ ଉଡିଯାଉଥିଲା ଅତୀତକୁ । ସେହି ଶାରଦୀୟ ସଂଧ୍ୟାକୁ, ଯେତେବେଳେ 'ଭାଷା' ତା'ର ହାତ ଦୁଇଟିକୁ ତା'ବେକରେ ବେଢେଇ ଦେଇଥିଲା । ସେ

ଭାଙ୍ଗିପଡୁଥିଲା । ମାତ୍ର ଗୁରୁ ବର୍ଷଙ୍କର ବାକ୍ୟ 'ତୁମେ ହିଁ କେବଳ ଏ କାର୍ଯ୍ୟ ପାରିବ' ଯେତେବେଳେ ତା'ର ମନେପଡିଯାଉଥିଲା ସେ ନୂତନ ଶକ୍ତି ଫେରିପାଉଥିଲା ।

ପରିଶେଷରେ ଅହିକର କାର୍ଯ୍ୟ ହେଲା ସମାପ୍ତ । କିନ୍ତୁ ହାୟ! ସେତେବେଳକୁ ଚାଳିଶ ବର୍ଷ ବିତିଗଲାଣି । କିନ୍ତୁ ତଥ୍ୟ ସଂଗ୍ରହ ସିନା ସରିଛି, ବାସ୍ତବ କାର୍ଯ୍ୟ ଯେ ଏପର୍ଯ୍ୟନ୍ତ ହୋଇନାହିଁ । ସମସ୍ତ ସଂଗୃହୀତ ବିବରଣୀ ଧରି ସେ ଯାତ୍ରାକଲା ହିମାଳୟ । ସେଠାରେ ଜଣେ ଗୁରୁଭାଇଙ୍କ ଆଶ୍ରମରେ ସେ ରହିଲା । ନିବିଷ୍ଟ ଚିତ୍ତରେ ଏକ ବିରାଟ ଗ୍ରନ୍ଥ – ଅଷ୍ଟାଧ୍ୟାୟୀ – ରଚନା ଆରମ୍ଭ କରିଦେଲା । ପରିଶେଷରେ 'ଅଷ୍ଟାଧ୍ୟାୟୀ' ଗ୍ରନ୍ଥ ରଚନା ସମାପ୍ତ ହେଲା ।

ଅହିକର ବୃହତ୍ ପ୍ରସିଦ୍ଧ ସଂକଳନ 'ଅଷ୍ଟାଧ୍ୟାୟୀ' ସମ୍ପର୍କିତ ସମ୍ବାଦ ଚାରିଆଡେ ପ୍ରସରିଗଲା । ଯଥା ସମୟରେ କାଶୀରାଜାଙ୍କ କାନରେ ପଡିଲା ଏକଥା । ସେ ତାକୁ କାଶୀକୁ ଆମନ୍ତ୍ରଣ ଜଣେଇଲେ । ସେଠାରେ ପଣ୍ଡିତ ମହାସଭାରେ ଯେତେବେଳେ ନିଜର କୃତିକୁ ବ୍ୟାଖ୍ୟାକରି ଅହିକ ବୁଝେଇଲା, ସମସ୍ତେ ସ୍ତବ୍ଧ ହୋଇଗଲେ ।

ଜଣେ ପଣ୍ଡିତ କହି ଉଠିଲେ – 'ତୁମେ ଆଜିଠୁ ହେଲ ପାଣିନି ।" 'ପାଣି'ଥିଲେ ଜଣେ ଋଷି, ଅହିକର ପୂର୍ବବର୍ତ୍ତୀ କାଳର ।

ଅନ୍ୟ ପଣ୍ଡିତଗଣ ଅହିକକୁ ଋଷି ପାଣିନି ଏବଂ ଭଗବାନ ପାଣିନି ବୋଲି ସମ୍ବୋଧନ କଲେ । ତା' ନିକଟରେ ସମସ୍ତ ପଣ୍ଡିତ ନତଶୀର ହେଲେ । କାଶୀରାଜା ସମ୍ବର୍ଦ୍ଧିତ କଲେ ଅହିକକୁ ।

ସମ୍ବର୍ଦ୍ଧନା ପର୍ବ ସରିବା ଉତ୍ତାରୁ, ଅହିକ ନିଜ ଗ୍ରାମ ଶାଲାତୁର ଅଭିମୁଖେ ଯାତ୍ରା ଆରମ୍ଭକଲା । କାଶୀରାଜା ତାକୁ ଯୋଗେଇ ଦେଇଥିଲେ ଯାନ ଓ ରକ୍ଷୀ । ଏବଂ ପ୍ରଚୁର ଉପହାର ମଧ୍ୟ ।

ଅହିକ ଯେତେବେଳେ ନିଜ ଗ୍ରାମ ସୀମାନ୍ତରେ ପହଞ୍ଚିଲା, ଏକ ବିଶାଳ ଜନତା ତାକୁ ସ୍ୱାଗତ ଜଣେଇଲା । ସମସ୍ତିଙ୍କୁ ଧନ୍ୟବାଦ ଦେଇ ସେ ନିଜର ପୁରୁଣା ପୈତୃକ ଘର ଆଡେ ମୁହେଁଇଲା । ସେତେବେଳକୁ ସଂଧ୍ୟା ଉତ୍ତୀର୍ଣ୍ଣ ।

କେହି ଜଣେ ବତୀଟିଏ ହାତରେ ଧରି ତା' ଆଡକୁ ଆସୁଥିବାର ସେ ଦେଖିଲା ।

କିଏ ଭାଷା !

ଚିତ୍କାର କରିଉଠିଲା ଅହିକ । ତା' ଆଖିରେ ବିସ୍ମୟ, ମନରେ କୋହ । ସେ ସ୍ୱପ୍ନ ଦେଖୁନାହିଁ ତ !

ଦୀର୍ଘ ଚାଳିଶ ବର୍ଷରୁ ଉର୍ଦ୍ଧ୍ୱ ସମୟ 'ଭାଷା' ନିଜର ପ୍ରିୟତମ ପାଇଁ ଅପେକ୍ଷା କରିରହିଥିଲା ।

ଅହିକର ବାପା, ମା ଇତିମଧ୍ୟରେ ଆରପାରିକୁ ଚାଲିଯାଇଥିଲେ । ଏବଂ ଗୁରୁ ପଣ୍ଡିତ ପ୍ରବର ବର୍ଷ ଶିଷ୍ୟର ବିରଳ କୃତି ଦେଖିବାକୁ ଇହଜଗତରେ ନଥିଲେ ।

ଦୀର୍ଘ ଶାରିରୀକ ଓ ମାନସିକ ଶ୍ରମ ଯଥେଷ୍ଟ କ୍ଲାନ୍ତ ଶ୍ରାନ୍ତ କରିଦେଇଥିଲା ଅହିକକୁ । ସେହି ରାତିରେ ପରମ ଶାନ୍ତିରେ ଶୋଇପଡିଲା ଅହିକ ।

(କିମ୍ବଦନ୍ତୀ ଉପରେ ଆଧାରିତ ଏହି ସୁପ୍ରାଚୀନ ଅନନ୍ୟ ପ୍ରେମକାହାଣୀଟି ପ୍ରସିଦ୍ଧ କଥାକାର ଶୈଳେଶଙ୍କୁ ଉତ୍ସର୍ଗିତ ।)

# ଅଧିକାରୀ ଘର ଝିଅ

ବୁଢ଼ାବୁଢ଼ୀମାନେ ସାଦା ପ୍ରେମ କୁହ କି କୁକୁରିଆ ପ୍ରେମ କୁହ କି ନୁଙ୍ଗୁରା ପ୍ରେମ କୁହ, ଯେକୌଣସି ପ୍ରେମ ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ, ଏକଥା ଉପରେ ଧରନ୍ତୁ ଶତକଡ଼ା ଅଶୀଭାଗ ତରୁଣ ତରୁଣୀ ନିସନ୍ଦେହ ।

ଏକଥାର ଅର୍ଥ, ବୁଢ଼ାବୁଢ଼ୀମାନଙ୍କର ସେପରି ଅଭିଜ୍ଞତା କେଭେଁ ବି ନଥିଲା ବା ନଥିବ । ଯଦିବା କିଛିଟା ଥିବ ସେମାନଙ୍କ ଜାଲୁଜାଲୁଆ ଦୃଷ୍ଟି ସେସବୁକୁ ମୋଟୁରୁ ଧରିପାରିବନି । ଏପରି ଚରମ ସିଦ୍ଧାନ୍ତରେ ପହଞ୍ଚନ୍ତି ପ୍ରେମ କାଙ୍ଗାଳ ତରୁଣ ତରୁଣୀଗଣ ।

ଏକଦା ସେମାନେ ତରୁଣ ତରୁଣୀ ଥିବେ ଓ ପ୍ରାୟ ସମସ୍ତେ ପ୍ରେମକୁ ଅତୀତରେ ବଜାର ସଉଦା ଭଳି କାରବାର କରିଥିବେ, ଏଭଳି ସମ୍ଭାବନାକୁ ଫୁକରି ଉଡେଇଦିଅନ୍ତି ବର୍ତ୍ତମାନର ତରୁଣତରୁଣୀ ।

ସେମାନଙ୍କର ଦୁର୍ବଳ ଶରୀର ଓ ମଗଜର ଅସମଞ୍ଜସତା ଦେଖି କିଏ ବା ଅନୁମାନକୁ ଆଣନ୍ତା ଯେ ଦିନଥିବ ସେମାନଙ୍କ ମଧ୍ୟରୁ କେତେକ ରାତ୍ରି ବା ଖରାବେଳ ଅଭିସାର କରିଥିବେ ଓ ପରିଣତି ହେଇଥିବ ସେହି ଗୋପନ ଅଭିସାର ଅନେକ ଝିଅ ବା ବିଧବା ବା ବିଦେଶରେ ରହୁଥିବା ସ୍ୱାମୀମାନଙ୍କର ବିରହ ଯନ୍ତ୍ରଣା ଭୋଗୁଥିବା ମହିଳା ପାପଗର୍ଭ ହୋଇଥିବେ ! ଏବଂ ସେତେବେଳର ଟୋକା ଧରାପଡିବା ଉତାରୁ ଗାଁ ନିଶାପରେ ତଣ୍ଡଗଣିଥିବେ ! ଏବଂ ସଂପୃକ୍ତ ମହିଳାଟି ନିଆଁପାଣି ବାସନ୍ଦ ହେଇଥିବ ।

ଉଣା ଅଧିକେ ମୋର ଧାରଣା ସେଇଆଥିଲା ।

କମର ବାଙ୍କି ଯାଇଥିବା ଓ ବାରଣା ଦୃଷ୍ଟିଶକ୍ତି ହରେଇଥିବା ବୁଢ଼ାବୁଢ଼ୀ ପ୍ରେମର ମହତ୍ତ୍ୱ ବା ଶ୍ରେଣୀ ବିଭାଗ କାହୁଁ ବୁଝିବେ ! ଦୁର !!

ମୋର ଆଦ୍ୟ ପ୍ରେମ ଗୋଟିଏ ଅଶୀ ବୟାଅଶୀ ବର୍ଷର ବୁଢ଼ୀ ଆଗରେ ଅଭିନୀତ ହୋଇଥିଲା । ତେଣୁ ବୁଢ଼ାବୁଢ଼ୀଙ୍କ ପ୍ରସଙ୍ଗ ଆସିଛି ।

ଏବେ ମନେପକେଇ କହୁଚି, ମୋର ପ୍ରେମ ଅନ୍ତତଃ କୁକୁରିଆ ନଥିଲା । ଆଉ କେଉଁ ଶ୍ରେଣୀରେ ଯିବ ହିସାବ ନିକାଶ କଲାବେଳକୁ ମୋ ବୟସ ମୋତେ ଫୋଡୁଚି । କହୁଚି, ତୋର ଆଉ ବୟସ ଅଛିନା ପ୍ରେମର ଶ୍ରେଣୀବିଭାଗ କରିବାକୁ ବସିଚୁ ! ଧେତ୍ ଚନ୍ଦାମୁଣ୍ଡିଆ ବୁଢ଼ା !

ସତ, ଅବିକା ମୁଁ ଫୁଲ୍ ଚନ୍ଦା । ମୋର ଯୁବକ ବେଳର ଫଟୋ ଦେଖିଲେ ନିଜ ଉପରେ ମୁଁ ସିଙ୍ଗ୍ ସିଙ୍ଗ୍ ହୁଏ । ଛାଡ଼ !

ଗୋଟେ ପଡ଼ିଆରେ ପାଦଚଲା ରାସ୍ତା କରରେ ଓହଳ ସମ୍ବଳିତ ଝାଙ୍କରା ବରଗଛଟିଏ ଥିବ । ଗଛଠୁ ଅନ୍ଦାଜ ପଚାଶ ହାତ ଦୂରରେ ଡାହାଣ ହାତି ହରିଜନ ବସ୍ତିଟିଏ ଥିବ । ଏବଂ ଥିବ ବାଁହାତି ଶହେ ହାତ ପାଖାପାଖି ଦୂରତାରେ ଗୋଟେ କଇଁ ପୋଖରୀ । ଏବଂ ପଛକୁ ଦୂରେଇକି ଥିବ ବାଉଁଶବଣ ଆପଟକରିଥିବା ଗୁଡ଼ିଆ ସାଇ । ଏବଂ ନାକସିଧାରେ ଇସ୍କେଲରେ ଗାର ପକେଇଲାପରି ବ୍ରିଟିଶ୍ କେନାଲ ବଂଧ ।

ଦିନରତରତ ହଉଥିବ ଯେବେ ଦେଖିବ ଜଣେ ଏକୋଇଶ ବର୍ଷର ପୁଅ ଓ ସତରବର୍ଷର ଝିଅ ବରଗଛ ସିଅ ଉପରେ ବଗୁଲା ବଗୁଲି ପରି ବସିଚନ୍ତି, ତେବେ କ'ଣ ଭାବିବ କୁହନ୍ତୁ ତ !

ଆହେ ବାବୁ, କାହା ଭାବିବାକୁ ମନରେ ଘେନା କରିବାକୁ ମୋର ଫୁରସତ ଥିଲେ ତ !

ଫୁରସତ ନଥିଲାଟି ? କରୁଥିଲ କ'ଣ !

କଲି ଆଉ କେତେବେଳେ ! ଯାଃ, ଠିକ୍ ବେଳେ ମନେପକେଇଚ ! ସେଇ ବରଗଛର ଓହଳ ପଛକୁ ସିଅ ଉପରେ ବସିଥିଲୁ ମୁଁ ଆଉ କାଦମ୍ବିନୀ । କାଦମ୍ବିନୀ ରଥ । ବାପା ତା'ର ଠାକୁରବାଡ଼ିର ମୁଖ୍ୟ । ତେଣୁ କୁହାଯାଏ ଅଧିକାରୀ ଘର ଝିଅ । ବାପା ତା'ର ପୁଳେ ଠାକୁର ଜମିର ମାର୍ଫତଦାର, ମାଲିକ ନୁହଁ ।

କାଦମ୍ବିନୀ ଦୁଇଥର ମେଟ୍ରିକ୍ ଫେଲ୍‌ହେଲାପରେ ତୃତୀୟଥର ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିଲା ଓ ଟିଉସନ୍ ହେବାକୁ ଆସୁଥିଲା ଦୁଇମାଇଲ୍ ବାଟ ଚାଲିଚାଲି । ଗୁଡିଆ ସାଇ ଭିତରଦେଇ ।

ହଁ କାଦମ୍ବିନୀ ଓ ମୁଁ ବସୁଥିଲୁ ବରଗଛ ସିଅ ଉପରେ ।

ମତେ ଦଶଦିନ ଲାଗିଗଲା ତା' ହାତକୁ ଧରିପକେଇବାକୁ ।

ଏବଂ ଆହୁରି ପନ୍ଦରଦିନ ଲାଗିଗଲା ତା'ଗାଲରେ ଚୁମାଟିଏ ଦେବାକୁ ।

ପ୍ରେମ ଠିକ୍‌ରେ କ'ଣ ନଜାଣି ଆମେ ପ୍ରେମକରୁଥିଲୁ ପରସ୍ପରକୁ ।

ଯେଉଁଦିନ ତା'ହାତଟାକୁ ଧରିପକେଇଲି, ମନେଅଛି ସେ ହାତଟାକୁ ଖସେଇନେଇ କହିଥିଲା - ହେଇ !

ସେ ଚାହିଁଥିଲା ଡାହାଣହାତି ।

ପରିବେଶ-ସଚେତନ ହେବାକୁ ମୋ ପାଖରେ ବେଳନଥିଲା । ତେଣୁ ଦେଖିପାରିନଥିଲି । ତାରି ଆଖି ସିଧାରେ ଚାହିଁ ଦେଖିଥିଲି ହରିଜନ ସାଇର ବୁଢ଼ୀଟିଏ ବାଙ୍କି ବାଙ୍କି ନଇଁ ନଇଁ ଗୋବର ସାଉଣ୍ଟୁଥିଲା ପଡିଆରୁ । ଏବଂ ଆମ ଦୁଇଜଣଙ୍କୁ ବସିଥିବାର ବୋଧେ ଦେଖିପାରିଥିଲା ।

ଦେଖୁ ! ମୋ ମୁଣ୍ଡ ଶିରା ଖପ୍‌ଖପ୍ ଡେଉଁଥିଲେ ।

କାହିଁକି କେଜାଣି ମୁଁ ମାଖୁନାଟାରେ ସଁ ସଁ ହଉଥିଲି । ପାଖରେ ଯୁବତୀ ଝିଅଟେ ବସିଥିବ, ଅଳ୍ପ ଅଳ୍ପ ତୁମ ଆଡକୁ ଚାହୁଁଥିବ, କଥା ପ୍ରାୟ କହୁନଥିବ, କହିବା କହିବା ହଉଥିବ କିନ୍ତୁ ପାରୁନଥିବ, କିଛି କାରଣ ନଥାଇ ତୁମେ ସଁ ସଁ ହଉଥିବ, ତାକୁ ପ୍ରେମ କୁହାଯିବ କି ?

ମୋର ଜ୍ଞାନ ନଥିଲା କି ଅନୁଭୂତି ନଥିଲା ।

ଅନ୍ୟପକ୍ଷରେ, କାଦମ୍ବିନୀ ଆବଶ୍ୟକତାଠାରୁ ଅଧିକ ନିରବ ରହୁଥିଲା । କାହିଁ ସେ ତ ସଁ ସଁ ହଉନି ! କିନ୍ତୁ ତା' ହାତ ପାପୁଲି ଝାଳେଇଥିଲା । ଝିଅଙ୍କର ହାତପାପୁଲି ଝାଳେଇବା ପ୍ରେମ କି ?

କାଦମ୍ବିନୀ ଗୋବର ସାଉଣ୍ଟୁଥିବା ବୁଢ଼ୀ ଆଡେ ଚାହିଁଥିଲା ।

କହିଲି – ଧେତ୍ ବୁଢ଼ୀଟେ ! ସେ ବା କ'ଣ ବୁଝିବ ......

କହିଲି ଓ ଲମ୍ବା ନିଃଶ୍ୱାସନେଲି । ବୁଢ଼ୀଟି ସେତେବେଳକୁ ଦୂରକୁ ଚାଲିଯାଇଥିଲା । କାଦମ୍ବିନୀ ମୁହଁ ଫେରେଇଲା ସେ ପଟୁ । କିନ୍ତୁ ନୀରବ ରହିଲା । ବୋଧେ ଭାବିଲା ମୁଁ ଯାହା କହିଚି ସତ । ବୁଢ଼ୀଟିର ପ୍ରେମ ସଂପର୍କରେ ଜ୍ଞାନ ନଥିବ ।

କିନ୍ତୁ ଅସଲରେ ଆମେ ସେଠି କାହିଁକି ବସିଛୁ ଜାଣିନଥିଲୁ । ବସିବାକୁ ଭଲ ଲାଗୁଥିଲା, ବାସ୍ !

କଇଁ ପୋଖରୀରେ ଗାଁ ପିଲାଏ କଇଁଫୁଲ ବା ଫୁଲକଢି ତୋଳି ସେଇବାଟେ ଫେରୁଥିଲେ ଓ ଆମକୁ ଦେଖୁଥିଲେ ।

ହଳ ବଳଦ ନେଇ ହଳିଆ ବିଲରୁ ଆସୁଥିଲେ ଓ ଆମକୁ ଦେଖୁଥିଲେ ।

ଭାରୁଆ ମଣିଷ ଭାରନେଇ ଯାଉଥିଲେ ଓ ଆମକୁ ଦେଖୁଥିଲେ ।

ହାଟଗଲା ମଣିଷ ସେଇବାଟେ ତରତର ହେଇ ଯାଉଥିଲେ ଓ ଆମକୁ ଦେଖୁଥିଲେ ।

କାଦମ୍ବିନୀ ଈଷତ୍ ଘାବରେଇ ଯାଉଥିବାର ମୁଁ ଜାଣିପାରୁଥିଲି ।

କିନ୍ତୁ ସେ ଉଠୁନଥିଲା ଅଥଚ କଥା କହୁନଥିଲା ।

କ'ଣ କୁହାଯାଇପାରେ ମୋ ଜିଭ ଅଗକୁ ଆସୁନଥିଲା ।

ଏହିପରି ବିନା କଥା ଓ ବିନା ଛୁଆଁରେ ମୁଣ୍ଡିମରିଥିଲା ଆମର ପ୍ରଥମ ଏକାନ୍ତ ସାକ୍ଷାତ । ସେଇ ରାତିରେ ମୋ ଆଖିରେ କଷା ପଡିଲାନି । କ'ଣ କୁହାଯାଇଥାନ୍ତା ବା କୁହାଯିବା ଉଚିତ୍ ଥିଲା ସେଇଆ ଭାବି ଭାବି ରାତି ପାହିଥିଲା । ଓଃ, ଗୋଟେ ଦିନ ବେକାର ହେଇଗଲା! ହେଲେ ବେକାର ନହେଇ ସାକାର ହୋଇଥିଲେ କ'ଣଟା ଅଧିକ ହେଇଥାନ୍ତା, ଭାବି ହେଉନଥିଲା ।

ସେତେବେଳେ ମୁଁ କିମ୍ବା ସେ କେମିତି ବା କଳ୍ପନା କରିଥାନ୍ତୁ ଯେ ସ୍ୱର୍ଗରୁ ଜଣେ ଦେବଦୂତୀ ଅବତରି ଆସିବେ ଆମର ସହାୟ ହେବାକୁ!

ହଁ, ସେଇ ଦେବଦୂତୀ ଜଣକ ଗୋବର ସାଉଣ୍ଟୁଥିବା ସେଇ ହରିଜନ ବୁଢ଼ୀଟି ।

ପରଦିନ । ମୁଁ ଘଣ୍ଟାଏ ପୂର୍ବରୁ ବରମୂଳେ ପହଞ୍ଚିଯାଇଥିଲି । କାଳେ ଅଭେଟ ହେବକି, ଏଇ ଭାବନାରେ । କିନ୍ତୁ କାଦମ୍ବିନୀ କାହିଁକି ଘଣ୍ଟେ ପୂର୍ବରୁ ଆସିଲା! ହଁ ସେ ଗୁଡିଆ ସାଇ ଆଡୁ ଆସୁଥିଲା । ମୋ ଛାତି ଘନଘନ ଧଡଧଡ୍ ହେଲା ।

କାଦମ୍ବିନୀ ପହଞ୍ଚିଲା । ଏବଂ ମୋର ସାମାନ୍ୟ ଇସାରାରେ ଦୁଇ ଓହଳ ମଝିଦେଇ ସେ ମୋତେ ଅନୁସରଣକଲା ଏବଂ ଆମେ ଶିଅ ଉପରେ ବସିପଡିଲୁ ।

ଆମକୁ ଦିଶୁଥିଲା, ବୁଢ଼ୀଟି ସେ ପାରିଥିବା ଘଷିକୁ ଥାକଥାକ କରୁଛି । ସେ ଆମକୁ ଦେଖିଥିବ କି ନାହିଁ ଆମକୁ ଜଣାନାଇଁ ।

ପଡ଼ିଆରେ କେତୋଟି ପିଲା ବାଗୁଡ଼ି ଖେଳୁଥିଲେ ।

ଯଥାରୀତି ଭାରୁଆ ଗାଁ ଆଡେ ଯାଉଥିଲେ ।

ଖୁଣ୍ଟିରେ ବନ୍ଧାହେଇଥିବା ଗାଈକୁ ନେଉଥିଲା କିଏ ଜଣେ ।

କୁକୁର କେତୋଟି ବୁଲି ବରଫଳ ଖାଉଥିଲେ ।

ବୁଢ଼ୀ ମଣିଷଟି ପୂର୍ବପରି ଘଷି ଥାକକରିବାରେ ବ୍ୟସ୍ତଥିଲା ।

କାଦମ୍ବିନୀ ମୋଠୁ ରଖଣ୍ଡେ ତଫାତ୍‌ରେ ବସିଥିଲା ।

କାଦମ୍ବିନୀ । ଶେଥା ଗୋରା ଦେହ । ଗୋଲ ମୁହଁ । ଚିଲା ଆଖି । ସାମାନ୍ୟ ମୁଖଦାନ୍ତ । ପିନ୍ଧିଥିଲା ଶସ୍ତା ଛିଟପକା ଫ୍ରକ୍ । ହାତରେ ଖାତା ବହି ।

ଅଧିକ ଦାମ୍‌ର ଫ୍ରକ୍ ପିନ୍ଧିଥିଲେ ଆହୁରି ଭଲ ଦିଶିଥାନ୍ତା ।

ତା' ଆଖିକୁ ଆଚ୍ଛାକରି ଦେଖିଲି ।

ବଡ଼ ନିରୀହ ଦିଶୁଥିଲା ତା' ଆଖି ।

ହୁଏତ ଗୁଡେ କହିପକେଇବାର ସଙ୍କେତ ମିଳୁଥିଲା ଆଖିରୁ ।

କିନ୍ତୁ କିଛି କହୁନଥିଲା ।

ମୁଁ ବି.ଏସ୍.ସି ନଗଦା ପାଶ୍ କରିଛି । ଏବଂ ପଞ୍ଚାୟତ ବ୍ୟାପୀ ହିପି ଚୂଳ ଷ୍ଟାଇଲ୍ କେବଳ ମୋର । ଏବଂ ବେଲବଟମ୍ ପେଣ୍ଟ ପିନ୍ଧି ରେଖା ଦେଖାଯାଉଛି ବୋଲି ମୋ ମତ । ଅନ୍ୟ କେତେକଙ୍କର ମଧ୍ୟ ଅନୁରୂପ ମତ । ତେବେ କୌଣସି ଝିଅ ପ୍ରତି ଆକୃଷ୍ଟ ହୋଇନାହିଁ । ଏଇ କାଦମ୍ବିନୀ ମୋତେ ପ୍ରଥମେ ବାଉଳା କରିଦେଇଛି । କାହିଁକି ?

କାହିଁକି ଠିକ୍‌ରେ କହିପାରିବିନି । ତେବେ ତା'ର ଚୁପ୍‌ଚାପ୍ ଆଚରଣ, ନିରୀହ ଆଖି, ହସ ବର୍ଜିତ ମୁହଁ ମୋଠାରେ କିଛି ଏପଟସେପଟ କରିଦେଇଛି ନିଶ୍ଚୟ । ଏବଂ ତଳକୁ ମୁହଁକରି ବହିଖାତା ଛାତିରେ ଜାକି ବିନା ଚପଲରେ ସେ ଯେତେବେଳେ କେନାଲବଂଧରେ ଆସୁଥାଏ, ବିନା କିଛି କାରଣରେ ମୁଁ ହଡବଡେଇ ଯାଏ । ଭାବେ, ତା'ସହ ପଦେ କଥା ହୁଅନ୍ତିକି ! କିନ୍ତୁ କେମିତି !

ଦିନ ଗଡ଼ିଚାଲେ । ତାକୁ ତା'ର ସମୟ ଜଗି ଦେଖେ ଯଦିବା, ମୁହଁ ଖୋଲିବାକୁ ସାହସ ଜୁଟେଇପାରେନା । କ'ଣ ବା କୁହନ୍ତି ! କେମିତି ବା ! କାହିଁକି ଯେ !

ଗୋଟେ ସଞ୍ଜର କଥା । ପ୍ରବଳବର୍ଷା ଅଜାଡିଲା । ଟିଉସନ୍ ସରିଲା ପରେ ମଧ୍ୟ ବର୍ଷା ଅବ୍ୟାହତ ରହିଲା । ଆଠଟା ବେଳକୁ ଯାଇ ସବୁରକଲା । ହଠାତ୍ ଡକରାପାଇଲି ନରହରି ସାର୍‌ଙ୍କଠୁ । କଥା କ'ଣ !

"ବିକାଶ, କାଦମ୍ବିନୀକୁ ସାଥିରେ ନେଇ ଟିକେ ତାଙ୍କ ଘରେ ଛାଡିଦିଅନ୍ତୁ । ତାଙ୍କ ଘରୁ କେହି ଆସିବାର ସମ୍ଭାବନା ନାହିଁ ।" - ନରହରି ସାର୍ ମତେ କହିଲେ ଏବଂ ବିନୁ ଅଧିକାରୀଙ୍କ ଅପରିଣାମ ଦର୍ଶିତା ପାଇଁ କ'ଣ ସବୁ ଏଣୁତେଣୁ ବର୍ ବର୍ ହେଲେ ।

ସାର୍‌ଙ୍କ କଥା ଶୁଣି, ସେଥିରୁ ଅର୍ଥବାହାର କରିବା ଅବସ୍ଥାରେ ନଥିଲି । ଅନ୍ଧାରରେ କାଦମ୍ବିନୀ ସହ ଅନ୍ଦାଜ ଦୁଇମାଇଲ୍ ଚାଲିଚାଲି ଯିବାର କଳ୍ପନାରେ ମୁଁ ଥିଲି ବିଭୋର । ଆହାଃ !

ସହସା ମୁଁ ପ୍ରସ୍ତୁତ ହୋଇ ଆସିଲି । ଆମେ ଚାଲିଲୁ । ଡରିବାର କୌଣସି କାରଣ ନାହିଁ, ବରଗଛରେ ବ୍ରହ୍ମରାକ୍ଷସଟିଏ ଘର କରିଛି ସେ କଥା ପୁରାମିଛ ..... ଏହି ମର୍ମରେ ମୁଁ ଯାହା କିଛି କହୁଥାଏ । ଏବଂ ବିଜ୍ଞାନର ଛାତ୍ର ଭାବେ ଅନ୍ଧବିଶ୍ୱାସ ଉପରେ ଆପଣାଛାଁ ଗପୁଥାଏ । ସେ ଶୁଣୁଥାଏ କିନା ମତେ ଜଣାନାହିଁ । କାରଣ ଗୋଟେ ଶବ୍ଦ ତା' ପାଟିରୁ ବାହାରୁନଥାଏ ।

ସେ କିଛି ନକହୁ ପଛେ, କିନ୍ତୁ ଆମର ଚାଲି ନସରନ୍ତା କି ! ଏଇପରି ଭାବୁଥିଲା ବେଳେ ଗୋଟେ ପୋଲ ପାଖରେ ସେ ଅଟକିଲା ।

କହିଲା - ଏଇଠୁ ମୁଁ ଚାଲିଯିବି । ଆପଣଙ୍କୁ ସାଙ୍ଗରେ ଦେଖିଲେ ସାନ ମା' ମୋତେ ଗାଳିକରିବ ।

କହିଲା ଓ ନାଳବଂଧରୁ ଗଡି ଅନ୍ଧାରରେ ମିଳେଇଗଲା ।

ମୁଁ ଅଗତ୍ୟା ଫେରିଲି, କିନ୍ତୁ ଭିନ୍ନ ମନଟିଏ ପାଇଲି । ଯେଉଁ ମନ ମାଖୁନାଟାରେ କାଦମ୍ବିନୀକୁ ନେଇ ବିଭିନ୍ନ ନଭାବିବା କଥା ଭାବିଲାଗିଲା ।

ଏତକ ହେଉଛି କାଦମ୍ବିନୀ ସହ ସଂପର୍କ ନଥିବା ସଂପର୍କର ମୂଳଦୁଆ ।

ତା'ପରେ ବହୁରାତି ଭାବି ଗୁଡ଼ିଆ ସାଇ ପୂର୍ବରୁ ବଡ଼ବରଗଛ ମୂଳକୁ ଚୟନକଲି ତାକୁ ଏକାନ୍ତରେ ଭେଟିବାକୁ । ଅବଶ୍ୟ ସଫଳ ହେଲି, ତେବେ ମୋର ଅପରିପକ୍ୱ ପାଟି ବହୁଚେଷ୍ଟାପରେ ମଧ ବାଗକୁ ଆସିଲାନାହିଁ ।

କାଦମ୍ବିନୀ ଓ ମୁଁ ବସିଛୁ ବରଗଛ ଶିଅ ଉପରେ ।

ଏବଂ ବୁଢ଼ୀଟି ଘସିଫଡା ଥାକ କରିବାରେ ବ୍ୟସ୍ତରହିଚି ।

ଏବଂ ମୋ ଛାତି ଆବଶ୍ୟକତାଠାରୁ ଅଧିକ ଧଡ୍ ଧଡ୍ ହେଉଛି ।

ଏବଂ କାଦମ୍ବିନୀ ତଳକୁ ମୁହଁକରି ବସିଛି ଓ ଦୁଇ ପାହୁଲକୁ ଘସୁଚି ।

ଏବଂ କାହାରି ମୁହଁରେ ଭାଷା ନାହିଁ ।

ହଠାତ୍ । ଯେଉଁ ବୁଢ଼ୀକୁ ପ୍ରେମଜ୍ଞାନ ଶୂନ୍ୟ ବୋଲି ଭାବିନେଇଥିଲି, ସେ ଆସି ଆମ ଆଗରେ ବସିପଡିଲା, ଥାକେ ଘସି ତଳେଥୋଇ ।

ମୁଁ ଘାବରେଇ ଆସିଲା ବେଳକୁ ବୁଢ଼ୀ କହିଲା – ତୁ କାହା ଝୁଅଲୋ !

ଭଙ୍ଗାଗଳାରେ କହିଲା କାଦମ୍ବିନୀ – ବିନୁ ଅଧିକାରୀ ଝିଅ ।

"ତୁ କାହା ପୁଅ !" – ବୁଢ଼ୀ ଜାଣିବାକୁ ଋହିଁଲା ।

ଦେବୁ ପଣ୍ଡା ପୁଅ, କହିଲି ।

ଶୁଣିଲା ତ ବୁଢ଼ୀ ଖୁସିହେଇଗଲା । ସେ ହସିଲା ତା'ର ଋରଣା ଦାନ୍ତଥିବା ମାଢ଼ି ଦେଖେଇ । ସତେବା, ଆମର ନୁହଁ ତା' ମୁଣ୍ଡରୁ ମସ୍ତବୋଝଟିଏ ଉତୁରିଯାଇଚି । ଏବଂ ପରେ ଯାହା କହିଲା, ତା' ଶୁଣି ମୁଁ ମୋର ପୂର୍ବ ସିଦ୍ଧାନ୍ତଟିକୁ ସେଇଠି ନାକଚକଲି ।

ବୁଢ଼ୀ କହିଲା – ଏକା ଜାତି, ଆଉ ଚିନ୍ତା କ'ଣ ! ଝୁଅ, ତୁ ଠିକ୍ ମନ ଦେଇଚୁଟି !

କାଦମ୍ବିନୀ ତଳକୁ ମୁହଁକଲା । ଯାହାର ଅର୍ଥ କରାଯାଇପାରେ ହଁ ।

"ଦେଖେ ପଣ୍ଡା ପୁଅ, ଝିଅଟିକୁ ଯେମିତି ନଠକୁ । ବଡ଼ ଭରସାରେ ସେ ତୋ ଉପରେ ଆଉଜିଚି । ଘରେ କିଏ ଅଛି ଯେ କାହା ଉପରେ ଆଉଜିବ !" – କହିଲା ବେଳେ ବୁଢ଼ୀର ଲୋଋକୋଋ ମୁହଁ ଅଧିକ ଲୋଋକୋଋ ହେଇଗଲା ।

ମୁଁ ବେକୁବ୍ ତା'କଥାରୁ ଯେବେ ଅର୍ଥ ବାହାର କରିବାକୁ ଚେଷ୍ଟା କରିଥାନ୍ତି ତେବେ ପରେ ପସ୍ତେଇନଥାନ୍ତି । କିନ୍ତୁ ସେତେବେଳେ ମୁଁ କ'ଣ ମୁଁ ହେଇଥିଲି । ମତେ ଲାଗୁଥିଲା, ବୁଢ଼ୀ ମଣିଷଟି ଆମ ଦୁହିଁଙ୍କର ହସ୍ତଗଣ୍ଠି ସେଇଠି ପକାଉଚି ।

ଘସିଥାକ ଉପରେ ବୁଢ଼ୀ ହାତମାରିଲା । ଜଣାପଡିଲା, ସେ ଉଠିବ ଏଥର । ଅବଶ୍ୟ ଉଠିଲା । ମାତ୍ର ଆଉପଦେ କହିଲା ପରେ ।

ଆହାଃ କି ପଦ ସିଏ ! ଏଭଳି ପଦ କ'ଣ ଜଣେ ବାହାର ମଣିଷ କହିପାରେ !

“ବୁଝିଲୁ ପୁଅ, କାଲିଠୁ ଏଠି ବସିବୁ ନାଇଁ । ମଣିଷଙ୍କ ଟୁପୁରଟାପର କଥା ଝିଅଟାର ହିଁ କ୍ଷତି କରିବ । ଗୋଟେ କାମକର । ହେଇ ଆମ ଘର ଦିଶୁଚି । ଘର ପଛକୁ ଘସିଚାଳି । ସେଇଠି ବସିବୁ । କେହି ଦେଖିବାକୁ ନାହିଁ । ହାଟ ବଜାରରେ ମନ ଦିଆନିଆ ହୁଏନା । ବୁଝିଲୁ !” - ବୁଢ଼ୀ ମଣିଷ ଚାଲିଗଲା ।

ସେଦିନ ଟିଉସନ୍ ସମୟ ସଞ୍ଜ ପାଞ୍ଚ ଗଡିସାରିଥିଲା । ଟିଉସନ୍ ଯିବାକୁ ଉତ୍ସୁକତା ଦେଖଉନଥିଲା କାଦମ୍ବିନୀ । ବାଧହେଇ ମନେପକେଇଦେଲି - ଟିଉସନ୍ ଯିବନି କି !

ସେ ମୁଣ୍ଡ ହଲେଇ କହିଲା - ନା ।

ପଚାରିଲି - କାହିଁକି ?

ଉତ୍ତର ସହଜରେ ଆସିଲାନି । ଫଟରେଇ ପଚାରିଲାରୁ କହିଲା - ଦି'ମାସର ଟିଉସନ୍ ଟଙ୍କା ଦିଆଯାଇନି । ଆଉ ଟିଉସନ୍ ଯିବିନି କି ପରୀକ୍ଷା ଦେବିନି ।

ଅନେକ କଥା ବୁଝିହେଲା । ନିଶ୍ଚେ ଘରେ ଆର୍ଥିକ ସମସ୍ୟା । କିନ୍ତୁ ସେ ଟିଉସନ୍‌କୁ ନଆସିଲେ ତା'ସହ ଦେଖାହେବ କେମିତି ! ପୁଣି ବର୍ତ୍ତମାନ ଠିକ୍‌ହେଲା ଆମେ ଏଠି ନବସି ଘସିଚାଳିରେ ବସିବୁ ! ତେବେ ?

ତେବେ କ'ଣ କାଦମ୍ବିନୀ ଆଉ ଆସିବନି ! ଆମର ଅବସ୍ଥା ଭଲଥିଲେ ଟିଉସନ ଟଙ୍କା ଦେଇଦିଅନ୍ତି । ଆମର ଅବସ୍ଥା ଠିକ୍ ନାହିଁ ବୋଲି ମୋର ଅଧିକ ପଢିବା ଠୁକୁଲ ଏବଂ ମୁଁ ଚାକିରି ଖୋଜ୍‌ରେ ରହିଛି । କ'ଣ କରିବି ! କାଦମ୍ବିନୀ ତେବେ ଆସିବନି !

ପଚାରିଲି - ତୁମେ ତେବେ କାଲି ଆସିବନି !

ସେ ମୁଣ୍ଡ ନାଡିଲା । ଯାହାର ଅର୍ଥ, ହଁ ଆସିବି ।

ଯାଃ ପ୍ରାଣ ରହିଗଲା ! କିନ୍ତୁ ମୁଁ ବୁଦ୍ଧୁଟା ସେତିକିବେଳେ ତା'ର ଘରର ଅବସ୍ଥା ପଚାରିବୁଝିବା ଉଚିତ୍ ଥିଲା । ଉଚିତ୍‌ଥିଲା, ପଚାରିବୁଝିବା କି କି ସମସ୍ୟାର ସମ୍ମୁଖୀନ ସେ ହେଉଛି ଘରେ । ଏଇଥିପାଇଁ ପଚାରିଲି ନାହିଁ ଯେ, ଯେଉଁ ଉତ୍ତର ଆସିବ ତାକୁ ସମ୍ମୁଖୀନ ହେବାପାଇଁ ମୋର ସାମର୍ଥ୍ୟ ନାହିଁ । ଅତଏବ୍

ଋକିରି ଖୋଜ୍‌କୁ ତ୍ୱରାନ୍ୱିତ କରିବା ପାଇଁ ସେଇଠି ସେଇ ବରଶିଅ ଉପରେ ଶପଥଟିଏ କଲି । ଏବଂ ଏକତରଫା ଠିକ୍‌କଲି ଋକିରି ପାଇଯିବା ପରେ ..... ଓଃ ଆଉ ପରୁରନା !

ପରଦିନଠୁ ଆମେ ବରଗଛଠୁ ବିଦାୟନେଲୁ । ମାତ୍ର ଦୁଇଦିନ ସାକ୍ଷୀରହିଥିଲା ବରଗଛଟି । ଆମ ପ୍ରେମର । ପରେ ସାକ୍ଷୀରହିଲା ବୁଢ଼ୀମଣିଷର ଘସିରୁଳି ।

ସାକ୍ଷୀ ରହି ହେଲା ବା କ'ଣ ! ଆମର ଅନ୍ତରଙ୍ଗତାରେ ସେମିତି କିଛି ଉନ୍ନତି ଘଟିଲା ନାହିଁ । ଯଦି ଜଣେ ଲୁଚିକିନା ଆମ ଦୁହିଁଙ୍କୁ ଦେଖିଥିବ ସେ ନିଶ୍ଚିତ ହୋଇଥିବ କି ଦି'ଜଣ ହୁଣ୍ଡାହୁଣ୍ଡୀ ବା ଜଡାଜାଡୀ ବସିଚନ୍ତି ।

ଏମାନଙ୍କର ପାଟିଖୋଲୁନାହିଁ, ଛୁଆଛୁଇଁ ନାହିଁ, କି ପ୍ରେମ ଇଏ !

ହଁ ସତ, ପାଖାପାଖି ନୀରବରେ ବସିରହିବା ମଧ୍ୟ ପ୍ରେମ ଅନ୍ତର୍ଭୁକ୍ତ ।

ମୁଣ୍ଡ ଶିରା ଜୋର୍‌ରେ ଖପ୍‌ଖପ୍ ହେଉଥିଲା, ଛାତିର ଧଡ୍‌ଧଡ୍ ଶବ୍ଦ ମୁଁ ଶୁଣୁଥିଲି । ତଥାପି ମୋ ହାତ ଉଠୁନଥିଲା । ଦିନେ ଉଠିଲା । ଧରି ପକେଇଲା ତା'ହାତ । ଇସ୍ କି ଝାଳ !

ମୋ ନାକ ହଠାତ୍ ବାରିଲା କାଦମ୍ବିନୀ ଦେହର ଝାଳୁଆଗନ୍ଧ ।

ଝିଅଙ୍କର ପ୍ରେମ ହେଲେ ଦେହ ଝାଳାଏ କି ? ହେଇଥିବ !

ମୁଁ କାଦମ୍ବିନୀର ଗହବା କେଶରେ ଆଙ୍ଗୁଳି ଋଳନା କରିନାହିଁ, ତା' ନାକଟିପି ନାହିଁ, ତା' ମୁହଁକୁ ଟୋଳିଧରିନାହିଁ, ତଥାପି ସେସବୁ କଲାଭଳି ମୋତେ ଲାଗୁଥିଲା । ପୂର୍ବରାତିରେ କଳ୍ପନାରେ ବା ସ୍ୱପ୍ନରେ ଯାହା କରିଥିଲି, ତା'ର ଉପସ୍ଥିତିରେ ତାହା ମନକୁ ଆସୁଥିଲା ଓ ମତେ ଖୁସିଦଉଥିଲା ।

ସୋଲେ ସିନେମାରେ ଅମିତାଭ ବଚ୍ଚନ ଓ ଜୟା କଥା ହେଇଛନ୍ତି କି !

ଦିନେ । ହଁ ଦିନେ ସାହସକରି ତା'ମୁହଁକୁ ଟୋଳିଧରି ଚୁମ୍ବନଟିଏ ଦେଇଦେଲି । ଭାବିଥିଲି, ସେଇଟା ବାକି ସବୁ କିଛିକୁ ସହଜ କରିଦେବ । କିନ୍ତୁ ଫଳ ଓଲଟା ହେଲା । ସେହି ଘସିରୁଳିଟି ମୋର ନାରଖାର ଅବସ୍ଥା ଦେଖିଲା ।

ସୁଁ ସୁଁ କାନ୍ଦି ଉଠିଲା କାଦମ୍ବିନୀ ।

ହେ କାଦମ୍ବିନୀ .... କାଦମ୍ବିନୀ .... ଏଇଭଳି ମୋ ପାଟିରୁ ଆତ୍ମରକ୍ଷାର ଶବ୍ଦ ବାହାରିଲା କେବଳ ।

ହେ ଭଗବାନ ! କ'ଣ କରିବି !!

କେତେବେଳକେ ସେ କହିଲା – ମୋ ସାନ ମା' ମାରିବ ।

"ନା, ମାରିବନି । ମୁଁ ବନ୍ଦୋବସ୍ତ କରୁଚି । ଚିନ୍ତା କରନା ।" – ମୋ ପାଟିରୁ ବାହାରି ପଡିଲା । କିନ୍ତୁ ମୋ ଭିତରେ ମଣିଷଟି ଛିଗୁଲଉଥିଲା – କି ବନ୍ଦୋବସ୍ତ କରିବୁ ବେ !

ଝିଅ ମେଟ୍ରିକ୍ ପାଶ୍ କରିପାରିଲାନି, କିନ୍ତୁ ପ୍ରେମକଲା । ଏହି କଥା ଘରେ ଜାଣିଲେ ତା' ଉପରେ ଅତ୍ୟାଚର ହେବ – ଏହି ଅର୍ଥରେ ମୁଁ ତା' କାନ୍ଦକୁ ବୁଝିଲି । ଯେବେ ଚକିରି ଖଣ୍ଡେ ମୋର ଥାଆନ୍ତା, ମୁଁ ତାକୁ ଅଭୟ ଦେଇଦିଅନ୍ତି । ମୋର ଯେ ଚକିରିନାହିଁ! ଅବଶ୍ୟ ବି.ଏସ୍.ସି ପଢୁଆ ପିଲାଙ୍କୁ ଚକିରି ମିଳିଯିବା ନେଇ ମୁଁ ନିଃସନ୍ଦେହ ଥିଲି ।

କାଦମ୍ବିନୀର କାନ୍ଦ ବନ୍ଦକରିବାକୁ ହେଲେ ମୋର ତୁରନ୍ତ ଚକିରି ଦରକାର । କିନ୍ତୁ କେମିତି ?

ବୁଢ଼ୀ ମଣିଷଟି ବେଳେବେଳେ ଆସି ବୁଲିଯାଉଥାଏ । ଆମକୁ ଦେଖି ବୋଧହୁଏ ଖୁସିହେଉଥାଏ । 'ଝୁଅ ବସିଚୁନା' ବା ସେଇପରି ପଦେ ପଚରି ଲେଟିଯାଉଥାଏ ।

ବୁଢ଼ୀମଣିଷର ଘସି ଚଳିରେ ଆମର ନିୟମିତ ସାକ୍ଷାତ୍ ହେଉଥିଲା ।

କଥା କମ୍ ଓ ନୀରବତା ବେଶୀରେ ଗୁମୁରି ଉଠୁଥିଲା ଚଳି ।

କାଦମ୍ବିନୀର ମୁଣ୍ଡ କେଶ ଦିନକୁ ଦିନ ନୁଖୁରା ଦିଶୁଥିଲା ।

ଏବଂ ତା'ର ଛିଟ୍‌ଫ୍ରକ୍ ଅଧିକ ମଇଳା ଲାଗୁଥିଲା ।

ଏବଂ କାହିଁକି କେଜାଣି ମୁହଁ ତା'ର ଅଧିକ ଉଜ୍ଜ୍ୱଳ ଦିଶୁଥିଲା ।

ଏବଂ ଟିଉସନ୍ ତା'ର ବିବାକ୍ ବନ୍ଦ ହୋଇଯାଇଥିଲା ।

ଏବଂ ମେଟ୍ରିକ୍ ପରୀକ୍ଷାଦେବା ଆଶା ତା'ର ପୋଛି ହେଇ ସଫା ହେଇଯାଇଥିଲା ।

ଦିନେ ।

ମୁଁ କହିଲି – କାଆଲି ଆସିବିନାହିଁ ।

କିଛି କ୍ଷଣ ନୀରବ ରହିଲା କାଦମ୍ବିନୀ ।

ତା'ପରେ ତଳମୁହାଁ ପଚରିଲା – କୁଆଡେ ଯିବ କି !

"ଇଣ୍ଟରଭିଉ ଅଛି । କଟକରେ ।" – କହିଲି ।

ସେଥିସହିତ କହିଲି ଚକିରି ହେଇଯିବାର ସମ୍ଭାବନା ଅଧିକ ।

ପ୍ରଥମଥର ମୋ ମୁହଁକୁ ସିଧା ଚହିଁଲା କାଦମ୍ବିନୀ । ଲାଗିଲା, ମୋ ମୁହଁରେ କିଛି ସେ ଦେଖୁଚି । କହିଲା – ମତେ ଡରମାଡୁଚି ।

ଆଏଁ ଡର ମାଡୁଚି ! ସେଇଟା ମୁଁ ବୁଝିପାରିଲିନି । ତେବେ ଆଶ୍ୱାସିନା ଗଳାରେ କହିଲି – ପଅରଦିନ ମୁଁ ଆସିବିନି କି !

ବୁଦ୍ଧୁ! ତୁ ଆସିଲେ କ'ଣଟା ଓଲଟେଇ ଦବୁ! ଆସେ ଜାଣିବୁ! ହୁଏତ ଅଦୃଷ୍ଟ ସେତେବେଳେ ଟିଟିକାର ମାରୁଥିଲା ।

କାଦମ୍ବିନୀ ଜବାବ ଦେଲାନାହିଁ କି ଡରର କାରଣ କହିଲାନି ।

ପ୍ରକୃତପକ୍ଷେ ଯେଉଁ ଚାକିରି କରିବିନି ବୋଲି ବୋଉର ବାରଣ ଥିଲା ସେଇ ଚାକିରି ଆପଣେଇବାକୁ ଚାହିଁଲି । କାହିଁକିନା କାଦମ୍ବିନୀ ସକାଶେ ମୋର ସହସା ଚାକିରି ଦରକାର । ଡ଼ିଫେନ୍ସ ଚାକିରି ବ୍ୟତୀତ କୋଉ ଚାକିରି ତୁରନ୍ତ ମିଳିବାର ସମ୍ଭାବନା ନଥିଲା । ସେ ସମୟରେ କଟକର କିଲ୍ଲାପଡିଆଠାରେ ପ୍ରତିମାସରେ ଇଣ୍ଟରଭିୟୁ ହେଉଥିଲା । ଡ଼ିଫେନ୍ସରେ ଟେଲିଫୋନ୍ ଅପରେଟର ଚାକିରିକୁ ଉପଯୁକ୍ତ ମନେକଲି ଓ ପରଦିନ ବଡିଭୋରୁ କଟକ ବାହାରିଲି ।

ଇଣ୍ଟରଭିଉରେ କୃତକାର୍ଯ୍ୟ ହେବାପରେ ମଧ୍ୟ ମୁକୁଳିପାରିଲିନି । ପରଦିନକୁ ବାକି ରହିଲା କେତୋଟି ଟେଷ୍ଟ୍ । ବାଧ୍ୟହୋଇ ଅଟକିଲି । କିନ୍ତୁ କାଦମ୍ବିନୀର ଭାବନା ମୋତେ ହଲାପଟା କରିଲାଗିଲା । କ'ଣ ଆଉ କରାଯିବ ।

ପରଦିନ ଟେଷ୍ଟ୍ ପରେ ମୋତେ କୁହାଗଲା ତହିଁ ପରେ ଦିନ ନିଯୁକ୍ତିପତ୍ର ନେଇଯିବାକୁ । ଅଗତ୍ୟା ଆଉ ଗୋଟିଏ ଦିନ ଅଟକିବାକୁ ପଡିଲା । ନିଜକୁ ବୁଝେଇଲି, କାଦମ୍ବିନୀକୁ ଅର୍ଡରଟି ଦେଖେଇବାଠୁ ବଳି ସୁଖବର କିଛି ଥାଇପାରେ! ଆଉ ଗୋଟେଦିନ ଅଟକିଲେ ମଧ୍ୟ କିଛି ଯାଏ ଆସେନା । କାଦମ୍ବିନୀ ତ ଆଉ କୁଆଡେ ଚାଲିଯାଉନି!

ଅର୍ଡର ସହ ଫେରିଲି । ଯେତେ ତରବର ହେଲେ ମଧ୍ୟ ପହଞ୍ଚିଲି ରାତିରେ । କାଦମ୍ବିନୀ ସହ ସାକ୍ଷାତ ନୋହିଲା ।

ମନ ମଧ୍ୟରେ ପ୍ରବଳ ଛନ୍ଦରମନ୍ଦର ଭାବନା । ମୁଁ କହିଥିବା ଦିନଟିକୁ ଛାଡି କାଦମ୍ବିନୀ ପ୍ରତିଦିନ ଆସିଥିବ । ଘସି ଚାଳିରେ ବସି ଅପେକ୍ଷାକରି କରି ବାହୁଡି ଯାଇଥିବ । ହୁଏତ ବୁଢ଼ୀମଣିଷଟି ପାଖରେ ସକ୍‌ସକ୍ ହେଉଥିବ । ତାକୁ ବୁଝେଇଥିବ ବୁଢ଼ୀମଣିଷଟି - ବେସ୍ତ ହଅନା ଝିଅ! ପଣ୍ଡାପୁଅ ପିଲାଟା ଭଲ । କେଭେଁ ଠକିବନାହିଁ । ନିଶ୍ଚେ ଆସିବ ।

ହେ କାଦମ୍ବିନୀ! ମୁଁ ଆସିଲିଣି! ଦେଖ ମୋ ହାତରେ କ'ଣ! ତତେ ମୁଁ ଘରକୁ ନେଇଯିବି । ତୁ ପୁଣି ମେଟ୍ରିକ୍ ପରୀକ୍ଷା ଦେବୁ । ମୁଁ ପଢେଇବି । ଆଉ ମନଉଣା କରନି । ହେ ଶୁଭୁଛିନା!

ଭାବନାରେ ଡାଇଲଗ୍ ମାରୁଥିଲି ।

ମନେପଡିଲା, ମୁଁ ଯିବା ପୂର୍ବଦିନ ସେ କହିଥିଲା - ମତେ ଡରମାଡୁଚି!

କାହିଁକି କହିଥିଲା ! ମାନେ ଆଖିଆଗରୁ ମତେ ଦଣ୍ଡେ ଛାଡିବାକୁ ସେ ପ୍ରସ୍ତୁତ ନଥିଲା । ତା'ଛଡା ଆଉ କ'ଣ କାରଣ ହୋଇପାରେ !

ଛାଡ଼ ! ଏତେ ଭାବି ଲାଭନାହିଁ । ମୁଁ ଆସିଲିଣି ମାନେ ସବୁକିଛିର ସମାପ୍ତି ଘଟିଚି । ଭାବିଲି ସିନା ରାତିଟା ବଡ଼ କଲବଲ ହେଲି । ଅପେକ୍ଷାକରି ରହିଲି ରାତି ପାହିବାକୁ ।

ଆମର ସାକ୍ଷାତ୍ ସମୟ ଦିନ ଚାରି । ଏତେ ସମୟ ଅପେକ୍ଷା କରିବାକୁ ମୋଠାରେ ବଳନଥିଲା । ସାଇକେଲ ଗଡେଇଲି ବୁଢ଼ୀମଣିଷ ଘରଆଡେ । କିଛି ହେଲେ ତ ଶୁଣିବାକୁ ମିଳିବ !

ପଡିଆରେ କିଏ ସବୁ ଅଛନ୍ତି ମୋ ଆଖି ଦେଖୁନଥିଲା । ଦୁଇଦିନର ଆଶ୍ରୟଦାତା ବରମୂଳ ଆକର୍ଷଣୀୟ ମନେହେଉନଥିଲା । ସିଧା ପହଞ୍ଚିଗଲି ବୁଢ଼ୀମଣିଷଟିର ନୁଆଁଣିଆଘର ଆଗରେ ।

ମା' ...... !

ବୁଢ଼ୀ ବସିଥିଲା ପିଣ୍ଡାରେ ।

ଲିକାର ଚା' ପିଉଥିଲା ।

ମୁଁ ପିଣ୍ଡା ଉପରେ ବସିବା ସେ ଦେଖୁଥିଲା ।

ହେଲେ କିଛି କହୁନଥିଲା ।

ଚାକିରି ପାଇଚି ମା, ମୁଁ କହିଲି ।

"ହଉ । ଭଲହେଲା । ଚାକିରି କରିବୁ । ବାହାହେଇ ଘରସଂସାର କରିବୁ ।" -

କହିଲା ବୁଢ଼ୀମଣିଷଟି ।

ଲାଜ ଲାଗୁଥିଲା ସିଧା କାଦମ୍ବିନୀ କଥା ଉକ୍ କରିବାକୁ ।

ସେ ମଧ୍ୟ କରୁନଥିଲା ।

"ଇଣ୍ଟରଭ୍ୟୁ ଦେବାକୁ ଯାଇଥିଲି । ଇଣ୍ଟରଭ୍ୟୁ ତିନିଦିନ ଲାଗିବ ବୋଲି ଜାଣିନଥିଲି ମା' !" - କଥା ଆରମ୍ଭ କଲି ।

ବୁଢ଼ୀ କିଛି କହିଲା ନାହିଁ । ସେ ନାତିକୁ ଦୋକତା ଆଣିବାକୁ କହିଲା ।

ବଡ଼ ସମସ୍ୟାରେ ମଣିଷ ପଡିଲା । ନା, ସିଧା ପଚାରିବି ।

- କାଦମ୍ବିନୀ ନିଶ୍ଚେ ଆସି ଫେରିଯାଇଥିବ । କ'ଣ କରିବି ମା ! ଜାଣିନଥିଲି । ସେ ଆଜି ଆସିବଟି !

: ନା, ଆଉ ଆସିବ ନାହିଁ ।

ଆସିବ ନାହିଁ ? ମୋ ମୁଣ୍ଡରେ ବଜ୍ର ପଡିଲା ।

– କାହିଁକି ମା’ ! ମୁଁ କହିକିନା ଯାଇଥିଲି ତାକୁ ।

: ତୁ ସିନା କହିଥିଲୁ । ହେଲେ ତା’ ହାତର କଥା ହେଇ କିଛି ନଥିଲା । କିନ୍ତୁ ତୁ ଥିଲେ ଇମିତି ଘଟିନଥାନ୍ତା ।

– କ’ଣ ହେଲା ମା’ ?

: ସେ ଅବିକା ତା’ ଶାଶୂଘରେ । ଆହାଃ, ଝୁଅଟା ଦୋବେଇରେ ଗଲା ! ବରଟା ତା’ଠୁ କୋଡ଼ିଏବର୍ଷ ବଡ । ତିନୋଟି ଛୁଆ ଅଛନ୍ତି । କେତେ ବିକଳ ହେଇ କାନ୍ଦୁଥିଲା ଝୁଅଟା ! ସବୁ ଭାଗ୍ୟରେ ପୁଅ ।

ମୋ ଦିହରୁ ଜୀବନ ବାହାରିଗଲା ପରି ଲାଗିଲା । ପା’ଭାଗ ଖୁଣ୍ଟକୁ ମୁଁ ଆଉଜି ପଡିଲି । ଗୋଡ ବୁଢ଼ାଆଙ୍ଗୁଳି ପାଖରୁ କ’ଣ ଗୋଟେ ଶିର୍ ଶିର୍ ହେଇ ଉପରକୁ ଉଠୁଥିଲା । ସତେବା ଅକାମି ହେଇଯିବ ଗୋଟାପଣ ଦିହଟା ।

କିନ୍ତୁ ...... କିନ୍ତୁ ମୋ ଦିହ ଅକାମି ହେବା ବନ୍ଦହେଇଗଲା, ଯେତେବେଳେ ଦେଖିଲି ବୁଢ଼ୀମଣିଷଟି ସକ୍ ସକ୍ ହଉଛି ଓ କ’ଣ ସବୁ ବର୍ ବର୍ ହେଉଛି । ସେ ଯାହା କହୁଥିଲା ତା’ର ମର୍ମ –

ବିନୁ ଅଧିକାରୀ ପ୍ରଥମପକ୍ଷ ଥାଉ ଥାଉ ଗୋଟେ ବଙ୍ଗାଳୀ ମାଇକିନାକୁ ଦୁତୀୟକରି ଘରକୁ ଆଣିଲା । ସେବେଠୁ କାଦମ୍ବିନୀର ବୋଉ ଅଣହେଲା ଓ ଅତ୍ୟାଚରର ନିୟମିତ ଶିକାରହେଲା । ଏବଂ କ୍ରମଶଃ, ତା’ର ପିଲାମାନେ ଖାଇବା ଓ ପିନ୍ଧିବାରେ କଷ୍ଟଭୋଗିଲେ । ଅନ୍ୟପକ୍ଷରେ ବିନୁ ଅଧିକାରୀ ଦୁତୀୟପକ୍ଷର ଫରମାଇସ୍‌କୁ ପୁରଣକରିବାକୁ ଯାଇ ଜଳଜମିକୁ କାଟରେ ଦେଇଦେଲା ଏବଂ ଅଭାବ ଅକ୍‌ତିଆରକୁ ନେଲା ପୁରା ଘରଟାକୁ । ଏବଂ ବିନୁ ଅଧିକାରୀର ଥାଟବାଟ ଭାଙ୍ଗିଚୁରମାର ହେଇଗଲା ।

ସେଇ ବଙ୍ଗାଳୀମାଇକିନାର ପ୍ରରୋଚନାରେ ବଢିଲା ଝିଅଟାକୁ ଯେମିତି ହେଲେ ଯେଉଁଠି ହେଲେ ଉଠେଇଦେବାକୁ ଉଦ୍ୟମରେ ରହିଲେ ବିନୁ ଅଧିକାରୀ । ହଠାତ୍ ଦୋବେଇ ବରଟିଏର ପ୍ରସ୍ତାବ ଆସିଲା ଓ ବିନୁ ଅଧିକାରୀ ଆକ୍ରହେଇ ହଁ ଭରିଲେ । ଦୋବେଇ ବର ତୋଳା କନିଆକରି ତୁରନ୍ତ ନେଇଯିବାକୁ ପ୍ରସ୍ତାବଦେଲା । ସିଆଡେ ତା’ ଘର ଅଚଳ ଯେ !

କାଦମ୍ବିନୀର ବୋଉ କାନ୍ଦିଲା, ହେଲେ ମୁହଁ ଖୋଲିପାରିଲାନାହିଁ । ଶକ୍ତି କାହିଁ ଯେ ମୁହଁ ଖୋଲିବ । ଜୋଇଁଟି ତାରି ବୟସର । କ’ଣ ଆଉ କରାଯିବ ! ଆଖି ଲୁହ ଓଠ ପିଇବା ହିଁ ସାର ହେଲା ।

ଝୁଅଟା ବୁଢ଼ାବରର ହାତଧରି ଓ ତିନୋଟି ପିଲାର ମାଆହେଇ ଚାଲିଗଲା । ବରଟା ମଣିଷ ଭଲ । ନୂଆ ଲୁଗା ପିନ୍ଧେଇ ନେଇଗଲା । ତା’ କପାଳ !

ଯିବାର ପୂର୍ବଦିନ ଆସିଥିଲା ଝୁଅ । ଯେତେ କାନ୍ଦିଲା !

ବୁଢ଼ୀମଣିଷ ନିଜ ପେଜୁଆ ଆଖିରୁ ଲୁହ ପୋଛିଲା ।

ମୁଁ ଫେରିଆସିଲି । ଧାର୍ଯ୍ୟଦିନ ଚଣ୍ଡିଗଡରେ ପହଞ୍ଚିଲି ଓ ନୂଆ ଚାକିରିରେ ଯୋଗଦେଲି । ଏବଂ କୋଡିଏ ବର୍ଷ ଚାକିରିକରି ଅବସର ନେଲି ।

କିନ୍ତୁ କୌଣସି ଦିନ ସେହି ବରଗଛ, ଘସିଚାଳି, ବୁଢ଼ୀମଣିଷ ଏବଂ କାଦମ୍ବିନୀକୁ ଭୁଲିପାରିନାହିଁ ।

ରଜରେ ଘରକୁ ଆସିଥିଲି । ମନ କହିଲା ବୁଢ଼ୀମଣିଷକୁ ଦେଖିଆସିବି । ବୁଢ଼ୀମଣିଷଟି ଯେ ୟା'ଭିତରେ ମରିସାରିଥିବ ସେ ଭାବନା ମୋତେ ଛୁଇଁନଥିଲା । ସବୁ ଲାଗୁଥିଲା କାଆଲିଭଳି ।

ପହଞ୍ଚିଲି । ବୁଢ଼ୀର ଛଣଛାଉଣିଘର ନଥିଲା । ସେଠି ଠିଆହେଇଥିଲା ଇନ୍ଦିରାଆବାସ ପକ୍‌କାଘର । କିନ୍ତୁ ଘସିଚାଳିଟି ସେହିପରିଥିଲା ।

ବୁଢ଼ୀମଣିଷଟି କେବେଠୁ ମରିସାରିଥିଲା ।

ଭାବିଥିଲି, ମୋତେ କେହି ଚିହ୍ନିବେ ନାହିଁ । କିନ୍ତୁ ବୁଢ଼ୀର ବୋହୂ ମୋତେ ଚିହ୍ନିଦେଲା । ପିଣ୍ଡାଉପରେ ତାଳଚଟେଇ ପାରିଦେଲା ବସିବା ପାଇଁ । ସେ ମଧ୍ୟ ବୁଢ଼ୀହେଇ ସାରିଥିଲା ।

କିଛି ନ ପଚାରୁଣୁ ସେ କହିଲା – ଯେତେଥର ଅଧିକାରୀ ଝିଅ ବାପ ଘରକୁ ଆସିଚି, ସବୁଥର ଆସି ବୁଲିଯାଏ । ସାଙ୍ଗରେ ଆଣିଥାଏ, ତା' ସଉତୁଣୀର ଝିଅକୁ । କିଛି ସମୟ ନୀରବରେ ବସି ଚାଲିଯାଏ । ଆହାଃ କେଡେ ଭଲମଣିଷ !

ଧାଉଁ ........ ମୋ ଛାତିରେ କ'ଣଟେ ବାଜିଲା ।

– ଅଧିକାରୀଝିଅର ଗିରସ୍ତ ଆଠବର୍ଷହେଲା ଚାଲିଗଲାଣି ।

ଦୁମ୍ ........ ଛାତିରେ ମୋର ଦ୍ୱିତୀୟଥର କିଛି ଗୋଟେ ବାଜିଲା ।

– ସିଏ ବାପଘରକୁ ବୁଲି ଆସିଚି । କାଲି ଆସିଥିଲା ।

ଘସିଚାଳିରେ ବସିଲା, ବରମୂଳେ ବୁଲିଲା । ଏବଂ ଚାଲିଗଲା । ସେ ମୂକ ହେଇଯାଇଚି ।

ଫେରି ପଡିବା ପାଇଁ ଠିଆହେଲି । କାଦମ୍ବିନୀ ଯେବେ ଆସି ପହଞ୍ଚିଯାଏ ! ତାକୁ ଚାହିଁପାରିବି ତ !

ଫେରିବା ପୂର୍ବରୁ ଘସିଚାଳି ଓ ବରଗଛ ଆଡେ ଶେଷଥର ପାଇଁ ଚାହିଁଲି । ଭାବୁଥିଲି, ମୁଁ ମୂକ ହୋଇଯାଇଥାନ୍ତି ହେଲେ !

# ଟ୍ରାନ୍‌ସଜେଣ୍ଡର

(ଏକ)

ବାପା .... ବାପା ମ!

ତା'ପରେ କବାଟରେ ମୃଦୁ ଖଡ୍‌ଖଡ୍ ଆବାଜ।

ଚିଇଁକିପଡିଲା ମଣିଷଟି।

ପୁଅ ଡାକୁଛି, ପୁଣି ଏତେ ରାତିରେ!

କେଉଁଥିପାଇଁ ଡାକୁଚି ଜାଣିବାକୁ ମଣିଷଟିର ଆଗ୍ରହ ନାହିଁ।

ଡାକୁ, ଡାକୁଥାଉ। ଡାକି ଡାକି ଫେରିଯିବ।

ସେ ତା' ମୁହଁ ଦେଖିବାକୁ ଚାହୁଁନି। ଡରୁଛି।

ଭାବିଲା, କିନ୍ତୁ ଅତିଦୁର୍ବଳ ଅନୁଭବ କଲା।

ମଣିଷଟିର ଦୁର୍ବଳତା ଜଣେ ଡାଇରିଆ ରୋଗୀ ଭଳି। ଠିଆହୋଇ ପାରିବନି ବସିବା ଥାନରୁ। ଯଦିବା ଠିଆହୁଏ ଚାଲିପାରିବନାହିଁ। ବେକ କାନ୍ଧ ଉପରେ ନଡବଡ଼। ମଣିଷଟିକୁ ଜଣା ତା'ର କାରଣ। ହେ ଭଗବାନ୍!

ଲମ୍ବା ନିଃଶ୍ୱାସ ନେଲା ମଣିଷଟି। ରାତି କେତେ ହେଲାଣି ତାକୁ ଜଣାନାହିଁ। ବାହାର ଅପେକ୍ଷା ତା' ବଖରାଟିରେ ଅନ୍ଧାର ଅଧିକ ବହଳ ନିଶ୍ଚୟ। ଅନ୍ଧାର ତା'ର ସାଥୀ। ଅନ୍ଧାରରେ ଭାବିବା ଓ ଆପକୁ ଆପ ଗପିବା ସହଜ। ଆଲୁଅକୁ ସେ ସହିପାରୁନି। ବିଗତ କେତେଦିନ ହେବ ଯଦିଓ ଦିନର ଆଲୁଅ ସେ ଦେଖିଛି, ତେବେ ଡରିଛି। ହଁ ଦିନର ଆଲୁଅକୁ ତା'ର ଡର। ସେହି ଆଲୁଅ ହିଁ ତା'ର ଇଜ୍ଜତ ନିଲାମ କରିବ। ଯେକୌଣସି ଦିନ। ସେ ଦିନ ବେଶୀ ଦୂରନାହିଁ। ହେ ଭଗବାନ!

ଢ଼କ୍ ଢକ୍ କରି ମଣିଷଟି ବୋତଲରୁ ପାଣିପିଇଲା।

ବାପା .... ବାପା ମ!

ପୁଣି କବାଟରେ ମୃଦୁ କରାଘାତ।

ବନ୍ଦ କଖରାଟିରେ ମଣିଷଟି ପ୍ରାୟ ନିର୍ଜୀବ।

ରାତି। ଦରଜା ବନ୍ଦ ବଖରାଟିରେ ସେ। ଦରଜା ବାହାରେ ତା'ର ପୁଅ ଡାକୁଛି। ହଁ ପୁଅ। ନାଁ ତା'ର ମୋହନ। ଦଶମଶ୍ରେଣୀରେ ପଢେ।

ଠିକ୍ ଅଛି, ପୁଅଟିର ନାଁ ଜଣାଗଲା। ଆଉ ବାପ ବା ସେହି ମଣିଷଟିର ନାଁ? ନା, ତା'ର ନାଁ ଖୁଲାସା ହେବନାହିଁ ବା ହୋଇପାରିବ ନାହିଁ। ବାରଣ ରହିଛି। କେହି ଆଗ୍ରହୀ ବ୍ୟକ୍ତି ଏହି ଲେଖା ବା ଗପଟି ପଢି ଖୋଜଖବର ନେଲେ ଯେ ମଣିଷଟିକୁ ଚିହ୍ନଟ କରିପାରିବେ ତା'ର ଗେରେଣ୍ଟିନାହିଁ। କାରଣ,

ଏହି ବଶାଳ ପୃଥ୍ୱୀରେ କୌଣସି ଘଟନା ଏକକ ବା ଅନନ୍ୟ ନୁହଁ । ଯାହାକୁ ଜଣେ ଏକକ ବା ଅନନ୍ୟ ବୋଲି ଭାବେ ବା କହେ, ଆମର ଦୃଢ଼ ମତ, ତାହା ଅନ୍ୟ କେଉଁଠି କେଉଁ ଘଟନାର ପୁନରାବୃତ୍ତି ମାତ୍ର । ତା'ବାଦ୍ ପୁଅଟିର ନାଁ ଯାହା କୁହାଗଲା, ସତ କୁହାଯାଇଥିଲେ ମଧ୍ୟ ସେ ନାଁଟି ଅବିକା ନିଶ୍ଚିହ୍ନ । ସୁତରାଂ, ଆଗ୍ରହୀ ଲୋକଟି ଝୁଣ୍ଟିବା ଅବଧାରିତ ।

ରାତିର ବୟସ ବଢୁଥିଲା ।

ବଢୁଥିଲା ବନ୍ଦ ବଖରାଟିରେ ମଣିଷଟିର ଚିନ୍ତା ।

ବଖରା ବାହାରେ ମୋହନର କୋମଳ ଡାକ ।

ରହି ରହି ଶୁଭୁଥିଲା କବାଟରେ ମୃଦୁ କରାଘାତ ।

ପାଖ ବଖରାଟିରେ ଶୋଇଥିଲେ ମୋହନ ଓ ତା'ର ମାଆ । ମାଆକୁ ନିଦ ଲାଗିଯାଇଚି । ହଁ ବିଚରା ଶୋଉ ! ବହୁ ମନସ୍ତାପରେ ଅଛି । ଯାହାର କିଛି କରିବାର ସାମର୍ଥ୍ୟ ନଥିବ, ଅଥଚ ଦେଖୁଥିବ ସର୍ବନାଶ ଘଟେଇବାକୁ ବିପଦଟି ସାମ୍ନାରେ ଠିଆହୋଇ ହେଣ୍ତିମାରୁଚି, ସେ କରିବ କଣ !

ମୋହନ ଆଚ୍ଛାକରି ପରଖିଥିବ, ମାଆ ସତରେ ଶୋଇପଡିଛି । ସେ ଚୁପି ଚୁପି ଆସିଚି ବାପାଙ୍କ ପାଖକୁ । କହିବ । କ'ଣ କହିବ ! କିନ୍ତୁ ବାପା ଯେ ଦରଜା ଖୋଲୁନାହାଁନ୍ତି !

ଏଣେ ବାପ ନାମକ ମଣିଷଟି ତତଲା କଡ଼େଇରେ ନିଜକୁ ଗଡେଇ ତଡେଇ ଭାଜିଚି । ବିଗତ କେତେ ରାତି ଧରି । କିନ୍ତୁ ସକାଳକୁ ଦେଖିଲା ବେଳକୁ ତା' ଚମଡାରେ ଗୋଟେ ହେଲେ ସିଝା ଦାଗନାହିଁ । ମନଟା ତା'ର କାଙ୍କସିଝା କେବଳ ।

ବାପା ..... ବାପା ମ !

ଦରଜାରେ ମୃଦୁ ଠକ୍ ଠକ୍ ଅବ୍ୟାହତ ।

ମୋହନ ଡାକୁଛି ....

କାହିଁକି ଡାକୁଚି !

ବିଛଣାରେ ମଣିଷଟି ଚିତ୍‌ହୋଇ ପଡିଛି । ଆଖି ବୁଜିଛି ଅଥବା ଅନ୍ଧାର ଭିତରକୁ ଚାହୁଁଚି । ଭାବୁଚି, ଭାବିଚାଲିଚି । ଯେଉଁ ଭାବନାକୁ ଆରମ୍ଭ କରିହୁଏ, ମୁଣ୍ଡିମାରିହୁଏ ନାହିଁ ।

ଏହି ଘରେ ଯାହା ଘଟିଛି ବା ଘଟିବାକୁ ଯାଉଛି ସେଥିପାଇଁ ଦାୟୀକିଏ । ମୋହନ ନୁହଁ, ତା' ମାଆ ନୁହଁ, ସେ ନିଜେ ନୁହଁ । ସମାଜ ନୁହଁ, ଦେଶ ନୁହଁ ? କିଏ ତେବେ ? ଭଗବାନ ! କିଏ ସେହି ଭଗବାନ ! ଯିଏ ତାଙ୍କରି ଭବିତବ୍ୟ ସହ ଅହନ୍ତା କରିବାକୁ ଆଗେଇ ଆସିଚି । କାହିଁକି ? କି ଦୋଷ ସେ

କରିଥିଲା ! ତାଙ୍କରି ରଚନାରେ ଏମିତି ବିକୃତି ! ସବୁ ମଣିଷ ଖୁସିରେ ରହିଲେ ତାଙ୍କର କ'ଣ ବିଗିଡିଯାଏ ଯେ !

ମଣିଷଟି ଈଶ୍ୱରବିମୁଖ ହେବାକୁ ଆରମ୍ଭ କଲା ।

ବାପା ..... ବାପା ମ !

ଦରଜାରେ ଠକ୍ ଠକ୍ ପୂର୍ବପରି ।

ମୋହନ ଡାକୁଛି .......

କାହିଁକି ଡାକୁଚୁରେ ଧନ । ମତେ କିଛି କହିବୁ! କ'ଣ କହିବୁ? ତୋ ମୁହଁକୁ ଚାହିଁବାକୁ ମୋଠାରେ ଦମ୍ ନାହିଁ । ତୁ କାହା ବିରୁଦ୍ଧରେ ନାଲିସ୍ କରିବାକୁ ଆସିଛୁ ? ମୋ ବିରୁଦ୍ଧରେ ! ମୋର କିଛି ଦୋଷ ନାହିଁରେ ଧନ । ଦୋଷ ତାରି, ଯିଏ ତତେ ଦୁନିଆକୁ ଆଣିଛି । ଆଲୁଅ ଦେଖେଇଛି, ମାଟି ପାଣି ପବନ ଚିହ୍ନେଇଛି ....

ତୋ ମାଆ ତତେ ଜନ୍ମଦେଇଛି କେବଳ । ତୋ କପାଳରେ କ'ଣ ଲେଖାହୋଇଛି ସେ ଜାଣେ ନାହିଁ । ଆଉ ମୁଁ? ମୁଁ ପ୍ରତିପାଳନ କରିଛି ମାତ୍ର ।

ବିଚାରୀର ଆଖି ଲାଗିଯାଇଛି । ତୁ ଖସିଆସିଛୁ । ବିଚାରୀ ଭାବିଚି ତୁ ଭଲ ହେଇଯିବୁ । ଭଲ ହେବୁନାହିଁ ଯେବେ ସେ ଜାଣିବ ! ତୋତେ ମୁଁ ଡରୁଛିରେ ମୋହନ !

ଏଇ କେତେ ଦିନ ମୋର କେମିତି ବିତୁଛି ତୁ ଜାଣିଥାନ୍ତୁ ଯେବେ !

କ'ଣ କରିବି ତୁ କହ ....

ମଣିଷଟି ନିଜସହ ଜବାବ୍ ସୁଆଲ କରୁଥିଲା । ଯେଉଁ ଜବାବ୍ ସୁଆଲରୁ ସାରାଂଶ ବାହାରୁନଥିଲା । ରାତିର ବୟସ ବଢୁଥିଲା । ଏବଂ ଦରଜା ବାହାରେ ପୁଅର ମୃଦୁ ଡାକ ଥମୁନଥିଲା ।

(ଦୁଇ)

ସବୁ ମଣିଷଙ୍କ ପରି ସେଇ ମଣିଷଟି ନିଜର ପରିବାରକୁ ନେଇ ସ୍ୱପ୍ନଦେଖିଥିଲା । ତା'ର ତିନିଜଣିଆ ପରିବାରରେ ପୁଅଟି ଗୋଟେ ରତ୍ନ । ସ୍ୱଭାବ ଭଲ, ପାଠ ଭଲ । ସ୍କୁଲରେ ଥିଲା ତା'ର ସୁନାମ । ଏବେ ଦଶମକୁ ଯାଇଛି । ଦଶମ ବାର୍ଷିକ ପରୀକ୍ଷାପରେ ପୁଅକୁ କ'ଣ ପଢେଇବା ଠିକ୍ ହେବ ବହୁ ପୂର୍ବରୁ ସେ ଅନ୍ୟମାନଙ୍କ ସହ ବିଚାର ଆଲୋଚନା କରୁଥିଲା ।

ଏବଂ ନକ୍ସା କରୁଥିଲା

ଏବଂ ନକ୍ସା ବାତିଲ୍‌କରୁଥିଲା ।

ଏବଂ ନୂଆ ନକ୍ସାରେ ମନଦେଉଥିଲା ।

ଏବଂ ସ୍ତ୍ରୀକୁ ଶୁଣାଉଥିଲା ।

ଏବଂ ନିଜେ ଖୁସିହେଉଥିଲା ।

ମଣିଷଟିର ଏହା ଥିଲା ଆତ୍ମରତି । ପୁଅର ଭବିଷ୍ୟତକୁ ନେଇ ସେ କେତେ କଅଣ ଭାବେ ତାହା ତାକୁ ମଧ୍ୟ ମାଲୁମ ନାହିଁ । ଭାବଭୋଳ ଅବସ୍ଥା ତା'ର । ହୁଏତ କିଛି ମାତ୍ରାରେ ମାଲୁମ ଥାଇପାରେ ତା'ର ସ୍ତ୍ରୀକୁ । ଗିରସ୍ତଠୁ କିଛି ଶୁଣି । ଏମନ୍ତ ପ୍ରକ୍ରିୟାକୁ ନିରୋଳ ପୁତ୍ର ସ୍ନେହ କୁହାଯିବ ? କେଜାଣି !

ମାତ୍ର .... ମାତ୍ର ସେତେବେଳକୁ ଅଦୃଷ୍ଟ ମଣିଷଟିର ପୁଅକୁ ନେଇ ଦେଖୁଥିବା ସ୍ୱପ୍ନ ରୂପକ ପରଦାରେ କଣା କରିବାରେ ବ୍ୟସ୍ତଥିଲା । ଦିନପରେ ଦିନ ବିତୁଥିଲା । କ୍ରମଶଃ କଣାର ସଂଖ୍ୟା ବଢୁଥିଲା । ଅଥଚ ମଣିଷଟି ଅନ୍ଧାରରେ ରହୁଥିଲା । ଶେଷ କଣା ହେବା ଜଣାପଡିବା ପରେ ମଣିଷଟି ଜାଣିଲା । ଜାଣିଲା ମଝିଦରିଆରେ ସେ ଭାସୁଚି । ହାତ ପାଆନ୍ତାରେ ଲାଇଫ୍‌ବୋଟ୍ ନାହିଁ । ହାୟ !

ଯେଉଁଦିନ ଜଣାପଡିଲା, ମୋହନର କଣ୍ଠସ୍ୱର ବଦଳିଛି, ସେ ଘଟନାକୁ କେହି ଗୁରୁତ୍ୱର ସହ ନେଇନଥିଲେ । ବସ୍ତୁତଃ, କ୍ରମଧୀର ପରିବର୍ତ୍ତନ ଘଟି ମୋହନର ଗଳା ଝିଅପିଲାଙ୍କ ଗଳା ଭଳି ଶୁଭୁଥିଲା । ଏହା ଜାଣୁଥିଲେ ସ୍କୁଲରେ ଓ ଘରେ । ସାଙ୍ଗ ପିଲାମାନଙ୍କୁ ତା'ର ସରୁ କୋମଳ କଣ୍ଠ ଭଲ ଶୁଭୁଥିଲା । କିଏ କାହିଁକି କିଛି ଭାବିବାକୁ ଯିବ ଯେ! କିଏ ଭାବିଥାନ୍ତା, ଏମନ୍ତ ପରିବର୍ତ୍ତନ ତେରବର୍ଷର ବାଳକ ଜୀବନରେ ଏକ ଭୟାନକ ଝଡର ଆବାହନୀ ସ୍ପର୍ଶ ସଦୃଶ ।

ଜଣେ ବାଳକର କଣ୍ଠସ୍ୱର ଯଦି ରାତାରାତି ବଦଳିଯାଇଥାନ୍ତା, ତେବେ ତାହାକୁ ଅପ୍ରାକୃତ କୁହାଯାଇଥାନ୍ତା ହୁଏତ । କିନ୍ତୁ ନା, ସୂତେ ସୂତେ ପରିବର୍ତ୍ତନହୋଇ ହୋଇଥିଲା ଝିଅର କଣ୍ଠପରି । ଏବଂ ଲାଜ ଲାଜ ଭାବ ତା'ଠାରେ ପ୍ରକଟିତ ହେଲା । ଅର୍ଥାତ୍ ମୋହନ ଲାଜକଲା ।

ହଁ, ସ୍କୁଲରେ ଝିଅ ପିଲାମାନେ ତାକୁ ସାଙ୍ଗକଲେ । ଠିକ୍‌ରେ କହିଲେ ଝିଅପିଲାଙ୍କ ସହ ମିଶିବାକୁ ମୋହନ ସୁଖପାଇଲା । ଏବଂ ପୂର୍ବର ପୁଅ ସାଙ୍ଗମାନେ କାହିଁକି କେଜାଣି ତାକୁ ଚିମୁଟିଲେ । କେମିତିକା ଗୋଟେ ହସ ହସିଲା ମୋହନ ଓ ପୁଅସାଙ୍ଗଙ୍କ ଚିମୁଟାକୁ ବରଂ ସେ ସ୍ୱାଗତ ଜଣେଇଲା ।

ଘର ଭିତରେ ଯେ କିଛି ଘଟିନଥିଲା ତାହା ନୁହଁ । କିନ୍ତୁ ତାହା ନିରୋଳ ବାଲ୍ୟଚପଳତା ବା ଅନ୍ୟ ଅର୍ଥରେ ଫେଚକାମି ଭାବେ ଗ୍ରହଣ କରିଥିଲେ ମୋହନର ମା' ଓ ସେଇ ମଣିଷଟି ।

କଥାହେଲା, ମୋହନ କେତେବେଳେ କେମିତି ମାଆର ଶାଢୀ ବେଢେଇହେଉଥିବାର ଦେଖିବାକୁ ମିଳିଲା । ଇଏ କି ପ୍ରକାର ମାରହାଣ କଥା ଯେ ସେ ବାରଣର ସମ୍ମୁଖୀନ ହୋଇଥାନ୍ତା !

ହଃ ପିଲାମାନେ ସେମିତି କରନ୍ତି ! ସ୍ତ୍ରୀଙ୍କର ଲଘୁ ଅଭିଯୋଗକୁ ଅତି ଲଘୁକରିଦେଇଥିଲା ସେଇ ମଣିଷଟି ।

ଦିନ ଗଡିଚାଲିଲା ।

ଦିନେ ।

"ମାଆ, ବାପାଙ୍କୁ କହିବୁ ଏଣିକି ଝିଅ ଡ୍ରେସ୍ ମୋପେଇଁ ଆଣିବେ ।" – ମୋହନ କହିଲା ।

ଠୋ ଠୋ ହସିଲା ମା' । କହିଲା, "ପାଗଳାଟା ତୁ ଝିଅଙ୍କ ଡ୍ରେସ୍ ପିନ୍ଧିବୁ କାହିଁକି ?"

– ଆମ ସ୍କୁଲରେ ଦି'ଟା ଝିଅ ପୁଅଙ୍କପରି ଡ୍ରେସ୍ ପିନ୍ଧୁଛନ୍ତି ଓ ଚୁଳ କାଟିଛନ୍ତି । ମୁଁ କାହିଁକି ନୁହଁ !

: ଝିଅପିଲା ସେପରି କରିବାରେ ଅସୁବିଧା ନାହିଁ । କିନ୍ତୁ ପୁଅପିଲା ଝିଅଡ୍ରେସ୍ ପିନ୍ଧି ଗତାଗତ କଲେ ଲୋକେ ହସିବେ । ମୁଁ ବାପାଙ୍କୁ କହିବି କେମିତି ? ତୋର କ'ଣ ହେଇଚି କହିଲୁ !

– ନା କିଛିନୁହଁ । ଏମିତି କହୁଥିଲି ।

ସେତେବେଳକୁ ମୋହନ ଆଖିରେ କଜାନାଇବା ଆରମ୍ଭ କଲାଣି । ଏବଂ ପାଟେଇକି ମୁଣ୍ଡ କୁଣ୍ଡେଇଲାଣି । ଯାହା ବିଶେଷ ଗୁରୁତ୍ୱ ରଖୁନଥିଲା ।

ମଣିଷର ଶରୀର ପ୍ରକୃତିର ଏକ ପାଠଶାଳା । ଶରୀରର ଆଭ୍ୟନ୍ତରୀଣ ସଂରଚନା ବାହାରକୁ ଦୃଶ୍ୟ ହୁଏନାହିଁ ସତ, ତେବେ ନିରନ୍ତର ପରିବର୍ତ୍ତନ ହେବା ତା'ର ଧର୍ମ । ମଣିଷ ବୁଝିପାରେନା । ହରମୋନ ସୃଜନ ଓ କ୍ଷରଣ ବାଳକ ବାଳିକାମାନଙ୍କୁ ଯୌବନ ଦିଏ ଓ ପ୍ରଜନନକ୍ଷମ କରାଏ । ଏହି ପ୍ରତିଷ୍ଠିତ ନିୟମ ବାହାରେ ଯେ ଆଉ କିଛି କରିପାରେ ତାହା ମଣିଷର ବୋଧଗମ୍ୟତାର ବାହାରେ ।

ମୋହନର ଶରୀର ସେତେବେଳକୁ ବିକୃତପ୍ରକୃତିର ପାଠାଶାଳା ହୋଇସାରିଥିଲା ।

ମନୁଷ୍ୟ ଶରୀର ଅଦ୍‌ଭୁତ । ଅନ୍ତର୍ଜଗତ କହିଲେ ଭୁଲହେବନାହିଁ । ନାନୋ କଣିକା ପରି ସୂକ୍ଷ୍ମ କଣିକା ଓ ସେମାନଙ୍କୁ ନେଇ ଗଠିତ ସୂକ୍ଷ୍ମଯନ୍ତ୍ରର ପ୍ରୟୋଗଶାଳା । ସୂକ୍ଷ୍ମରେ ତିଆରି ସ୍ଥୁଳରୂପ । ଯେଉଁଠି ହରମୋନ, କୋଷ ଓ ସ୍ନାୟୁତନ୍ତ୍ର, ଅନ୍ତଃସ୍ରାବୀ ଗ୍ରନ୍ଥିମାନେ ନିରନ୍ତର କାର୍ଯ୍ୟକରିଚାଲିଛନ୍ତି । ଆବଶ୍ୟକ ପଡେନା ବାହାରୁ କାହାର ନିର୍ଦ୍ଦେଶ ବା ନିୟନ୍ତ୍ରଣ । ଯଥା ବ୍ରେନ୍ ବା ସ୍ପାଇନ୍‌ରୁ । ତେଣୁ କୁହାଯାଏ ସ୍ୱୟଂକ୍ରିୟ । ଏହା ସ୍ୱୟଂକ୍ରିୟ ପ୍ରାକୃତିକ ବ୍ୟବସ୍ଥା । ବେଳେବେଳେ ସେହି ପ୍ରାକୃତିକ ଶୃଙ୍ଖଳାରେ ବିକୃତି ଦେଖାଦିଏ । ମନୁଷ୍ୟ ଜାଣିପାରିବାର ଉପାୟନାହିଁ ।

ଆପଣା ଶରୀରକୁ ମନୁଷ୍ୟ ଠିକ୍‌ରେ ବୁଝିପାରନ୍ତା ହେଲେ !

ହଁ, ଆମର ଦଶମ ଶ୍ରେଣୀରେ ପଢୁଥିବା ମୋହନ କଥା ପଡିଥିଲା । ଏବଂ ପଡିଥିଲା ବାପା ରୂପକ ସେହି ମଣିଷଟିର ଯାତନା ପୁଅକୁ ନେଇ ।

ମୋହନର ସ୍କୁଲଯିବାରେ ସମସ୍ୟା ଦେଖାଦେଲା । ଏପରିକି ସାଙ୍ଗମେଳରେ ଚଳପ୍ରଚଳ କରିବାରେ ମଧ୍ୟ । ରୋଗଟିଏ ହୋଇପାରେ । ମନେକଲା ବାପା ରୂପକ ମଣିଷଟି । କଟକରେ ଆଚ୍ଛା ଡାକ୍ତର ଦେଖେଇଲେ କୋଉ ରୋଗ ତିଷ୍ଠି ରହିବ ! ସେ ନିଶ୍ଚିତ ଥିଲା ।

କଥା ହେଲା, ଆରମ୍ଭରେ ମୋହନର ଛାତି ଦୁଇଟି ଉଞ୍ଚାଦେଖାହେଲା । ତେର ଚଉଦବର୍ଷର ପୁଅଙ୍କର ସେମିତି ହୁଏ । ସେଇଟା ବୟସର ସନ୍ଧି । ପୋଖତ ମଣିଷ ମତ ରଖିଲେ, ତତଲା ଖପରା ଚେଙ୍କ ଦିଆଯାଉ । ପୁଣି କିଏ କହିଲା, ବଟା ହଳଦୀକୁ ଉଷୁମ କରି ଲେପଦିଆଯାଉ । କଷ୍ଟ ହବ କିନ୍ତୁ ହାଉଲେ ହାଉଲେ କମିଯିବ । କରାଗଲା । କିନ୍ତୁ .....

କିନ୍ତୁ ମୋହନର ସ୍ତନର ଧୀର ବୃଦ୍ଧି ଅବ୍ୟାହତ ରହିଲା ।

ଖୋଲା ଆଖି ଧରିପାରିବା ପରି ଆକାରପ୍ରାପ୍ତ ହେବାରୁ ମଣିଷଟିଠାରେ ଛନକା ପଶିଲା ଓ ସେ ଠିକ୍ କଲା ବଡ ଡାକ୍ତର ଦେଖେଇବ ।

ହଁ, ମଣିଷଟି ପୁଅକୁ ଧରି କଟକ ଗଲିଲା । ଦେଖେଇବ ପ୍ରଫେସରଙ୍କୁ । ସେ କିଛିଟା ଭାବୁଥିଲା ଅବଶ୍ୟ, ତେବେ ସେତେ ଗୁରୁତ୍ୱର ସହ ନୁହଁ । ଆଜିକାଲି ଟଙ୍କା ଖର୍ଚ୍ଚକଲେ କୋଉ ରୋଗକୁ ନିସ୍ତାର ମିଳୁଚି । କ୍ୟାନସର ବ୍ୟତୀତ !

ଡାକ୍ତର ବାବୁ ଦେଖିଲେ । ଭଲକରି ପରୀକ୍ଷା କଲେ ।

ତା'ପରେ ?

ତା'ପରେ ମୋହନର ଉପସ୍ଥିତିରେ ବାପରୂପକ ମଣିଷଟିକୁ କହିଲେ –

: ତୁମେ ବ୍ୟଥିତ ହୁଅନାହିଁ କି କଥାଟିକୁ ଧରିବସନି । ସୁପ୍ରିମ୍‌କୋର୍ଟ ରାୟ ଶୁଣିଛ ? ଏମାନଙ୍କୁ ଗକିରି ମିଳିବ । ପୂର୍ବରୁ ମିଳୁନଥିଲା । ଆଧାର କାର୍ଡ ମିଳିବ । ସମ୍ମାନର ସହ ବଞ୍ଚିବାର ଅଧିକାର ଏମାନେ ପାଇବେ । ବୁଝିଲ ?

ମଣିଷଟି କିଛି ବୁଝିପାରିଲା ନାହିଁ । ପୁଅକୁ ଡାକ୍ତରୀ ପରୀକ୍ଷା ପାଇଁ ଆଣିଥିଲା ଯେ ଡାକ୍ତର ଏଣୁତେଣୁ କ'ଣ କହୁଚନ୍ତି । କହିଲା – ମୋ ପୁଅକଥା କୁହନ୍ତୁ ।

: ମୁଁ କାହାକଥା କହୁଛି କି ! ଶୁଣ, ସେ ତୁମର ପୁଅ ନୁହଁ । ପୁଅ ନୁହଁ କି ଝିଅ ନୁହଁ । ଟ୍ରାନ୍‌ସଜେଣ୍ଡର । ଅର୍ଥାତ୍ ତୃତୀୟ ଲିଙ୍ଗ । ତେବେ ପ୍ରୋବ୍ଲେମ୍ କିଛି ନାହିଁ । ଦେଶରେ ଆଇନି ହେଲାଣି । ଅଧିକ ଭାବନାହିଁ ।

ବାପ ପୁଅ ଫେରିଲେ ।

ମୋହନର ମାଆ ପଗରିଲା – କ'ଣ କହିଲେ ଡାକ୍ତର ।

ଭଲ ହେଇଯିବ ! ମଣିଷଟିର ଅନ୍ୟମନସ୍କ ଉତ୍ତର ।

ମୋହନର ସ୍କୁଲଯିବା ବନ୍ଦ ରହିଲା । ସେଥିସହ ମଣିଷଟି ପାଇଲା କିମ୍ଭୂତ ମନଟିଏ । କ'ଣ ସେ କରିବ ? କ'ଣ ସବୁ ଘଟିଗଲା ତା' ଜୀବନରେ ! ଗୋଟିଏ ବୋଲି ପୁଅର ବର୍ତ୍ତମାନ ହେବ କ'ଣ ! ଆଜି ନହେଲେ କାଲି ଜଣାପଡିବ । ମୋହନ ତାଙ୍କର ପୁଅନୁହଁ । ଏବଂ ଘରେ ରହିବ କେମିତି ! ହେ ଭଗବାନ !

ମଣିଷଟିର ଆଖିଆଗରେ ନାଚିଗଲା ଟ୍ରେନ୍‌ବଗି ବରମୁଣ୍ଡା ଷ୍ଟାଣ୍ଡ୍ ଓ ଖଣ୍ଡଗିରି ଏବଂ ଆଉ ଆଉ ସ୍ଥାନମାନଙ୍କରେ ଏହି ଟ୍ରାନ୍ସଜେଣ୍ଡର ମାନଙ୍କର କ୍ରିୟାକଳାପ । ସେତେବେଳେ ସେ କେଭେଁବି ସେମାନଙ୍କ ସଂବନ୍ଧରେ ଗହୀରେଇ ଭାବିନଥିଲା । ବରଂ କିଛି ଟଙ୍କା ବଢେଇଦେବାବେଳେ ସେ ଆପକୁ ଆପ ହସିଥିଲା ସେମାନଙ୍କୁ ଋହିଁ ।

ମୋର ମୋହନ ତେବେ ସେହିପରି ଜୀବନ ଜିଇଁବ !

ସୁପ୍ରିମକୋର୍ଟଙ୍କ ରାୟ ସତରେ ମୋହନକୁ ସହାୟ ହେବ !

ନିୟତିର କି ନିଷ୍ଠୁର ପରିହାସ !

(ତିନି)

ବାପା ..... ବାପା ମ !

ଦରଜାରେ ଠକ୍ ଠକ୍ ଠକ୍ ......

ମୋହନ ଡାକୁଚି ।

ମଣିଷଟି ଜଣେ ଟ୍ରାନ୍ସଜେଣ୍ଡରର ବାପ ! ଲୋକଙ୍କ ମୁହଁରେ ବିଦ୍ରୁପର ଆଭାସ କଳ୍ପନାରେ ଦେଖୁଥିଲା ସେ । ଏବଂ କେହି କହୁଚି ଇଏ ତୋ ପୁଅଟି ! ଏବଂ ଦେଖୁଥିଲା, ପୁଅକୁ ତା'ର ମାଇଚିଆ ହିଞ୍ଜଡ଼ା କିନ୍ନର ଆଦି କଟୂ ଶବ୍ଦ କହି ସ୍କୁଲରେ ଗାଁରେ ଥଟ୍ଟା କରାଯାଉଛି ..... ।

ସେ ସହିପାରିବତ !

ଏବଂ ମୋହନ ......... !

ଆଉ ଯେବେ କେହି ..... ହେ ଭଗବାନ !

ମଣିଷଟିର ଛାତି ଭିରତଟା ଲୁତୁପୁତୁ ହେଇଗଲା । ବେସାହାରା ପୁଅ ଡାକୁଛି ତା'ର ବାପାକୁ । ବାପା, ମୋତେ ଉଦ୍ଧାର କର ଏହି ପରିସ୍ଥିତିରୁ । ତୁମେ ପାରିବ ବାପା, ତୁମେ ହିଁ କେବଳ ପାରିବ .... ଏହି ଭଳି ଅର୍ଥ କଲା ମଣିଷଟି ପୁଅର ଡାକରୁ ।

ହଠାତ୍ ....... ।

ବିଦ୍ୟୁତ୍ ଚମକ ଲାଗିଲାଭଳି ଅନୁଭବ କଲା ମଣିଷଟି । ତା'ର ପିତୃତ୍ୱ ବିଳାପ କରିଉଠିଲା । ମାଆକୁ କିଛି ନକହି ସେ ଅନ୍ଧାର ଭିତରେ ଛୁଟିଆସିଛି ମୋ ପାଖକୁ । ଆହାଃ ! ମାତ୍ର କେଇ କ୍ଷେପରେ ସେ ପହଞ୍ଚିଗଲା ଦରଜା ପାଖରେ । ଏବଂ ଖୋଲିଦେଲା ଧୀରେ ।

ଅନ୍ଧାର ଭିତରେ ମୁହାଁ ମୁହିଁ ଠିଆହୋଇଛନ୍ତି ବାପ ପୁଅ ।

କେଉଁ ଏକ ତାଡ଼ନାରେ ମଣିଷଟି ପୁଅକୁ ଟୋକି ନେଇଗଲା ଖଟ ଉପରକୁ । ଗୁଡାଏ ଦିନହେବ କେଉଁଆଡ଼େ ହଜିଯାଇଥିବା ପୁଅକୁ ଅଚାନକ୍ ପାଇଯିବାପରି ।

– କିଛି କହିବୁ ମୋହନ ?

: ହଁ ବାପା । ବହୁତ ଭାବିଛି । ଘରକଥା, ତୁମକଥା, ମାଆ କଥା ଓ ନିଜ ସମ୍ବନ୍ଧରେ ।

ପୁଅର କଥା ମଣିଷଟିକୁ ତା ବାପାଙ୍କର କଥା ଭଳି ମନେହେଲା । ପୁଅ ନୁହଁ, ତା ବାପା ଆଶ୍ୱାସୁଚି ।

ମଣିଷଟି ନୀରବ ।

: ବାପା, କଥାଟିଏ କହିବାକୁ ଆସିଛି ।

– କହ । ତା'ର ଗଳା ଥରଥର ।

: ଅନ୍ଧାର ଥାଉ ଥାଉ ମୋତେ ନେଇ ବହୁ ଦୂରରେ କେଉଁଠି ଛାଡିଦେଇ ଆସ । ମୋ କର୍ମକୁ ଆଦରି ମୁଁ ଦିନ କାଟିବି । ନୋହିଲେ ମରିଯିବି ।

– ନାଇଁରେ ତୋ ମାଆ ଶୁଣିଲେ ସେ ପ୍ରାଣ ହାରିଦବ । ତୁ ମୋର ଗୋଟିଏ ବୋଲି ପୁଅ ........

: ମୁଁ ପୁଅନୁହଁ ବାପା । ମୁଁ ତୁମପରି ମଣିଷଙ୍କ ଭିତରେ ଜଣେ ନୁହଁ । ବ୍ୟତିକ୍ରମ । ବୁଝିସାରିଛି । ବାପା ! ମୁଁ ଗଲା ପରେ ମାସେ ଦୁଇମାସ ତୁମେ ଶୁଣିବ । ମୁଁ କୁଆଡ଼େ ଚାଲିଗଲି ବୋଲି । ତା'ପରେ କ୍ରମଶଃ ସବୁ ଭୁଲିଯିବେ । ମୁଁ ଗଲାପରେ ମାଆକୁ ବୁଝେଇଦବ । କଷ୍ଟ ହେଲେ ବି ସେ ବୁଝିଯିବ ।

– ନା ମୋହନ । ଦୁନିଆ ଯାହାକହୁ ମୁଁ ସହିବି । କିନ୍ତୁ ତତେ ପାଖରୁ ଛାଡିପାରିବିନାହିଁ । ତୁ ମୋର ଗୋଟିଏ ବୋଲି ....

: ବାପା ! ମୋର ଏଇ ଦେହ ଭିନ୍ନକଥା କହୁଛି । କହୁଚି ଝିଅଙ୍କ ଡ୍ରେସ୍ ପିନ୍ଧ । ସୁନ୍ଥାକାଟି ବାଳକୁଣ୍ଡା । ଝିଅଙ୍କ ଭଳି ବେଣୀ ଛାଡ଼ । ମୁଁ କ'ଣ କରିବି ବାପା ! ଘରେ ରହି ସେପରିକଲେ ତୁମେ ସହି ପାରିବନାହିଁ । କେଉଁଠି ମୁହଁ ଦେଖେଇ ପାରିବ ନାହିଁ । ଜୀବନ ଥିବା ଯାକେ ଦହଗଞ୍ଜ ହଉଥିବ । ବାପା ..... ବାପା ମ । ରାତି ପାହିବା ପୂର୍ବରୁ ମୋତେ ନେଇଯା । ନେଇକି କେଉଁଠି ଦୂରରେ ଛାଡିଆସ । ମୋ କର୍ମ ଆଦରି ମୁଁ ଜିଇଁବି । ଭାବିଥିଲି ତୁମକୁ ନଜଣେଇ ଲୁଚିକିନା ଚାଲିଯିବି । କିନ୍ତୁ ମତେ ବାଟ ଜଣାନାହିଁ

। ଡରଲାଗୁଚି । ବାପା, ମୋ କଥା ଟିକେ ଭାବିଦେଖ । ମୋତେ ଭୁଲିଯା । ଭୁଲିଯା, ତୁମର ଗୋଟେ ପୁଅ ଥିଲା । ବାପା ... ବାପା ମ !

ମଣିଷଟି ଭଲକରି ଚିନ୍ତିଲା ଓ ସାର୍ଟପେଣ୍ଟ୍ ପିନ୍ଧିଲା ।

ରାତିର ଅନ୍ଧାର ସବୁ ଶୁଣିଲା ଓ ଦେଖିଲା ।

..... ବରହମପୁର ରେଳ ଷ୍ଟେସନ । ବାପ ପୁଅ ପ୍ଲାଟଫର୍ମରେ ଠିଆ ହୋଇଛନ୍ତି । ପୁଅ ହାତରେ ଦୁଇହଳ ଝିଅଡ୍ରେସ୍ । ଏବଂ କିଛି ଟଙ୍କା । ସେ ବାପକୁ ବିଦାୟଦେବ ।

ସେହି ମୁହୂର୍ତ୍ତରୁ ମୋହନ ପରିବର୍ତ୍ତିତ ହେଲା ମୋହିନୀରେ ।

ମୋହିନୀ ପାଣିଗ୍ରାହୀ – ଟ୍ରାନ୍ସଜେଣ୍ଡର ।

ବାପ ପୁଅର ବିଚ୍ଛେଦ ବେଳା ।

ମୋହିନୀ ମଣିଷଟିର ଛାତିରେ ମଥା ଥାପିଲା ।

ହୁଏତ ଶେଷଥର ପାଇଁ ।

ମଣିଷଟିର ଗଳା ଓଦା ।

ପ୍ରକାଶ୍ୟରେ କାନ୍ଦି ଆସୁନଥିଲା ତାକୁ ।

ତୋ ବୋଉ ସହ ଫୋନ୍‌ରେ କଥା ହେବୁ ।

– ହଁ ।

ମୋହିନୀ !

– କୁହ ବାପା !

ମୁଁ ମଲାବେଳକୁ ତୁ ଯାଇଁ ପହଁଞ୍ଚିବୁ ଓ ନିଆଁ ଦବୁ ?

ମୋହିନୀର ଗଳାରୁ କଥା ବାହାରିଲା ନାହିଁ ।

ସେତେବେଳକୁ ପରିସ୍ଥିତି କ'ଣ ଥିବ କେଜାଣି ! ସେ ଉତ୍ତର ଦେଲା ନାହିଁ । ବାପାଙ୍କ ଆଖିଭିତରକୁ ଚାହିଁଲା । ନୀରବରେ ପରସ୍ପରକୁ କେତେକଥା କହିଯାଉଥିଲେ ଉଭୟ । ସମୟ ବିତି ଯାଉଥିଲା .... ।

ଟ୍ରେନ୍‌ର ସିଟି ଶୁଭିଲା ।

ବାପ ପୁଅଙ୍କର ଜାବ ଶିଥିଳ ହେଲା ।

ଟ୍ରେନ୍ ଚାଲିଗଲା ।

x x x x x x x x

ମାଆ ପଚାରିଥିବ ପୁଅକୁ କେଉଁଠି ଛାଡିଆସିଲ । ଗାଁ ଲୋକେ ପଚାରିଥିବେ ମୋହନ କୁଆଡେ ଯାଇଛି କି! ସ୍କୁଲରୁ ଖବର ଆସିଥିବ ମୋହନ ପାଠ ଛାଡିଦେଲା କି! ମଣିଷଟିର ଉତ୍ତର କ'ଣ ହୋଇଥିବ ଆମପାଖରେ ତଥ୍ୟନାହିଁ .... । ତଥ୍ୟ ନାହିଁ କେଉଁଠି ମୋହନ କେମିତି ଜିଉଁଚି ।

ମଣିଷଟି ଭାବୁଥିଲା ଏକ ହିଁ କଥା । ସୁପ୍ରିମ୍‌କୋର୍ଟଙ୍କ ରାୟ ମୋ ପୁଅକୁ ରକ୍ଷାକରିପାରିଲାନି ତ !

ମୋହନର ଫୋନ୍ ଏପର୍ଯ୍ୟନ୍ତ ଆସିନାହିଁ ।

ନା, ଆସିବ ନାହିଁ ହୁଏତ ।

ସେ କେଉଁଠି ଥିବ କେଜାଣି !

# କିମ୍ବଦନ୍ତୀର ନାୟକ

ଯେଉଁ ସମୟର କଥା କୁହାଯାଉଛି, ସେ ସମୟରେ ପ୍ରାଇମେରୀ ସ୍କୁଲର ଜଣେ ସବ୍‌ଇନିସ୍‌ପେକ୍ଟର - ଆମେ ପିଲା ଓ ଗ୍ରାମବାସୀ କହୁ ବାବୁ - ଇମିତି ଥାଟ୍ ବାଟ୍‌ରେ ସ୍କୁଲ ପରିଦର୍ଶନରେ ଆସନ୍ତି ସତେବା ଗଡଜାତ ରାଜ୍ୟର ଜଣେ ରଜା ।

ଏବଂ -

ଜମିଦାରମାନେ ତେବେବି ଇଂରେଜମାନଙ୍କର ଉତ୍ତରାଧିକାରୀ ଭାବେ ଚଳପ୍ରଚଳ କରୁଥିଲେ ଓ ଜାତି ନିର୍ବିଶେଷରେ ସଭିଁଏ ଜମିଦାରଙ୍କୁ ଜୁହାର ପକେଇ ବାଟଭାଙ୍ଗି ଚାଲିଯାଉଥିଲେ ।

ଏବଂ -

ପ୍ରାୟ ଗାଁମାନଙ୍କରେ ସାଇକେଲ ନଥିଲା । ଯେଉଁ ଗାଁରେ ଯେଉଁ ଲୋକଟିର ସାଇକେଲ ଖଣ୍ଡିଏ ଥିଲା ତା'ର ଖାତିର ଆଖିଦୃଶିଆ ଭାବେ ବାରିହୋଇପଡୁଥିଲା ।

ଏବଂ -

ଏକାଧିକ ଗାଁକୁ ମିଶେଇ ଯଦି ମୁଲକଟିଏ ଧରାଯାଏ, ତେବେ ସେଇ ମୁଲକରେ ଦୁଇ ତିନି ଜଣ କ୍ଷମତାଶାଳୀ ସରକାରୀ କର୍ମଚାରୀ ଥିଲେ । ସେମାନେ ହେଲେ ଚୌକିଦାର ଓ କେନାଲ ବଂଧ ଖଲାସି ବା ପାଣି ପେଟ୍ରୋଲ ବାବୁ ।

ଏବଂ -

କେଉଁ ଗାଁରେ ବାଡକାଟି ବା ଅଳିହ ବା ପିଟାବାଡା ଯୋଗୁଁ କୋର୍ଟ କଚେରୀରେ ମୋକଦ୍ଦମା ହେଲେ ପଞ୍ଚାୟତର ସରପଞ୍ଚଙ୍କ ପାଖକୁ କୋର୍ଟରୁ କାଗଜ ଆସୁଥିଲା ଯେ ତୁମେ ଆପୋଷ ସମାଧାନ କର ଓ ରଫାନାମା ପଠାଅ । ଫଳତଃ, ଠାକୁରାଣୀ ପଡିଆରେ ବା ସାଜି ସପ୍ତାଘରେ ଯେଉଁ ନିଶାପ ବସୁଥିଲା, ସେ ନିଶାପର ଗାମ୍ଭୀର୍ଯ୍ୟ ଅଦାଲତର ଗାମ୍ଭୀର୍ଯ୍ୟଠାରୁ କୌଣସି ଗୁଣରେ କମ୍‌ନଥିଲା ।

ଏବଂ –

ଗାଁ ରାସ୍ତା ବା ସହରକୁ ପଡିଥିବା ମୁଖ୍ୟ ସଡକ ଏତେ କଦର୍ଯ୍ୟ ଥିଲା ଯେ ବର୍ଷା ଋରିମାସ ବଳାଗଣ୍ଠି ପର୍ଯ୍ୟନ୍ତ କାଦୁଅରେ ପୋତିହୋଇଯିବା ଏକ ସ୍ୱାଭାବିକ୍ ଏବଂ ଦିହସୁହା ଘଟନା ଥିଲା ଓ ଲୋକେ ସେଇଥିରେ ଖୁସିଥିଲେ । ପ୍ରତିବାଦ କ'ଣ ଲୋକଙ୍କୁ ଜଣାନଥିଲା । କଉଁଠି ପ୍ରତିବାଦ କରନ୍ତେ ଯେ !

ଏହିପରି କେତେ 'ଏବଂ' ମଧ୍ୟରେ ଯେଉଁ 'ଏବଂଟି' ଜଣେ ଲୋକ ବିଷୟରେ କହିବ ତାଙ୍କୁ ବର୍ତ୍ତମାନ ସତାନବେ ବର୍ଷ ବୟସ । ଯଦି କୁହାଯାଏ ସେ ଲୋକ ଜଣକ ଏକଦା ଆମ ମୁଲକବ୍ୟାପୀ ଅନ୍ୟତମ ଖାତିରଦାର ଥିଲେ ତେବେ ଆଦୌ ଅତିରଞ୍ଜନ ହେବନାହିଁ ।

ସେ ଜଣକ ଅନ୍ୟମାନଙ୍କ ପରି ଲୋକନୁହଁନ୍ତି, ତାଙ୍କୁ ବ୍ୟକ୍ତି କୁହାଯାଉ । ଏବଂ କାହିଁକି ଅତିରଞ୍ଜନ ହେବନାହିଁ ଠିକଣା ସମୟରେ ତା'ର ଖୁଲାସା ହେବ ।

ହଁ, ଏମନ୍ତ ଚିତ୍ର ଷାଠିଏ ଓ ସତୁରୀ ମସିହା ମଧ୍ୟବର୍ତ୍ତୀ ସମୟର ।

ପୁଣିଥରେ କୁହାଯାଉ ସେ ଥିଲେ ଜଣେ ନିଦା ବ୍ୟକ୍ତି । ଅନ୍ୟ ସମସ୍ତେ ସାଦା ଲୋକ । କିନ୍ତୁ କଥାହେଲା, ଆମ ମୁଲକରେ ଚୌକିଦାର, ଖଲାସି, ୱାର୍ଡମେମ୍ବର, ସରପଞ୍ଚ ଓ ପୂର୍ବତନ ଜମିଦାରଙ୍କ ପରି ପ୍ରବଳ ପ୍ରତାପୀ ଥାଉ ଥାଉ ଏହି ବ୍ୟକ୍ତିଟି କାହିଁକି ଓ କିପରି ଖାତିରଦାର ହେଲେ ତାହା ଏକ ୱାଜିବ୍ ପ୍ରଶ୍ନ ।

ବର୍ତ୍ତମାନ ପ୍ରଶ୍ନଟିର ସରଳ ଓ ସଂକ୍ଷିପ୍ତ ଉତ୍ତର ରଖିବା । ସେହି ସଂକ୍ଷିପ୍ତ ଉତ୍ତରଟିକୁ ବଡକରି ଦେଖିବା ଓ ଭାବିବା ଆପଣଙ୍କ ଦାୟିତ୍ୱ ।

ସେ ସମୟକୁ ମୋର ପାଠପଢା ମାଇନର ସ୍କୁଲରେ ।

ହଁ, ସେହି ବ୍ୟକ୍ତିଟି ସଂବଧରେ କେତେକ ଆଖିଦେଖା ଓ ଶୁଣାକଥା ଉଲ୍ଲେଖ କରାଯାଉଚି, ଆପଣେ ଶୁଣନ୍ତୁ ଓ କଳନା କରନ୍ତୁ । କଳନା କରନ୍ତୁ କେମିତି ସାଦା ମଣିଷରୁ ସେ ବ୍ୟକ୍ତି ହେଲେ ।

ଏକ : ସେ 'ସେନ୍‌ରାଲେ' ସାଇକେଲଟିଏ ଚଢୁଥିଲେ, ଯେଉଁଥିରେ ଡାଇନାମୋ ଫିଟ୍‌ହୋଇଥିଲା .... ଆରେ ବାବାରେ !

ଦୁଇ : କଳାମଚ୍‌ମଚ୍ ନାଗରା ଜୋତା ତାଙ୍କ ପାଦରୁ ପୃଥକ୍ ହେବା କେହି ଦେଖିନଥିଲେ । ସାଦା ଚପଲ ଆକାଶ କୁସୁମ ଥିବାବେଳେ ନାଗରାଜୋତା .... ମୋ ବୋଉଲୋ !

ତିନି : ଆମର ସେ ଖଣ୍ଡମଣ୍ଡଳରେ ସେ ପ୍ରଥମ ମେଟ୍ରିକ୍‌ପାଶ୍ । ଯଦିବା ତିନିଥର ଫେଲହେବାପରେ ଚତୁର୍ଥ ଥର ପାଶ୍ କରିବାର କୃତିତ୍ୱର ସେ ଅଧିକାରୀ ଥିଲେ ..... ପାଶ୍ କଲେଟି, ବାଃ !

ଚାରି : ବି.ଟି. ଟ୍ରେନିଂ ପାଶ୍ କରିବାରେ ଆମ ବ୍ଲକ୍‌ରେ ସେ ପ୍ରଥମ ବ୍ୟକ୍ତି (ସେତେବେଳେ ସି.ଟି. ଟ୍ରେନିଂ ନଥିଲା) .... ଆଏଁ ବି.ଟି. ଟ୍ରେନିଂ !

ପାଞ୍ଚ : ମେଟ୍ରିକ୍ ପାଶ୍‌କରି ସାନ ହାମିକ ବା ବେଙ୍କ୍ କିରାଣି ବା ପୋଷ୍ଟମାଷ୍ଟର ନହୋଇ ମାଷ୍ଟରି ଚାକିରିକୁ ଆପଣେଇବା ତାଙ୍କର ବିରଳ ଗୁଣର ସୂଚନା ଦିଏ .... ଇଏ ତ ନିରୋଳ ଗାଁ ପ୍ରେମ !

ଛଅ : ତାଙ୍କର ବାହାଘର ବେଳେ ସେ ଆଂଗ୍ଲୋସୁଇସ୍ ହାତଘଣ୍ଟାଟିଏ ଉପହାର ପାଇଥିଲେ ଓ ତାହା ସବୁବେଳେ ତାଙ୍କ ହାତରେ ଶୋଭା ପାଉଥିଲା .... ଇସ୍ ଆଂଗ୍ଲୋସୁଇସ୍ !

ସାତ : ସ୍କୁଲ ପରିଦର୍ଶନରେ ଆସିଥିବା ସ୍କୁଲ ଏସ୍.ଆଇ.ଙ୍କୁ ଭରା କେନାଲ୍ ଭିତରକୁ ଠେଲିଦେଇ ପାଣିରେ କେତୋଟି ବୁଡା ଦେଇଥିଲେ ଯାହା ରାଜ୍ୟବ୍ୟାପୀ ଏକ ସମ୍ବାଦ ବନିଥିଲା । (ପଞ୍ଚାବନ ମସିହା ସୁଆର ଘାଇ ବନ୍ୟା ବେଳେ ଘରଭଙ୍ଗା ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ମତାନ୍ତର ହୋଇଥିଲା । (ସେ ସମୟରେ ପ୍ରାଇମେରୀ ଶିକ୍ଷକଙ୍କୁ ଟଙ୍କା ବାଣ୍ଟିବା ଦାୟିତ୍ୱ ଦିଆଯାଉଥିଲା) ...... କମ୍ ସାହସ ତ ନୁହଁ !

ଆଠ : ସ୍କୁଲ ଏସ୍.ଆଇ.ଙ୍କ ଭଳି ବଡ ହାକିମକୁ କେନାଲରେ ବୁଡେଇବା ଅଭିଯୋଗରେ ସେ ଗ୍ରେପ୍ତାର ହବାକଥା । କିନ୍ତୁ ଗ୍ରେପ୍ତାର ହେଲେ ହାକିମ । ଓ ଚାକିରି ହରେଇଲେ ...... କେମିତି ମ !

ନଅ : ଦି'ଟା ଗାଁ ଛଡାରେ ଜଣେ ପୂର୍ବତନ ସରପଞ୍ଚଙ୍କ ଘର । ତାଙ୍କ ବଡ ଝିଆରୀକୁ ପାପଗର୍ଭ କରିଦେଇଥିଲା ତାଙ୍କ ଘରେ ରହୁଥିବା ଟିଉସନ୍ ମାଷ୍ଟର । କଥାଟି ଜଣାପଡିଲା ବେଳକୁ ମାଷ୍ଟର ଫେରାର୍ । କୁଆଡେ ଗଲା ! ଯିବ ଆଉ କୁଆଡେ ! ପରେ ଜଣାପଡିଥିଲା ତାକୁ ମାସାଧିକ କାଳ ସେ ଲୁଚେଇ ରଖିଥିଲେ ଧାନଅମାର ଭିତରେ ..... କେମିତି ସାହସ କଲେ ମ !

.................................................

ଏଭଳି ଜଣେ ବହୁମୁଖୀ ପ୍ରତିଭାଧରଙ୍କ ସଂପର୍କରେ କହିବାକୁ ମୁଁ ଅଧିକାର ପ୍ରାପ୍ତ । କାରଣ ମୁଁ ତାଙ୍କର ସଂପର୍କୀୟ । ଯେଉଁ ସଂପର୍କ ପୁଣି ମାମୁଲି ନୁହଁ, ରକ୍ତର । ତାହା ବି ଶୁଣନ୍ତୁ !

ଆମ ଗାଁଠାରୁ ଅଧକୋଶ ବାଟ ତଫାତ୍‌ରେ ବ୍ରିଟିଶ୍ କେନାଲବନ୍ଧ କଡରେ ଜଣେ ଅଧା ବ୍ରାହ୍ମଣ ଜମିଦାରଙ୍କ ଘର । ନାଁ ତାଙ୍କର ବାରିଣି ପଣ୍ଡା । ତିନିତିନୋଟି ଭାର୍ଯ୍ୟା ତାଙ୍କର ମାରାପଡିବା ଉତାରୁ ସେ

ଚତୁର୍ଥ ହବା ପ୍ରସ୍ତୁତିରେ ଥାଆନ୍ତି ଓ ଆବଶ୍ୟକ ଜବର ପ୍ରତିକାର ମଧ୍ୟ କରିଥାନ୍ତି । ପ୍ରତିକାରଟି ହେଉଛି ସାହାଡା ଗଛକୁ ବାହାହେବା । ବାହା ହେଲେ ଏବଂ ନିଶ୍ଚିତ ହେଲେ ଯେ ଚତୁର୍ଥ ପକ୍ଷଟି ତାଙ୍କର ଆଦୌ ମାରା ପଡିବ ନାହିଁ । କିନ୍ତୁ କନ୍ୟା ମିଳୁନଥାନ୍ତି । କାରଣ ବୟାସିଧିକ୍ୟ ବାଦ୍ ବ୍ରାହ୍ମଣ କନ୍ୟା ସଂକଟ ମଧ୍ୟ ଅନ୍ୟତମ ପ୍ରମୁଖ କାରଣ ।

ପରିଶେଷରେ କନ୍ୟାଟିଏ ମିଳିଲା । ଜଣେ ଦରିଦ୍ର ବ୍ରାହ୍ମଣର ଝିଅ । କହିବା କଥାହେଲା, ସେହି କନ୍ୟାଟି ମୋ ବାପାଙ୍କ ବଡଭଉଣୀ ।

ମୋ ବାପାଙ୍କୁ ସେତେବେଳେ ମାତ୍ର ଚରିବର୍ଷ ।

ବାପାଙ୍କର ବୟସ ବଢିଲା । ହେଲେ ଦୁଃଖ କମିଲାନାହିଁ । ଆଗପଛହେଇ ତାଙ୍କ ବାପା ବୋଉ ଚଲିଗଲେ । ଆଶାକରାଯିବା ସ୍ୱାଭାବିକ୍ ଯେ ଜମିଦାର ଭିଣୋଇ ତାଙ୍କର ସାହାପକ୍ଷ ହେବେ । ହେଇଥାନ୍ତେ ଅବଶ୍ୟ । କିନ୍ତୁ ଭିଣୋଇ ଭଉଣୀଙ୍କୁ ତିନୋଟି ପୁଅ ଉପହାରଦେଇ ଚଲିଗଲେ ।

ଅଗତ୍ୟା, ବାପା କଲିକତା ଚଲିଗଲେ ଓ ହାଲେଇକରା କାମରେ ବାହେଲ ହେଲେ ।

ବାପାଙ୍କ ବଡ ଭଉଣୀଙ୍କର ବଡ଼ପୁଅର ନାମ ମଧୁସୂଦନ ପଣ୍ଡା ।

ଗାଁ ଲୋକେ 'ସୂଦନ'ଟିକୁ ବାଦ୍ ଦେଇ କେବଳ କହନ୍ତି ମଧୁପଣ୍ଡା ।

ଏବେ ସ୍ପଷ୍ଟ ହେଲାକି ମଧୁପଣ୍ଡା ହେଉଛନ୍ତି ମୋ ବାପାଙ୍କର ବଡ଼ଭଣଜା ଏବଂ ମୋର ପିଉସୀପୁଅ ଭାଇ । ମାମୁ ଓ ଭଣଜା ମଧ୍ୟରେ ବୟସ ତାରତମ୍ୟ ମାତ୍ର ସାତବର୍ଷ ।

ମଧୁପଣ୍ଡା ହେଉଛନ୍ତି ସେହି ଚର୍ଚ୍ଚିତ ବ୍ୟକ୍ତି ଓ ମୋ ପାଇଁ ଜଣେ କିମ୍ବଦନ୍ତୀର ନାୟକ । ମୋର ମଧୁନନା । ମୋର ଓ ଆମ ଘରର ଗାର୍ଜନ ।

ବାରିଣି ପଣ୍ଡା ସିନା ବାପାଙ୍କ ସାହାପକ୍ଷ ହେବାକୁ ରହିଲେ ନାହିଁ, ତାଙ୍କ ବଡପୁଅ ମଧୁପଣ୍ଡା କିନ୍ତୁ ପଟେ ଇଟାକାନ୍ଥ ପରି ବାପାଙ୍କୁ ଆପଟକରି ରଖିଲେ ।

ଭଣଜା ଖାତିର୍‌ଦାର । ଏବଂ ମାନ୍ୟବର । ବାପାଙ୍କର ଚିନ୍ତା ନଥାଏ । ମୋ ପ୍ରତି ତାଙ୍କର ଅବଦାନ କଥାରେ କହିଲେ ସରିବନାହିଁ । ଏତିକି କୁହାଯାଉ, ମୋର ପାଠପଢାଠାରୁ ବାହାଘର ପର୍ଯ୍ୟନ୍ତ ସବୁ ତାଙ୍କରି ତତ୍ତ୍ୱାବଧାନରେ ସଂପାଦନ ହୋଇଥିଲା ।

ଉପରେ ଯାହା କୁହାଗଲା ତାହା ଉପକ୍ରମଣିକା ମାତ୍ର । ଗାହାଣ ପେଣ୍ଡାଲ୍‌କୁ ଆସିବା ପୂର୍ବରୁ ଶିରୀପାଳିଆ ଯେମିତି ଝୋ ଝୋ କରି ଦର୍ଶନଙ୍କୁ ବାନ୍ଧିରଖେ, ସେଇପରି ମୁଁ ମଧୁନନାଙ୍କ ସଂପର୍କରେ ଉପକ୍ରମଣିକା ଭାବେ କିଛି ଝୋ ଝୋ କରିଛି କେବଳ । ଅସଲ ପ୍ରସଙ୍ଗଟି ଏବେଠୁ ଆରମ୍ଭ ହେବ ।

ମଧୁନନାଙ୍କ ନାଗରା ଜୋତା ସେଇମିତି ଚିକ୍‌ଚିକ୍ କରୁଥିଲା ।

ତାଙ୍କ ସେନ୍‌ରାଲେ ସାଇକେଲ୍ ପ୍ରତିଦିନ ଗଡୁଥିଲା ସ୍କୁଲକୁ ଓ ଆଉ ଆଉ ଜାଗାକୁ ।

ଏବଂ ଟାଉନ୍‌କୁ ।

ଆଙ୍ଗ୍ଲୋସୁଇସ୍ ଘଣ୍ଟା ଚମକ୍ ହରାଉନଥିଲା ।

ଗାଁ ରାସ୍ତା ଅତି ମଅଠ ଭାବେ ବଦଳୁଥିଲା ।

ବ୍ରିଟିଶ୍ କେନାଲରେ ପୂର୍ବପରି ଫୁଲ୍‌ପାଣି ଆସୁଥିଲା ।

ଠାକୁରାଣୀ ପଡିଆରେ ଜନ୍ତାଳ ଓ କୀର୍ତ୍ତନ ଯଥାରୀତି ହେଉଥିଲା । ସବୁ ଠିକ୍ ଠାକ୍ ଥିଲା ।

ମୋ ଉପରେ ସତର୍କ ଦୃଷ୍ଟି ରଖିଥିଲେ ମଧୁନନା । ସଫଳଭାବେ ମୁଁ ଡେଉଁଥିଲି କ୍ଲାସ ପରେ କ୍ଲାସ । ତାଙ୍କୁ ଦେଖିବା ମାତ୍ରେ ମୋର ହୃତ୍‌କମ୍ପ ଜାତହେଉଥିଲା । ମଧୁସୂଦନ ପଣ୍ଡା ବା ମଧୁନନାଙ୍କ ଖାତିର ଅକ୍ଷୁର୍ଣ୍ଣ ରହିଥିଲା । ମୋ ପାଠପଢା ସଂପର୍କରେ ସେ ଟିକିନିଖି ଖବର ରଖୁଥିଲେ ।

ମେଟ୍ରିକ୍ ପାଶ୍‌କଲି । ତା'ପରେ ଆଇ.ଏସ୍‌ସି, ଓ ବି.ଏସ୍.ସି । ଚାକିରିକଲି । ବାହାହେଲି । ଏବଂ ସହରରେ ରହିଲି । ରୋଜଗାରରେ ବୁଡିରହିଲି । ଏବଂ ଅନେକ କିଛିକୁ ଭୁଲିଗଲି ।

ପରସ୍ପରେ ଶୁଣୁଥିଲି, ଗାଁରାସ୍ତା ବଦଳିଛି । ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ କଂକ୍ରିଟ୍ ହୋଇଛି । ବ୍ରିଟିଶ୍ କେନାଲବନ୍ଧରେ ବୋଲ୍‌ଡରପଡି ମୋରମ ବିଛାହେଇଛି । କେନାଲ୍‌ରେ ପାଣି କମ୍ ଆସୁଛି । ସାଜି ସପ୍ତାଘର ଓ ଗାଁ ସ୍କୁଲ କୋଠା ହେଲାଣି । ଇଲେକ୍‌ସନବେଳେ ବିଶେଷକରି ସରପଞ୍ଚ ଇଲେକ୍‌ସନ୍‌ରେ ଗାଁ ଗାଁ ମଧ୍ୟରେ  ଦଳାଦଳି ପିଟାବାଡା ହେଇ ଲୋକେ ଥାନାକୁ ଧୁକୁଡୋଉଛନ୍ତି । ଗାଁର ଶାନ୍ତବାତାବରଣ ବ୍ୟାହତ ହେଉଛି .....

କେତେ ନୂଆ ନୂଆ ଘଟନା ଘଟୁଥାଏ ଗାଁରେ । କିନ୍ତୁ ଗାଁକୁ ଯିବାକୁ ଫୁରସତ ପାଉନଥାଏ । ଠିକ୍‌ରେ କହିଲେ ମିଛ ବ୍ୟସ୍ତତାରେ ମୁଁ ବୁଡିରହିଥାଏ । ଆଶ୍ଚର୍ଯ୍ୟ, ମଧୁନନାଙ୍କୁ ସାକ୍ଷାତ କରିବାକୁ କେମିତି କେଜାଣି ଇଚ୍ଛାକରିନଥିଲି, ଯଦିବା ଶୁଣିଥିଲି ସେ ମାଷ୍ଟରି ଚାକିରିରୁ ଅବସର ନେଲେଣି ।

ଇତିମଧ୍ୟରେ ବାପା ଚାଲିଗଲେ । ଚଉରାନବେ ବର୍ଷ ବୟସରେ । ଗାଁରେ ମାସୁଟେ ରହଣି । ମଧୁନନା ଆସିଥିଲେ ଶୁଦ୍ଧିହେବାକୁ । ଏବଂ ଅନ୍ୟାନ୍ୟ କଥା ବୁଝିବାକୁ । ବୟସର ପ୍ରଭାବ ତାଙ୍କଠାରେ ପଡିଥିଲେ ହେଁ ସେ ପୂର୍ବପରି ଫୁର୍ତ୍ତି ଦିଶୁଥିଲେ । ସେହି ସେନ୍‌ରାଲେ ସାଇକେଲ, ସେଇ ଆଙ୍ଗ୍ଲୋସୁଇସ୍‌ଘଣ୍ଟା, ସେଇ କଳା ମଚମଚ ନାଗରା ଜୋତା । ଏବଂ ଠୋସ୍ ଠୋସ୍ କଥା ।

ମୁଁ ମୁଖାଗ୍ନି ଦେଇଥିବାରୁ ତାଙ୍କ ପାଖକୁ ବେଶୀ ଯାଇପାରୁନଥିଲି । ତେବେ ତାଙ୍କୁ ଚାହିଁଦେବା ବା ସେ ମୋତେ ଚାହିଁଦେବା ମାତ୍ରେ ମୋ ଛାତିରୁ କ'ଣଟେ ଧସିପଡିଲା ଭଳି ଲାଗୁଥିଲା ।

କେଉଁଥିପାଇଁ ସେପରି ଲାଗୁଥିଲା ? ପିଲାଦିନର ଡର ହେତୁ ନା ତାଙ୍କ ପ୍ରତି ଅତ୍ୟଧିକ ସମ୍ମାନ ହେତୁ! ନା ମୋର ବ୍ୟକ୍ତିତ୍ୱ ଗଠନରେ ତାଙ୍କର ଭୂମିକା ଯୋଗୁଁ! ନା ଆମ ପରିବାର ପ୍ରତି ତାଙ୍କର ଅବଦାନ ଯୋଗୁଁ! ଠିକ୍‌ରେ କହିପାରିବିନି କେଉଁ କାରଣଟି ବଳିଷ୍ଠ । ହେଇପାରେ ସମସ୍ତ କାରଣ ମିଶି ଏକକ ରୂପ ପରିଗ୍ରହ କରି ମୋତେ ଚପିଦଉଥିଲା ।

ସେସମୟକୁ ଆମଗାଁରେ ଲୋକେ ସାଇକେଲ ଚଢିବା ଛାଡି ଦେଇଥିଲେ । ଚଢୁଥିଲେ ବାଇକ୍ । ମୁଁ ମଧ୍ୟ ବାଇକ୍ ଓ କାର୍ ଚଢୁଥିଲି । ଏବଂ ଆଙ୍ଗ୍ଲୋସୁଇସ୍ ଘଣ୍ଟା ଓ ନାଗରା ଜୋତା ପୁରୁଣାକାଳିଆ ହୋଇସାରିଥିଲା । ମୋ ପାଇଁ ମଧ୍ୟ ସେତେ ଗୁରୁତ୍ୱ ରଖୁନଥିଲେ । କିନ୍ତୁ ଛାତିର କେଉଁ ଏକ କୋଣରେ ସେହି ତିନୋଟି ଦ୍ରବ୍ୟପ୍ରତି ଅତି ଶ୍ରଦ୍ଧାଶୀଳ ଥିଲି ।

ସମୟ ବିତିବାକୁ ଲାଗେ । ମଧୁନନାଙ୍କ ସହ ଆଉ ଦେଖା ସାକ୍ଷାତ ହୁଏନା ।

"ତୋର ମନେ ଅଛି ମଧୁ ତୁମ ଘରକୁ କେତେ ବିପଦରୁ ରକ୍ଷାକରିଛି ।" - ବୋଉ କହିଲା । ସେ ଆସିଥିଲା ସହରରେ ଥିବା ମୋ ଘରକୁ ।

ମୁଁ କହିଲି - ହଁ ।

"ସେ ନଥିଲେ ସେମାନେ ତୁମକୁ ବରବାଦ କରିଦେଇଥାନ୍ତେ ।"

ମୁଁ କହିଲି - ହଁ ।

"ତୋ ପାଠପଢା କଥା ସେ ବୁଝୁଥିବା କଥା ତୋର ମନେଅଛି !"

ମୁଁ କହିଲି - "ହଁ । ସେ କଥା ମତେ ଆଉ କହିବାକୁ ପଡିବ ବୋଉ । କେମିତି ଭୁଲନ୍ତି ଯେ !"

"ତୋ ମନ କହୁନି ତାକୁ ଟିକେ ଦେଖିଆସନ୍ତୁ । ସେ ଘରେ ଅଟକିଲାଣି ।" - ଏତିକି କହିଲାବେଳେ ତା' ଗଳା ଓଦା ହେଉଥିବାର ମୁଁ ଜାଣିପାରିଲି ।

ମୋର ଚେତା ପଶିଲା । ସତରେ ଦଶବର୍ଷ ହେବ ମୁଁ ମଧୁନନାଙ୍କୁ ଦେଖିନାହିଁ । ତାଙ୍କୁ ଭୁଲିଯାଇଛି ମୁଁ । କେମିତି ଭୁଲି ପାରିଲି ? ହଠାତ୍ ମୁଁ ଆନମନା ହୋଇଉଠିଲି । ଅପରାଧୀ ଭାବ ମୋତେ ସହସା ଅକ୍‌ତିଆରକୁ ନେଲା । ମତେ ଲାଗିଲା, ବୋଉ ଗଳାରେ ସେ କହୁଚନ୍ତି - ନିତ୍ୟାନନ୍ଦ, ତୁ ଆସେ ଥରେ ତତେ ମୁଁ ଦେଖିବି । ଯେକୌଣସି ଦିନ ମୁଁ ଚାଲିଯାଇପାରେ ରେ !

ମୁଁ ଭିତରେ ଛାଟିପିଟି ହେଲି ।

ମୋର ଅନୁଭବ ହେଲା, ମୋ ଦେହରୁ ପରସ୍ତ ପରସ୍ତ ମାଠିଣି ଖସିପଡୁଚି ଓ ମୁଁ ପ୍ରାପ୍ତହେଉଛି ନବକଳେବର । ଯେଉଁ କଳେବର ମଧୁନନାଙ୍କୁ କିମ୍ବଦନ୍ତୀର ନାୟକ ଭାବୁଥିଲା ଓ ତାଙ୍କୁ ଦେଖିବାମାତ୍ରେ ଚମକୁଥିଲା । ଚାଳିଶ ବର୍ଷ ତଳର ଗ୍ରାମ୍ୟ ବାତାବରଣ ଭିତରେ ମୁଁ ବିଚରଣ କରିଲାଗିଲି .... ।

ବୋଉର ଆଖିଭିତରକୁ ଚାହିଁପାରିଲିନି । ଉଠିଆସିଲି । ବୋଉ ବୁଝିପାରିଲା କି କ'ଣ ଚୁପ୍ ରହିଲା ।

.....................................

"କିଏ ?" - ମଧୁନନା କହିଲେ ସ୍ପଷ୍ଟଭାବେ । ସେ ଗୋଡଜାକି ବିଛଣାରେ ପଡିଥାନ୍ତି । ତାଙ୍କ ହାତରେ ଆଙ୍ଗ୍ଲୋସୁଇସ୍ ଘଣ୍ଟା ପୂର୍ବପରି ବନ୍ଧା ହୋଇଥାଏ ।

ଏହି ହେଉଛନ୍ତି ସେହି କିମ୍ବଦନ୍ତୀର ନାୟକ । ଅଥର୍ବ । ଜରାବ୍ୟାଧି ଗ୍ରସ୍ତ । ତାଙ୍କର ଅସାଡ ଶରୀରଟି ବିଛଣାରେ ପଡିଛି । ହାଡମାଳ ଦେହ, କିନ୍ତୁ କଥା କହିପାରୁଛନ୍ତି ଶୁଣି ହେଲା ଭଳି ।

ତାଙ୍କର ପ୍ରିୟ ଛେନା ଗଜା ମୁଁ ନେଇକି ଯାଇଥିଲି । ଗୋଟିଏ ଭାଙ୍ଗି ଖଣ୍ଡେ ଖଣ୍ଡେ ତାଙ୍କ ପାଟିରେ ଦେଲି । ଚାକୁ ଚାକୁ କରି ସେ ଖାଇଲେ । ସେ ମୋତେ ଚିହ୍ନିପାରୁଥିଲେ କି ନା ମୁଁ ଜାଣିପାରୁନଥିଲି ।

ମୁଁ ନିତ୍ୟାନନ୍ଦ ! - କହିଲି ।

"ଏବେ ଆସିଲୁ ? ମୁଁ ତ ହେଇ ପହଞ୍ଚିଲି ।" - ସେ କହିଲେ ।

ଜାଣିପାରିଲି ସେଇଟା ବିଭଳିତିଆପଣ ।

କହିଲି - କୁଆଡେ ଯାଇଥିଲେ କି ?

ନୂଆବୋଉ ବନ୍ଧକୁ ଧରି ଠିଆହେଇଥିଲା । ମୋ ବୋଉଠୁ ସେ ଅଧିକ ବୁଢୀ ଦିଶୁଥିଲା ଓ ବାଙ୍କିଯାଇଥିଲା । ମତେ ଜୁଳୁଜୁଳୁ ଚାହୁଁଥିଲା ।

"ଅଦାଲତ । ଆଜି ସାକ୍ଷୀଥିଲା ।" - ସେ କହିଲେ ।

ଜାକି ହେଇଥିବା ତାଙ୍କ ଗୋଡ ଆଉଁସୁ ଆଉଁସୁ କହିଲି - ମୋ ପାଖକୁ ଖବର ପଠେଇଲେ ନି, ମୁଁ ଆସି ନେଇଯାଇଥାନ୍ତି ।

"ହଁ ହେଇଥାନ୍ତା । କିନ୍ତୁ ମୋର ସାଇକେଲ ଅଛିପରା ।"

- ସାଇକେଲ ଚଢି ଯାଇଥିଲେ ?

"ହଁ । ସବୁଦିନ ତ ଯାଉଛି । କୋଉଠି ନା କୋଉଠିକି । ପଟେ ଘୂରିନଆସିଲେ ଭଲ ଲାଗୁନି । କିନ୍ତୁ ତୋ ନୂଆବୋଉ ଖାଲି ବକୁଚି । କହୁଚି ଆଉ ସାଇକେଲ ଚଢନା ।"

ମୁଁ ଯେତିକି ବୁଝିଲି, ଅଧିକ ଭାବିଲି । ଯାହା ଭାବିଲି ମୋ ସିନା ହାଡ ଥରେଇଦେଲା ।

ମିଛିମିଛିକା ହସି କହିଲି - ତୁମେ ପୁରା ଫିଟ୍ ଅଛ ନନା ! କିଛି ହେଇନି ତୁମର !

ମଧୁନନା ମଧ୍ୟ ହସିଲାଭଳି ଜଣାଗଲେ । ଯାହାର ଅର୍ଥ -

ସେ ପୁରା ଫିଟ୍ କିମ୍ବା ତୁ ମିଛ କହୁଚୁ କିମ୍ବା ଆଉ ନୁହଁ କିମ୍ବା .....

ଦେଖିଲି, ଦାଣ୍ଡଘରେ ତାଙ୍କର ସେନ୍‌ରାଲେ ସାଇକେଲଟି କାନ୍ଥକୁ ଆଉଜାହେଇଛି । ନାଗରା ଜୋତା ଦି'ହଳ, ଚଟାଣ ଉପରେ ଗୋଟେ କଣକୁ ଥୁଆ ହୋଇଛି । ଧୂଳି ଓ ଅଳନ୍ଧୁ ଜମିଗଲାଣି ଜୋତା ଉପରେ ।

ମୋ ଛାତି ଭିତରଟା ଗୋଳେଇ ଘାଣ୍ଟି ହେଇଯାଉଥାଏ । ସତ, କିମ୍ବଦନ୍ତୀର ନାୟକ ଯେକୌଣସି ଦିନ ବା ଯେକୌଣସି ମୁହୂର୍ତ୍ତରେ ..... ତଥାପି ଉପରକୁ ମୁଁ ହସଖୁସିଆ ଦିଶିବାକୁ ଚେଷ୍ଟାକରୁଥାଏ । କିନ୍ତୁ ହେଉନଥାଏ । ରହି ରହି ଛେନା ଗଜା ଖଣ୍ଡେ ଖଣ୍ଡେ ତାଙ୍କ ପାଟିରେ ଦେଉଥାଏ । ଏବଂ ପାଣି ଢୋକେ ଢୋକେ ପେଇଦେଉଥାଏ ।

ସମୟ ବିତିଯାଉଥାଏ ।

ହଠାତ୍ । ହଠାତ୍ ମଧୁନନା ମୁଁ କିଛି ନପଚାରୁଣୁ ମୁହଁ ଖୋଲିଲେ । ଫିସ୍‌ଫିସ୍ କହିଲେ - ତୁ ଇସ୍କୁଲକୁ କହିଁକି ଯାଉନୁ? ତତେ ଇସ୍କୁଲରେ ଏଣିକି ମାସିକା ଦରମା ଦେବାକୁ ପଡିବନି । ବେହେରା ହେଡ୍‌ମାଷ୍ଟରକୁ କହିଦେଇଛି । ତୋର ପୂରା ଦରମା ଛାଡ କରିଦେବେ ।

ମଧୁନନାଙ୍କର କୌଣସି ବ୍ୟାଧିନାହିଁ । କେବଳ ଜରାବ୍ୟାଧି ।

ଜରାବ୍ୟାଧିଗ୍ରସ୍ତ ହେଲେ ମଣିଷର ଇମିତି ହୁଏ? ମୋର ବି ହେବ? ଅତି ଭୟଙ୍କର ଅବସ୍ଥା । ହେ ଭଗବାନ!

ଭାଗବତରେ ଜରାବ୍ୟାଧିର ବର୍ଣ୍ଣନା ମନେପଡିଲା । ଭୟଙ୍କର ବର୍ଣ୍ଣନା । କେତେ ବୟସରେ ଜରା କବଳିତ କରେ ମଣିଷକୁ! ଅଶୀ ନା ପଞ୍ଚାଶୀ ପରେ!

ଜରାବ୍ୟାଧି! ଜୀବନର ଏକ ସୋପାନ । ମଥା ସହ ସମସ୍ତ ଅଙ୍ଗ ଅକାମି । ପ୍ରାଣବାୟୁ ପ୍ରବାହିତ ହେଉଥାଏ କେବଳ । ବୋଧେ ଜୀବ ଚାହୁଁଥାଏ, ପ୍ରାଣ ପୃଥକ୍ ହେଇଯାଉ । କିନ୍ତୁ ହେଉନଥାଏ । କି ଯେ କଷ୍ଟ ସେତେବେଳେ!

କେବଳ ଜରାବ୍ୟାଧି ଭୋଗୁଥିବା ମଣିଷ ଜାଣୁଥାଏ ସେ କେତେ କଷ୍ଟପାଉଛି । କିନ୍ତୁ ପ୍ରକାଶକରିବାର ସାମର୍ଥ୍ୟ ତା'ର ନଥାଏ । ନଥାଏ ଯଦିବା, ପରିଜନ କିନ୍ତୁ କିଛିଟା ଅନୁମାନ କରିପାରନ୍ତି । ଯେପରି ମୁଁ କରୁଚି ।

ହୁଏତ ଅନ୍ୟଜଗତ ସହ ସଂପର୍କ ସେ ଯୋଡିବାର ବ୍ୟସ୍ତଥାଏ । ନିଗମାନନ୍ଦଙ୍କ ବାଣୀ, ସଂପର୍କ ଯୋଡିବାକୁ ସମୟ ଲାଗେ । ଯୋଡଣ ସଂପୂର୍ଣ୍ଣ ହେଲେ ସେ ଚାଲିଯିବ । ମଧୁନନା ବର୍ତ୍ତମାନ ସଂପର୍କ ଯୋଡୁଛନ୍ତି ସୂକ୍ଷ୍ମ ସ୍ତରରେ । ପ୍ରକ୍ରିୟା ଶେଷହେଲେ, ପ୍ରାଣବାୟୁ ବାହାରିଯିବ ।

ମୁଁ ମଥାନୁଆଁଇ ତାଙ୍କ କାନପାଖରେ କହିଲି - ନନା!

ସେ ଚମକିଲା ଭଳି ଲାଗିଲେ । ସତେବା କୌଣସି ଗୁରୁତର କାମରେ ତାଙ୍କୁ ବିରତି ଦେବାକୁ ପଡୁଛି ।

କହିଲେ – ମାମୁଙ୍କୁ ସ୍ୱର୍ଗଦ୍ୱାର ନେଇଥିଲୁ । ମତେ ନେବୁ ?

ଶୁଣିଲି ତ ଜବର ଝଟକାଟିଏ ଖାଇଲି । ସ୍ୱର୍ଗଦ୍ୱାରରେ ବାପାଙ୍କୁ ଦାହକରିବା ଜନିତ ତିକ୍ତ ଅନୁଭୂତି ମୋର ମନେପଡିଗଲା । ସ୍ୱର୍ଗଦ୍ୱାର ! ଅତି ଅପରିଛନ୍ନ ସ୍ଥାନ । ତୁମେ ଟଙ୍କା ପୈଠକରିବ । ଜଣେ ଆସିବ ଜୁଇ ସଜକରିବାକୁ । ସେ ଜୁଇ-ମଣିଷ । ସେ ଏକଲା ପୋଡିବ ।

ଦୁଇ ପାଖିଆ କାଠ ପାଇଁ ଟଙ୍କା ପୈଠ ହୋଇଥିଲେ ମଧ୍ୟ ଏକପାଖିଆ କାଠ ଆସିପହଞ୍ଚିଲା ।

ଜୁଇ-ମଣିଷଟି ଅଳ୍ପ ଘିଅ ଢାଳି ବାକି ତକ ପୁଟୁଳାରେ ଭରି ଫୁଙ୍କିଫୁଙ୍କି ବିଞ୍ଚି ବିଞ୍ଚି ଜୁଇ ଜଳେଇଲା । ଏବଂ ଖେଞ୍ଚି ଖେଞ୍ଚି ବାପାଙ୍କୁ ପୋଡିଲା । ଅବଶ୍ୟ ସମୁଦ୍ରଆଡୁ ବହୁଥିବା ପବନ ତାକୁ ସାହାଯ୍ୟ କରୁଥିଲା ।

କିନ୍ତୁ ଏକପାଖିଆ କାଠର ଦମ୍‌କେତେ ଯେ ମଣିଷଟିକୁ ପୋଡି ପାଉଁଶ କରିପାରିବ !

ଲକ୍ଷ୍ୟକରିଥିଲି ଜୁଇ-ମଣିଷଟି ଆବଶ୍ୟକତାଠାରୁ ବାପାଙ୍କୁ ଅଧିକ ଖେଞ୍ଚୁଥିଲା ଓ ଜୁଇକୁ ଅଧିକ ବିଞ୍ଚୁଥିଲା । ପ୍ରତି ଖେଞ୍ଚା ତା'ର ମୋ ଦିହରେ ଖେଞ୍ଚିହେଲାପରି ଲାଗୁଥିଲା । ପାଟି ଫିଟେଇବା ଅବସର ନଥିଲା ।

ସ୍ୱର୍ଗଦ୍ୱାରରେ ଦାହ ସଂପର୍କିତ ଧାରଣା ମୋର କେମିତି ବଦଳିଗଲା । ଲୋକଙ୍କ ଧାର୍ମିକ ଭାବନା ଓ ବିଶ୍ୱାସକୁ ବାଦ୍‌ଦେଲେ ସ୍ୱର୍ଗଦ୍ୱାରରେ ପରିଜନଙ୍କୁ ଦାହକରିବା ଏକ ଭୁଲ୍ ନିଷ୍ପତ୍ତି, ଏହା ମୋର ବ୍ୟକ୍ତିଗତ ମତ ।

ବର୍ତ୍ତମାନ ମଧୁନନା କହୁଚନ୍ତି ସ୍ୱର୍ଗଦ୍ୱାରକୁ ଯିବେ ମୃତ୍ୟୁପରେ । ମୁଁ ନେବି । ବଡପାଟିରେ ଅନ୍ତରର କଥାଟି ପ୍ରକାଶ କରିଦେଲା ପରେ ଜାଣିଲି ମୁଁ ଠିକ୍ କଲିନାହିଁ ।

ଉଞ୍ଚାଗଳାରେ କହିଲି – ସ୍ୱର୍ଗଦ୍ୱାରଟା ଫାଲତୁ ଜାଗା । ବରଂ ଆମ ଗାଁ ମଶାଣି ଯଥେଷ୍ଟ ଭଲ ... ।

ଏ ମୁଁ କ'ଣ କଲି ? ମୃତ୍ୟୁକୁ ଅପେକ୍ଷାକରିଥିବା ଏବଂ ଅନ୍ତିମ ଇଚ୍ଛା ପୋଷଣ କରିଥିବା ମଣିଷଟିକୁ ଏପରି କହିଲି କାହିଁକି ! ମୁଁ ଜିଭ କାମୁଡି ପକେଇଲି । ନନା ଭାବିଥିବେ କ'ଣ । ଭାବିଥିବେ, ଟଙ୍କା ଖର୍ଚ୍ଚହେବ ବୋଲି ମୁଁ ପଛାଉଛି ।

..... ନନା !

ତାଙ୍କଠୁ ଉତ୍ତର ଆସିଲାନି କି ସେ ମୋ କଥା ଶୁଣିପାରିଥିବା ପରି ମନେହେଲେ ନାହିଁ । କିଛି ହେଇଗଲା କି! ଛାତି ଥରି ଉଠିଲା । ତାଙ୍କ ହାତର ନାଡି ଦେଖିଲି ଓ ଛାତିରେ ହାତଦେଇ ହୃଦ୍‌ସ୍ପନ୍ଦନ ବାରିଲି । ହଁ ଠିକ୍ ଠିକ୍ ଚାଲୁଥିଲା ।

ହେ ଭଗବାନ! ମୁଁ ସ୍ୱଗତୋକ୍ତି କଲି । ଏବଂ ଠିଆହେଲି ଫେରିବା ପାଇଁ ।

ମୋ ପଛରେ ଠିଆହେଇଥିଲା ତାଙ୍କର ପଚିଶ ବର୍ଷିଆ ପୁଅ । ତା'ର କାଉନ୍ଦା ମୁହଁ ଓ ବୋକା ବୋକା ଚାହାଁଣି ।

କହିଲି - ଯା, ବାପାଙ୍କ ପାଖରେ ବସ । ଆଉ ସମୟ ବେଶୀ ନାହିଁ । ତେବେ ଚିନ୍ତାକରନା । ସାଙ୍ଗେ ସାଙ୍ଗେ ମତେ ଫୋନ୍‌କରିବୁ । ମୁଁ ଗାଡିନେଇ ଆସିବି । ସ୍ୱର୍ଗଦ୍ୱାରକୁ ନେବା ।

ମୁଁ ଶେଷଥର ପାଇଁ ତାଙ୍କ ହାତରେ ବନ୍ଧା ଆଙ୍ଗ୍ଲୋସୁଇସ୍ ଘଣ୍ଟାକୁ ଚାହିଁଲି । ଏବଂ ତାଙ୍କ ସେନ୍‌ରାଲେ ସାଇକେଲ ଓ ନାଗରାଜୋତା ଆଡେ ଦୃଷ୍ଟି ପହଁରେଇ ଆଣିଲି ।

ଏବଂ ପିଣ୍ଡା ତଳକୁ ଓହ୍ଲେଇଲି ।

ମୋତେ ଖୁବ୍ ଉଶ୍ୱାସ ଲାଗୁଥିଲା । କାହିଁକି ?

## ଶୁଖିଲା ସମୁଦ୍ରରେ ଲହଡି

ତଳ ମହଲାର ଓସାରିଆ ଝରକାକୁ ଲାଗି ବସିଥିଲା ଯୁବତୀ ନାରୀଟି । ଏବଂ ଚାହିଁରହିଥିଲା ସମୁଦ୍ର ଭିତରକୁ ଓ ବେଳାଭୂମିକୁ । ହୋଟେଲଠୁ ସମୁଦ୍ର ପ୍ରାୟ ପଚିଶ ମିଟର ଦୂର ।

ସଞ୍ଜ ହେବାକୁ ତେବେବି ଘଣ୍ଟେ ଖଣ୍ଡେ ବାକି ଅଛି ।

ସମୁଦ୍ର ଜଳରେ ଲହଡିର ଭିଡ, ଆଉ ବେଳାଭୂମିରେ ଆନନ୍ଦର ଲହଡି । ସମୁଦ୍ରର ଜନ୍ମକାଳୁ ଲହଡିର ସୃଷ୍ଟି । କିନ୍ତୁ ବେଳାଭୂମିରେ ଆନନ୍ଦର ଲହଡି ସୃଜନ, ମଣିଷ ଯେବେଠୁ ଭାବୁକ ଓ ସୌନ୍ଦର୍ଯ୍ୟ ପିପାସୁ ହେଲା ।

ଭାବୁଥିଲା ଯୁବତୀନାରୀଟି ଓ ଚାହିଁରହିଥିଲା ବାହାରକୁ । ସମୁଦ୍ର ସ୍ୱୟଂ ଆଦିମ, କିନ୍ତୁ ମଣିଷର ପ୍ରବୃତ୍ତି ଆଦିମ । ମଣିଷର ଶରୀରରେ ମନରେ ପ୍ରବୃତ୍ତିର ଲହଡି ସମୁଦ୍ରଠୁ କମ୍ ଉତ୍ତାଳ କି !

ଯୁବତୀ ନାରୀଟି ଏଥିପୂର୍ବରୁ ଏଇ ବେଳାଭୂମିକୁ ବହୁବାର ଆସିଛି । ନିଜ ଶରୀର ଭିତରେ ସମୁଦ୍ରକୁ ଆବିଷ୍କାର କରିଛି । ସେମନ୍ତ ଆବିଷ୍କାର ତାକୁ ବହୁତ ଆନନ୍ଦ ଦେଇଛି । ସେ ସମୁଦ୍ର ସ୍ୱରୂପା । ଥିଲା, କିନ୍ତୁ ଆଜିନାହିଁ ।

ଆଉ ଆଜି ! ସମୁଦ୍ର ଅଛି, ବେଳାଭୂମି ଅଛି । ସେ ମଧ୍ୟ ଅଛି । କିନ୍ତୁ ନାହିଁ କେବଳ ତାର ଶରୀର ମଧ୍ୟରେ ଲହଡିର ଉତ୍ତାଳତା । ତା'ଭିତରେ ସମୁଦ୍ରଟି ଶୁଖିଯାଇଛି । ସେ ଦେଖିପାରୁଛି ଠିକ୍, କିନ୍ତୁ ବାରିପାରୁନାହିଁ ସମୁଦ୍ରକୁ ଆପଣା ସ୍ନାୟୁକୋଷରେ । ସେ ଭାବିପାରୁଚି, ଅଥଚ ବାରିପାରୁନାହିଁ । ତା'ର ସ୍ନାୟୁ କୋଷ ସବୁ ନିଷ୍କ୍ରିୟ । କାହିଁକି ଏପରି ହେଲା ? କେତେବେଳେ ହେଲା ?

ଯୁବତୀ ନାରୀଟି ଝରକା ମଧ୍ୟଦେଇ ଚାହିଁରହିଛି ବାହାରକୁ । ଅଳ୍ପ ଦୂରତାରେ ବେଳାଭୂମି ଓ ସମୁଦ୍ର । ସେ ଯାଇନାହିଁ । ଯାଇପାରିନାହିଁ । ହୋଟେଲର ରୁମ୍‌ଟିରେ ପ୍ରାୟ ଆବଦ୍ଧହୋଇ ରହିଛି । ହେ ଭଗବାନ !

ବେଳାଭୂମିରେ ଆନନ୍ଦର ଲହଡି । ଲହଡିରେ ଭାସୁଚନ୍ତି ପିଲାଛୁଆ, ଯୁବକଯୁବତୀ, ବୁଢା ବୁଢୀ ..... । କାଇଁକିନା ସେମାନଙ୍କ ସ୍ନାୟୁକୋଷ ସତେଜ ଓ ସକ୍ଷମ ।

ଯୁବତୀ ନାରୀଟି ଚାହିଁରହିଚି ସମୁଦ୍ରଆଡେ । ଭାବିଚାଲିଚି । କିନ୍ତୁ ଶିହରି ଉଠୁନାହିଁ । କୁଆଡେ ଗଲା ସେ ସୁଖର ଦିନସବୁ ! ଶିହରଣ ! !

ଶୁଭ୍ରାଂଶୁ ଫେରିନାହିଁ ।

ତୁ ଝରକା ପାଖରେ ବସିଥା । ସମୁଦ୍ର ଦେଖ, ବେଳାଭୂମିରେ ମଣିଷମାନଙ୍କୁ ଦେଖ । ଜମାଣିଆ ପବନ ରୁମ୍ ଭିତରକୁ ପଶିଆସୁଛି, ଭଲଲାଗିବ । ବସିଥା - ମୁଁ ହେଇ ଆସିଲା ଭଳି । ଏଇପରି କହି ସେ ଚାଲିଯାଇଚି । ଯାଇଚି ଯେ ଗୋଟେ ଯୁଗ ହେଲାଣି । ସବୁ ଅପେକ୍ଷା ସେଇପରି । ଅତୀବ ପୀଡାଦାୟକ । ଯିଏ କାହାକୁ ଅପେକ୍ଷା କରିକରି କ୍ଳାନ୍ତି ନଭୋଗିଚି, ସେ ଜୀବନର ସ୍ୱାଦୁ ଚାଖିନାହିଁ ବୋଲି କୁହାଯିବ ।

ଯୁବତୀ ନାରୀଟି ଭାବୁଚି, ମୋ କ୍ଷେତ୍ରରେ ଅପେକ୍ଷାଟିକୁ ପୀଡାଦାୟକ କୁହାଯିବ କି ! ଭାବନା ଗୋଳିଆ ଧରିଲା ତା'ର । ନିକଟରେ ଅତିନିକଟରେ ଶୁଭ୍ରାଂଶୁକୁ ସେ ସହିପାରୁନି, ଅଥଚ ଆଖିଆଗରୁ କେଇଘଡି ବାହାରେ ରହିଲେ ସେ ବିଭଳିତିଆ ଅନୁଭବ କରୁଚି । ଇଏ କିଭଳିଆ ଭାବ ?

ଏହି ମର୍ମରେ ସେ ଲେଡି ଡାକ୍ତରକୁ କହିଥିଲା, ଶୁଭ୍ରାଂଶୁକୁ ଲୁଚେଇ, ଯେତେବେଳେ ବହୁତକିଛି ପରୀକ୍ଷା ନିରୀକ୍ଷା କରିସାରିବା ପରେ ଏବଂ ଅନ୍ୟ ରିପୋର୍ଟ ସବୁ ଦେଖିସାରିବା ପରେ ସେ ଘୋଷଣାକଲେ ଯେ ତା' ଦେହରେ କିଛି ରୋଗନାହିଁ ।

ରୋଗନାହିଁ ତ ଗୋଡ ଦି'ଟା ଚଳୁନାହିଁ କାହିଁକି ! କାହିଁକି କାଠଗଡଟିଏ ଭଳି ନିର୍ବେଦ ଏଇ ଦେହ ! ଏଇ ଦେହଟାକୁ ନେଇ ସେ ଯେତେ କଳ୍ପନା କରିଥିଲା, ଯେତେ ସ୍ୱପ୍ନ ଦେଖିଥିଲା, ସେଗୁଡା କେମିତି କେଉଁଆଡେ ଉଭାନ ହେଇଗଲେ !

ଗୋଡ ଦି'ଟା ଚଳୁଥିଲେ ସେ ଶୁଭ୍ରାଂଶୁ ସହ ଯାଇ ବେଳାଭୂମିରେ ବସିଥାନ୍ତା । ବୁଲିଥାନ୍ତା, ବାରମଜା ଖାଇଥାନ୍ତା । ବଳାଗଣ୍ଠି ପର୍ଯ୍ୟନ୍ତ ପାଣିରେ ବୁଡେଇ ଚବଚବ କରିଥାନ୍ତା । ନା, ସେ ଯାଇପାରିବ

ନାହିଁ । ସେ ପଙ୍ଗୁ । ତା'ଭଳି ପଙ୍ଗୁଟିକୁ ବୁଜୁଳାଟିଏ ପରି ମୁଣ୍ଡେଇ କାହିଁକି ପୁରୀ ଆଣିଛି ଶୁଭ୍ରାଂଶୁ ? ଶ୍ରୀମନ୍ଦିର କି ବେଳାଭୂମିକୁ ଯାଇପାରିବି ନାହିଁ । କାହିଁକି ତେବେ ? ମନ ବହଲେଇବା ପାଇଁ  ନିଶ୍ଚୟ । ଯେ – ତୁ ଭଲ ହେଇଯିବୁ । ଭଲ ହେବି ? ଅସମ୍ଭବ !

ଶୁଭ୍ରାଂଶୁ ଫେରିନାହିଁ । କୁଆଡେ ଗଲା ସେ ? ଯୁବତୀ ନାରୀଟି ସାମୟିକ ନିଜର ପଙ୍ଗୁତ୍ୱକୁ ପାଶୋରି ବ୍ୟସ୍ତିଆ ଅନୁଭବକଲା ଶୁଭ୍ରାଂଶୁ ପାଇଁ । ଶୁଭ୍ରାଂଶୁ ପାଇଁ ବ୍ୟସ୍ତହେଲେ ତାକୁ ଭଲଲାଗେ । ଅଦ୍‌ଭୂତ !

ଝରକା ପାଖରେ ବସି ସେ ଚାହିଁରହିଚି ସମୁଦ୍ରକୁ । ବେଳାଭୂମି ଫୁଲିଫୁଲି ଉଠୁଚି । ଆହାଃ ! କେତେ ମଜାଉଠାଉଚନ୍ତି ଏଇ ନାରୀ ପୁରୁଷମାନେ ! ଏବଂ ଆଉ ଆଉ ମାନେ ! !

ସେ ଜାଣିଚି, ଶୁଭ୍ରାଂଶୁ ତା'ପାଇଁ ବହୁତ ଚିନ୍ତିତ । କେତେ ଡାକ୍ତର ଦେଖେଇଚି ତା'ର ସାକିମ୍‌ନାହିଁ । ଫଳ କିନ୍ତୁ ଶୂନ୍ୟ । ଗୋଡ ଯୋଡ ଅଚଳକୁ ସେଇ ଅଚଳ । ସମସ୍ତିଙ୍କର ମତ ସମାନ । ଯେ – ତା ଦେହରେ କୌଣସି ରୋଗ ନାହିଁ । ରୋଗଥିବା କଥା ଶୁଣିବାକୁ ଚାହୁଁଥିଲା ଶୁଭ୍ରାଂଶୁ । ଶୁଣିଥିଲେ ଖୁବ୍‌ଗୋଟେ ଖୁସିହୋଇଥାନ୍ତା ସିଏ କାଇଁକିନା, ଅକଳନ୍ତା ଟଙ୍କା ଖର୍ଚ୍ଚକରି ସେ ରୋଗକୁ ନିକାଲିଦେଇପାରନ୍ତା । କିନ୍ତୁ ରୋଗନଥିବା ରୋଗକୁ ସେ ଭଲକରନ୍ତା ବା କେମିତି !

ତା'ର ମନେ ଅଛି, ଶେଷ ଲେଡି ଡାକ୍ତର ଜଣକୁ ସେ କହିଥିଲା – ଶୁଭାଂଶୁକୁ ସେ ଅତିନିକଟରେ ସହିପାରୁନି ଓ ଆଖିଆଗରୁ ଦୂରେଇ ରହିଲେ ସେ ବିଚଳିତ ଅନୁଭବ କରୁଛି । ଏତକ ସେ କହିଥିଲା, ଲେଡିଡାକ୍ତର ଯେତେବେଳେ ରୁଦ୍ଧ କୋଠରୀରେ ତା'ର ପରୀକ୍ଷାନେଉଥିଲେ । ଶୁଭ୍ରାଂଶୁ ସେତେବେଳେ ପାଖରେ ନଥିଲା ।

"ଏପରି କାହିଁକି ତୁମର ଅନୁଭବ ଆସେ ?" – ଜାଣିବାକୁ ଚାହିଁଥିଲେ ଲେଡିଡାକ୍ତର ।

"କହିପାରିବି ନାହିଁ" – ଶୁଖିଲା ହସହସି ସେ ଉତ୍ତରଦେଇଥିଲା ।

କ'ଣ ଭାବିଲେ କେଜାଣି ଶୁଭ୍ରାଂଶୁକୁ ସେ ପରାମର୍ଶଦେଲେ, ଆପଣ ମାଡାମ୍‌ଙ୍କୁ ଜଣେ ସାଇକିଆଟ୍ରିଷ୍ଟଙ୍କ ପାଖକୁ ନିଅନ୍ତୁ ।

ସାଇକିଆଟ୍ରିଷ୍ଟ ? ସେ କ'ଣ କରିବ ? ତା'ର ଭୋକ ଠିକ୍ ହେଉଛି, ନିଦ ମନ୍ଦନୁହଁ, ଅନ୍ୟ କୌଣସି ଅଙ୍ଗରେ ତ୍ରୁଟି ସେ ଅନୁଭବ କରୁନାହିଁ । ସାଇକିଆଟ୍ରିଷ୍ଟ କରିବ କ'ଣ ! ଭାବିଲା ଯୁବତୀନାରୀଟି । ଟଙ୍କା ଖର୍ଚ୍ଚ କରିବା ପାଇଁ ଆଉ ଏକ ସୁଯୋଗ ମିଳିଗଲା ଶୁଭ୍ରାଂଶୁକୁ । ସେ ଖୁସି ଖୁସିଆ ମନେହେଲା ।

ଡାକ୍ତର ପାଖକୁ ଯାଇଁ ଯାଇଁ ଚିଟା ଲାଗିଲାଣି ଯୁବତୀ ନାରୀଟିକୁ । ଏବେ ପୁଣି ଜଣେ ନୂଆ ଡାକ୍ତର । ସାଇକିଆଟ୍ରିଷ୍ଟ ମାନେ ମନୋଚିକିତ୍ସକ । ତା'ର ମନହଉଥିଲା କହିବାକୁ – ହେ ଶୁଭ୍ରାଂଶୁ, ଏତେ

କଷ୍ଟକରନିରେ! ଏ ଦେହ ଆଉ ଭଲ ହେବନାହିଁ । ତତେ ମୁଁ ମୁକ୍ତିଦେବାକୁ ଚାହୁଁଚି । ସତ । ତୁ ନୂଆଜୀବନ ଆରମ୍ଭକର । ଖୁସିରେ ରହ ।

ଭାବିଲା, କିନ୍ତୁ କହିପାରିଲାନି ସେ । ଶୁଭ୍ରାଂଶୁର ମୁହଁରେ ନୂଆ ଆଶା, ନୂଆ ଆଗ୍ରହ, ନୂଆ ସମ୍ଭାବନାର ପ୍ରତିଫଳନ ଦେଖି ତା'ର ପାଟି ବନ୍ଦହେଇଗଲା । ଆହାଃ ପିଲାଟା!

ଝରକା ମଧ୍ୟଦେଇ ବାହାରକୁ ଚାହିଁରହିଥିଲା ଯୁବତୀ ନାରୀଟି । ସମୁଦ୍ର ଆଉ ବେଳାଭୂମିଠୁ ତା'ମନ ହଟିଆସିଥିଲା । ଏଥର ତା'ଭାବନାରେ ଉଙ୍କିମାରିଲା, ତା'ର ବିବାହ ସଂପର୍କିତ ଅଭାବିତ ଦୃଶ୍ୟସମୂହ ....

ସମସ୍ତେ ଜାଣନ୍ତି, ସୁଜାତାର ପ୍ରେମ ବିବାହ । ବାପା ବୋଉ, ସାନଭାଇ, ସାଙ୍ଗସାଥୀ, ପଡୋଶୀ ସମସ୍ତେ । ସତରେ କ'ଣ ସେ ପ୍ରେମକରୁଥିଲା ଶୁଭ୍ରାଂଶକୁ! ନା, କିନ୍ତୁ ଭଲପାଉଥିଲା ନିଶ୍ଚୟ । ହଁ, ଏବେ ବି ଭଲପାଏ ।

ତା' ସାନଭାଇର ବଂଧୁ ଓ ସହପାଠୀ ଶୁଭ୍ରାଂଶୁ । ବଢିଆ ପିଲା । ତାଙ୍କ ଘରକୁ ତା'ର ଅବାଧ ଗତାଗତ । ଉଭୟ କେନ୍ଦୁଝର ମାଇନିଂ ସ୍କୁଲରେ ପଢନ୍ତି । ଛୁଟିଦିନ ବା ଫାଙ୍କାଦିନମାନଙ୍କରେ ସାଥିହେଇ ଆସନ୍ତି ତାଙ୍କ ଘରକୁ । ଏକକାଳୀନ ଗୋଟେ ଗୋଟେ ସପ୍ତାହ ସେ ତାଙ୍କ ଘରେ ରହେ! ଘରର ପୁଅଟିଏ ପରି ତା'ର କାରବାର । ତା'ର ଆପଣାପଣରେ ସେ ଖୁବ୍‌ଶୀଘ୍ର ସମସ୍ତିଙ୍କୁ ନିଜର କରିନେଲା । ସୁଜାତା ତାକୁ ସାନଭାଇଟିଏ ଛଡା ଅନ୍ୟ ଦୃଷ୍ଟିରେ ଦେଖିବାର ସମ୍ଭାବନା ଇ ନଥିଲା ।

ଇତିହାସରେ ପି.ଜି. କରୁଥିଲା ସୁଜାତା, ବାଣୀ ବିହାରରେ ।

ସୁଜାତା ତା' ସାନଭାଇର ନାନୀ । ସେଇ ସୂତ୍ରରେ ଶୁଭ୍ରାଂଶୁ ସୁଜାତାକୁ ନାନୀ ଡାକେ । ଗେହ୍ଲେଇ ହୁଏ । ଉପରେ ପଡି ସୁଜାତାଠୁ ଅଧିକ ସ୍ନେହ ଆଦର ହାସଲକରିବାକୁ ଚେଷ୍ଟା କରେ । ପାଏ ମଧ୍ୟ ।

କିନ୍ତୁ ..... କିନ୍ତୁ ହାସଲ କରୁଥିବା ସ୍ନେହ ଆଦର କେତେବେଳେ ତା' ଭିତରେ ପ୍ରେମରୂପ ନେଲା ଜାଣିପାରିଲା ନାହିଁ ସୁଜାତା । ହଁ, ଶୁଭ୍ରାଂଶୁ ଏକତରଫା ପ୍ରେମକରିବସିଲା ସୁଜାତାକୁ । ଅନ୍ଧାରରେ ରହିଲା ସୁଜାତା ।

ଅନ୍ୟପକ୍ଷରେ ଶୁଭ୍ରାଂଶୁର ଅବସ୍ଥା ବେହାଲ । ତା'ମନରେ ଏକହିଁ ଚିନ୍ତା । କେମିତି ନାନୀକୁ ପାଇବ । ତା'ର ଧାରଣା ବଦ୍ଧମୂଳ ଯେ ନାନୀ ତା'ର ମନୋଭାବକୁ ପଢିନେଇଛି ଏବଂ ସମପରିମାଣରେ ତାକୁ ପ୍ରେମକରୁଛି । ନାନୀ ତାଠୁ ବୟସରେ ଦୁଇବର୍ଷ ବଡ, ସେ ବିଚାର ଶୁଭ୍ରାଂଶୁପାଇଁ ବିଶେଷ ଗୁରୁତ୍ୱ ରଖୁନଥିଲା । ପାଠରେ ମନନାହିଁ, କେଉଁଥିରେ ମନନାହିଁ, ଏକମାତ୍ର ଚିନ୍ତା ନାନୀ । ଅବସ୍ଥା ଇମିତି ହେଲା, ରାତିରେ ସେ ଶୋଇପାରିଲାନାହିଁ । ପାଗଳପ୍ରାୟ ଅବସ୍ଥା ତା'ର ।

ବାସ୍ତବ ପ୍ରେମ ଏକ ବୁଝାମଣା ଉପରେ ପ୍ରତିଷ୍ଠିତ । ବୁଝାମଣା ଗଡବଡ ହେଲେ ହୁଏତ ହାରିବାକୁ ପଡେ । ସେ ବ୍ୟାପାରରେ ଉଭୟ ପକ୍ଷ ସଂପୃକ୍ତ ଥିବାରୁ ହାରିବାଟା ବିଶେଷ ପ୍ରଭାବ ପକାଏନା, ଯଦିବା ମାନସିକ ସନ୍ତୁଳନ କିଛିଦିନ ଦୋହଲିଯାଏ ।

ହେଲେ ଏକତରଫାପ୍ରେମ ? ଏକ ସାଂଘାତିକ ମାନସିକ କ୍ରିୟା । ସଫଳତା ଆଶାକରିବା ବୃଥା । ପରନ୍ତୁ ଜଣକୁ ମାନସିକ ବିକଳ ବନେଇବାକୁ ସକ୍ଷମ ।

ଶୁଭ୍ରାଂଶୁର ସେଇପରି ଆଚରଣ । ତା'ର ଅନ୍ୟକିଛି ଲୋଡାନାହିଁ । ନାନୀ ବ୍ୟତୀତ । କିନ୍ତୁ କେମିତି ?

ବେଶ୍ କିଛିକାଳ ଶୁଭ୍ରାଂଶୁ ନିଜସହ କସରତ କଲା । ଖାଇବା ଅନିୟମିତ କଲା ଓ ଅନିଦ୍ରା ରହିଲା । ଶେଷକୁ ବାତୁଳ ମୁଣ୍ଡଟିକୁ ବାତୁଳତର କଲା, ରାତିର ଅନ୍ଧାରରେ ମିଛ ଆଲୋକ ଦେଖିଲା ।

ଦିନେ ବାତୁଳ ମୁଣ୍ଡଟି ତାକୁ ଟାଣିନେଲା ବାଣୀବିହାର ଛାତ୍ରୀ ନିବାସକୁ ।

"ଏୟ ଶୁଭ୍ରାଂଶୁ, ଇଏ କି ରୂପ ତୁ କରିଚୁ ?" - କହିଲା ସୁଜାତା ।

"କଥାଟିଏ କହିବାକୁ ଆସିଚି ନାନୀ ।" - ଶୁଭ୍ରାଂଶୁ କହିଲା ।

: କି କଥା ! କ'ଣ କହିବୁ କହ !

: ମୁଁ ତତେ ବାହାହେବି ନାନୀ ।

ବିନା ଉପକ୍ରମରେ ଏତେବଡ କଥାଟିଏ କହିପାରିଲା ଶୁଭ୍ରାଶୁ !

ଶୁଣିଲା ତ ହସରେ ଫାଟିପଡିଲା ସୁଜାତା । "ଆରେ ପାଗଳା, ତୋର ପଢାସରିନାହିଁ । ପଢାସରିବ । ତା'ପରେ ଚାକିରି । ଚାକିରି ପରେ ତୋର ବାହାଘର । ଏବେ ବାହାଘର କଥା ତୋ ମୁଣ୍ଡରେ କିଏ ପୂରେଇଲା ଶୁଣେ !"

"ଚାକିରି ପରେ ମୁଁ ବାହାହେବି ଯେ, କିନ୍ତୁ ତତେ ବାହାହେବି । ତୁ ହଁ କହିଲେ ଚାଲିଯିବି, ନୋହିଲେ ....."

- ନୋହିଲେ କ'ଣ କରିବୁ ?

"ନୋହିଲେ" - ଚାରିପଟକୁ ଚାହିଁଲା ଶୁଭ୍ରାଂଶୁ, "ନୋହିଲେ ଏଇ କ୍ୟାମ୍ପସ୍‌ରେ ଗୋଟେ ଗଛରେ ଝୁଲିପଡିବି ।" ଶୁଭ୍ରାଂଶୁର ଆଖିରେ ଦୃଢତାର ସଙ୍କେତ ।

ଚିଇଁକି ଉଠିଲା ସୁଜାତା । ଝୁଲିପଡିବୁ ?

କ'ଣ ଭାବି ସେ ପୁଣି ହସିଲା ଠୋ ଠୋ । କହିଲା, "ଦେଖୁଚି ତୁ ପାଗଳା ହେଇଗଲୁଣି । ନଚେତ୍ ଇମିତି କଥା କହନ୍ତୁ ନାଇଁ । ହଉ ହେଲା, ତତେ ବାହାହେବି । ଚାଲେ ତତେ କେଣ୍ଟିନ୍‌ରେ ଖୁଆଇବି । ତୁ ଖାଇନଥିବୁ !"

– ନା, ଖାଇନାହିଁ ।

ସୁଜାତା ତାକୁ କେଣ୍ଟିନ୍‌କୁ ନେଇଗଲା । ଶୁଭ୍ରାଂଶୁ ଖାଇଲା । ଖାଇସାରିଲା ପରେ କହିଲା, "ଦେଖ୍ ନାନୀ, ମୁଁ ଏଣିକି ଠିକ୍ ଠିକ୍ ଖାଇବି, ଶୋଇବି, ପାଠ ପଢିବି । ତା'ପରେ ଚାକିରି କରିବି । ଚାକିରି କଲାପରେ, ତତେ ଆସି ନେଇଯିବି । ସେତେବେଳେ ଯେମିତି 'ନା' ନକରୁ! 'ନା' କଲେ ସେତେବେଳେ ବି ମରିବି ।"

– କହିଲି ପରା ତତେ ବାହାହେବି ।

ଶୁଭ୍ରାଂଶୁ ଆଶ୍ୱସ୍ତ ଦିଶିଲା ଓ ହସିଲା । ସୁଜାତାଠୁ ବିଦାୟ ଘେନି ଫେରନ୍ତା କେନ୍ଦୁଝର ବସ୍‌ରେ ବସିଲା । ଏ ସମ୍ବନ୍ଧରେ ଅନ୍ଧାରରେ ରହିଲା ସାରା ଦୁନିଆ ।

ଏହାପରେ ଯାହା ଘଟିଲା, କୌଣସି ଗଳ୍ପ ବା ଉପନ୍ୟାସ ବା ସିନେମାର ବିଷୟବସ୍ତୁଠାରୁ କମ୍ ଅଭାବିତ ଓ ଆଶ୍ଚର୍ଯ୍ୟଜନକ ନୁହଁ!

ଇତିମଧ୍ୟରେ ବର୍ଷୁଟେ ବିତିଯାଇଥିଲା । ଶୁଭ୍ରାଂଶୁ ମଝିରେ ମଝିରେ ପୂର୍ବପରି ତାଙ୍କ ଘରକୁ ଯାଆସ କରୁଥିଲା । ସୁଜାତା ସହ ଗପୁଥିଲା, ଲୁଡୁଖେଳୁଥିଲା । କିନ୍ତୁ ବିବାହକଥା କାହାରିକି କହୁନଥିଲା । ଏପରିକି ସୁଜାତାକୁ ମଧ୍ୟ । ସୁଜାତା କିନ୍ତୁ ପ୍ରମାଦ ଗଣୁଥିଲା । ଶୁଭ୍ରାଂଶୁ ଭୁଲିଯାଇଥିବ କି!

ପି.ଜି. ଫାଇନାଲ ପରୀକ୍ଷାଦେଇ ଘରେ ରହୁଥିଲା ସୁଜାତା ।

ଶୁଭ୍ରାଂଶୁର ମଧ୍ୟ ପାଠପଢା ସରିଯାଇଥିଲା ।

ହଠାତ୍ ଦିନେ । ଉଲକା ପରି ପହଞ୍ଚିଗଲା ଶୁଭ୍ରାଂଶୁ ସୁଜାତା ପାଖରେ । ହାତରେ ତା'ର ଜିନ୍ଦଲ କମ୍ପାନୀର ନିଯୁକ୍ତି ପତ୍ର ।

"ନାନୀ ହେଇ ଦେଖ, ମୁଁ ଚାକିରି ପାଇଚି । ଚାଲେ!" – କହିଲା ଶୁଭ୍ରାଂଶୁ ।

ସୁଜାତା ମଥାରେ ଚଡକ । କ'ଣ କରିବ ସେ ଏବେ! ନା ଅନ୍ୟପଥ ନାହିଁ ।

ମନ୍ତୁରା ହେଲା ପରି ସୁଜାତା ଭଲ ଶାଢୀ ବଦଳେଇଲା । ସେ ମୂକ ହୋଇଯାଇଥିଲା ଓ ବାପା ବୋଉ ଓ ସାନଭାଇକୁ ଦେଖି କେବଳ କାନ୍ଦୁଥିଲା । କେହି କିଛି ବୁଝିବା ପୂର୍ବରୁ ଶୁଭ୍ରାଂଶୁ ସହ ସେ ଘରଛାଡିଲା । ପରିବାର ମଣିଷଙ୍କ ମୁହଁକୁ ସେ ବଲବଲକରି ଚାହୁଁଥିଲା ଓ କାନ୍ଦୁଥିଲା ।

ଏହା ହେଲା, ଶୁଭ୍ରାଂଶୁ-ସୁଜାତା – ବିବାହ ନାଟକର ଅନ୍ତିମ ଦୃଶ୍ୟ ।

ପ୍ରାୟ ମାସକପରେ ଗୋଡ ଦୁଇଟା ସୁଜାତାର ବଧିରା ଲାଗିଲା । ପରେ ପରେ ଅଚଳହେଲା । ସେ ଚଳତ୍ ଶକ୍ତି ହରାଇବସିଲା । ବିବାହ ପରେ ମଧ୍ୟ ଶୁଭ୍ରାଂଶୁ 'ନାନୀ' ଡାକୁଥିଲା ସୁଜାତାକୁ ।

"ତୁ ଭଲହୋଇଯିବୁ ନାନୀ" – ସବୁବେଳେ ଆଶ୍ୱାସନା ଦେଉଥିଲା ଶୁଭ୍ରାଂଶୁ । କିନ୍ତୁ ଗୋଡ ଭଲ ହେଉନଥିଲା । ବସିବା ଥାନରୁ ଉଠିପାରୁନଥିଲା ।

ସଞ୍ଜ ହୋଇ ଆସୁଚି । ଶୁଭ୍ରାଂଶୁ ଫେରିନାହିଁ ।

ପାଗଳାଟା ! ଆପକୁ ଆପ ଗୁଣ୍‌ଗୁଣ୍ ହଉଥିଲା ସୁଜାତା ।

ସେ ସମୁଦ୍ର ଓ ବେଳାଭୂମି ଆଡେ ଚାହିଁରହିଥିଲା, କିନ୍ତୁ କେଉଁଟାକୁ ଠିକ୍‌ରେ ଦେଖୁନଥିଲା । ତା'ର ଅସାମର୍ଥ୍ୟ କଥା ମନେପଡିଯାଆନ୍ତେ ସମୁଦ୍ର ଗୋଟାକ ତାକୁ ଶୁଖିଲା ମନେହେଲା ......

ହଁ ଲେଡି ଡାକ୍ତର କଥା । ସେ ତା'କଥାରୁ କ'ଣ ବୁଝିଲେ କେଜାଣି ଶୁଭ୍ରାଂଶକୁ କହିଥିଲେ, ଭଲ ସାଇକିଆଟ୍ରିଷ୍ଟ୍‌ର ପରାମର୍ଶନେବାକୁ ।

ନୂଆ ଆଗ୍ରହ ସହ ଶୁଭ୍ରାଂଶୁ ନେଇଗଲା ତାକୁ ସାଇକିଆଟ୍ରିଷ୍ଟ୍ ପାଖକୁ ।

ସୁଜାତାର କିନ୍ତୁ ଆଗ୍ରହ ନଥିଲା । ନିଜପାଇଁ ଦୁଃଖ ନଥିଲା ତା'ର । ଶୁଭ୍ରାଂଶୁର ଆଗ୍ରହରେ ଆଞ୍ଚ ନଆଣିବା ସକାଶେ ତାକୁ ଯିଆଡେ ନିଆଯାଉଥିଲା ସେ ସିଆଡେ ଯାଉଥିଲା କେବଳ । ଯଦିବା ସେ ଜାଣିଥିଲା, ଗୋଡ ଆଡୁ ସେ ମରି ମରି ଯାଉଚି ।

........... ସାଇକିଆଟ୍ରିଷ୍ଟ୍ ମହାଶୟ ପ୍ରେସ୍‌କ୍ରିପ୍‌ସନ୍ ଓ ରିପୋର୍ଟ ସବୁ ଦେଖିଲେ । ଜାଣିଲେ ରୋଗନାହିଁ । ଶୁଣିଲେ ଜଣେ ଲେଡିଡାକ୍ତର ତାଙ୍କ ପାଖକୁ ଆସିବାକୁ ସୁପାରିଶ୍ କରିଛନ୍ତି ।

"ନାନୀର ଗୋଡ ଦୁଇଟା ଦିନକୁ ଦିନ ବେଶୀ ଅଚଳ ହୋଇଯାଉଛି ।" - କଥା ଆରମ୍ଭକଲା ଶୁଭ୍ରାଂଶୁ । ସେ ବୁଝିପାରୁନଥିଲା, ଜଣେ ମନୋବିଜ୍ଞାନୀ କେମିତି ନାନୀର ଅଚଳଗୋଡର ଚିକିତ୍ସା କରିବେ । ତଥାପି ସାଇକିଆଟ୍ରିଷ୍ଟଙ୍କ ଉପରେ ତା'ର ଭରସାଥିଲା ।

: ନାନୀ ! ତୁମର ବଡ ଭଉଣୀ ! ତାଙ୍କ ସ୍ୱାମୀ କେଉଁଠି ରହନ୍ତି ?

: ମୋ ବଡ ଭଉଣୀ ନୁହଁ, ମୋର ସ୍ତ୍ରୀ ।

: ତୁମର ସ୍ତ୍ରୀ, ଅଥଚ ତୁମେ ନାନୀ ସମ୍ବୋଧନ କରୁଛ ?

: ଆରମ୍ଭରୁ ଅଭ୍ୟାସ ରହିଯାଇଚି, ଛାଡିପାରୁନି । ମୋ ସହପାଠୀ ବନ୍ଧୁର ବଡ ଭଉଣୀ । ଆମର ପ୍ରେମ ବିବାହ ।

ଶୁଭ୍ରାଂଶୁ କହୁଥିବାବେଳେ ସାଇକିଆଟ୍ରିଷ୍ଟ୍ ଚାହିଁଥିଲେ ନାନୀ କୁହାଯାଉଥିବା ଯୁବତୀ ନାରୀଟିର ମୁହଁକୁ । ଦେଖୁଥିଲେ ତା'ମୁହଁରେ ପରିବର୍ତ୍ତନ । ମୁହଁର ମାଂସପେଶୀ ଘନଘନ ସ୍ଫୁରିତ ହେବା ସେ ଦେଖୁଥିଲେ । ଲକ୍ଷ୍ୟକରୁଥିଲେ ଯୁବତୀନାରୀଟିର ଆଖିଦୁଇଟି ସତେବା ନିଷ୍ପ୍ରାଣ ହୋଇପଡୁଛି । କାହିଁକି ?

ସୁଜାତା ଓ ଶୁଭ୍ରାଂଶୁଙ୍କୁ ପୃଥକ୍ ଶୁଣିବାକୁ ସେ ଚାହିଁଲେ ।

ତାଙ୍କ ଇସାରାରେ ଶୁଭ୍ରାଂଶୁ ସେଠୁ ସରିଗଲା ।

ଯୁବତୀ ନାରୀଟିର ଦେହର ଉଜ୍ଜଳତା ଟିକେ ବି ମଳିନ ପଡିନାହିଁ । ଚମ୍ପାଫୁଲିଆ ମୁହଁ । ସାଇକିଆଟ୍ରିଷ୍ଟଙ୍କୁ ଲାଗିଲା, ତା'ର ଯନ୍ତ୍ରଣା ଗୋଡରେ ନୁହଁ, ବରଂ ମଥାରେ । ଆଖିରେ ତା'ର କାତର ଦୃଷ୍ଟି ସେ ଦେଖିଲେ ।

ଏଭଳି ରୋଗୀଟିଏ ସେ ପ୍ରଥମକରି ଦେଖୁଚନ୍ତି । ଯେମିତି ଦେଖିଥିଲେ ସିଗ୍‌ମଣ୍ଡ ଫ୍ରଏଡ୍ ।

: ତୁମର ରୋଗଟିକୁ ମୁଁ ଚିହ୍ନଟ କରିସାରିଲିଣି । ଅଧିକ ନିଶ୍ଚିତ ହେବାକୁ କେତୋଟି ପ୍ରଶ୍ନ ପଚାରିବି । ମନରେ କିଛି ନଭାବି ସତ ସତ ଉତ୍ତର ରଖିବ । ଲୁଚେଇବ ନାହିଁ ।

ଯୁବତୀନାରୀଟି ସମ୍ମତି ସୂଚକ ମୁଣ୍ଡନାଡିଲା ଓ ତଳକୁ ମୁହଁକଲା ।

: ତୁମର ପୂରା ନାମ ? ଓ ଜନ୍ମତାରିଖ ? ଓ ଶିକ୍ଷାଗତ ଯୋଗ୍ୟତା ?

ଖଣ୍ଡେ କାଗଜରେ ଲେଖିରଖିବା ପାଇଁ ପ୍ରସ୍ତୁତି ନେଲେ ସାଇକିଆଟ୍ରିଷ୍ଟ୍ ।

: ମୋ ନିଜନାମ ମୁଁ ନିଜେ ଭୁଲିବାକୁ ବସିଲିଣି । ବାପା ବୋଉ ସାଙ୍ଗସାଥୀଙ୍କ ପାଟିରେ ଓ ସାର୍ଟିଫିକେଟ୍‌ରେ ମୋ ନାମ ଥିବ । ବହୁଦିନ ହେବ ଅନ୍ୟର ପାଟିରେ ମୋ ନାମ ଶୁଣିନାହିଁ ।

କହିଲାବେଳେ ସେ ଦୁଃଖୀ ଦୁଃଖୀ ଲାଗୁଥିଲା । ଏବଂ କହିଲା – ନାମ, ଜନ୍ମତାରିଖ ଓ ଶିକ୍ଷାଗତ ଯୋଗ୍ୟତା ।

: ସୁଜାତା ଦେବୀ, ତୁମର ପ୍ରେମ ବିବାହ ?

: ନା । ମୁଁ ତାକୁ ଭଲ ପାଉଥିଲି କିନ୍ତୁ ପ୍ରେମକରୁନଥିଲି । ସେ ମୋ ସାନଭାଇର ବଂଧୁ । ଆମ ଘରକୁ ଆସେ ।

: ଅର୍ଥାତ୍ ତାଙ୍କର ଏକତରଫା ପ୍ରେମ ?

ସୁଜାତା ହଁ କଲା ଓ ତଳକୁ ମୁହଁକଲା ।

: ଏକତରଫା ପ୍ରେମଟି କେମିତି ଆନୁଷ୍ଠାନିକ ମର୍ଯ୍ୟାଦା ପାଇଲା ?

ସୁଜାତାର ଚାହାଣି ବଦଳିଗଲା । ଦୁନିଆ ଯେଉଁ କଥାଟି ଜାଣିନାହିଁ, ସାଇକିଆଟ୍ରିଷ୍ଟ୍ ସେଇଆ ପଚାରୁଛନ୍ତି । ସେ ଥତମତ ହେଲା ।

: କହିଥିଲି କିଛି ଲୁଚେଇବ ନାହିଁ । ସେଇଥିରେ ତୁମର ମଙ୍ଗଳ । ତୁମେ ଜାଣିଥିବ, ଜଣେ ମନୋବିଜ୍ଞାନୀର ମନକୁ ନେଇ କାରବାର । ମନରୁ ବହୁତ ରୋଗର ଉତ୍ପତ୍ତି । ସଂପୃକ୍ତ ମଣିଷଟି ତାହା ଜାଣିପାରେନା । କିମ୍ବା ଜାଣିକରି ମନର ଦାସବନିଯାଏ । ତୁମେ ଆହୁରି ସହଜ ହୋଇଯାଅ । ପ୍ରତିଶ୍ରୁତି ଦେଉଛି, ତୁମ ଗୋଡ ଠିକ୍ ହୋଇଯିବ ।

ସୁଜାତାକୁ ବଳ ମିଳିଗଲା ଭଳି ଲାଗିଲା । ସେ ଆମୂଳାନ୍ତ ଘଟନା ବର୍ଣ୍ଣିବାକୁ ଲାଗିଲା । ବର୍ଣ୍ଣିବା ବେଳେ ସେ 'ଭଲପାଇବା' ଶବ୍ଦ ବାରମ୍ବାର ବ୍ୟବହାର କରୁଥିଲା, କିନ୍ତୁ 'ପ୍ରେମ' ଶବ୍ଦ ତା ପାଟିରୁ ବାହାରୁନଥିଲା ।

ମୁଁ 'ନା' କହିଥିଲେ ସେ ଏତେବେଳକୁ ନଥାନ୍ତା – କହିଲା ସୁଜାତା ।

ଏବଂ ପୁଣି କହିଲା –

ଶୁଭ୍ରାଂଶୁକୁ ମୁଁ ନିକଟରେ ସହିପାରୁନି, କିନ୍ତୁ ଆଖିଆଗରୁ ଦୂରରେ ରହିଲେ ମୁଁ ଅସହାୟ ହୋଇପଡୁଚି । ସତ, ମୁଁ ତାକୁ ଭଲପାଏ ଶ୍ରଦ୍ଧାକରେ ।

ସାଇକିଆଟ୍ରିଷ୍ଟ୍ ମହାଶୟ ଅଧିକ ପଚାରିବାରୁ ବିରତ ରହିଲେ ।

ଯେଉଁ ଶରୀରରେ ଶିହରଣନାହିଁ, ତାହା କାଠଗଡଟିଏ ମାତ୍ର ।

ସ୍ୱାମୀର ମୁଖା ଲଗେଇ ସାନ ଭାଇଟିଏ ଧର୍ଷଣ କରିଚାଲିଚି ଦିନ ପରେ ଦିନ । ଇଡିୟଟ୍ !

ସାଇକିଆଟ୍ରିଷ୍ଟଙ୍କର ମନେପଡିଲା, ପୃଥିବୀର ପ୍ରଥମ ମନୋବିଜ୍ଞାନୀ ସିଗ୍ମଣ୍ଡ୍ ଫ୍ରଏଡ୍ ଏହିପରି ଜଣେ ମହିଳାଙ୍କୁ ଆବିଷ୍କାର କରିଥିଲେ । ଏବଂ ଚିକିତ୍ସା । ଏବଂ ମହିଳାଙ୍କର ଆରୋଗ୍ୟଲାଭ .......

ବଡ ଭଉଣୀ ଦୁରାରୋଗ୍ୟ ବ୍ୟାଧିରେ ପୀଡିତା । ଶଯ୍ୟା ପାଖରେ ସାନ ଭଉଣୀ ଉପସ୍ଥିତ । ଏବଂ ଭିଣୋଇବାବୁ ମଧ । ସାନ ଭଉଣୀର ଗହନ ମନରେ ଖେଳୁଚି ଏକ ହିଁ କଥା । ବଡ ଭଉଣୀ ମରିଯିବ । ତା'ପରେ ?

..... ଖୁବ୍‌ଶୀଘ୍ର ବଡ ଭଉଣୀ ମରିଗଲା । କେଇ ମୁହୂର୍ତ୍ତ ପାଇଁ ସାନଭଉଣୀର ମନଗହନରେ ସଂପୁଟିତ ଭାବନା ଉପରସ୍ତରକୁ ଭାସିଉଠିଲା । ଭିଣୋଇବାବୁ ତାକୁ ଆପଣେଇନେବେ । ସତ । ଆହାଃ କି ଆନନ୍ଦ !

........ ଭିଣୋଇବାବୁ କିନ୍ତୁ ଶାଳୀର ମନର କଥା ପଢିପାରିଲେ ନାହିଁ । ପଢିବାରେ ମଧ୍ୟ ତାଙ୍କର ଆଗ୍ରହ ନଥିଲା ।

ଗୋପନରେ ଭୟଙ୍କର ମାନସିକ ଆଘାତ ପାଇଲା ମହିଳାଟି ।

କିଛି ଦିନ ପରେ ଗୋଡ ଦୁଇଟି ଅଚଳ ହୋଇଗଲେ ରୋଗ ନଥାଇ ।

ସେ ସମୟରେ ମନୋରୋଗୀଙ୍କଠୁ ମନଗହନରୁ କଥା ହାସଲକରିବା ସହଜ ନଥିଲା । ଫ୍ରଏଡ୍‌ଙ୍କୁ ସମ୍ମୋହନ ବିଦ୍ୟା ପ୍ରୟୋଗ କରିବାକୁ ପଡିଥିଲା । ସମ୍ମୋହିତ ଅବସ୍ଥାରେ ମହିଳାଟି ଏହି ତଥ୍ୟ ଦେଇଥିଲା ......

ସାଇକିଆଟ୍ରିଷ୍ଟ୍ ମହାଶୟ ଶୁଭ୍ରାଂଶୁର ଅଲଗା ସାକ୍ଷାତ୍‌କାର ନେଲେ ।

ଏବଂ ଆପଣାର ସିଦ୍ଧାନ୍ତନେଇ ପ୍ରାୟ ନିଃସନ୍ଦେହ ହେଲେ ।

ଏବଂ ବିନା ଔଷଧରେ ନିଦାନ ବତେଇଲେ ।

ଗୋପନରେ ଶୁଭ୍ରାଂଶୁକୁ । କ'ଣ ବତେଇଲେ ସେ ଦୁହିଁଙ୍କୁ ଜଣା ।

ସୁଜାତା ଚାହିଁରହିଚି ବାହାରକୁ । ସମୁଦ୍ରରେ ପାଣିନାହିଁ । ଅତଏବ୍ ଲହଡି ନାହିଁ । ଖଙ୍କଳା ପଡିଚି ସମୁଦ୍ରର ପେଟ । ବେଳାଭୂମିରେ ମଣିଷ ପୂର୍ବପରି ବୁଲଚାଲ କରୁଚନ୍ତି, ହେଲେ ସେମାନେ ମନେହେଉଚନ୍ତି ତାରିପରି ଦୁଃଖୀ ଦୁଃଖୀ । କାଠ କଣ୍ଢେଇ ପରି ଆବେଗ ପ୍ରବେଗ ହୀନ ।

କିରେ ତୁମର ପୁଣି କ'ଣ ହେଲା ? ମୋର ସିନା ଗୋଡ ଅଚଳ, ତୁମେ ତ ଦୁଇଦୁଇଟା ସବଳ ଗୋଡ ପାଇଚ ? ଇମିତି ମୁହଁ କୁଷ୍ମୁଣ୍ଡା କରିଚ କାହିଁ ପାଇଁ ? ଆପକୁ ଆପ ବରବର ହେଲା ସୁଜାତା ।

ସୁଜାତା ......... ।

ଦରଜା ସେପଟେ ଡାକ ଶୁଭିଲା ।

କିଏ ଡାକିଲା ? ଶୁଭ୍ରାଂଶୁ !

ମୋର ଶୃତିଭ୍ରମକି ?

ସୁଜାତା ..... । ରୁମ୍ ବାହାରେ ଡାକ ଉଚ୍ଚରୁ ଉଚ୍ଚତର ହେଉଛି । ପାଦଶବ୍ଦ ସ୍ୱଷ୍ଟ ଶୁଭିଯାଉଛି ।

ହଠାତ୍ । ସୁଜାତା ବାରିଲା ଏକ ବିଦ୍ୟୁତ୍ ପ୍ରବାହ । ମସ୍ତିସ୍କରୁ ବାହାରି ସର୍ବାଙ୍ଗକୁ ଛୁଇଁ ଛୁଇଁ ଯାଉଛି । ପ୍ରଥମକରି ସେ ଶୁଣୁଚି ନିଜ ନାଁ । ପୁଣି ଶୁଭ୍ରାଂଶୁର ପାଟିରେ ।

ଖଙ୍କଳା ପଡିଥିବା ସମୁଦ୍ରରେ ପୁଣି ଜଳ ଭର୍ତ୍ତି ହେଇଉଠୁଚି । ଉଠୁଚି ଭୟାନକ ଲହଡି । ବେଳାଭୂମିରେ ବହୁ ଫୂର୍ତ୍ତିବାଜ୍ ମନେହେଉଚନ୍ତି ମଣିଷ ।

ଶୁଭ୍ରାଂଶୁ ଆସୁଚି ।

ସୁଜାତା ! ଦେଖିଲ, କ'ଣ ଆଣିଛି ?

ମୁହଁ ବୁଲେଇ ପଛକୁ ଚାହିଁଲା ସୁଜାତା । ଠିଆହୋଇଚି ଶୁଭ୍ରାଂଶୁ । ମୁହଁ ହସ ହସ । ସେ ମୁହଁରେ ତା ସାନ ଭାଇର ମୁହଁ ନାହିଁ । ଇଏ ସେ ଶୁଭ୍ରାଂଶୁ ନୁହଁ, ଯାହାକୁ ନିକଟରେ ଦେଖି ସେ ସହିପାରେନା । ଓଃ !

ସୁଜାତା ଜାଣିପାରୁଚି, ତା' ଶରୀରରେ ବିଦ୍ୟୁତ୍ ପ୍ରବାହ ମୁହୁର୍ମୁହୁ । ରକ୍ତପ୍ରବାହ ଦ୍ରୁତ ।

ହଁ, ଠିଆହେଇଚି ଶୁଭ୍ରାଂଶୁ । ହାତରେ ଧରିଛି ପାକେଟ୍‌ଟିଏ । ତା'ମୁହଁରେ ଗଡ ଜିତିଯିବାର ଠାଣି ।

କିହୋ, ତୁମେ ପାଖକୁ ଆସୁନାହଁ କାହିଁକି ! ଠିଆହେଇଚ ସେଠି ! ଓଃ, ମୋ ଦେହରେ ଇଏ କ'ଣ ସବୁ ହେଉଚି !

ଦେଖିବ କ'ଣ ଆଣିଚି ! ପଲଙ୍କ ସେପଟେ ଠିଆହୋଇ କହିଲା ଶୁଭ୍ରାଂଶୁ । ସୁଜାତା ! ତୁମ ପାଇଁ ..... ଦେଖ । ସେ ପ୍ୟାକେଟ୍ ରଖିଲା ପଲଙ୍କ ଉପରେ । ଏବଂ ଖୋଲିବାର ଉପକ୍ରମ କଲା ।

ସୁଜାତାର ମନେନାହିଁ, ସେ ଠିଆ ହୋଇସାରିଥିଲା । ଏବଂ ଗୋଟେ ଗୋଟେ ପାଦ ବଢଉଥିଲା ଶୁଭ୍ରାଂଶୁ ଆଡେ ।

ପଲଙ୍କ ଉପରେ ଖୋଲା ମେଲା ହୋଇ ପଡିଥିଲା ଗୋଟେ ଆକାଶୀ ରଙ୍ଗର ପାଟଶାଢୀ ।

# ବାଘମାମୁ

ଏହି ଶେଷଥରକୁ ଛାଡି ସେ ତିନିଥର ନିଉନହେଇ କହିଥିଲା ଏକ ହିଁ କଥା । ତା ବୋଉକୁ ଓ ବେଙ୍ଗ ବାପାକୁ ।

ଉତ୍ତରରେ ତା' ବୋଉ କହିଥିଲା – ପାଗଳଟା !

କହିଥିଲା ବେଙ୍ଗବାପା – ଲଫଙ୍ଗା ! ତନ୍ତୀଟୋକା !

ନରିପୁର ଗାଁର ବେଣୁଆ, ଶୁଭନାମ ବେଣୁଧର, ଚେନ୍ନାଇରୁ ଫେରିଚି । ଛଇଛାଡ୍ ଟୋକା । ପାତେଇକି ମୁଣ୍ଡ କୁଣ୍ଡାଏ । କଅଁଳ କଥା କହେ । ହାଫ୍‌ପେଣ୍ଟ୍ ପିନ୍ଧି ଗାଁରେ ବୁଲେ । ଚେନ୍ନାଇରୁ ଫେରିବାପରେ ସରପଞ୍ଚର ଖାସ୍‌ଲୋକ ବନିଚି । ତା'ରି ପଛେ ଘାଇଁ ଘାଇଁ ବୁଲୁଚି । ଗାଁରେ ଖାତିର ବଢ଼ିଚି ତା'ର ।

ହେଲେ ତା' ବୋଉ ଓ ବେଙ୍ଗବାପା ପାଖରେ ତା' ଖାତିର କାମ ଦେଉନି ।

ବେଣୁଆ ଚେନ୍ନାଇରେ କପଡ଼ା କାରଖାନରେ ସୂତାରେ ରଙ୍ଗଦେବା କାମରେ ବାହେଲ ଥିଲା ! ଗଲା ସରପଞ୍ଚ ଭୋଓଟ ପୂର୍ବରୁ ଗଅନ୍ତିଆ ଫୋନ୍ କଲା ବେଣୁକୁ ।

"ବେଣୁ ରେ ! ତୁ ନଆସିଲେ ମୁଁ ଭୋଓଟରେ ହାରିଯିବି । ଯେମିତି ହେଉ, ତୁ ଚାଲିଆସେ । ଭୋଓଟ ପରେ ତତେ ମୁଁ ଡିଲର କରିଦେବି । ତୋ ବୋଉକୁ ଆଉ ଛେଳି ପାଳିବାକୁ ପଡିବନି । କି ତତେ ଆଉ ମିହନ୍ତ କରିବାକୁ ପଡିବନି ଏତେ ଦୂରରେ । ବାପା ବେଣୁଧର, ଆସିବୁଟି !" କହିଲେ ଗଅନ୍ତିଆ ।

ବେଣୁଆ ଉଲୁସି ଉଠିଲା । ଖୋଦ୍ ଗଅନ୍ତିଆ ଫୋନ୍ କରିଚିଟି !

ସେ ଚେନ୍ନାଇ ଛାଡିଲା । ଗାଁରେ ପହଞ୍ଚିଲା । ତା ଭେକ ସଭିଁଙ୍କୁ ତାଟକା ବନେଇଦେଲା । ହିହରେ ହାଫ୍‌ପେଣ୍ଟ ଓ ଟି-ସାର୍ଟ । ଏବଂ ଚୂଳ ଷ୍ଟାଇଲ୍ କେମିତିକା ଭିନ୍ନ । ପତଳା ନିଶଟି ତାକୁ ଭଲ ମାନୁଥିଲା ।

ବଣ ମୁଲକର ନରିପୁର ଗାଁରେ ଟୋକା କ'ଣ ସାନ ପିଲାମାନେ ମଧ୍ୟ ହାଫ୍‌ପେଣ୍ଟ୍ ପିନ୍ଧୁନଥିଲେ । ଟୋକାମାନେ ପିନ୍ଧୁଥିଲେ ଲୁଙ୍ଗି କିମ୍ବା ଗାମୁଛା ଏବଂ ସାନ ପିଲାମାନେ କବଟା ନଇଲେ ଗାମୁଛା ନଇଲେ କିଛି ନୁହେଁ, ମାନେ ସୁଦ୍ଧୁ ନଙ୍ଗଳା ।

ତା ବୋଉ କହିଲା – ବେଫାଇଦାଙ୍କ ପରି ଅଧାପେଣ୍ଟ୍ ପିନ୍ଧି ଗାଁଟା ଭିତରେ ବୁଲୁଚୁ କିଆଁ । ଲୁଙ୍ଗି ପିନ୍ଧ ନଇଲେ ଯେଉଁ ପୂରାପେଣ୍ଟ୍ ହଲେ ଆଣିଚୁ ତାକୁ ପିନ୍ଧ ।

ବେଣୁଆ କହିଲା – ଚେନ୍ନାଇରେ ମୋଠୁ ଆଉରି ବଡ଼ମଣିଷ ବି ହାଫ୍‌ପେଣ୍ଟ୍ ପିନ୍ଧନ୍ତି । ତୁ ବୁଝୁନୁ ବୋଉ !

ବୋଉ କହିଲା – ହଉ ।

ପଞ୍ଚାୟତ ଭେଓଟ ସରିଲା । ଗଅନ୍ତିଆ ଜିତିଲା । ବେଣୁଆର ଖାତିର ଆହୁରି ଧାପେ ଉପରକୁ ଉଠିଲା । ହେଲେ ଡିଲର ହେବା ନୋହିଲା । ଗଅନ୍ତିଆ କହୁଚି ସମୟ ଲାଗିବ, ଥୟଧର ।

ଥୟ ଧରିବି ! ସେତେବେଳକୁ ବେଣୁଆ ନିଜେ ପ୍ରଚାର କରିସାରିଲାଣି ସେ ଡିଲର ହଉଚି । କ'ଣ ହବ ଏବେ !

ବେଣୁଆ ରାଗରେ ବା ଅଭିମାନରେ ଚେନ୍ନାଇ ବାହୁଡିଯାଇଥାନ୍ତା । କିନ୍ତୁ ଇମିତି ଗୋଟେ ଘଟନା ଘଟିଲା, ଯାହା ତାକୁ ଚେନ୍ନାଇକୁ ଛି କରିଦେବାକୁ ବାଧକଲା ।

ଦିନେ ବାମ୍ଫିମୂଳଦେଇ ଯିବା ଅବସରରେ ବେଣୁଆ ଭେଟିଲା ବେଙ୍ଗକୁ । ବେଙ୍ଗ ବେଣୁଆକୁ ଦେଖି ପହିଲୁ ମୁରୁକି ମୁରୁକି ହସିଲା । ବେଣୁଆ ହସ ଫେରେଇଲାରୁ ବେଙ୍ଗ ଆବାଜ୍‌କରି ହସିଲା । ବେଣୁଆ ଖୁସିହେଲା । ଆହାଃ !

"କାହିଁକି ହସିଲୁ ?" – ପଚାରିଲା ବେଣୁଆ ।

"ତତେ ଦେଖି ହସିଲି ।" – ହସ ବଜାୟରଖି ବେଙ୍ଗ ଉତ୍ତର ଦେଲା ।

– ମୋଠି କ'ଣ ଦେଖିଲୁ କି ?

"ତୋର ଛୋଟପେଣ୍ଟ୍, ଛୋଟ ଜାମା ଆଉ ମୁଣ୍ଡକୁଣ୍ଡେଇବା ଢଙ୍ଗ ବଢିଆ । ଗାଁରେ କୋଉ ଟୋକାର ଇମିତିକା ଭେକ ଅଛି କହିଲୁ ।" – କହିଲା ବେଙ୍ଗ ।

ବେଣୁଆର ଖୁସି ତା'ର ନାଇମୁଣ୍ଡରୁ ଉଠୁଥିବାର ସେ ଜାଣିଲା । ବେଙ୍ଗ ତେବେ ତାକୁ ପସନ୍ଦ କରିଚି ! ଓଃ !

କହିଲା – ବୁଝିଲୁ ବେଙ୍ଗ, ଚେନ୍ନାଇରେ ବଡବଡ ବାବୁମାନେ ଏଇଭଳିଆ ପିନ୍ଧନ୍ତି । ପିନ୍ଧି ଗତାଗତ କରନ୍ତି । ଚେନ୍ନାଇ ଗୋଟେ ବିରାଟ ଜାଗା । ବଢିଆ ଜାଗା । ସେଠି ସବୁ ଅଛି । ତୁ ଯାହା ଖୋଜିବୁ !

"ତୁ ତ ବାବୁ ନୁହଁ" - କହିଲା ବେଳେ ବେଙ୍ଗ ଅଦରକାରୀ ଭାବେ କିରିକିରି ହସିଲା ।

"ବାବୁ ନୁହଁ? ଚାଲେ ଦେଖିବୁ, ସରପଞ୍ଚ କେମିତି ମତେ ନପଚାରି କୌଣସି କାମ କରେନା! ଆଉ ଜାଣିଚୁ? ସେ ମୋତେ ଡିଲର କରିଦେବ ।" - କହିଲାବେଳେ ବେଣୁଆକୁ ଲାଗିଲା ତା'ର ଛାତି ଆଡ ଦୀର୍ଘରେ ଦୁଇଗୁଣ ଫୁଲି ଉଠିଚି ।

"ଡିଲର? ମୋ ବାପାଲୋ! ଆମକୁ ମାଟିତେଲ ଦବୁନା!" ସତରେ ଖୁସି ହୋଇଗଲା ବେଙ୍ଗ ।

ବେଣୁଆ ହଁ ଭରିଲା ।

ସେଇ ଦିନଠୁ ବାଙ୍ଗିମୂଳରେ ବେଙ୍ଗ ସହିତ ତା'ର ନିୟମିତ ଦେଖାହେଲା । ଦେଖାହେଲା ନୁହଁ, ବରଞ୍ଚ ଦେଖା କରିବାକୁ ବେଣୁଆ ଟାକିକିନା ରହିଲା । ସତ, ବେଣୁଆ ଉପରେ ନଜର ପଡିବା ମାତ୍ରେ ବେଙ୍ଗ ମୁରୁକି ମୁରୁକି ହସୁଥିଲା ଏବଂ ସେଇପରି ହସ ଫେରେଇବାକୁ ବେଣୁଆ ସୁଖ ପାଇଲା । ତା ମନ କହିଲା, ବେଙ୍ଗ ସହିତ ତା'ର ଭାବ ହୋଇଚି । ବୋଧେ ଏଇଆକୁ ଭାବ କହନ୍ତି! ଭାବ ମାନେ ପ୍ରେମ!

ଆହାଃ! ବେଙ୍ଗ ମତେ ପ୍ରେମ କରୁଚି!

କିନ୍ତୁ .......

ବେଣୁଆର ଡିଲର ହବା ଦିନ ଘୁଞ୍ଚିଘୁଞ୍ଚି ଯାଉଥିଲା ।

ଏବଂ ବେଙ୍ଗ ସହିତ ହସ ବିନିମୟ ଅଧିକ ନିୟମିତ ଓ ଅଧିକ ଦୀର୍ଘ ହଉଥିଲା ।

ଏବଂ ବେଙ୍ଗ ଆଖିରେ କଥା କହୁଥିବାର ସେ ଜାଣୁଥିଲା ।

ଏବଂ ଚେନ୍ନାଇ ଗୋଟେ ବାଜେଜାଗା ବୋଲି ତା' ମନ କହୁଥିଲା ।

ଏବଂ ଗାଁ ଛାଡି ଅର୍ଥାତ୍ ବେଙ୍ଗକୁ ଛାଡି କୁଆଡେ ଯାଆନା ବୋଲି କିଏ ତା ଭିତରୁ କହୁଥିଲା ।

ଦିନକର କଥା ।

ବେଣୁଆ ପଚାରିଲା - ବେଙ୍ଗ, ତୁ ମତେ ଦେଖି ଡେଲି ହସୁଚୁ । ନୁହଁ?

ତୁ ଭଲ ଦିଶୁଚୁ । ଫେର୍ ଡିଲର ହବୁ । ଫେର୍ ଆମକୁ ମାଟିତେଲ ଦବୁ ..... ଏତିକି ଅବଶ୍ୟ ବେଙ୍ଗ ମୁହଁରେ କହିଲା, ତେବେ ଆଖିରେ ଓ ମୁହଁଭଙ୍ଗୀରେ ଅଧିକ କିଛି କହିଲା ଭଳି ଜଣାଗଲା ।

ଯାଃ ଭାସିଗଲା ବେଣୁଆ! କଉଁଠୁ ବଳ ପାଇଲା କେଜାଣି କହିପକେଇଲା - ଚାଲୁନୁ ଆମେ ଚେନ୍ନାଇ ପଳେଇବା ।

ଝିଅ ପୁଅ ଘରୁ ଫେରାର୍ ହେବାନେଇ ସେ ଚେନ୍ନାଇରେ ଜ୍ଞାନ ପାଇଥିଲା ।

ଚେନ୍ନାଇ ଯିବି? କାହିଁକି? ତୁ କପଡ଼ା କଳରେ କାମ କରୁଥିଲୁ ତୁ ଯିବୁ । ମୁଁ କାହିଁକି ଯିବି? ସେଠି ମୋର କାମ କ'ଣ! ଆଉ ମୁଁ ଗଲେ ମୋ ବାପା କିମିତି ଗଣ୍ଡେ ଖାଇବ! ବେଙ୍ଗର କଥା ଥଟ୍ଟା କଲାପରି ଶୁଭିଲା ।

"କ'ଣ କହୁଥିଲିକି, ମୁଁ ତତେ ବାହା ହୁଅନ୍ତି !" – ବେଣୁଆ କଥାଟାକୁ ଖୋଲିଦେଲା ।

ଫେର୍ କିରିକିରି ହସିଲା ବେଙ୍ଗ । ବେଣୁଆଇ ମତେ ବାହାହବ କହୁଚି ! ବାମ୍ପିମୂଳରେ ବେଙ୍ଗର ହସର ଲହଡି ବେଢ ବୁଲିଲା । ଯେଉଁ ହସର ଅର୍ଥ ବୁଝିପାରିଲାନି ବେଣୁଆ ।

ଘବରେଇଗଲା ବେଣୁଆ । ବେଙ୍ଗ କିଛି ଅଘଟଣ ଘଟେଇବ କି ? ତା ବାପା ରାଜୁଆ ବୋଲି ସେ ଜାଣିଥିଲା । ବାରମ୍ବାର ହାଫ୍‌ପେଣ୍ଟ୍ ଟେକିଲା ସେ ।

ହଠାତ୍ ହସ ବନ୍ଦକଲା ବେଙ୍ଗ । ବାହାହବୁ ? ମତେ ବାହାହବୁ ? ସତ କହୁଚୁ ! ଆରେ ତତେ ବାହା ହବାକୁ ମୋର ଷୋଳପଣ ମନ । ତୋର ହାଫ୍‌ପେଣ୍ଟ୍ ଓ ଟେରିଭଙ୍ଗା କାଇଦା ବଢିଆ । ଫେର୍ ତୁ ଡିଲର ହବୁ । କିନ୍ତୁ ବେଣୁଆଇ, ମୋ ବାପ ନକହିଲେ ତତେ ବାହାହେବି କେମିତି !

ପର୍ଯ୍ୟାପ୍ତ ଖୁସିହେଲା ବେଣୁଆ । ସେ ସାରିଭାଙ୍ଗି ହେଲା । ବହୁ ଉତ୍ସାହରେ ଚାପିକିନା କହିଲା – ସେଇଥିପାଇଁ କହୁଥିଲି କାହାକୁ ନଜଣେଇ ଆମେ ଖସି ପଳେଇବା ଚେନ୍ନାଇ । ସେଇଆଡେ ବାହାହୋଇ ରହିବା । ଭାରି ମଜାହବ ।

ଖସି ପଳେଇବା ! ସେଇପରି କ'ଣ ବାହାଘର ହୁଏ ! ବେଙ୍ଗକୁ ଜଣା ନଥିଲା, ପୁଅ ଝିଅ ଲୁଚିକିନା ଘରୁ ପଳାନ୍ତି ଓ ବାହାହେଇ ଦୂରାନ୍ତରେ ରୁହନ୍ତି ଓ ବାପାମା'ଙ୍କୁ ଭୁଲନ୍ତି । ଏବଂ ଭୁଲନ୍ତି ଗାଁକୁ ।

ଶୁଣ ବେଣୁଆଇ, ସଫା କହିଦଉଚି ମତେ ଭୁଲାନା । ବାପ ଯଉଁଠି ବାହାଦବ ମୁଁ ସେଇଠି ହେବି । କିନ୍ତୁ ହେଇ ଆଖି ଛୁଉଁଚି, ତୋଠି ମୋ ମନ ଅଛି । ତୁ ଯେବେ ପାରୁଚୁ ମୋ ବାପା କାନରେ କଥାଟା ପକେଇଦେ । ପକେଇବୁ ତ ?

ବେଣୁଆ କହିଲା – ହଁ ।

ବେଙ୍ଗ ପାଣିନେଇ ଘରକୁ ଚାଲିଗଲା ।

ବେଣୁଆର ମନରେ ଡେଣା ଲାଗିଲା । ଆହାଃ ବେଙ୍ଗର ମନ ମୋଠି ଲାଖିଚି ! ଗଅନ୍ତିଆ ନଡାକେ, ସେ ନଆସେ, ଆଉ ବେଙ୍ଗ ସହ ଭାବନହୁଏ । ଠିକ୍ ଅଛି, ସେ ବେଙ୍ଗ ବାପାକୁ ସଫା ସଫା କହିଦବ । କିନ୍ତୁ ତା' ପୂର୍ବରୁ ବୋଉ କାନରେ କଥାଟା ପକେଇବାର ଅଛି ।

ଆହାଃ, ବେଙ୍ଗ କେତେ ଭଲ !

ନରିପୁର ଗାଁ ମୁଣ୍ଡରୁ ବୁଦିବୁଦିକିଆ ବଣ କାହିଁ କେତେ ଦୂରପର୍ଯ୍ୟନ୍ତ ଲମ୍ବିଚି । କୁହାଯାଏ ବୁଦାମାଳ ସେପଟେ ଘଞ୍ଚ ଜଙ୍ଗଲ । ସେଠି କେଉଁ ଜଙ୍ଗଲରେ ମେଞ୍ଚେ ବାଘ ବାଘୁଣୀ ଛୁଆପିଲା ଧରି ବସା କରିଚନ୍ତି । ସେଥିପାଇଁ ନାଁ ବାଘୁଆ ଜଙ୍ଗଲ । ଖାସ୍ ବାଘଡରେ ସେଆଡେ କେହି ମୁହାଁନ୍ତି ନାହିଁ ।

ବେଣୁଆ ବୋଉର କାରବାର ସେଇ ବୁଦାମାଳ ଭିତରେ । ତା'ର ଗୋଟେ ଛେଳି । ସେ ଛେଳିଗୋଠ ନେଇ ରୋଜିନା ଚରେଇବାକୁ ଯାଏ ।

ବୋଉ, ବାଘୁଆ ଜଙ୍ଗଲ କେଉଁଠି ?" – ଦିନେ ପଚାରିଥିଲା ବେଣୁଆ ।

– ମୋତେ କି ଜଣା !

"ତୁ ବୁଦାମାଳକୁ ଯାଉଚୁ, ଯେବେ ବାଘ ଆସେ !"

– ବାଘ ଇଆଡେ ଆସିବେନାହିଁ । ଗାଁକୁ ବାଘୁଆଷୁଣୀ ଜଗିଚନ୍ତି ପରା । କେଉଁ କାଳେ ଗୋଟେ ବାଘ ପଶିଆସିଥିଲା । ଦେଖିଥିଲି । ସେବେଠୁ ଆଉ ଦେଖିନି । ବାଘୁଆଷୁଣୀଙ୍କୁ ସେମାନଙ୍କର ଭୀଷଣ ଡର ।

ବେଣୁଆ କହିଲା – ଲୋକେ କହନ୍ତି ମୋ ବାପକୁ ବାଘ ଖାଇଚି ।

– ମୁଁ କି ଜାଣେ ! ସିଏ ସକାଳୁଗଲା, ଫେରିଲା ନାହିଁ । ଏତିକି ଜାଣେ ।

ବେଣୁଆ କହିଲା – ହଉ ।

ତେବେ ତା'ର ସନ୍ଦେହ, ତା' ବାପକୁ ବାଘ ଖାଇଚି ବୋଧେ ।

ଏବେ ପରିସ୍ଥିତି ବଦଳିଚି । ବେଣୁଆ ତା' ବାପକଥା ଭାବେନାହିଁ । ଭାବେ ସରପଞ୍ଚକଥା । ଏବଂ ବେଙ୍ଗକଥା । ବୋଉ ଛେଳିଗୋଠନେଇ ଯିବାପରେ ସେ ସରପଞ୍ଚ ଘର ଆଡ଼େ ମୁହାଁଏ । ବୁଲାଫାଙ୍କିଆ ହେଇ ସମୟ ବିତାଏ । ବାମ୍ଫିମୂଳରେ ଘେରାଖାଇ ବୁଲେ । ବେଙ୍ଗ ସହ ହସ ବିନିମୟ କରେ ।

ଏବେ ତା' ମନରେ ନିଖୋଜ ବାପନାହିଁ, ବୋଉନାହିଁ । ଅଛି କେବଳ ବେଙ୍ଗ ଆଉ ବେଙ୍ଗ ।

ଅନ୍ୟପକ୍ଷରେ, ବୋଉ ଶୁଣିଚି ଗଅନ୍ତିଆ ପୁଅକୁ ଡିଲର କରିଦବ ବୋଲି ଆଶା ଦେଖେଇଚି । ୟା' ଭିତରେ ପାଖାପାଖି ବର୍ଷେ ଗତ ହେଲାଣି, ପୁଅ ଡିଲର ହେଲାନି । ହଉ, ଯେବେ ହଉଚି ହଉ, କିନ୍ତୁ ଆଉ ଚେନ୍ନାଇ ନଯାଉ । ପୁଅ ସରପଞ୍ଚର ପାଖଲୋକ ହୋଇଚି, ବୋଉକୁ ଏକଥା ଖୁସି ଦଉଥାଏ । ହେଲେ ୟା ଭିତରେ ଯେ ପୁଅ ବେଙ୍ଗ ପଛରେ ପଡିଚି ସେ କାହୁଁ ଜାଣନ୍ତା !

ଦିନେ ରାତିରେ ।

ବେଣୁଆ କହିଲା – ବୋଉ, ଗୋଟେ କଥା କହନ୍ତି ।

– କହୁନୁ କ'ଣ କହିବୁ ! ସରପଞ୍ଚ ଡିଲର କରିଦେଲା କି ? ହଁ ଗଅନ୍ତିଆ ମଣିଷ ହିସାବରେ ଭଲ ।

: ନାଇଁ ବୋଉ । ମୁଁ ବେଙ୍ଗକୁ ବାହାହେବି ।

ଆଏଁ ଡିଲର ହବା ଜାଗାରେ ବେଙ୍ଗ !

ବୋଉ ଚମକି ଉଠିଲା । ମୁଁ ଛେଳିଗୋଠ ନେଇ ଗଲାପରେ ତୁ ତେବେ ଏଇଥିରେ ମାତିଛୁ । ଏଣେ ମତେ କହୁଚୁ ମୁଁ ଡିଲର ହେବି, ଚେନ୍ନାଇ ଆଉ ଯିବିନି । ଦି' ପଦ ଶୁଣେଇବାକୁ ବୋଉର ମନ କହୁଥିଲା । କିନ୍ତୁ କହିଲାନି । ସହଜ ହୋଇଗଲା । ହସିଲା ହାଲୁକା ହସ । କହିଲା – ପାଗଳାଟା ! ବେଙ୍ଗ

ତେଲିଘର ଝିଅ ବୋଲି ତତେ ଜଣାନାଇଁ । ଆମ ତନ୍ତୀଘର ଦେଇପିଣ୍ଡିରେ ତୋ ବାପକୁ ସେ ପିଣ୍ଡ ବାଢ଼ିବ କେମିତି ! ନାରେ ବେଣୁଆ, ସେକଥା ମନରୁ ନିକାଲି ଦେ । ବେଙ୍ଗ ଏ ଘରକୁ ଆସିପାରିବ ନାହିଁ, ତା ବାପା ବି ମଙ୍ଗିବ ନାହିଁ ।  ମୁଁ ରାଣ୍ଡ ମଣିଷ, ସେ କଥାକୁ ସମ୍ଭାଳିପାରିବିନି ।

"ବେଙ୍ଗ କାମିକା ଝିଅ ବୋଉ" - ପୁଅ କହିଲା ।

"ମତେ କୋଉ କାମ ବଳଉଚି କି ! ତୁ ଗଲୁ ।" - ବୋଉ କାଟିଦେଲା ପରି କଥା କହିଲା ।

ଜାତିକି ଧରିବସିଚି ବୋଉ । ହଉ, କଥାଟା ତ ପକେଇଦେଲି ତା' କାନରେ । ସିଏ କ'ଣ ବଳେଇ ଯିବ । ଅସଲ ହେଲା, ବେଙ୍ଗବାପା । ସେ ରାଜି ହେଲେ କଉଁଟା ଅଟକିବନି । ହଉ ।

ସକାଳେ ବେଣୁଆ ଚାଲିଲା ବେଙ୍ଗ ଘରଆଡ଼େ ।

ବେଙ୍ଗବାପା ଦାଣ୍ଡରେ ବସି କରଞ୍ଜ ଓ ପୋଲାଙ୍ଗ ଫଟେଇ ମଞ୍ଜି ବାହାର କରୁଥିଲା । ପେଡାହବ । ପାଖରେ ବେଙ୍ଗ ବସି ଖୋଳପା ଛଣିଅଖାରେ ଭରୁଥିଲା । ବଢ଼ିଆ ହୋଇଚି, ବାପ ଝିଅ ଦିହେଁ ଅଛନ୍ତି ।

ହେଇ ବେଣୁଆଇ ଆସିଲାଣି ! ବେଙ୍ଗ କହିଲା ଓ ଘର ଭିତରକୁ ଚାଲିଗଲା । ତା ମୁହଁରେ ହସ ଥିଲା ।

"ବାପା ବେଣୁ । ବାବୁ ବେଣୁଧର । ସକାଳୁଟାରୁ କୁଆଡେ ଗଡିପଡିଲ ! ଗଅନ୍ତିଆ ଘରକୁ ଯାଇନକି !" - ବେଙ୍ଗବାପା କହିଲା । ବେଣୁଆର ଖାତିର ଯୋଗୁଁ ସେ ମାନଥାନ ଦେଇ କଥା କହୁଥିଲା ।

- ବେଙ୍ଗକୁ ପଚାରୁନ ।

"ତୁମ କଥା ବେଙ୍ଗ କେମିତି କହିବ ? କିଛି କାମ ଥିଲା !" - ବେଙ୍ଗ ବାପା ପଚାରିଲା ।

ବଣୁଆ ମୁଲକର ମଣିଷଙ୍କୁ ଲାଜସରମ ଜଣାନଥିଲା । ହୁଦସ୍ତ ବେଣୁଆ କହିଲା - ମୁଁ ବେଙ୍ଗକୁ ବାହାହେବି ।

ସୁଆଙ୍ଗରେ ପାର୍ଟିଆରମାନେ ଯେମିତି ହସନ୍ତି ସେଇମିତି ହସି ଉଠିଲା ବେଙ୍ଗବାପା । ଟିକେ ପୂର୍ବରୁ ମାନଥାନ ଦେଇ କଥା କହୁଥିବା ସେ ବିବାକ୍ ଭୁଲିଗଲା ।

ବାପ ହସ ଶୁଣି ବେଙ୍ଗ ଘରୁ ବାହାରିଆସିଲା ।

ଝିଅ ଉଦ୍ଦେଶ୍ୟରେ ବାପ କହିଲା, "ଶୁଣୁଚୁ ବେଙ୍ଗ, ଏ ଲଫଙ୍ଗା କହୁଚି ତତେ ବାହାହବ । ହାଃ .... ହାଃ ..... ଆବେ ତୁ ପରା ଜାତିରେ ତନ୍ତୀ । ଚେନ୍ନାଇରୁ ଫେରି ଅଧାପେଣ୍ଟ୍ ପିନ୍ଧି ଗାଁରେ ଘେରାଖାଇ ବୁଲିଲେ କେହି ଯୋଗା ହୋଇଯାଏନା କି ତନ୍ତୀ ଗନ୍ଧ ଲୁଚେନା । ମା ଛେଳି ପାଳିଚି, ପୁଅ କହୁଚି ମୁଁ ନବାବ୍ ଛୁଆ । ଯାଃ ଭାଗ୍ !"

ଯାପ ତନ୍ତୀ ଟୋକା .... !

ବାପକୁ ବାଘ ଖାଇଲା କି ସେ ଦେଶାନ୍ତରୀ ହେଲା ଜଣାନାଇଁ, ପୁଅ ଢଙ୍ଗକୁ ଦେଖ । ଛ୍ୟା! ଆପକୁ ଆପ ବରବର ହେଲା ବେଙ୍ଗବାପା ।

ବେଙ୍ଗ ଇମିତି ମୁଖଭଙ୍ଗୀ କରୁଥିଲା ସତେବା ସେ ତା ବାପ କଥାକୁ ସମର୍ଥନ କରୁଛି ।

ବେଣୁଆକୁ ଖୁବ୍ ବାଧିଲା । ବେଙ୍ଗବାପା କହିଲା – ଲଫଙ୍ଗା! ତନ୍ତୀ ଟୋକା! ସେଥକୁ ତା' ହଜିଲା ବାପକୁ ନେଇ କୁକଥା । ଓଃ କି ଅପମାନ!

ଯା ପୂର୍ବରୁ ସରପଞ୍ଚ କହୁଥିବାର ତା କାନରେ ପଡିଥିଲା – କୁମୁଟି ଛଡା କେହି ଡିଲର ହୋଇପାରିବେ ନାହିଁ । ତନ୍ତୀ କୋଉଠି ଡିଲର ହେଲେଣି ? ଭୋଓଟରେ କେତେ ଲୋକ କାମ କରିଚନ୍ତି । ତା ବୋଲି ଡିଲର ..... ନା!

ବେଙ୍ଗ ସହ ଭାବ ଯୋଗୁଁ ସେ ସେକଥା ଉପରେ ଗୁରୁତ୍ୱ ଦେଇନଥିଲା ବେଣୁଆ ।

ଡିଲର ହୋଇପାରିବିନି କି ବେଙ୍ଗକୁ ବାହାହୋଇ ପାରିବିନି ।

ତେଣେ ଚେନ୍ନାଇ ଋକିରିଗଲା ।

ତେବେ ?

ତେବେ ଜୀବନ ରଖି ଲାଭ କ'ଣ ?

ହଁ, ଜୀବନ ହାରିଦେବି ।

ଦୁନିଆ ଗୋଟାକ ମୋ ବିରୁଦ୍ଧରେ ।

ନା ଅସହ୍ୟ!

ବେଣୁଆ ଠିକ୍‌କଲା ସେ ମରିବ । କିନ୍ତୁ କେମିତି ! ସେ ଭାବିହେଲା ।

ହଠାତ୍ ତା'ର ମୁଣ୍ଡକୁ ବୁଦ୍ଧିଟିଏ ଜୁଟିଲା । ସେ ଭାବିଲା, ତା'ର ଯୋଜନା ସଂପର୍କରେ ସେ କହିବ ତା' ବୋଉକୁ ଓ ତା'ପରେ ବେଙ୍ଗବାପାକୁ । ତା ନିଷ୍ପତ୍ତିର ଭୟାବହତା ଅମଜେଇ କାଳେ ସେମାନେ ଶେଷ ମୁହୂର୍ତ୍ତରେ ତରଳିଯିବେ ।

ସରପଞ୍ଚକୁ କିନ୍ତୁ କହିବିନି । ସେଇଟା ସ୍ୱାର୍ଥପର । ଯାପ ରକ୍ତଶୋଷାଟା! ଟଙ୍କା ଗଦି ଉପରେ ବସିଚି । ପୁଣି ଲୋଭ ।

"ବୋଉ ମୁଁ ଚାଲିଲି ।" – କହିଲା ବେଣୁଆ ।

ବୋଉ ଭାବିଲା, ସରପଞ୍ଚ ଡିଲର କଲାନାହିଁ ବୋଲି ପୁଅ ଅଭିମାନରେ ଚେନ୍ନାଇ ଫେରିଯିବା କଥା କହୁଚି । କହିଲା – ଚେନ୍ନାଇ ଯିବା ଦରକାର ନାହିଁ । ବେଙ୍କ୍ ଋଣ ଦଉଛି । ଛେଳି ଋଷରେ ଲାଭ ଭଲ ।

ବେଣୁଆ କହିଲା, "ତୋ ଛେଳିଙ୍କୁ ନେଇ ତୁ ଖୁସିରେ ରହ । ମୁଁ ଚାଲିଲି । ଚେନ୍ନାଇ ଯାଉନି । ଯାଉଚି ବାଘୁଆ ଜଙ୍ଗଲକୁ ।"

ବାଘୁଆ ଜଙ୍ଗଲକୁ କାହିଁକି ?

- ବେଙ୍ଗକୁ ବାହାହୋଇ ନପାରିଲେ ମୋର ବଞ୍ଚିରହିବାର ଆବଶ୍ୟକତା ନାହିଁ । ତୁ ଜାତିକୁ ଧରି ବସିଥା ।

: ଯାଃ ପାଗଳାଟା ! ଶେଷରେ ବୋଉ ସହିତ ଥଟ୍ଟା ହେଲୁ ! ଇଏ ଗୋଟେ କି କଥା ଯେ ତତେ ବାଘୁଆ ଜଙ୍ଗଲକୁ ଯିବାକୁ ହେବ । ବାଘୁଆ ଜଙ୍ଗଲକୁ ମଣିଷ ଯାଏ ! ବୋଉ ଅନ୍ୟକାମରେ ମନ ଦେଲା । ସେ ପୁଅ କଥାକୁ ବିଶ୍ୱାସ କଲାନି ।

ବେଙ୍ଗବାପା ପାଖକୁ ବେଣୁଆ ଚାଲିଲା । ତାକୁ ଶୁଣେଇ ଦେଇଆସେ, ସେ ଭାବିଲା ।

"ପୁଣି କୁଆଡେ ଆସିଲୁ ?" - ଦେଖୁ ଦେଖୁ ବେଙ୍ଗବାପ କହିଲା । ସେ ହୁଏତ ଭାବିଲା, ବେଣୁଆ ପୁଣି ବାହାଘର କଥା ଉଠେଇବ ।

"ମୁଁ ବାଘୁଆ ଜଙ୍ଗଲକୁ ଯାଉଛି" - ହୁଦସ୍ତ କହିଲା ବେଣୁଆ ।

ହାଁ ଟା କରି ବେଙ୍ଗବାପା ଚାହିଁଲା ବେଣୁଆକୁ । ସେ କାରଣଟି ଜାଣିପାରିଲା । ତେବେ କହିଲା, "ବାଘୁଆ ଜଙ୍ଗଲକୁ ଗଲେ ତୁ ଆଉ ଫେରିବୁନି । ତୋ ବାପପରି ହଜିଯିବୁ । କ୍ଷତି ତୋ ବୋଉର ହବ । ଆମର କ'ଣ ହେଇଯିବ ! ହେଇ ବାପଧନ, ସେଠିକି ଯିବା ଏତେ ସୋଜା ନୁହଁ । ତୁ ଭାବିଚୁ, ମୁଁ ଡରିଯିବି ଓ ବେଙ୍ଗକୁ ତୋ ସହିତ ଛନ୍ଦିଦେବି । କଦାଚ ନୁହଁ । ଯା ବୁଲିଆସେ । ଯଦି ଧର୍ମବଳ ଥିବ !"

ବେଣୁଆ ଘରକୁ ଫେରିଲା ନାହିଁ ।

ସିଧା ପଶିଲା ବୁଦାମାଳଭିତରେ । ଚାଲିଲା ନାକସିଧା । ବାଘୁଆ ଜଙ୍ଗଲ କେଉଁଠି ସେ ଜାଣେନାହିଁ । ଜାଣେନାହିଁ କେତେଦୂର । କେବଳ ଶୁଣିଛି, ସେଠି ଡଜନେରୁ ଅଧିକ ବାଘ ଛୁଆପିଲା ଧରି ରହିଚନ୍ତି । ଗର୍ଜନ କରି ଜଙ୍ଗଲ କମ୍ପାଉଚନ୍ତି । ଏବଂ ହାଉଁ ମାଉଁ ଖାଉଁ ହଉଛନ୍ତି ।

ମଣିଷକୁ ଦେଖିବେ ତ ଘେରିଯିବେ, ଭାଗବାଣ୍ଟ କରି ଖାଇଯିବେ । ମୁଁ ତ ସେଇଆ ଚାହେଁ । ଏଠି ଜାତିଫାତି କଥାନେଇ ଲୋକେ ମାତିଚନ୍ତି । ଜାତିବାଧକ ଯୋଗୁଁ ବେଙ୍ଗକୁ ମୁଁ ବାହାହେଇ ପାରିଲିନାହିଁ । ହାୟ ବେଙ୍ଗ ! ତୁ ମତେ ଆଉ ଦେଖିବୁ ନାହିଁ । ବାମ୍ଫିମୂଳରେ ତୁ କାହାକୁ ଚାହିଁ ହସିବୁ ! ତୋ ବେଣୁଆଇ ମଲାଜାଣ !

ଦିନ ରତରତ ହେଲାଣି । ବାଟ ସରୁନି । କଉଁଠି ବାଘୁଆ ଜଙ୍ଗଲ ? ଆଉ କେଇଘଡି ପରେ ଅନ୍ଧାର ହବ । ମୁଁ କରିବି କ'ଣ । ଭୋକରେ ପେଟ ମୋଡିଲାଣି । କିଛି ଖାଇବା ଦରବ ପାକିଟିରେ ନେଇ

ଆସିଥିଲେ ହୋଇଥାନ୍ତା । ଫେରିଯିବି କି! କାଲି ସାନି ପ୍ରସ୍ତୁତହୋଇ ଆସିବି! ନା, ଫେରିବା ସମ୍ଭବ ନୁହେଁ ।

ଏଇପରି ଭାବୁଚି ତ ପାହାଡ଼ି ଝରଟିଏ ପଡିଲା । ସେ ଓହ୍ଲେଇଗଲା ଝର ଭିତରକୁ । ପହିଲୁ କେଇଚଳା ପାଣି ପିଇଲା । ତାକୁ କିଞ୍ଚିତ ସାଷ୍ଟମ ଲାଗିଲା । ପଥର ଚକଡ଼ା ଉପରେ ଗୋଡ ଥାପି ସେ ଝର ପାରିହେଲା ।

ଝର ସେପଟୁ ଘଞ୍ଚ ଜଙ୍ଗଲ ଆରମ୍ଭ । ସେତେବେଳକୁ ପତଳା ଅନ୍ଧାର । ଏଇଟା ବାଘୁଆ ଜଙ୍ଗଲ ହବ କି? କେଜାଣି!

କ୍ରମେ ପତଳା ଅନ୍ଧାର ବହଳ ହେଲା ଏବଂ ଖୁବ୍ ଶୀଘ୍ର କିଟିକିଟି ରୂପ ନେଲା । ନା, ଆଉ ଯାଇହବନି । ଗୋଟେ ଅଜଣା ଗଛମୂଳରେ ବସିପଡିଲା ବେଣୁଆ । ସେତିକିବେଳେ ତା ମନରେ ଦ୍ୱନ୍ଦ ଓ ଭୟ ଦେଖାଦେଲା । ମତେ ବାଘ ଖାଇଲେ କାହାର କ'ଣ ହେଇଯିବ । ସତରେ ମତେ ବାଘ ଖାଇଯିବେ! ବୋଉ କଥା ମନେପଡିଲା ତା'ର । ସେ ମତେ ଅପେକ୍ଷା କରିଥିବ, ଖାଇନଥିବ । ସତ ସତିକା ମୁଁ ଏଠିକି ଆସିଚି ସେ ବିଶ୍ୱାସ କରିନଥିବ ।

ବେଙ୍ଗ କ'ଣ କରୁଥିବ? ଲୋ ବେଙ୍ଗ, ତୋ ବାପ ମରୁ! ମରିଯାଉ!

ବେଣୁଆକୁ ଏତେ ଭୋକ ହେଉଥିଲା ଯେ ଅଭିମାନରେ ସେ ବାଘ ମୁହଁରେ ଚିରଦିନ ପାଇଁ ଚାଲିଯିବାକୁ ଆସିଚି, ସେ କଥା ଭୁଲିଗଲା । ଅଭିମାନ କାହା ଉପରେ? ବୋଉ ନା ବେଙ୍ଗବାପା! ନା ଉଭୟ! ଦୁର!

ଆଚ୍ଛା ସତସତିକା ଫେରିଗଲେ କେମିତି ହୁଅନ୍ତା!!

ହଁ ଫେରିଯିବି, ସେ ସିଦ୍ଧାନ୍ତ ନେଲା । କିନ୍ତୁ ଅନ୍ଧାର ରାତିରେ ଜଙ୍ଗଲିଆ ପଥରେ ଫେରିହବନି । ତେବେ? ତେବେ ରାତି ପାହିଲେ ସେ ଏଠୁ ଖସିବି । ନିଶ୍ଚେ ଖସିବି । ହେଲେ ରାତିଟା ବିତେଇବି କେଉଁଠି । ଯେବେ ସତସତିକା ବାଘ ଆସି ପହଞ୍ଚିଯାଏ । ଦେଖ୍ ଦେଖ୍ ଡରରେ କୋତରିଗଲା ବେଣୁଆ । ସେ ବଞ୍ଚିବାକୁ ଋହେଁ ।

ଭୋକକୁ ମାର ଗୁଲି ହୋ, ଆଗେ ଜୀବନ ରହୁ!

ସେ ଗଛମୂଳୁ ଉଠିଲା । ଅନ୍ଧାର ଭିତରେ ତା ଆଖି ଅନେକଟା ଅଭ୍ୟସ୍ତ ହୋଇସାରିଥିଲା । କୋନମତେ ପ୍ରାୟ ଅଣ୍ଡାଳି ଅଣ୍ଡାଳି ପାଖରେ ଥିବା ମୁଣ୍ଡିଆ ଉପରକୁ ଚଢିଲା ।

ଏବଂ ମଝାମଝି କେଉଁଠି ଗୋଟେ ପଥର ଖୋଲ ବାରି ଭିତରେ ପଶିଲା ।

ଏବଂ ଚଟାଣ ଉପରେ ଛତାବିତା ହୋଇ ପଡିଗଲା ।

ଏବଂ ଭୋକ ଓ ପ୍ରବଳ ଥଣ୍ଡା ତାକୁ ଗାଢ ନିଦରେ ଶୁଆଇ ପକାଇଲା ।

ପରଦିନ ସକାଳ । ସମୟ କେତେ ଜଣାନାହିଁ, ବେଣୁଆର ନିଦ ଭାଙ୍ଗିଲା । ନିଦ ଭାଙ୍ଗିନଥାନ୍ତା, କିନ୍ତୁ ଗୋଟେ ବିଚକିଟିଆ ଗନ୍ଧ ତାକୁ ନିଦରୁ ଉଠେଇଦେଲା । ସେ ଆଖି ଖୋଲିଲା । ଏବଂ ଛାନିଆରେ ସେ ପୁଣି ଆଖି ବୁଜିଦେଲା । ଓ ଥରିବାକୁ ଲାଗିଲା ।

କଥା ହେଲା, ତା'ର ମୁହଁକୁ ଏକ ଧ୍ୟାନରେ ଚାହିଁ ବସିଥିଲା ବାଘଟିଏ । ମୃତ୍ୟୁର ଜୀବନ୍ତ ରୂପ ।

ଖୁବ୍‌ଶୀଘ୍ର ସେ ବାଘପେଟକୁ ଯାଉଛି ଏପରି ଭାବିବା ସହିତ ତା'ର ଅନୁଭବ ହେଲା ଗୋଡ ବୁଢାଆଙ୍ଗୁଳିରୁ ଗୋଟେ ଶୀତଳ ପ୍ରବାହ କ୍ରମଶଃ ଉପରକୁ ଉଠି ଉଠି ଆସୁଛି । କିନ୍ତୁ ସେଇଟି ତା' ଛାତିପାଖରେ ରୋକିହୋଇଗଲା । ବନ୍ଦ ଆଖିରେ ଭାବିଲା ବେଣୁଆ, ମୁଁ ଝୁଣିହେଉନାହିଁ କାହିଁକି ? ମୋ ଦେହକୁ ପ୍ରାୟ ଲାଗିକରି ବାଘ ବସିଛି, ଅଥଚ ମୋ ଦେହକୁ ବିଦାରୁନାହିଁ ? ମୋର ଦୃଷ୍ଟି ଭ୍ରମ କି ?

ସେ ସେଇ ଶୀତଳ ପ୍ରବାହକୁ ଗୋଡ ବୁଢାଆଙ୍ଗୁଳି ଦିଗରେ ଫେରସ୍ତ ଦେଲା ଏବଂ କିଞ୍ଚିତ ଟାଣ ହେଲା । ଅଧା ଆଖିଖୋଲି ସେ ଗେରେଇ ଚାହିଁଲା । ହଁ ସତ, ବାଘ ବସିଚି । କିନ୍ତୁ ମେଣ୍ଢାଟିଏ ପରି କାଉନ୍ଦା ଦିଶୁଚି ।

ହେତୁ ହେବାପରେ ବାଘ ଦେଖିବା ଏଇ ତା'ର ପ୍ରଥମ । ପୁଣି ଜୀବନ ମୃତ୍ୟୁର ସୀମାରେଖା ଦାଢରେ । ସେ ମନେପକେଇଲା, ଛୁଆଦିନେ ଗାଁ ଭିତରକୁ ଛେଳି ଆଶାରେ ପଶିଆସିଥିଲା ଗୋଟେ ଚୋର ବାଘ । ଏବଂ ଗାଁ ଲୋକେ ଘେରିକିନା ତାକୁ ପିଟି ଜଖମ କରିଦେଇଥିଲେ । ବୋଉ ତାକୁ ଚିହ୍ନେଇ ଦେଇଥିଲା, ହେଇ ଦେଖ୍ ବାଘମାମୁ ।

ଅବଶ୍ୟ ଚୋର ବାଘକୁ ଗାଁ ଲୋକେ କ୍ଷମା ଦେଇଥିଲେ ଓ ବାଘୁଆଷୁଣୀଙ୍କୁ ସାକ୍ଷୀରଖି ଜଙ୍ଗଲ ଭିତରକୁ ଘଉଡେଇ ଦେଇଥିଲେ । ଛୋଟେଇ ଛୋଟେଇ ମୁଣ୍ଡ ଝୁଙ୍କେଇ ବାଘ ବାହୁଡ଼ି ଯାଇଥିଲା ।

ସେବେଠୁ ଗାଁ ଭିତରକୁ ବାଘ ପଶିନାହାଁନ୍ତି ।

ବର୍ତ୍ତମାନ ଜିଅନ୍ତା ବାଘ ବସିଚି ପାଖରେ, ତା ମୁହଁକୁ ଚାହିଁ । ବେଙ୍ଗବାପା ନାସ୍ତି ନକରେ, ସେ ଜୀବନ ହାରିବା କଥା ଚିନ୍ତା ନକରେ । ଏବଂ ଏଇ ଭୟାନକ ପରିସ୍ଥିତିର ସମ୍ମୁଖୀନ ନହୁଏ । ଏବେ ସେ କ'ଣ କରିବ ?

ସମୟ ବିତିବାକୁ ଲାଗିଚି, ବାଘ ତାକୁ ଛୁଉଁନାହିଁ । କ୍ରମେ ତା'ର କ୍ଷୀଣ ବିଶ୍ୱାସ ଆସିଲା ଯେ ବାଘ ତାକୁ ଖାଇବାକୁ ଆସିନାହିଁ । କଉଁଥିପାଇଁ ତେବେ ?

ବେଣୁଆକୁ ଲାଗିଲା, ତା ଭିତରେ କ'ଣ ସବୁ ହେଉଛି । କ'ଣ ହେଉଛି ? ସେ ଜାଣେନା କ'ଣ ହେଉଛି । ତେବେ ଯାହା ହେଉଛି ତାହା ତା'ଠାରେ ସାହସ ଶକ୍ତି ଖୁନ୍ଦିଦେଉଛି । ଏବଂ ଭିତରେ ସେ ଭିଡ଼ିମୋଡ଼ି ହେଉଛି । ଗୋଟେ ସମୟରେ ତା'ର ମନେହେଲା, ବାଘକୁ ସେ ପୂର୍ବରୁ ଜାଣେ । ବାଘଟି ତାରି ବଂଶର ।

ବେଣୁଆ କହିଲା – ମାମୁ ନମସ୍କାର !

ବାଘ ଘାଉଁ ଘାଉଁ ହେଲା, ଯେଉଁ ଶବ୍ଦରେ ପଥର ଖୋଲ ବା ଗୁମ୍ଫାଟି ଗୁମୁରି ଉଠିଲା ।

କିନ୍ତୁ ବେଣୁଆକୁ ଶୁଭିଲା ଅନ୍ୟପ୍ରକାର । ମାନେ ବାଘ କହୁଚି – ତୁ ବଞ୍ଚିଛୁ ତେବେ ! ମୁଁ ତ ଭାବିଥିଲି ତୁ ମରିଚୁ । ଆମେ ବାଘଜାତି ମୁର୍ଦ୍ଦାରକୁ ଛୁଉଁନା । ସେଥିପାଇଁ ଜଗିବସିଥିଲି ।

ଧଡ଼୍‌କିନା ଉଠିବସିଲା ବେଣୁଆ । କହିଲା – ମାମୁ, ମୁଁ କିନ୍ତୁ ମରିବାକୁ ଆସିଥିଲି ।

ପୁଣି ବାଘର ଗମ୍ଭୀର ଘାଉଁ ଘାଉଁ । ଏଥର ଦୀର୍ଘ ।

ବେଣୁଆକୁ ଶୁଭିଲା – ସେ କଥା ସହ ମୋର ନେଣ୍‌ଦେଣ୍ ନାହିଁ । ତୁ ବଞ୍ଚିଚୁ ବାସ୍ ! ଆଚ୍ଛା ମଣିଷ, ମତେ ମାମୁ କାହିଁକି କହିଲୁ ?

ଉତ୍ତର ମହଯୁଦ୍ ଥିଲା ବେଣୁଆ ପାଖରେ । କହିଲା – ମୋ ବୋଉ କହିଥିଲା ବାଘମାମୁ । ମାନେ ବାଘ ମୋ ମାମୁ । ମତେ ଚିହ୍ନେଇ ଦେଇଥିଲା ।

"ବୋଉ କହିଚିଟି ! ତେବେ ଠିକ୍ ଅଛି । ଆଚ୍ଛା ମଣିଷ, ତୋର ନାଁ କ'ଣ କହିଲୁ ?" – ବାଘ ପଚାରିଲା ।

– ବୋଉ ଡାକେ ବେଣୁଆ, ଗଅନ୍ତିଆ ଡାକେ ବେଣୁ ଏବଂ ବେଙ୍ଗ ବାପା ଡାକୁଥିଲା ବେଣୁଧର । ଶେଷକୁ ରାଗିକି କହିଲା ତନ୍ତୀଟୋକା, ଲଫଙ୍ଗା । ଗଅନ୍ତିଆ ଏବେ ସରପଞ୍ଚ ମାମୁ !

"ବୋଉ କହୁଥିଲୁ ବୁଝୁଥିଲି, ଆଉ ଏଇ ଯେଉଁ କହିଲୁ ଗଅନ୍ତିଆ ଓ ବେଙ୍ଗବାପା, ଏମାନେ ସବୁ କିଏ ?

– ମାମୁ ଆଦୌ ମିଛ କହିବି ନାହିଁ । ମୁଁ ଚେନ୍ନାଇରେ ଥିଲି । ଭଲରେ ଥିଲି । ମତେ ଗଅନ୍ତିଆ ଡାକିଆଣିଲା । କହିଲା ଭୋଓଟରେ ଜିତିଲେ ତତେ ଡିଲର କରିଦେବି । ଏବେ ସେ ସରପଞ୍ଚ । କିନ୍ତୁ ଡିଲର କଥା ଉଠେଇଲେ ଚିଡୁଚି । ଡେରି ହେବ କହି ଭୁଲେଇ ଦଉଛି । ସେଇଟା ଧପ୍‌ପାବାଜ ମାମୁ । ଲୁଚିକିନା ଶୁଣିଚି, କୋଉ କୁମୁଟିକୁ ଡିଲର କରିବ ।

"ଆଉ ବେଙ୍ଗବାପା ?" – ବାଘ ଜାଣିବାକୁ ଚାହିଁଲା ।

"ସେଇତ ଅସଲ ! ଜାତିକୁ ଜାବୋଡି ବସିଚି । ତୁମେ କହୁନା ମାମୁ, ମଣିଷ ଗୋଟିଏ ଜାତିନୁହଁ ? ତନ୍ତୀ, ତେଲି, କୁମୁଟି .... ହିନ୍ଦୁ, ମୁସଲମାନ, ଖୀରସ୍ତାନ ସମସ୍ତେ ମଣିଷ ନା ନାଇଁ ! ଖାଲି ଜାତି ଧର୍ମ ହେଇ ଦେଶଟା ତଳକୁ ତଳକୁ ଯାଉଚି । ବେଙ୍ଗବାପା ମତେ କହିଲା ତନ୍ତୀଟୋକା । କହିଲା ଲଫଙ୍ଗା । ତୁମେ ତା' କଥା ଟିକେ ବୁଝିଦିଅ ମାମୁ ।" ଇଚ୍ଛାକରି ବେଣୁଆ ବେଙ୍ଗକୁ ବାହାହେବା କଥା ଉଠେଇଲାନି । ତାକୁ ଲାଜ ଲାଗିଲା ।

ବାଘ ଘାଉଁ ଘାଉଁ ହେଲା ।

"ସେଇଟା ମଣିଷର ସମସ୍ୟା । ମୋର କିଛି କରିବାର ନାହିଁ । ତୁ ନିଜେ ଚାହିଁଲେ ଅନେକ କିଛି ପରିପାରିବୁ ।"

ବେଣୁଆ ହତାଶ ହେଲାନାହିଁ । ବରଞ୍ଚ କେମିତି କେଜାଣି ଉତ୍ସାହିତ ହେଲା । ସତେତ, ମୁଁ ଚାହିଁଲେ କ'ଣ ନକରିପାରିବି !

ବେକାରଟାରେ ଜୀବନ ହାରିବାକୁ ଆସିଥିଲି । ସେ ଶୁଣିପାରୁଥିଲା ତା ଭିତରେ ଗୋଟେ ବାଘ ଘାଉଁ ଘାଉଁ ହଉଚି । ସତେବା ଝାମ୍ପିପଡିବାକୁ ସେ ତୟାର । କିନ୍ତୁ କାହା ଉପରେ ଝାମ୍ପିପଡ଼ିବ !

ସେ ଅନ୍ୟମନସ୍କ ରହିବା ଦେଖି ବାଘ କହିଲା – କ'ଣ ଭାବୁଚୁ ?

ସେ କିଛିନୁହଁ ମାମୁ !

ତା'ର ଅନୁଭବ ହଉଥିଲା ପ୍ରଚଣ୍ଡ ଶକ୍ତି ତା ଭିତରେ ଖେଳୁଚି । ଏବଂ ଶକ୍ତି ପ୍ରଦର୍ଶନ ପାଇଁ ତା ମନ ତାକୁ ତାଗିଦ୍ କରି କହୁଚି – ଉଠ୍ ବେ !

ହୁଦସ୍ତ ବେଣୁଆ ଠିଆ ହୋଇପଡିଲା ।

ବାଘ କହିଲା – କୁଆଡେ ବାହାରିଲୁ ?

"ଗାଁକୁ ।" – କିହିଲା ବେଣୁଆ ।

"ହଉ ଚାଲେ, ତତେ ପହଞ୍ଚେଇ ଦେଇଆସିବି ।" – କହିବା ସହିତ ବାଘ ବେଣୁଆ ସାଙ୍ଗେ ସାଙ୍ଗେ ଚାଲିଲା ।

ବାଘମାମୁ ଯାଉଛି ଜନପଦକୁ । ଭଣଜା ସାଥିରେ । ବାଃ !

ବାଟସାରା ବାଘ ଗର୍ଜନ କରୁଥିଲା । ବେଣୁଆ କହୁଥିଲା ଆଉରି ଜୋରରେ ମାମୁ । ମଣିଷ ଡରିଶିଖିଲା ନାହିଁ ! ମଣିଷ ଡରିବା ଦରକାର ।

ବାଘ ଓ ବେଣୁଆ । ଏବଂ ବେଣୁଆ ଓ ବାଘ । ବେଣୁଆ ଦେଖୁଥିଲା, ବାଟଗଲା ମଣିଷ ତାକୁ ଅଚାନକ୍ ଦେଖି ଛିନ୍‌କାନିଆ ହେଇ ଏଣେତେଣେ ଦୌଡି ପଳାଉଛନ୍ତି ।

ବେଣୁଆ ହସୁଚି – ହାଃ..... ହାଃ...... ଘାଉଁ ଘାଉଁ ..... ।

ପାଖେଇ ଆସିଲା ନରିପୁର । ସେଇ ତାଳରେ ବେଣୁଆର ଭାବନା ଭିନ୍ନ ମୋଡ ଧରିଲା । ପହିଲୁ ସେ ଗଅନ୍ତିଆ ସରପଞ୍ଚ ପାଖକୁ ଯିବ । ମତେ ଚେନ୍ନାଇରୁ ଡକେଇ ପଠେଇ ମୋ ସହ ଖେଳୁଚି । ତୁମ ରାଜନୀତି ବାଲାଙ୍କୁ ଆଜି ସାବାଡ୍ କରିବି । କଥା ଦେଇ କଥା ରଖିବନାହିଁ ?

ପଞ୍ଚାୟତ ଅଫିସ । ବୈଠକ ବସିଚି । ଡିଲର ନିଯୁକ୍ତିନେଇ ସୁପାରିଶ ହେବ । ଯଥା ସମୟରେ ସଭିଏଁ ଦେଖିଲେ ବାଘ ଆସୁଚି । ବାପାଲୋ ! ୱାର୍ଡମେମ୍ବରମାନେ କିଏ କେଉଁବାଟେ ଖସିଗଲେ । ଉଠିପାରିଲା ନାହିଁ ସରପଞ୍ଚ । ସେ କମ୍ପିଲାଗିଲା ।

ବାଘ ଗର୍ଜନ ଛାଡିଲା ।

...... ଆବେ ଗଅନ୍ତିଆ । କେତେ ଧନ ସଞ୍ଚିବୁ, କେତେ ଠକିବୁ । ତୁ ଡିଲର କରିବୁ ନା ବାଘକୁ କହିବି ତତେ ଚାକୁଳେଇଦବ ?

କାନ୍ଦିଲା ସରପଞ୍ଚ । ମତେ ଛାଡିଦିଅ ବେଣୁବାବୁ । ଆଜି ତୁମ ନାଁ ପାଶ୍‌କରି ପ୍ରସ୍ତାବ ପଠେଇବି । ସରପଞ୍ଚ କାନ୍ଦୁଥାଏ ଓ ନେହୁରା ହଉଥାଏ । ଏବଂ ସେଇଟିକୁ ଘୋଷାପଦ କରୁଥାଏ ।

ଠିକ୍ ଅଛି । ତତେ କ୍ଷମାକଲି । ବେଣୁଆ ବାଘକୁ ସାଥିରେ ଧରି ବେଙ୍ଗ ଘରଆଡେ ଚାଲିଲା । ବେଙ୍ଗ ବାପାକୁ ଦେଖିଦେବି !

ସେତେବେଳକୁ ବେଙ୍ଗ ଓ ବେଙ୍ଗବାପା ଶୁଣିସାରିଥିଲେ ଗାଁ ଭିତରକୁ ପଶିଆସିଚି ବାଘ । ବାଘକୁ ସାଙ୍ଗରେ ନେଇକିନା ଆସିଚି ବେଣୁଆ । ବାପ ଝିଅ ଦୁହେଁ କବାଟ କିଳି ଲୁଚିଥିଲେ ।

ଦାଣ୍ଡ କବାଟ ପାଖରେ ବାଘର ଗର୍ଜନ ଶୁଭିଲା ।

..... ଆବେ ମତେ ତନ୍ତୀଟୋକା କହିଥିଲୁ ପରା । କହିଥିଲୁ ଲଫଙ୍ଗା ! କବାଟ ଖୋଲ ଓ ବାହାରିଆସେ ଓ ମତେ ଦେଖ୍ । ନଖୋଲିଲେ .... ପୁଣି ବାଘର ଘାଉଁ ଘାଉଁ ।

କବାଟ ଖୋଲିଲା । ବାପ ବଦଳରେ ବାହାରିଲା ବେଙ୍ଗ ।

ବେଙ୍ଗଠାରେ କିନ୍ତୁ ଭୟର ଚିହ୍ନ ନଥିଲା ।

ଥିର୍‌ଥିର୍ ଘାଉଁ ଘାଉଁ ହେଲା ବାଘ । ବେଙ୍ଗକୁ ନଡରେଇବା ଉଦ୍ଦେଶ୍ୟ ଥିଲା ବେଣୁଆର ।

ବେଙ୍ଗ ...... !

ବେଙ୍ଗର ଜବାବ୍ ନାହିଁ ।

"ସେଇ ଠିଆହବା ଥାନରୁ ମୋ ସହିତ ଚାଲିଆସେ ।" - ବେଣୁଆର ନିର୍ଦ୍ଦେଶ ଶୁଭିଲା ।

ବାଘର ଥିର୍‌ଥିର୍ ଗର୍ଜନ । ସତେକି ବିଲେଇପରି ଘାଡୁର ଘାଡୁରୁ ।

ମୁହଁ ଖୋଲିବା ଅବସ୍ଥାରେ ନଥିଲା ବେଙ୍ଗ । ସେ ଧୀରେ ଧୀରେ ପିଣ୍ଡା ତଳକୁ ଓହ୍ଲେଇଲା । ଆଗରେ ବେଙ୍ଗ, ପଛରେ ବାଘ ।

ବେଙ୍ଗବାପା ଘରକଣରେ କେଉଁଠି ଲୁଚିଥିଲା । ଜାତିକୁ ଜାବୋଡିଧରି ଲୁଚିଥା । ଆମେ ଚାଲିଲୁ । ଖବରଦାର ଝିଅକୁ ଖୋଜିବୁନାହିଁ ! କି ଥାନାକୁ ଯିବୁନାହିଁ !

ବାଘର ଗର୍ଜନ ତା କଥାକୁ ସମର୍ଥନକଲା ।

ନିଜ ଦାଣ୍ଡରେ ସେମାନେ ପହଞ୍ଚିଲେ । ବୋଉ ଠିଆ ହେଇଥିଲା । କଉଁଠୁ ଖବର ପାଇଥିଲାକି କ'ଣ, ହଳଦୀପାଣି କଂସା ଓ ପିଢା ଦୁଆରେ ରଖିଥିଲା । ଦେଖିଲା ପୁଅକୁ ଓ ବେଙ୍ଗକୁ । ବରବର ହେଲା - ମୁଁ ରାଣ୍ଡ ମଣିଷ । ଗାଁରୁ ବାସନ୍ଦ ହବାକୁ ମୋର ଭାରି ଡରଥିଲା ......

ରାତି ହେଲା ।

ବେଣୁଆ ଡାକିଲା - ବେଙ୍ଗ । ଏବଂ ପାଖକୁ ଆଉଜେଇ ଆଣିଲା ।

ବେଙ୍ଗ ଶୁଙ୍ଘିଲା ବେଣୁଆର ଛାତି ହାତ ମୁହଁ .....

: ତୁ ଘୁଅିଲୁ, ତୁ ବାଘୁଆ ଗନ୍ଧଉଚୁ !

ବେଣୁଆ କହିଲା – ସତ ?

# ପେଟ

ଘରର ସାମନା ଦେବାଲ ସେପଟେ ଅଦୂରସ୍ଥ ଆମ୍ବବଗାଏତ୍‌ର ଢେଉଢେଉକା ଶୀର୍ଷ ରେଖା ଉପରକୁ ଯେତେବେଳେ ସୂର୍ଯ୍ୟ କଅଁଳା ବାଛୁରୀ ପରିକା କୁଦିପଡେ, ସେ ଦୃଶ୍ୟ ମନଭରି ଦେଖିପକେଇବାକୁ ଓସାରିଆ ଉଞ୍ଚା ବାରନ୍ଦାରେ ମହଯୁଦ୍ ଥାଆନ୍ତି ଜଣେ ବୃଦ୍ଧ । ଦେଖିଦେଲା ପରେ ସେ ସନ୍ତୋଷର ଦୀର୍ଘଶ୍ୱାସ ଛାଡନ୍ତି – ବାଃ !

ପୁନଶ୍ଚ ଘରିଟା ପରେ ସୂର୍ଯ୍ୟ ଘର ପଛପଟେ ଲୁଚିଯିବା ଉତ୍ତାରୁ ଦୋବାଲ ସେପଟ ପଡିଆ ଭିତରେ ମସ୍ତିକରୁଥିବା କଲୋନୀ ପିଲାଙ୍କ ଆଡେ ଚାହିଁ ବୃଦ୍ଧ ସ୍ୱଗତୋକ୍ତି କରନ୍ତି – ଆହାଃ !

ଉଞ୍ଚା ବାରନ୍ଦାରେ ଆରାମ ଚେୟାରରେ ବସିଥାନ୍ତି ବୃଦ୍ଧ । ପ୍ରାୟଶଃ ଚଳତ୍‌ଶକ୍ତି ରହିତ । ଆଜିକୁ ଠିକ୍ ଆଠ ଦିନରହିଲା, ତାଙ୍କୁ ଛୟାଅଶୀ ଚାଲିବ ।

ବୃଦ୍ଧ ଜଣେ ଯାଇତାଇ ମଣିଷ ନୁହଁନ୍ତି । ସେ ପୂର୍ବତନ ଉପନ୍ୟାସ ଲେଖକ । ମାନ୍ୟବର । ଏବେ ଲେଖାଲେଖି କରିପାରୁନାହାଁନ୍ତି । ମଥା ଠିକ୍ ଠାକ୍ ଥିଲେ ମଧ୍ୟ ହାତରେ କଲମ ଧରିଲେ ଗୋଟେ ସ୍ଥାନରେ ସ୍ଥିର ରହୁନାହିଁ ହାତ । ଥରୁଚି ।

ଜଣେ ପ୍ରସିଦ୍ଧ ଲେଖକଙ୍କୁ ଜିଇଁ ଥାଉଁ ଥାଉଁ ପୂର୍ବତନ ଉପନ୍ୟାସ ଲେଖକ କୁହାଯିବା କେତେଦୂର ଠିକ୍, ସେ ସମ୍ବନ୍ଧରେ ମଥାଖେଳେଇ ନାହାଁନ୍ତି ନବ୍ୟ ଲେଖକଲେଖିକାଗଣ । ସେମାନେ ଗୋଟେ ଯୋଡେ ଲେଖାଏ ଉପନ୍ୟାସ ଲେଖି ବୃଦ୍ଧଙ୍କର 'ମାନ୍ୟବର' ଖ୍ୟାତିକୁ ଗୋଟିଏ ପାକଲା ପିଜୁଳି ମନେକରି ଆପଣା ଭିତରେ କାଟି ବାଣ୍ଟିନେଇଛନ୍ତି । ପ୍ରତିବାଦ କରିବାକୁ କେହିନାହିଁ ।

ସେହି ନବ୍ୟ ଲେଖକଲେଖିକାମାନଙ୍କ ମତରେ ବୃଦ୍ଧ ଅତୀତ । ଅତୀତକୁ ଜାବୋଡିଧରି ବସିଲେ ସାହିତ୍ୟ-ବୃକ୍ଷର ଅଗଟୁଙ୍କା ହୋଇଯିବ ।

ସେହି ପୂର୍ବତନ ଉପନ୍ୟାସ ଲେଖକ ହେଉଛନ୍ତି ବିପ୍ରଚରଣ ମହାନ୍ତି । ସମୟଥିଲା, ଗୋଟେ ଗୋଟେ ବର୍ଷରେ ଛୋଟ ବଡ ମିଶେଇ ତିନିଟା ଉପନ୍ୟାସ ଉପୁଜାଇ ପାରିଥିଲେ । ସେ ଦିନ ଆଜିନାହିଁ । ଆଜି ସେ ଅଥର୍ବ ।

ଦେବାଲ ସେପଟ ଦୃଶ୍ୟ ସବୁ ବିପ୍ରଚରଣଙ୍କୁ ଅବିକଳ ଦିଶୁଥିଲା କି ନାହିଁ ତାଙ୍କୁ ଜଣା, ତେବେ ତାଙ୍କର ମତ ସେ ଠିକ୍ ଦେଖିପାରୁଥିଲେ । ଦେଖିପାରୁଥିଲେ ବୋଲି ତ ସକାଳବେଳା ଓ ଉପରବେଳା ବାରନ୍ଦାରେ ବସିରହୁଥିଲେ । ଏବଂ ବାଃ ଓ ଆହାଃ ପର୍ଯ୍ୟାୟକ୍ରମେ ଉଚାରଣ କରୁଥିଲେ ।

ତାଙ୍କର ପୁଲକିତ ବାଃ ଓ ଆହାଃ ଉଚ୍ଚାରଣ ଶୁଣିବାକୁ ଆଖପାଖରେ ଯଦିବା କେହି ନଥିଲେ, ତେବେ ଘର ଭିତରେ ଦୁଇଜଣ ସଶରୀରେ ନିଶ୍ଚୟ ବିଦ୍ୟମାନ ଥିଲେ ।

ବିପ୍ରଚରଣଙ୍କ ଏକମାତ୍ର ଅଣଓଡିଆ ଓ ଜେଏନୟୁ ପଢୁଆ ବୋହୂ ମିସେସ୍ ଅମ୍ରିତା ସେତେବେଳେ ବସି ଶୋଇ ଏବଂ ଅଧଘଣ୍ଟେରେ ଥରେ କଫିପିଇ ଇଂରାଜୀ କବିତା ଲିଖନ ସହ ଘମାଘୋଟ କସରତ କରୁଥିଲେ । ଏବଂ ରୋଷେୟା ତଥା ପରିଚାରକ ଟୋକା ଟୁକୁନ୍ ଘରର ଯାବତୀୟ କାମ କରିବା ସହ ମାଲିକାଣୀଙ୍କ ହୁକୁମ୍ ତାମିଲ୍ କରିବାରେ ବ୍ୟସ୍ତଥିଲା । କାହାର କିନ୍ତୁ ବିପ୍ରଚରଣଙ୍କ କଥା ବୁଝିବା ପାଇଁ ଫୁରସତ ନଥିଲା ।

ଫୁରସତ ନଥିଲା ଠିକ୍, ତେବେ ତାର ଅର୍ଥ ନୁହଁ ବିପ୍ରଚରଣଙ୍କ ପ୍ରତି ଅଣହେଳା କରାଯାଉଥିଲା । ବୋହୂ ଅମ୍ରିତା ବଡ ସମଝଦାର । ଏବଂ ଶସୁରଙ୍କ ପ୍ରତି ଆବଶ୍ୟକତା ଠାରୁ ଅଧିକ ଶ୍ରଦ୍ଧାଶୀଳ । ନୋହିଲେ, ଗୋଟେ ଘରୋଇ ହାସ୍ପାତାଳର ଜନୈକା ନର୍ସକୁ ମାସିକ ପାଞ୍ଚହଜାର ଗଣି ବିପ୍ରଚରଣଙ୍କ ସେବାରେ ବାହେଲ କରିନଥାନ୍ତେ !

ନର୍ସଟି ଆସେ ସକାଳେ ଓ ସଂଧ୍ୟାରେ ଦୁଇଥର । ଏବଂ ବିପ୍ରଚରଣଙ୍କ ହାତଗୋଡରେ ତୈଳ ମାଲିସ୍ କରେ ଓ ଠିକ୍ ସମୟରେ ଠିକ୍ ଔଷଧ ଖୁଆଇଦିଏ । ଆଉ ଆଉ ସେବା ମଧ କରେ । ବିପ୍ରଚରଣ ଢେର୍‌ଖୁସି । ଅନ୍ତତଃ ଖୁସି ଭଳି ଦିଶନ୍ତି ।

ନର୍ସ ସେବା ଯୋଗେଇଦେବା ସତ୍ତ୍ୱେ ବେଳେବେଳେ ବିପ୍ରଚରଣ ଡାକଛାଡନ୍ତି ବୋହୂକୁ । ବୋହୂ ବୁଝିପାରେ । ବୁଝିପାରେ ଏକ କିମ୍ବା ଦୁଇ । କିମ୍ବା ବାରନ୍ଦାକୁ ଯିବାର ଇଛା । ଅଗତ୍ୟା କବିତାଲେଖାରେ ମହଲତଦେଇ ପରିଚାରକ ଟୋକା ସହ ଆସି ପହଞ୍ଚେ ବୋହୂ, ଅବଶ୍ୟ କିଞ୍ଚିତ ବିରକ୍ତି ସହ । ଚକଲଗା ଚେୟାରରେ ଶସୁରଙ୍କୁ ବସେଇ ଟୁକୁନ୍ ମାର୍ଫତରେ ପରିସ୍ଥିତି ଦାବିକରୁଥିବା କାର୍ଯ୍ୟର ସମାଧାନ କରନ୍ତି ।

କବିତା ଲେଖୁଥିବା ମଣିଷର ହୃଦୟ କ'ଣ କେବେ କଠିନ ହୋଇପାରେ ! ଆଦୌ ନୁହଁ ।

ଏସବୁ ସତ୍ତ୍ୱେ କେହି ଯେବେ କୁହେ ବିପ୍ରଚରଣଙ୍କୁ ଅଣହେଳା କରାଯାଉଛି, ତାହା ନିରାଟ ଭୁଲ କଥା । ଦୁନିଆରେ ନିନ୍ଦୁକଙ୍କର ଅଭାବ ନାହିଁ ।

ଅମ୍ରିତା ଖୁସିଥିଲାବେଳେ ପ୍ରାୟ ଡାକନ୍ତି ପରିଚାରକ ଟୁକନ୍‌କୁ । କହନ୍ତି, "ତୁ ବୁଦ୍ଧିଆ ବୋଲି ମୁଁ ଜାଣିସାରିଛି । ଆଚ୍ଛା ବୁଦ୍ଧିଖଟେଇ କହିଲୁ, ତୋ ବାବୁଙ୍କୁ ମୁଁ ବାହାହେଲି କାହିଁକି ?"

ଇଏ କି ପ୍ରଶ୍ନ ! ଟୁକୁନ୍ ଲାଜରା ଦିଶେ ଓ ତାର ହାତକଟା ଗେଞ୍ଜିକୁ ତଳକୁ ଟାଣେ ଓ ସାରିଭାଙ୍ଗି ହୁଏ ।

"ଯିଏ ନାହିଁ ସିଏ କହିବ ତୁମ ବାବୁଙ୍କୁ ମୁଁ ପ୍ରେମକରୁଥିଲି । ସେଇଟା ଅବଶ୍ୟ ଠିକ୍ । କିନ୍ତୁ ସେଇଟା ଏକମାତ୍ର କାରଣ ନୁହଁ ।" - ଅମ୍ରିତା ଆଖିରେ ହସନ୍ତି ।

ଟୁକୁନ୍ ଇମିତି ଗ୍ଦହେଁ ଯାହାର ଅର୍ଥ ଅନ୍ୟ କାରଣଟି କ'ଣ !

"ଶୁଣିବୁ ? ବିଶ୍ୱାସ ଯିବୁ ? ଶୁଣ । ପ୍ରେମ ପରିବର୍ତ୍ତନଶୀଳ । ଗାଢହବ ନହେଲେ ପତଳାହେବ । ସବୁବେଳେ ଗୋଟେ ସ୍ତରରେ ରହିବା ତା'ର ଧର୍ମ ନୁହଁ । ତୁ ପ୍ରେମକରିଛୁ ?"

- ବାବୁଆଣୀଙ୍କର ଯୋଉ କଥା ହିଃ ହିଃ .....

"ନା କରିନଥିବୁ । ହଁ ପ୍ରେମକଥା କହୁଥିଲି ପରା ! ମୋ କ୍ଷେତ୍ରରେ ପ୍ରେମଟି ପତଳାହେବା ପରିବର୍ତ୍ତେ ଗାଢହେଲା । କାହିଁକି ଜାଣୁ ? ଦିନେ ଶୁଣିପକେଇଲି ମୋର ଭାବୀ ଶସୁର ନଭେଲ୍ ଲେଖନ୍ତି । ନଭେଲ୍ ଲେଖୁଥିବା ମଣିଷ ରୋମାଣ୍ଟିକ୍ । ଅର୍ଥାତ୍ ରୋମାଣ୍ଟିକ୍ ଲେଖକର ପୁଅ ରୋମାଣ୍ଟିକ୍ ହେବାକୁ ବାଧ୍ୟ । ରୋମାଣ୍ଟିକ୍ ବୁଝୁଚୁଟି ! ହଁ ଆମର ପ୍ରେମ ଗାଢରୁ ପ୍ରଗାଢ ହେଲା । ବାହା ହେଇପଡିଲି । କିନ୍ତୁ ଟୁକୁନ୍ ......" - ମନ ଉଣାକଲେ ଅମ୍ରିତା ।

- ବାବୁଆଣୀ ପ୍ରେମକରୁଥିଲେ ହିଃ ହିଃ .....

"ସେମିତି ଅଶ୍ଳୀଳ ହସ ହସୁଛୁ କାହିଁକି ? ସେ ଘରେ ଶସୁର ଅଛନ୍ତି ପରା ! ଫାଜିଲ !!"

ହାଫ୍‌ପେଣ୍ଟ୍ ପିନ୍ଧା ଟୁକୁନ୍ ହସ ବନ୍ଦକରେ ଓ ମୁହଁ କୁଷ୍ମୁଣ୍ଡା କରେ ।

"କିନ୍ତୁ ମୁଁ ଠକିଗଲି ଟୁକୁନ୍ ।"

ଟୁକୁନ୍ ମୁହଁ ଇମିତିକଲା ଯାହାର ଅର୍ଥ ବାବୁଆଣୀ ପୁଣି ଠକିପାରନ୍ତି !

"ତୋ ବାବୁଙ୍କୁ ମୁଁ ଥରେ ପଗ୍ଦରିଥିଲି, ବାପା କେତେଖଣ୍ଡ ନଭେଲ୍ ଲେଖିଛନ୍ତି ? ଗୋଟେ ଜଟିଳ ପ୍ରଶ୍ନ ଶୁଣୁଥିବାପରି ସେ ଥଙ୍ଗେଇଲେ । ତା'ମାନେ ବାପାଙ୍କ ଉପନ୍ୟାସ ସେ ପଢିନାହାଁନ୍ତି କି ସେ ସଂପର୍କରେ ସେ ବିଶେଷ କିଛି ଜାଣିନାହାଁନ୍ତି । ଏବଂ ଜଣେ ରୋମାଣ୍ଟିକ୍ ନଭେଲିଷ୍ଟଙ୍କୁ ଦେଖିବାକୁ ଆସି ଦେଖିଲି ପେଗ୍ଦଟିଏ । ଅବିକାକୁ ମୋର ସେବାଯନ୍ ପାଇ ସେ ଚଙ୍ଗା ଦିଶିଲେଣି । ନୁହଁ ?"

ଟୁକୁନ୍ ହାଫ୍‌ପେଣ୍ଟ୍ ସଜାଡିଲା ଓ ହଁ କଲା ।

ଆରପଟ ଘରେ ବିପ୍ରଚରଣ ଖଟରେ କାଠଗଡଟିଏ ପରି ପଡିରହିଥିଲେ । ଏଣିକି ତାଙ୍କୁ କମ୍ ଶୁଭୁଚି । ଯେତିକି ଶୁଭୁଚି ମନରେ ରହୁଚି ତାର ଗ୍ଦରିଭାଗରୁ ଭାଗେ । ସେ ଜାଣୁଥିଲେ, ବୋହୂ କିଛି କହୁଚି । ଯାହା କହୁଚି ତାଙ୍କ ପାଖକୁ ଆସନ୍ତେ ତାହା କେବଳ ଭାଁ ଭାଁ ଘୁଁ ଘୁଁ ରାଉ ରାଉ ରୂପ ନେଉଥିଲା । କିନ୍ତୁ କେମିତି କେଜାଣି ସେଥିରୁ ଗୋଟିଏ ଶବ୍ଦ ଛାଙ୍କିହେଇ ତାଙ୍କ କାନରେ ପଶିଗଲା ଓ ମଗଜକୁ

ଅକ୍ତିଆର କରିନେଲା । ସେଇ ଶବ୍ଦଟି 'ପେଚା' । ସେ ବୁଝିଗଲେ ତାଙ୍କ ବଖରାରେ ପେଚାଟିଏ ପଶିଚି । ସେ ପେଚାଟିକୁ ଘଉଡେଇବାର ଉଦ୍ୟମକଲେ, କିନ୍ତୁ ହାତ ଉଠିଲା ନାଇଁ । ପାଟିରୁ ବାହାରିଲା ହୁଟ୍ ହୁଟ୍ ଶବ୍ଦ । ସେଇ ଅବାରିତ ହୁଟ୍ ହୁଟ୍ ଶବ୍ଦ ଅମ୍ରିତାଙ୍କ କାନରେ ପଡିଲା ।

"ଦେଖିଲୁ ଟୁକୁନ୍, ବାପା କିଛି କିହୁଚନ୍ତି ନା ପେଚାଟେ ପଶିଆସିଚି ।" - ଅମ୍ରିତା କହିଲେ ।

ଟୁକୁନ୍ ବିପ୍ରଚରଣଙ୍କ ବଖରାରେ ପଶିଲା । ଦେଖିଲା, ତାଙ୍କର ଗୋଟାପଣ ଶରୀର ଅସ୍ଥିର । ଏବଂ ପାଟିରୁ ବାହାରୁଚି ହୁଟ୍ ହୁଟ୍ ପରି କିଛିକଥା । ଡାହାଣ ହାତ ଉଠିପଡିବାକୁ ଛଟପଟ, କିନ୍ତୁ ଉଠିପାରୁନି ।

"କ'ଣ ହେଇଛି ବଡବାବୁ! ଏବେ ବାରନ୍ଦାକୁ ଯାଇହବନି । ଖରା ପଡିଚି ।" - ଟୁକୁନ୍ କହିଲା ।

"ପେଚା .... ପେଚା ..... ।" ବିପ୍ରଚରଣ ଭଙ୍ଗାଗଳାରେ କହିଲେ,

"ତାକୁ ମାରେନାରେ, ଘଉଡେଇଦେ । ତାକୁ ମାରିଦେଲେ ମୁଁ ମରିଯିବି । ମନୋଜର 'ଶୁଖିଲାପତ୍ର' ଗପ ପଢିଛୁ ? ଟୋକା ଜମିଦାରଟି ପେଚାଟିକୁ ମାରିବା ଉଦ୍ଦେଶ୍ୟରେ ବଂଧୁକ ଫୁଟେଇଥିଲା ଯେ ସେ ନିଜେ ମରିଗଲା । ବାବୁରେ, ତାକୁ ବୁଝେଇ କହ ସେ ପଳଉ । ଖବରଦାର୍, ମାରିବୁ ନାହିଁ ।"

- "ପେଚା...... କାହିଁ ପେଚା ? ତୁମେ ଶୋଇପଡ ବଡବାବୁ । ନର୍ସ ଆସିବାକୁ ଆହୁରି ଦି'ଘଣ୍ଟା ବାକି ଅଛି ।"

"ଧନଟା ପରା, ତାକୁ ବୁଝେଇ କହିବୁ । କହିବୁ ମୋ କଥା । ସେ ବୁଝିଯିବ । ପଳେଇବ ।" - କହିଲେ ବିପ୍ରଚରଣ ।

ଟୁକୁନ୍ ହତାଶ ଦିଶିଲା ଓ ଫେରିଆସିଲା ।

"ବଡବାବୁ ଖାଲି ପେଚାପେଚା ହଉଛନ୍ତି । କହୁଚନ୍ତି ତାକୁ ମାରେନା, ଘଉଡେଇଦେ । ବାବୁଆଣୀ, ଘରେ ତ ପେଚା ପଶିନାହିଁ" - ଅମ୍ରିତାଙ୍କୁ ତଥ୍ୟ ଯୋଗେଇଲା ଟୁକୁନ୍ ।

ଇଂରାଜୀ କବିତା ରଚନାରେ ବିଭୋର ଥିବା ଅମ୍ରିତା ଆପଣା ମଥାରେ ବିଶିଆଙ୍ଗୁଳି ଗଳେଇଦେବାର ସଙ୍କେତ ଦେଇ ଟୁକୁନ୍‌କୁ ବିଦାୟ ଦେଲେ ।

ଟୁକୁନ୍ କିଛି ବୁଝିଲା ଓ ପୁନରାୟ ହତାଶ ଦିଶିଲା ।

(ଦୁଇ)

ଓଡିଶା କତାନିଗମର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭୁବନସୁନ୍ଦର ସାତଦିନିଆ ଟୁର୍‌ରୁ ଫେରି ଘରେ ପହଞ୍ଚିଲାବେଳକୁ ଅପରାହ୍ନ ଚାରି । ବାପା ବିପ୍ରଚରଣ ବାରନ୍ଦାରେ ବସିଥିଲେ । ସେ ଚାହିଁରହିଥିଲେ ବଗିଚା ଭିତରକୁ କିମ୍ବା ବଗାଏତ ଆଡକୁ କିମ୍ବା ଆକାଶକୁ କିମ୍ବା କେଉଁଠିକୁ ନୁହଁ ।

ବାପା ଅସୁସ୍ଥ । ଜରାବ୍ୟାଧିଗ୍ରସ୍ତ । ଖାସ୍ ରୋଗ କିଛି ନାହିଁ । ତାଙ୍କର ଲୋଡା ସେବାଯତ୍ନ ଓ ସ୍ନେହ ଆଦର । ତଥାପି ଭିଟାମିନ୍ ଓ ଆଉ ଆଉ ଶକ୍ତି ବର୍ଦ୍ଧକ ଔଷଧଦେଇ ବାପାଙ୍କ ବାର୍ଦ୍ଧକ୍ୟଜନିତ ଦୁର୍ବଳତାକୁ ମନ୍ଦୀଭୂତ କରାଇବା ଏକମାତ୍ର ଉପାୟ, ଏହା ଡାକ୍ତରଙ୍କର ପରାମର୍ଶ ।

ଅମ୍ରିତା, ଟୁକୁନ୍ ଓ ନର୍ସଙ୍କ ହେପାଜତ୍‌ରେ ବାପା । ଭୁବନସୁନ୍ଦର ନିଶ୍ଚିନ୍ତ ।

ଘର ଭିତରକୁ ପ୍ରବେଶ ପୂର୍ବରୁ ସେ ଅଟକିଲେ ବାପାଙ୍କ ପାଖରେ । ବାପା ଭଲଦିଶୁଚନ୍ତି । ସେ ଖୁସିହେଲେ ।

"ବାପା ! ଭଲଲାଗୁଚି ?" - ପଚାରିଲେ ଭୁବନସୁନ୍ଦର । ଖାସ୍ ଉତ୍ତର ସେ ଆଶାକରୁନଥିଲେ । କେବଳ ପଚାରିବା ପାଇଁ ପଚାରିଥିଲେ ଯାହା । ଏବଂ ସେ ଟୁର୍‌ରୁ ଫେରିଚନ୍ତି, ଏଇ କଥା ଜଣାଉଥିଲେ ବାପାଙ୍କୁ ।

"ବାପା, ଆରାମ ଲାଗୁଚି ?" - ଭୁବନସୁନ୍ଦର ଦ୍ୱିତୀୟବାର ପଚାରିଲେ କିଞ୍ଚିତ ବଡପାଟିରେ ।

ବିପ୍ରଚରଣ ପୂର୍ବପରି ଏକଲୟରେ ଚାହିଁ ରହିଥିଲେ ଦୂରକୁ । ହଠାତ୍ ସେ ଚେତିଉଠିଲେ ପୁଅ ଫେରିଚି ଓ ତାଙ୍କୁ କଅଣ କହୁଚି ।

"ମତେ କ'ଣ କହିଲୁ ?" - ବିପ୍ରଚରଣ କହିଲେ ।

"ହଁ ବାପା, ଟୋକା ଡାକ୍ତରଟି ମଣିଷ ହିସାବରେ ଭଲ । ବଢିଆ ବଢିଆ ଔଷଧ ଦେଇଚି । ଆରାମ୍ ଲାଗୁଚି ବାପା !" - ଭୁବନସୁନ୍ଦର ହସିକିନା କହିଲେ ।

ଆରାମ କଥା ପଚାରୁଚୁ ? ଆରାମ ଲାଗିଲା ବୋଲି ତ ପଡିଆ ଭିତରକୁ ଯାଇଥିଲି । ଦି'ବାଜି ବାଗୁଡି ଖେଳିଲି । ଖେଳ ବଢିଆ ଜମିଲା ।" - କହିଲେ ବିପ୍ରଚରଣ ।

ଭୁବନସୁନ୍ଦର କିଛି ବୁଝିଲେ ଓ ଚୁପ୍ ରହିଲେ । ବାପାଙ୍କ ହାତ ଗୋଡ ସାଉଁଳି ଦେଇ ଘରଭିତରକୁ ଚାଲିଯିବାପାଇଁ ବସିଲେ ।

- ରହ ଭୁବନ !

ଭୁବନସୁନ୍ଦର ଅଟକିଲେ । କିଛି କହିବ ବାପା ?

"ଘର ଭିତରକୁ ପେଚାଟିଏ ପଶିଆସିଥିଲା । ଟୁକୁନ୍‌କୁ କହିଲି ପେଚାକୁ ମାରେନା । ଘଉଡେଇଦେ । ପେଚା ଚାଲିଯାଇଚି । ପତିବାବୁଙ୍କ "ଅଶୁଭପୁତ୍ରର କାହାଣୀ" ଗପରେ ପେଚାଟାକୁ କାଉ କଜଳପାତି ଖୁମ୍ପି ଖୁମ୍ପି ମାରିଦେଇଥିଲେ । ଆହାଃ, ପେଚାକୁ ଦିନରେ ଦିଶେନା !" - ବିପ୍ରଚରଣ କହିଲେ ।

ଭୁବନସୁନ୍ଦର ଚମକିଲେ । ଘରେ ପେଚା ପଶିଥିଲା ! ଘର ଭିତରେ ତ ପେଚା ପଶେନା ! ତେବେ ?

"ଶୁଣ ଭୁବନ । ପେର୍‌ ପୁଣି ଆସିବ । ଆଜି ନହେଲେ କାଲି ନହେଲେ ପଅରି ନିଶ୍ଚେ ଆସିବ । ବିଚରାକୁ ଆଲୁଅରେ ଦେଖାଯାଏନା । କାଉ କଜଳପାତି ଓ ଆଉ ଆଉ ଚଢ଼େଇ ତାକୁ ଝୁଣି ଲହୁଲୁହାଣ କରିପକାନ୍ତି । ସେ ଯେବେ ଆସୁଚି ଆସୁ । କିନ୍ତୁ ତାକୁ ମାରିବ ନାହିଁ । କଅଁଳେଇ କଥା କହିବ । ଅନ୍ଧାରହେଲେ ଘଉଡେଇଦବ ।" - ଗୁପ୍ତଜ୍ଞାନ ଦେବାପରି କହିଲେ ବିପ୍ରଦେଶ ।

ବାପାଙ୍କ କଥାଶୁଣି ଭୁବନସୁନ୍ଦର ଭିତରେ କାଉଳି ମାଉଳି ହେଲେ । ମନମଧ୍ୟରେ ସେ ବାପାଙ୍କ କଥାକୁ ତର୍ଜମାକଲେ । ସତରେ ପେର୍‌ ପଶିଥିଲା ନା ବାପାଙ୍କର ମତିଭ୍ରମ । ଯଉଁଟା ହେଲେ ବି ଲକ୍ଷଣ ଭଲନୁହଁ । ତାଙ୍କ ହୃଦୟଟା ଦଳିମକ୍ଟି ହେଇଗଲା ।

ସାନବାବୁ ଆସିଚନ୍ତି ଜାଣିପାରି ଟୁକୁନ୍ ବାହାରିଆସୁଥିଲା । ତାକୁ ଦେଖିପକେଇ ଭୁବନସୁନ୍ଦର ପଚ଼ରିଲେ - ପେର୍‌ କେତେବେଳେ ଘରେ ପଶିଥିଲା ?

"ତାକୁ କ'ଣ ପଚ଼ରୁଚ ? ଇଆଡେ ଆସ କହୁଚି ।" - କହିଲେ ଅମ୍ରିତା । ସେ କବିତା ଖାତାଟା ଦୂରକୁ ଠେଲିଦେଇ ଉଠିବସିଲେ ।

ଭୁବନସୁନ୍ଦରଙ୍କର ଅବସ୍ଥା କଳିବାର ନୁହଁ । ସେ ଭରସାଟିଏ ଦେଖିପାରିଲେ ପତ୍ନୀଙ୍କ ଭିତରେ । ବସିପଡିଲେ ତାଙ୍କ ପାଖରେ ।

"ବାପା ପୁଅ ଦୁହେଁ ଖାଲି ପେର୍‌ ପେର୍‌ ହଉଚ । କିହୋ ପେର୍‌ କାହିଁକି ପଶିବ ? ଅସଲ କଥା କହିବି ? ଅବଶ୍ୟ କହିବା କଥା ନୁହଁ, ତୁମକୁ ବାଧିବ ।" - କହିଲେ ଅମ୍ରିତା ।

- ବାଧିବ କାହିଁକି ? କ'ଣ ହେଇଚି କୁହ ?

"ତୁମ ବାପାଙ୍କ ମଥା କାମକରୁନି । ଆଗକୁ ଆଉରି ବିଗିଡିବ । ସେତେବେଳେ ମୁଁ ଯେ କେମିତି ଚଳିବି ? ଜାଣିପାରୁଚି ମୋର କବିତା ଲେଖା ପୁରା ବନ୍ଦହେଇଯିବ । କବିତା ନଲେଖିଲେ ମୁଁ ବଞ୍ଚିବି କେମିତି ?" - ଦୁଃଖୀ ଦୁଃଖୀ ଲାଗିଲେ ଅମ୍ରିତା ।

ଭୁବନସୁନ୍ଦର ଭାବିଲେ ଅମ୍ରିତା ଠିକ୍ କହିଚନ୍ତି । ବାପାଙ୍କର ମଥା କାମକରୁନି । ନୋହିଲେ ବାଗୁଡି ଖେଳିବା କଥା କହିଥାନ୍ତେ! ମୁହୂର୍ତ୍ତେ ଅଟକି ସେ କହିଲେ - ତେବେ ପେର୍‌ କଥା ମିଛ । ହେ ଭଗବାନ !

- ମିଛ କାହିଁକି ହବ ! କହିଲି ପରା ତୁମକୁ ବାଧିବ ?

"ହାଃ ହାଃ ..... ।" ମିଛ ହସିଲେ ଭୁବନସୁନ୍ଦର । "କହିଲି ପରା ବାଧିବ ନାହିଁ ।" - ପରିବେଶକୁ ହାଲୁକା କରିଦେଲେ ବୋଲି ଭାବିଲେ ଭୁବନସୁନ୍ଦର । ପ୍ରକୃତପକ୍ଷେ, ବାପାଙ୍କର ବାତୁଳାମି ତାଙ୍କୁ ଭୀଷଣ କଷ୍ଟ ଦେଉଥିଲା ।

"ତୁମେ ବାପାଙ୍କର ମୁହଁ ଭଲକରି ଦେଖିଛ ? ଯଦି ନଦେଖିଛ ଅବିକା ଯାଇଁ ନିରେଖି ଦେଖିଆସ । ଦେଖିବ, ସେଇଟି ତୁମ ବାପାଙ୍କର ଅସଲି ମୁହଁ ନୁହଁ, ଗୋଟିଏ ପେଚାର ମୁହଁ । ରହିଁ ହେଉନି । କ'ଣ କହୁଥିଲି କି, ପେଚା ...... ମାନେ .... ମାନେ ଅଶୁଭ । ସବୁ ମୋ ଭାଗ୍ୟ । ସକାଳୁ ସଞ୍ଜଯାଏ ମତେ ପେଚାଟିଏ ଦେଖିବାକୁ ପଡୁଛି । ଏଥିରେ କବିତା ହବ ନା ଘେପା! କବିତା ଲେଖିବାକୁ ବସୁଚି ତ କାଗଜରେ ପେଚାମୁହଁଟିଏ ଦେଖୁଚି । ସତରେ ମତେ ଡର ମାଡୁଛି ଭୁବନ!" - ଡରିଯାଇଥିବାର ପ୍ରମାଣ ସ୍ୱରୂପ ଅମ୍ରିତା ସ୍ୱାମୀଙ୍କର ହାତକୁ ଧରିପକେଇ ଆଖିବୁଜିଦେଲେ ଓ ସୁଁ ସୁଁ ହେଲେ ।

ସତେତ, ବାପାଙ୍କ ମୁହଁକୁ ମୁଁ ଭଲକରି ଦେଖିନାହିଁ! ବାପା ପେଚା ଭଳି ଦିଶିଲେଣି! ଭଲ ହେଇଚି, ଆଉ ଦେଖିବିନାହିଁ । ଭୁବନସୁନ୍ଦର ଅନୁଭବ କଲେ, ତାଙ୍କ ମୁଣ୍ଡ ଭିତରେ କିଛି ଅଂଶ ଢିଲା ହେଇଯାଇଛି । ଯେଉଁ ଅଂଶ କେବଳ ପେଚା କଥା ହିଁ ଭାବିପାରେ ।

ପରବର୍ତ୍ତୀ କେତୋଟିଦିନ ସେ ବାପାଙ୍କ ପାଖକୁ ଯାଇନାହାଁନ୍ତି । ବାପାଙ୍କ ବେକ ଉପରେ ଯେବେ ସତ ପେଚା ମୁହଁଟିଏ ଖପାହୋଇଥାଏ! ଓଃ କ'ଣ କରିବି ମୁଁ! ମନେପଡିଗଲା ବାପାଙ୍କ କଥା । ପେଚାକୁ ମାରିବନାହିଁ । ବୁଝେଇ ସୁଝେଇ ଘଉଡେଇ ଦବ ।

ସେ କ'ଣ ପେଚାକୁ କହିପାରିବେ, ତୁ ଘରଭିତରୁ ଆପଣା ଛାଁ ଉଡିଯା! ଓଃ ମୋ ମୁଣ୍ଡ!!

ପରଦିନ ସକାଳୁଟାରୁ କିଏ କଲିଂବେଲ୍ ଟିପିଲା । କିଛି କାରଣ ନଥାଇ ଭୁବନସୁନ୍ଦର ଚମକିଲେ । ବଦ୍‌ମାସ ଟୁକୁନ୍ ନପଚାରି ଦରଜା ଖୋଲିଦେଲା । ଭିତରକୁ ପଶିଆସିଲା, ମୁହଁରେ ଅଧାକଞ୍ଚା ରୁଢରଖିଥିବା ତାଙ୍କରି ବୟସର ମଣିଷଟିଏ । ମୁହଁରେ ବିସ୍ତୃତ ହସ । ହାତରେ ତାଗଡା ଫୁଲତୋଡାଟିଏ । ବିନା କୁହାବୋଲାରେ ସେ ସୋଫାରେ କଚିହେଇ ବସିପଡିଲେ ।

"ସାରା ଓଡିଶାରେ ମତେ ପି.କେ. କହନ୍ତି । ନଭେଲିଷ୍ଟ୍ ପି.କେ. । ବୁଝିପାରୁଥିବ ଛଦ୍ମନାମ ।" - ମୁହଁରେ ବିସ୍ତୃତ ହସଖେଳେଇ ସେ କଥାଛାଡିଲେ ।

ଭୁବନମୋହନ ଚୁପ୍‌ଚାପ୍ ବସିଥାନ୍ତି ଓ ଭିତରେ ଚମକୁଥାନ୍ତି । ଉଲ୍‌କା ପରି ପଶିଆସିଲେ ଅମ୍ରିତା ଡ୍ରଇଂରୁମ୍ ଭିତରକୁ ।

"ଓ ପିକେ! ଆଜି ମୁଁ କେତେ ଖୁସି । ମୋର ଦୁର୍ଭାଗ୍ୟ, ଆପଣଙ୍କୁ ଭେଟିନଥିଲି । ଏବଂ ସୌଭାଗ୍ୟ ଯେ ମୋରି ଘରେ ହିଁ ଦେଖିବାକୁ ହେଲା । ମୁଁ ମିସେସ୍ ଅମ୍ରିତା - ଇଂରାଜୀ ପୋଏଟ୍ । ଓଃ ମୁଁ କେତେ ଖୁସି ।" - ଅମ୍ରିତା ଅଚାନକ୍ ପି.କେ.ଙ୍କ ସହ କରମର୍ଦ୍ଦନ କରିପକାଇଲେ । ଜଣାପଡୁଥିଲା, ତାଙ୍କର ପ୍ରତିଟି ଅଙ୍ଗ ଖୁସିରେ ଫୁଲି ଫାଟିଯିବେ ଅବା ।

ଭୁବନସୁନ୍ଦର ଆଗନ୍ତୁକ ଏଇ ପି.କେ.ଟିର ମୁହଁରେ କଳ୍ପନାରେ ପେଚାମୁହଁ ଥାପୁଥିଲେ, କିନ୍ତୁ ହେଉନଥିଲା ।

ଫୁଲ ତୋଡାଟି ଯେ ତାଙ୍କ ପାଇଁ ଉଦ୍ଦିଷ୍ଟ ଅମ୍ରିତା ନିଃସନ୍ଦେହ ଥିଲେ । କିନ୍ତୁ ପି.କେ. ଫୁଲତୋଡାଟିକୁ ହାତରେ ଏପଟ ସେପଟ କରୁଥିଲେ ସୁଦ୍ଧା ହସ୍ତାନ୍ତର କରୁନଥିଲେ ।

"ଦେଖନ୍ତୁ ପି.କେ.ଜୀ, ମୁଁ ହତଭାଗିନୀଟିଏ ।" - ଅମ୍ରିତା ଇଚ୍ଛାକରି କାନ୍ଦକାନ୍ଦ ଦିଶିବାକୁ ଚେଷ୍ଟାକଲେ ।

"ମତେ ଲଜ୍ଜାଦେଉଛନ୍ତି ମିସେସ୍ ଅମ୍ରିତା । ଆପଣ ପୁଣି ହତଭାଗିନୀ ହୋଇପାରନ୍ତି । ଓଡ଼ିଶାର ଭାଗ୍ୟ ଯେ ଆପଣ ଓଡ଼ିଶାମାଟିରୁ ଇଂରାଜୀ କବିତା ଓଡିଶା ଓ ଭାରତ ବାହାରେ ବିଞ୍ଚୁଛନ୍ତି । ଆପଣଙ୍କ ପ୍ରତି ଈର୍ଷାହୁଏ ମାଡାମ୍ ।" - କହିଲେ ପି.କେ. ।

ଆମୋଦିତ ଦିଶିଲେ ଅମ୍ରିତା । ପରିଣତି ସ୍ୱରୂପ ସେ ଉଠିଆସି ପି.କେ.ଙ୍କ ପାଖରେ ପ୍ରାୟ ଲାଗିକରି ବସିଲେ । ଫୁଲତୋଡାଟି ତାଙ୍କୁ କାହିଁକି ଦିଆଯାଉନି, ସେ ବୁଝିପାରୁନଥିଲେ, ବାରମ୍ବାର ସେଇଟି ଆଡେ ଚାହିଁବା ସତ୍ତ୍ୱେ ।

ଭୁବନସୁନ୍ଦର ବସିଥିଲେ ଚୁପ୍‌ଚାପ୍ । ସମ୍ଭବତଃ ସେ ଭୁଲିଯାଇଥିଲେ ପେଚା ପ୍ରସଙ୍ଗ । ହାଫ୍‌ପେଣ୍ଟ୍ ପିନ୍ଧା ଟୁକୁନ୍ କବାଟ ପାଖରେ ଠିଆହୋଇ ଜୁଲୁଜୁଲୁ ଚାହିଁରହିଥିଲା ।

"ଥଣ୍ଡା ନା କଫି ?" - କହିଲେ ଅମ୍ରିତା । ଏବଂ ଉତ୍ତରକୁ ଅପେକ୍ଷା ନକରି କହିଲେ, "ମୁଁ ଲଜ୍ଜିତ ପି.କେ.ଜୀ । ମୁଁ ଯେତିକି ଓଡ଼ିଆ କହୁଚି, ବୁଝୁଚି ତା'ଠୁ ବହୁତ କମ୍ । ଆଉ ଓଡ଼ିଆ ଅକ୍ଷର ମତେ ଅଙ୍ଗୁର ବରକୋଳି ପରି ଦିଶେ । ଶିଖିପାରିଲିନି । ଶିଖିଥିଲେ ଆପଣଙ୍କପରି ପ୍ରସିଦ୍ଧ ହୋଇସାରିଥାନ୍ତି । ନା କ'ଣ କହୁଛନ୍ତି ?"

ପି.କେ. ହସିଲେ । କହିଲେ, "ଓଡ଼ିଆ ନଶିଖି ଠିକ୍ କରିଛନ୍ତି ମିସେସ୍ ଅମ୍ରିତା । ଓଡ଼ିଶାରେ ଖୁବ୍ କମ୍ ଲୋକ ଓଡ଼ିଆ କବିତା ପଢନ୍ତି । ଲେଖନ୍ତି ବହୁତ । ମୁଁ ଓଡ଼ିଆ କବିତା ନଲେଖିବା ପଛରେ ତାହା ଏକ ବଳିଷ୍ଠ କାରଣ । ଇଂରାଜୀରେ ଲେଖୁଛନ୍ତି ବୋଲି ଆପଣ 'ପେଚା' ମାନେ 'ଆଉଲ' ଭଳି କବିତା ଲେଖିପାରିଛନ୍ତି । ଭାବିଛି, ସେଇଟିକୁ ଓଡିଆରେ ଅନୁବାଦକରି ଓଡ଼ିଆ କବିତା ବଜାରକୁ ଛାଡିବି । କବିଗଣ ନ ଚମକି ବାଟନାଇଁ ।"

ଭୁବନସୁନ୍ଦର ଏଥର ପୁଣିଥରେ ଚମକିଲେ । ସେ ଭୁଲିଯାଇଥିବା ପେଚା ପ୍ରସଙ୍ଗ ତାଙ୍କ ପାଖକୁ ଲେଉଟି ଆସିଲା । ବାପାଙ୍କ ସତ ମୁହଁଟି ଅପସରି ସେ ସ୍ଥାନରେ ପେଚା ମୁହଁଟିଏ ଝଟକି ଉଠିଲା ।

"....ଆହାଃ ମୁଁ କେଡେ ଭାଗ୍ୟବତୀ । ମୋ 'ଆଉଲ' କବିତା ଏଥର ଅଙ୍ଗୁର ଓ ବରକୋଳି ପରି ଓଡ଼ିଆ ଅକ୍ଷରରେ ଝଲସିବ । ଆହାଃ ମୁଁ କେତେ ଖୁସି !" - ତାଗଡା ଫୁଲତୋଡା ଆଡେ ଚାହିଁ କହିଲେ ଅମ୍ରିତା । ତେବେ ବି ତାହା ହସ୍ତାନ୍ତରିତ ନହେବାରୁ ସେ ମନ ଉଣାକଲେ ଓ ପଚାରିଲେ, "ଆଚ୍ଛା

ପେ.କେ.ଜୀ, ସକାଳୁ ସକାଳୁ ଆପଣ ଆସିବାର ପ୍ରକୃତ କାରଣ ଜାଣିପାରିଲିନି । କୁହନ୍ତୁ ଥଣ୍ଡା ନା କଫି !”

ଆରେ .... ଆରେ .... ମୁଁ ତ ଭୁଲିଯାଇଥିଲି । ତୁମ ସହ କଥା ଲହସରେ ପୁରା ଭୁଲିଯାଇଥାନ୍ତି । କିଏ ନଭୁଲିବ! କଥା କ’ଣ କି, ଉପନ୍ୟାସକାର ବିପ୍ରଚରଣ – ମୋର ଗୁରୁ – ତାଙ୍କର ଆଜି ଛୟାଅଶୀତମ ଜନ୍ମତିଥି । ଟେଲିଫୋନ୍‌ରେ ଶୁଭେଚ୍ଛା ଓ ଦୀର୍ଘାୟୁ କାମନା ପାରିଥାନ୍ତି, କିନ୍ତୁ ଇମିତି କଥାଟେ ଘଟିଲା ନଆସି ରହିପାରିଲିନାହିଁ ।

ଅମ୍ରିତା ଓ ଭୁବନସୁନ୍ଦର ନିରବ ଦୃଷ୍ଟି ବିନିମୟ କଲେ । ଅମ୍ରିତାଙ୍କ ମନରେ ‘ଆଉଲ’କବିତା ନଥିଲା କି ଭୁବନସୁନ୍ଦରଙ୍କ ମନରେ ପେଚା ନଥିଲା । ବାପାଙ୍କର ଜନ୍ମଦିନ ଆଜି !

ଗଳା ନିମ୍ନକରି ପି.କେ କହିଲେ, “ମୋ ପ୍ରତି ଗୁରୁଙ୍କର କାହିଁକି ଯେ ଏତେ ବିଶ୍ୱାସ ଜନ୍ମିଲା ଆଜି ପର୍ଯ୍ୟନ୍ତ ମୁଁ ଜାଣିପାରିନି । ସେ ସତେଇଶି ଖଣ୍ଡ ଉପନ୍ୟାସ ଲେଖିଛନ୍ତି । କପିରାଇଟ୍ ସେ ମୋ ନାଁରେ କରିଦେଇଛନ୍ତି । କାଲି ଖେଳଉଥିଲି । ଦେଖିଲି, ତାଙ୍କ ଜୀବନୀର ଅଧାଲେଖା ପାଣ୍ଡୁଲିପି । ସେଇଟି ସଂପୂର୍ଣ୍ଣହେବା ଦରକାର । ହେଲେ ମୁଁ ଛାପିଦେବି । ଓଡ଼ିଆ ଲେଖକମାନେ ନାରାୟଣପୂଜା ଭୋଗ ପାଇଲା ଭଳି ଖଣ୍ଡେ ଖଣ୍ଡେ ଅଲବତ୍ କିଣିନେବେ । କିଣିବାକୁ ବାଧ୍ୟହେବେ । ଦି’ଦିସ୍ତା କାଗଜ ସାଙ୍ଗରେ ଆଣିଛି । ତାଙ୍କୁ ଦେବି ଓ ମନେପକେଇ ଦେବି । ଦେଖନ୍ତୁ ସେଇଟା ନହେଲେ, ଓଡ଼ିଆ ସାହିତ୍ୟ ଜଗନ୍ନାଥ ମୂର୍ତ୍ତିପରି ହାତପାଦହୀନ ହୋଇଯିବ । କେଉଁଠି ଅଛନ୍ତି ଗୁରୁ ?” – ପି.କେ. ମନେପକେଇ ଝୁଲାବେଗ୍‌ରେ ବାରବାର ହାତମାରିଲେ ।

“କିନ୍ତୁ .... କିନ୍ତୁ ..... ବାପା ଯେ ଅସୁସ୍ଥ । ତାଙ୍କର ମତିଭ୍ରମ ଘଟିଲାଣି ।” – କହିଲେ ଅମ୍ରିତା ।

ଠୋ ଠୋ ହସିଲେ ପି.କେ. । ଆମ ତୁମ ବିଚାରରେ ଯେଉଁଟା ମତିଭ୍ରମ, ସେଇଟା ଲେଖକଙ୍କର ବାସ୍ତବ ମତି । ପି.କେ. ଉଠିଲେ, ଫୁଲ ତୋଡା ସହ । ଟୁକୁନ୍ ତାଙ୍କୁ ବିପ୍ରଚରଣଙ୍କ ବଖରା ଆଡେ ପାଛୋଟି ନେଲା ।

କିଛି ସମୟ ପରେ ଲେଉଟି ଆସିଲେ ପି.କେ. । କିନ୍ତୁ ଆଉ ବସିଲେ ନାହିଁ । ଠିଆ ଠିଆ କହିଲେ – ଗୋଟେ ହପ୍ତା ଭିତରେ ସାରିଦେବେ ବୋଲି ଗୁରୁ ଜବାବ୍‌ଦେଲେ । ସେଗୁଡିକୁ ସାଇତି ରଖିଥିବେ, ମୁଁ ଆସି ନେଇଯିବି । ହଁ ମିସେସ୍ ଅମ୍ରିତା, ‘ଆଉଲ’ କବିତାଟିକୁ ମୁଁ ଦୁଇଦିନ ଭିତରେ ଓଡ଼ିଆ କରୁଛି । ଆପଣ ଦେଖିବେ ?

ଅମ୍ରିତା କିଛି କହିଲେ ନାହିଁ । ତାଙ୍କ ବ୍ରହ୍ମ ଜଳିଆସୁଥିବାର ସେ ଅନୁଭବ କରୁଥିଲେ ।

ପି.କେ. ଚାଲିଗଲେ ।

ବିସ୍ଫୋରଣ କରିଉଠିଲେ ଅମ୍ରିତା । "ତୁମେ ଗୋଟିଏ ବୋଲି ପୁଅଟି ! ତୁମ ନାଁରେ କପିରାଇଟ ନଲେଖି ଲେଖିଦେଲେ ଏଇ ବାରବୁଲା ଲୋକଟା ନାଁରେ ? ସବୁ ମୋର ଭାଗ୍ୟ । ତୁମେ ପୁଅ ହେଇ ଖଣ୍ଡିଏ ହେଲେ ବହି ବାପାଙ୍କର ପଢିନାହଁ, ଜାଣିନାହଁ ବାପା କେଇଟା ବହି ଲେଖିଛନ୍ତି । ଆଜି ଜାଣିଲି, ସତେଇଶ ଖଣ୍ଡ ବହି ସେ ଲେଖିଛନ୍ତି । ଇଏ କାଳେ ପୁଅ ! ସବୁ ମୋର ଭାଗ୍ୟ । ମୁଁ କହିଦେଉଛି, ଏଇ ଜୀବନୀଟା ମୁଁ ଛପେଇବି । କ'ଣ ଯେ ତୁମକୁ କହନ୍ତି !" ଦୁମ୍ ଦୁମ୍ କରି ସେ ଉଠିଗଲେ ନିଜ ପଢା ଟେବୁଲ ପାଖକୁ ।

ଟେବୁଲ ପାଖରୁ ପୁଣି କହିଲେ, "କହିଦଉଚି ମୁହଁ ଖୋଲିବ ନାହିଁ । ସେ ମୋ 'ଆଉଲ' କବିତାଟା ଅନୁବାଦ କରିସାରୁ । ଆରେ, ତାକୁ ଥଣ୍ଡା କି କଫି ଦିଆହୋଇ ପାରିଲା ନାହିଁ । ଅନୁବାଦ କରିବ ତ ! ସେଇ ପି.କେ. କିଏ ମ ! କଉଁଠି ତା' ଘର !! ତା'ନାଁରେ କପିରାଇଟ ! ସବୁ ଭାଗ୍ୟ ..... ସବୁ ଭାଗ୍ୟ ...." ଢେର୍ ସମୟଧରି ବିଡ୍ ବିଡ୍ ହେଲେ ଅମ୍ରିତା ।

ପରଦିନ ସକାଳେ .......

ସଅଳ ଆସିଲା ନର୍ସ । ଦେଖିଲା, ବିପ୍ରଚରଣ ଆଖିବୁଜି ପଡିରହିଛନ୍ତି ବିଛଣାରେ । ଏବଂ ଚଟାଣ ସାରା ବିପର୍ଯ୍ୟସ୍ତ ଭାବରେ ଖେଳେଇ ହେଇପଡିଛି ମେଞ୍ଚେ କାଗଜ । ସତେକି ଟିକି ଝଡଟିଏ ବହିଯାଇଚି ଘରଭିତରେ । ସେ ସୂଚନା ଦେଲା ଅମ୍ରିତାଙ୍କୁ ।

ଅମ୍ରିତା ଆବଶ୍ୟକ ନିର୍ଦ୍ଦେଶ ଦେଲେ ଟୁକୁନ୍‌କୁ ।

ଟୁକୁନ୍ କାଗଜଗୁଡିକୁ ସଜେଇ ଥାକକରି ନେଇଆସିଲା ଅମ୍ରିତାଙ୍କ ପାଖକୁ ।

ଅତି ଆଗ୍ରହରେ ଫର୍ଦ୍ଦ ଫର୍ଦ୍ଦ ଦେଖି ଚାଲିଲେ ଅମ୍ରିତା । ବଙ୍କା ତେଢା ଗାର ଆଉ ବିନ୍ଦୁରେ ସବୁ ଫର୍ଦ୍ଦ ପୂରିଯାଇଥିଲା । କେଉଁଠି ଅଙ୍ଗୁର କିମ୍ବା ବରକୋଳି ପରି ଅକ୍ଷର ଦେଖିଲେ ନାହିଁ । ଇଏ କ'ଣ !

ନର୍ସର ପାଟି ଶୁଭୁଥିଲା ଆରଘରୁ । ସାର୍ କ'ଣ ଉଠୁନାହାଁନ୍ତି ? ଗୋଡ ହାତ ନାଠି !

ଠିକ୍ ଏକା ସମୟରେ ଗାଧୁଆଘରୁ ମର୍ମଭେଦୀ ଚିତ୍କାର ଶୁଭିଲା ଭୁବନସୁନ୍ଦରଙ୍କର ।

କ'ଣ ହେଲା ? ଅମ୍ରିତା ଉଠିଗଲେ ।

ଗାଧୁଆଘର ସ୍କାଇଲାଇଟ୍‌ରେ ବସିଥିଲା ପେଚାଟିଏ । ସତ ।